# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ (୨୦ ପୃଷ୍ଠା) | Bhubaneswar, Wednesday, February 14/2024 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 82 | ମୂଲ୍ୟ ₹୭/-





ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ Bhubaneswar, Wednesday, February 14/2024

DSPL-652

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର

## ଗଞ୍ଜାମ ଜିଲ୍ଲା

# ବିକାଶର ନୂତନ ଧାରା



- ଜଳସେଚନ, ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ସେତୁ, କୋଠାବାଡି, ସ୍ୱାସ୍ଥ୍ୟ ଭିତ୍ତିଭୂମି, ସହରାଞ୍ଚଳ ବିକାଶ ଏବଂ ବିଦ୍ୟୁତ ଶକ୍ତି ଯୋଗାଣ କ୍ଷେତ୍ରରେ **୩୯୫୨ କୋଟି ଟଙ୍କାର** ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ ।
- ଗୋପାଳପୁରରେ **୨୭ ହଜାର କୋଟି ଟଙ୍କା** ନିବେଶରେ ଏ.ସି.ଏମ୍.ଇ (ACME Group) ଦ୍ୱାରା ୧.୧୦ ଏମ୍.ଏମ୍.ଟି.ପି.ଏ ଗ୍ରୀନ୍ ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ ୩୭୦୦ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁରରେ **୮ ହଜାର କୋଟି ଟଙ୍କା** ନିବେଶରେ 'ଆଭାଡା' (AVAADA) ଗ୍ରୀନ୍ ଏଚ୍-୨ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ୦.୫ ଏମ୍.ଟି.ପି.ଏ ଗ୍ରୀନ୍ ହାଇଡ୍ରୋଜେନ୍ /ଆମୋନିଆ ପ୍ଲାଣ୍ଟ ପ୍ରତିଷ୍ଠା ସହିତ **୧୫୦୦** ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ।
- ଗୋପାଳପୁର ବନ୍ଦର ଏବଂ ଟାଟା ଷ୍ଟିଲ୍ ଏସ୍.ଇ.ଜେଡ୍, ଗୋପାଳପୁର ମଧ୍ୟରେ **୧୨୮.୮୮ କୋଟି ଟଙ୍କା** ବ୍ୟୟରେ 'ୟୁଟିଲିଟି କରିଡର' ନିର୍ମାଣ ।

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
ଦ୍ୱାରା
**ଲୋକାର୍ପଣ ଓ ଭିତ୍ତିପ୍ରସ୍ତର ସ୍ଥାପନ**

**ଶେରଗଡ଼ || ଶୀତଳାପଲ୍ଲୀ**
**୧୪ ଫେବୃଆରୀ ୨୦୨୪**

**ପରବର୍ତ୍ତୀ ପର୍ଯ୍ୟାୟର ବିକାଶ**
**ଅତୁଳନୀୟ ରୂପାନ୍ତରଣ**















ଗଞ୍ଜାମ ଜିଲ୍ଲା ପ୍ରଶାସନ || ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0351/2324

ଧରିତ୍ରୀ
DHARITRI
50 Years
ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ Bhubaneswar, Wednesday, February 14/2024

DSPL-649

ODISHA
NEW OPPORTUNITIES
ଆମ ଓଡ଼ିଶା ନବୀନ ଓଡ଼ିଶା



"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

(Naveen Patnaik)
Chief Minister, Odisha




## ରାଜ୍ୟରେ ବୃହତ ଗ୍ରୀନ ହାଇଡ୍ରୋଜେନ୍ ଏବଂ ଗ୍ରୀନ ଆମୋନିଆ ପ୍ରକଳ୍ପ

## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶିଳାନ୍ୟାସ

## ୧୪ ଫେବୃଆରୀ ୨୦୨୪ । ଗୋପାଳପୁର, ଗଞ୍ଜାମ

**ACME CLEANTECH SOLUTIONS PRIVATE LIMITED**

୨୭,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ | ୪,୦୦୦ ଯୁବ ପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ

**AVAADA GREEN H2 PRIVATE LIMITED**

୮,୦୦୦ କୋଟି ଟଙ୍କାର ପୁଞ୍ଜି ନିବେଶ | ୧,୫୦୦ ଯୁବ ପିଢ଼ିଙ୍କ ପାଇଁ ରୋଜଗାରର ସୁଯୋଗ

**COME. JOIN THE JUGGERNAUT.**

Scarecrow M&CSaatchi/2024/Feb

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha
OIPR-14005/13/0046/2324

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ୟୁନିଟ୍-୮, ସମୟ: ସକାଳ ୬ଟା। ସ୍ଥାନ: ଧର୍ମ ବିହାର, ଖଣ୍ଡଗିରି, ସମୟ: ସକାଳ ୭ଟା। ସ୍ଥାନ: ବାଲିଆପଟା (ରସୁଲଗଡ଼)ଓ ଜୟଦେବ ବିହାର, ସମୟ: ସକାଳ ୮ଟା। ସ୍ଥାନ: ଖାରବେଳ ନଗର ଓ ନୀଳାଦ୍ରି ବିହାର, ସମୟ: ସକାଳ ୯ଟା ୩୦।
- ବସନ୍ତ ପର୍ବ ଉତ୍ସବ ପାଳନ ଓ ଶ୍ରୀରାମ ସେବା ସଂସ୍ଥାନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ, ସ୍ଥାନ: ପଞ୍ଚସଖା ଭବନ, ଶୈଳଶ୍ରୀ ବିହାର, ସମୟ: ସକାଳ ୮ଟା ୩୦।
- ସରସ୍ୱତୀ ପୂଜା, ସ୍ଥାନ: ବଡ଼ଗଡ଼ ବ୍ରିଟ୍ କଲୋନୀ ମୁଖ୍ୟରାସ୍ତା ପାଣିଟାଙ୍କି ସମ୍ମୁଖ, ସମୟ: ସକାଳ ୯ଟା ୩୦।
- ୧୦ମ ଅନ୍ତର୍ଜାତୀୟ ରେଡିଓ ମେଳା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଏଏସିସିଆଇ ବିଜନେସ୍ ସମିଟ୍ ଆଣ୍ଡ ଏକ୍ସପୋ ଗ୍ରୀନ କନକ୍ଲେଭ୍, ସ୍ଥାନ: ମେ ଫେୟାର ଲାଗୁନ, ସମୟ: ପୂର୍ବାହ୍ନ ୧୧ଟା।
- ସାଇ ୟୁଥ୍ କ୍ଲବ ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ମଧୁସୂଦନ ନଗର, ୟୁନିଟ୍-୪, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ବିନାୟକ ୟୁଥ୍ ଆସୋସିଏଶନ ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ଆସୋସିଏଶନ ପରିସର, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- . ସ୍ୱସ୍ତିକ୍ ଷ୍ଟୁଡିଓର ଗ୍ରାଣ୍ଡ ଓପନିଂ, ସ୍ଥାନ: ବଡ଼ଟାଙ୍ଗୀ, ସମୟ: ମଧ୍ୟାହ୍ନ ୧୨ଟା।
- ସାହିତ୍ୟ ପତ୍ରିକା 'ଝରଣା'ର ଉନ୍ମୋଚନ ଉତ୍ସବ, ସ୍ଥାନ: କେଦାରନାଥ ଗବେଷଣା ପ୍ରତିଷ୍ଠାନ, ସମୟ: ଅପରାହ୍ନ ୫ଟା ୩୦।
- 'କଥା'ର ୩୭ତମ ବାର୍ଷିକୋତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ମାତୃ – ପିତୃ ପୂଜନ ଦିବସ ପାଳନ, ସ୍ଥାନ: ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ

- ଭଗବତୀ ବିଦ୍ୟା ନିକେତନରେ ସରସ୍ୱତୀ ପୂଜା, ସ୍ଥାନ: ଅଠରନଳା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଯୁକ୍ତ ୨ ମାଧ୍ୟମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା, ସ୍ଥାନ: ଘୋଡ଼ା ବଜାର, ସମୟ: ସକାଳ ୯ଟା। ସ୍ଥାନ: ହରଚଣ୍ଡୀ ସାହି, ସମୟ: ସକାଳ ୯ଟା। ସ୍ଥାନ: ମଧୁବନ, ସମୟ: ସକାଳ ୯ଟା ୩୦।
- ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ସନ୍ ଫ୍ଲାୱାର ସ୍କୁଲ, ସମୟ: ସକାଳ ୯ଟା ୩୦।
- ନବମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଅଲ୍ ଓଡ଼ିଶା ସର୍ବଭାରତୀୟ ଆମନ୍ତ୍ରିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ନିମାପଡ଼ାସ୍ଥିତ ବାରବାଟୀ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ହୋଲି ବେଶ, ସ୍ଥାନ: ମନ୍ଦିର ପରିସର, ସମୟ: ରାତି ୭ଟା।
- ବୈଦ୍ୟନାଥ ଦେବଙ୍କ ପୀଠରେ ୩୩ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ବଡ଼ାଶ, ସମୟ: ଅପରାହ୍ନ ୪ଟା।
- କଣାସ ବଡ଼ମଠ ରାଧାକାନ୍ତ ଦେବଙ୍କ ପୀଠରେ ଯଜ୍ଞ ଆରମ୍ଭ, ସ୍ଥାନ: ପୀଠ ପରିସର, ସମୟ: ଅପରାହ୍ନ ୪ଟା।

## କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସରସ୍ୱତୀ ପୂଜା ଓ ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ, ସ୍ଥାନ: ସାହିତ୍ୟ ସମାଜ ପରିସର, ସମୟ: ସକାଳ ୮ଟା ୩୦।
- ବାଲୁବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ହାତୀପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ ଟା।
- ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଦ୍ୱିତୀୟ ବାବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ, ସ୍ଥାନ: ତିଗିରିଆ ଜେମାଦେଇପୁର ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ମହାନଦୀ ବନ୍ଧ ରାସ୍ତାର ଶିଳାନ୍ୟାସ, ସ୍ଥାନ: କିଶୋର ନଗର, ସମୟ: ଅପରାହ୍ନ ୩ଟା।

## ଖୋର୍ଦ୍ଧା

- ସିଗ୍ମା ପବ୍ଲିକ ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ବିଡିଏ କଲୋନୀ ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାମନ୍ଦିର ପରିସର, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ଜିଲା ପ୍ରେସ କ୍ଲବ କାର୍ଯ୍ୟାଳୟରେ ସରସ୍ୱତୀ ପୂଜା, ସ୍ଥାନ: ଟିଏମ୍‌ସି ରୋଡସ୍ଥିତ କାର୍ଯ୍ୟାଳୟ ପରିସର, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମା'ସରସ୍ୱତୀଙ୍କ ୩୮ତମ ପୂଜା, ସ୍ଥାନ: ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବିଦ୍ୟାମନ୍ଦିର ପରିସର, ସମୟ: ସକାଳ ୯ଟା।
- ସରସ୍ୱତୀ ଶିଶୁମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ଜଟଣୀ ହାଟବଜାରସ୍ଥିତ ଶିଶୁମନ୍ଦିର ପରିସର, ସମୟ: ସକାଳ ୯ଟା।
- କ୍ଷେତ୍ରବାସୀ ସରକାରୀ ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା, ସ୍ଥାନ: ଆର୍ଯ୍ୟବିହାର, ନିରାକାରପୁର, ସମୟ: ପୂର୍ବାହ୍ନ ୧୧ଟା।
- ଡିଏଭି ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ଡିଏଭି ସ୍କୁଲ ପରିସର, ନିରାକାରପୁର,ସମୟ: ପୂର୍ବାହ୍ନ ୧୧ଟା।
- କ୍ଷେଟ ବ୍ରିଗେଡ଼ିଆର ସ୍କୁଲରେ ସରସ୍ୱତୀ ପୂଜା, ସ୍ଥାନ: ସ୍କୁଲ ପରିସର, ବୋଡ଼ଗାଁରାପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- କୋଲୁହାପାଟଣା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋଲୁହାପାଟଣା, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ନାଗେଶ୍ୱର ମହାଦେବଙ୍କ ମହାରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ପାତ୍ରପଡା, ଜଗନ୍ନାଥପୁର (ଜଟଣୀ), ସମୟ : ଅପରାହ୍ନ ୫ଟା ୩୦।
- ସାମାଜିକକର୍ମୀ ରତ୍ନମଣୀ ଦେବୀଙ୍କ ଚତୁର୍ଥ ବାର୍ଷିକ ସ୍ମୃତିଚାରଣ ସଭା ଓ ପ୍ରତିଭା ସମ୍ମାନ ଉତ୍ସବ, ସ୍ଥାନ: ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥିତ ବରିଷ୍ଠ ନାଗରିକ ସେବା ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ବିଦ୍ୟାଦାତ୍ରୀ ସରସ୍ୱତୀ ଦେବୀଙ୍କ ପୂଜନ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ସିମୁଳିଆ ଦୈନିକ ପରିବା ମାର୍କେଟ ପକ୍ଷରୁ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା, ସ୍ଥାନ: ସିମୁଳିଆହାଟ, ମଧୁପୁରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ଏଭିଏମ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ଆଦର୍ଶ ଶିକ୍ଷା ମନ୍ଦିର ମାତୃପିତୃ ସମ୍ମିଳନୀ ଓ ବାର୍ଷିକୋତ୍ସବ, ସ୍ଥାନ: ସ୍କୁଲ ପରିସର, ଆଳଦା, ଖଇରା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ମୟୂରଭଞ୍ଜ

- ସରସ୍ୱତୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାବିଧି, ସ୍ଥାନ:ଉଦଳା, ସମୟ:ସକାଳ ୭ଟା।

## ଭଦ୍ରକ

- 'ବଞ୍ଚି ଆସିଥିବା ବିଶ୍ୱାସ' ପୁସ୍ତକ ଉନ୍ମୋଚନ ଉତ୍ସବ, ସ୍ଥାନ: ଈଶାଣପୁର ମଠ, ଗୁଆମାଳ, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- ଝୋଟି ପ୍ରତିଯୋଗିତା ଓ ମାତୃ ସମ୍ମିଳନୀ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ତିହିଡ଼ି, ସମୟ: ଅପରାହ୍ନ ୩ଟା।
- କଳ୍ପତରୁ ଶିକ୍ଷା ସେବାଶ୍ରମର ସାମ୍ବତ୍ସରିକ ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସେବାଶ୍ରମ ପରିସର, ବଂଶୀପାଟଣା, ବାସୁଦେବପୁର, ସମୟ: ପ୍ରାତଃ ୫ଟା।
- ନବରାତ୍ର ନାମ ମହାଯଜ୍ଞ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: ମା' ସର୍ବମଙ୍ଗଳା ମନ୍ଦିର ପରିସର, ବାସୁଦେବପୁର, ସମୟ: ସକାଳ ୬ଟା।

## କେନ୍ଦୁଝର

- ସେଣ୍ଟ ଜାଭିୟର୍ସ ହାଇସ୍କୁଲ, କେନ୍ଦୁଝରର ନୂତନ ଶାଖା ବୈଭବ ବାଟିକା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନିଉ କଲୋନୀ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଯାପନ, ସ୍ଥାନ: ଗୁଣପୁର ବାଘୁଆ ଦେଉଳ ପଛପଟ ପଡିଆ, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ମୁଖ୍ୟମନ୍ତ୍ରୀ ମକା ମିଶନ ଅଧୀନ କୃଷି ଉତ୍ପାଦନକାରୀ ସଂଗଠନର ବାର୍ଷିକ ଅଧିବେଶନ ଓ କୃଷି ମେଳା, ସ୍ଥାନ: ଉମରକୋଟ ଆରଏମ୍‌ସି ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଚିକଲପଦରସ୍ଥିତ ଦଣ୍ଡକାରଣ୍ୟ ଆଦର୍ଶ ବିଦ୍ୟାଳୟରେ ମାତୃପିତୃ ପୂଜନ ଉତ୍ସବ, ସ୍ଥାନ: ଚିକଲପଦର, ସମୟ: ପୂର୍ବାହ୍ନ ୧୧ଟା.୩୦।

## ସମ୍ବଲପୁର

- ଜିଲା କ୍ରୀଡ଼ାସଂଘ ଆୟୋଜିତ ଓସିଏ ଆନ୍ତଃ ବିଦ୍ୟାଳୟ କ୍ରିକେଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ସମ୍ବଲପୁର ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଅଇଁଠାପାଲି ବିର୍ସା ମଇଦାନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଟିଟିଲାଗଡ଼ ଡିଏଭି ମହାବିଦ୍ୟାଳୟରେ ମୋ ଫେଷ୍ଟ କାର୍ଯ୍ୟକ୍ରମ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସର ଜନସମ୍ପର୍କ ଶିବିର, ସ୍ଥାନ: ଲାଠୋର ଥାନା ବୁଡାଛାପର ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଟିଟିଲାଗଡ ନାଗରିକ ମଞ୍ଚ ତରଫରୁ ରକ୍ତଦାନ ଶିବିର, ସ୍ଥାନ: ମହାବୀର ପଞ୍ଚାୟତି ଧର୍ମଶାଳା, ସମୟ: ସକାଳ ୯ଟା।

## ରାଉରକେଲା

- ସୂର୍ଯ୍ୟକାନ୍ତ ମେମୋରିଆଲ କ୍ରିକେଟ ମ୍ୟାଚ, ସ୍ଥାନ: ଡିଏଭି ପଡିଆ, ସମୟ: ସକାଳ ୯ଟା।
- ଧନଞ୍ଜୟ ଜୟନ୍ତୀ, ସ୍ଥାନ: ସିଭିଲ ଟାଉନଶିପ, ସମୟ: ପୂର୍ବାହ୍ନ ୧୦ଟା।
- ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତା ସମାବେଶ, ସ୍ଥାନ: ସେକ୍ଟର ୨୧, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଅଟୋମେଟିକ୍ ଡିଲରଶିପ୍ ଷ୍ଟୋର ଉଦ୍‌ଘାଟନ, ସ୍ଥାନ: କୋଣାର୍କ ଚକ୍, ସମୟ: ଅପରାହ୍ନ ୩ଟା।
- ଅନ୍ତର୍ଜାତୀୟ ମହିଳା ହକି ପ୍ରୋ-ଲିଗ ମ୍ୟାଚ, ସ୍ଥାନ: ଅନ୍ତର୍ଜାତୀୟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ଛେଣ୍ଡ, ସମୟ: ଅପରାହ୍ନ ୫ଟା ୩୦।

## ବରଗଡ଼

- ସଙ୍କଳ୍ପ ପରିବାରର ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ସମୟ: ସକାଳ ୮ଟା ୩୦।
- ଶ୍ରୀନୃସିଂହ ଓ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ରଷିପାଲି ଜଡ଼ା, ସମୟ: ପୂର୍ବାହ୍ନ ୧୧ଟା ୧୪।
- ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଦ୍ୱିତୀୟ ଦିବସ: ଦେବତାଙ୍କ ପ୍ରାଣ ପ୍ରତିଷ୍ଠା. ସ୍ଥାନ: ଅତାବିରା ବ୍ଲକ ଲାରସରା ପଞ୍ଚାୟତ କର୍ମାଟିକ୍ରା, ସମୟ: ସକାଳ ୯ଟାରୁ ଆରମ୍ଭ।

## କଳାହାଣ୍ଡି

- ଗୋଟୋମୁଣ୍ଡା ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ହାଇସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତ ରେଙ୍ଗାଲି ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ରିଷିଡ଼ା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍, ସ୍ଥାନ କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ବାପୁଜି ମିନିଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ଗ୍ରାମପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଆମ ଓଡ଼ିଶା ନବୀନ ଓଡ଼ଶା ସଚେତନ ଶିବିର, ସ୍ଥାନ-କୋମନା ବ୍ଲକ ପଲସିପାଣି, ସିଲଭା ଓ କୁରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ବୌଦ୍ଧ

- ପଞ୍ଚାୟତସ୍ତରୀୟ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଶଙ୍କୁଲୋଇ ପଞ୍ଚାୟତ ସମ୍ମୁଖ ହାଟପଡିଆ,ହରଭଙ୍ଗା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ହରଭଙ୍ଗା ବ୍ଲକ ଲୁଣିବାହାଲ ଗ୍ରାମ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- କୋ – ରାମଧୂନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ୍, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ବୁଢାରାଜା ଯୁବ ସଂଗଠନ ପକ୍ଷରୁ ୧୨ତମ ରକ୍ତଦାନ ଶିବିର, ସ୍ଥାନ : ସୋନପୁର ବୁଢାରାଜା ଛକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଚମ୍ପାପୁର ଗ୍ରାମ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୭ ଟା।
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ଭାଲୁଜୁଙ୍ଗୁରୀ ଖେଳପଡିଆ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ପୂଜା ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ,ସମୟ: ସକାଳ ୯ଟା।
- ଶିଶୁ ମହୋତ୍ସବ 'ମହକ', ସ୍ଥାନ: ବହଲପଦର ଗ୍ରାମ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୬ ଟା।
- ପାତାଳୀ ମହୋତ୍ସବ ପଞ୍ଚମ ଦିବସର ସାଂସ୍କୃତିକ ସଂଧ୍ୟା, ସ୍ଥାନ: ଉଲୁଣ୍ଡା ବ୍ଲକ କୋଟସମଲାଇସ୍ଥିତ ପାତାଳୀ ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୫ ଟା।
- ଛପନ ପ୍ରହରୀ ନାମଯଜ୍ଞର ପଞ୍ଚମ ଦିବସ,
- ସ୍ଥାନ: ପାତଳୀ ଶ୍ରୀକ୍ଷେତ୍ର, କୋଟସମଲାଇ, ସମୟ: ସକାଳ ୬ଟା ।
- କେନ୍ଦୁପତ୍ର ଗୋଛାକଟା ପାଇଁ ପୂଜା, ସ୍ଥାନ: ଅମରପାଲିସ୍ଥିତ କେନ୍ଦୁପତ୍ର କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ – ପୂର୍ବାହ୍ନ ୧୦ ଟା।
- ଫ୍ଲଡ ଲାଇଟ ସାରକିଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଉଲୁଣ୍ଡା ବ୍ଲକ ଗୁରପଙ୍ଗା ଖେଳପଡିଆ, ସମୟ : ସନ୍ଧ୍ୟା ୭ ଟାରୁ ଆରମ୍ଭ।
- ଅଷ୍ଟପ୍ରହରୀ ନାମଯଜ୍ଞ ଅଧିବାସ, ସ୍ଥାନ: ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁଡୁରପଙ୍କ ହରିଜନପଡା, ସମୟ: ସକାଳ ୭ ଟା ।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ କଳସ ଯାତ୍ରା , ସ୍ଥାନ: ବିନିକା ପାପକ୍ଷୟ ଘାଟ, ସମୟ : ସକାଳ ୭ଟା ।
- ଜନଔଷଧି କେନ୍ଦ୍ରର ଶୁଭାରମ୍ଭ , ସ୍ଥାନ: ରାଜାଜିମାର୍ଗ, ବିନିକା, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସରସ୍ୱତୀ ପୂଜା ପାଳନ, ସ୍ଥାନ-ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ଢେଙ୍କାନାଳ, ସମୟ- ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଗ୍ରାମ ବାର୍ଷିକ ଉତ୍ସବ, ସରସ୍ୱତୀ ପୂଜା, ସ୍ଥାନ, ବଡଗୁଣ୍ଡରୀ ପଞ୍ଚାୟତ ଯୋରାଡଙ୍ଗା ସମୟ- ମଧ୍ୟାହ୍ନ ୧୨ଟା
- ସରସ୍ୱତୀ ପୂଜା ପାଳନ, ସ୍ଥାନ- ନବକୃଷ୍ଣ ଚୌଧୁରୀ ବିଇଡି କଲେଜ, ସମୟ- ସକାଳ ୮ଟା ୩୦।
- ସରସ୍ୱତୀ ପୂଜା ପାଳନ, ସ୍ଥାନ- ଗାନ୍ଧୀମାର୍ଗ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ- ପୂର୍ବାହ୍ନ ୧୦ଟା ୩୦।
- ରକ୍ତଦାନ ଶିବିର, ସ୍ଥାନ- ଲକ୍ଷ୍ମୀନାରାୟଣ ପାଠାଗାର,ସମୟ- ସକାଳ ୮ଟା ୩୦।
- କଂଗ୍ରେସ ପକ୍ଷରୁ ବିଜେଡି ଓ ଭାଜପା ବିବାହ ଆୟୋଜନ, ସ୍ଥାନ- ଅନୁଗୋଳ ପୌରପାଳିକା ଛକ, ସମୟ- ପୂର୍ବାହ୍ନ ୧୧ ଘଟିକା।

## ଗଞ୍ଜାମ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନୀ, ସ୍ଥାନ-ଶୀତଳାପଲୀ,ବ୍ରହ୍ମପୁର, ସମୟ-ମଧ୍ୟାହ୍ନ ୧୨ଟା ୨୫ମିନିଟ୍।
- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ। ସ୍ଥାନ – ଭଞ୍ଜନଗର ବ୍ଲକ କୁଲାଡ/ ଭଞ୍ଜନଗର ଭଞ୍ଜ ସାହିତ୍ୟ ପରିଷଦ, ସମୟ – ଅପରାହ୍ନ ୪ ଟା/ସନ୍ଧ୍ୟା ୬ଟା।
- ହରେକୃଷ୍ଣ ପ୍ରଧାନ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ, ସ୍ଥାନ – ଭଞ୍ଜନଗର ବ୍ଲକ ମୁଜାଗଡ, ସମୟ – ଅପରାହ୍ନ ୪ ଟା।
- ଚବିଶି ପ୍ରହର ଅଖଣ୍ଡ ନାମଯଜ୍ଞ ଓ ଅନ୍ନଯଜ୍ଞ। ସ୍ଥାନ-ମୋଟାବାଡି, ବୁଗୁଡ଼ା, ସମୟ-ସକାଳ ୮ଟା।
- ମା ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବ। ସ୍ଥାନ-ବକ୍ସିପଲ୍ଲୀ (ବୁଗୁଡା ବ୍ଲକ), ସମୟ-ସକାଳ ୮ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦରକାର ନାହିଁ ସରକାରକୁ,**
**ରାଜି ନାହିଁ ମୋର ବୁଢ଼ା ବରକୁ ।**

ବର ଓ କନ୍ୟାଙ୍କ ଭିତରେ ବୟସର ତାରତମ୍ୟ ଯେତେ କମ୍ ହୋଇଥାଏ ସେମାନଙ୍କ ମଧ୍ୟରେ ସମ୍ପର୍କ, ବିଶ୍ୱାସ ଓ ବୁଝାମଣା ସେତେ ଅଧିକ ଦୃଢ଼ ହୋଇଥାଏ। ଅର୍ଥ ଥିଲେ ଯେ ସବୁ ସୁଖ ସମ୍ପଦ ମିଳିଯିବ ତାହା ନୁହେଁ, ମନ ସହ ମନର ମିଳନ ହେବା ମଧ୍ୟ ଜରୁରୀ ହୋଇଥାଏ। ଏପରିସ୍ଥିତିରେ ବୟସାଧିକ ବ୍ୟକ୍ତିଙ୍କ ସହ ବିବାହ କରିବା ନେଇ କନ୍ୟା ଜଣକ ଅନିଚ୍ଛା ପ୍ରକାଶ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୂର ଲୋକ ପୁର ଖାଏ,**
**ପାଖ ଲୋକ ବାସନା ନ ପାଏ ।**

ଯେଉଁ ବ୍ୟକ୍ତି ଦୂରରେ ରହିଥାଏ, କଦବା କ୍ୱଚିତ୍ ଘରକୁ ଆସିଥାଏ ସେହି ବ୍ୟକ୍ତି ଭଲ ଚର୍ଚ୍ଚା ପାଇଥାଏ। ପରନ୍ତୁ ଯିଏ ଆଖପାଖରେ ରହିଥାଏ, ବରାବର ଯିବା ଆସିବା କରୁଥାଏ ସେହି ବ୍ୟକ୍ତି ସେତେଟା ଆଦର ସମ୍ମାନ ପାଇ ନ ଥାଏ। ସାନ୍ନିଧ୍ୟ ହେତୁ ଅଭ୍ୟର୍ଥନାରେ ଅବହେଳା। ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବା ଆଶଙ୍କା ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## କନ୍ଧମାଳ

- ଜିଲାସ୍ତରୀୟ ଜନଜାତି ସଂସ୍କୃତି ଓ ଖେଳକୁଦ ପର୍ବ ଉଦ୍‌ଯାପନୀ ଦିବସ, ସ୍ଥାନ -ଫୁଲବାଣୀ କରୋନେସନ ପଡିଆ.
- ଟିମ ହ୍ୟୁମାନିଟି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ -ରକ୍ତ ଭଣ୍ଡାର ପରିସର, ସକାଳ -ସାଢ଼େ ୯ଟା।
- ପୁଲୱାମା ଶହୀଦଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା, ସ୍ଥାନ- ଫୁଲବାଣୀ ମାଦିକୁଦା ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ- ଅପରାହ୍ନ ୫ଟା।

## ନୟାଗଡ଼

- ବିଶ୍ୱଶାନ୍ତି ମହାଯଜ୍ଞ, ହନୁମାନ ଚାଳିଶା ପଠନ। ବାବା ବିଶ୍ୱନାଥ ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ,କରଣ ସାହି ବଡ଼ ମଠ, ପୂର୍ବାହ୍ନ ୧୦ଟା।
- ଭାଗବତ ସପ୍ତାହର ଦ୍ୱିତୀୟ ଦିବସ,ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ପୂର୍ବାହ୍ନ ୯ଟା।
- ଶ୍ରୀ ସୃଜନର ତୃତୀୟ ସାମ୍ବତ୍ସରିକ ଉତ୍ସବ,ନୟାଗଡ଼ ନିଉ ଜନତା ହଲ, ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଶ୍ରୀବଳଦେବଜୀଉଙ୍କ କାଂଚି କାବେରୀ ବେଶ, ସ୍ଥାନ: ଇଚ୍ଛାପୁର, ସମୟ: ସକାଳ ୭ଟା।

- ମା' କ୍ଷେତ୍ରପାଳିନୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ, ସ୍ଥାନ: ମେଳଣ ପଡିଆ, ହରିଅଙ୍କ, ଡେରାବିଶ, ସମୟ: ସକାଳ ୮ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: କଂସାର ବଡଦାଣ୍ଡୁଆ, ବଳିପାଳ ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ମା' ସରସ୍ୱତୀଙ୍କ ପୂଜନୋତ୍ସବ। ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସୁକିନ୍ଦା କ୍ରୋମାଇଟ ମାଇନ୍ସ। ସମୟ: ପୂର୍ବାହ୍ନ ୮ଟା।
- ମା' ସରସ୍ୱତୀ ଦେବୀଙ୍କ ପୂଜନୋତ୍ସବ। ସ୍ଥାନ: କାଳିଆପାଣି ଉଚ୍ଚ ବିଦ୍ୟାଳୟ। ସମୟ : ପୂର୍ବାହ୍ନ ୧୦ଟା।
- ମା' ସରସ୍ୱତୀଙ୍କ ପୂଜନୋତ୍ସବ। ସ୍ଥାନ: ଯାଜପୁର ରୋଡ ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର। ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଆଦିବାସୀଙ୍କ ମା ଗରିଆ ପୂଜା କାଲସୀ ଡ୍ୟାମ୍ବ, ସ୍ଥାନ:ବଇରକୁଣ୍ଡ, ସମୟ:ପୂର୍ବାହ୍ନ ୧୧ଟା
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ,ସ୍ଥାନ: ଝରାପାଲ୍ଲୀ ପଞ୍ଚାୟତ, ସମୟ: ମଧ୍ୟାହ୍ନ ୧୨ଟା।

# ସୋନପୁର-ବୌଦ୍ଧ ରେଳ ସେକ୍ସନ ପ୍ରକଳ୍ପ ନିରୀକ୍ଷଣ କଲେ ମହାପ୍ରବନ୍ଧକ

**ଭୁବନେଶ୍ୱର,୧୩।୨(ଅନୁରାଧା ମହାରଣା)**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ସୋନପୁର ଏବଂ ବୌଦ୍ଧ ମଧ୍ୟରେ ନିର୍ମାଣାଧୀନ ରେଳ ଲାଇନ ସେକ୍ସନକୁ ନିରୀକ୍ଷଣ କରିଛନ୍ତି। ଏହି ସମୟରେ ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଅଧିକାରୀଙ୍କ ସହିତ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ଉପସ୍ଥିତ ଥିଲେ। ଶର୍ମା ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କରି ଧାର୍ଯ୍ୟ ସମୟ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜନକୈନ୍ଦ୍ରିକ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ୍ ପଶ୍ଚିମ ଓ ଉପକୂଳ ଓଡିଶାକୁ ସଂଯୋଗ କରିବା ସହିତ ଦୁର୍ଗମ ଅଞ୍ଚଳ ଜିଲାଗୁଡ଼ିକୁ ମଧ୍ୟ ସେବା ଯୋଗାଇବ। ମୋଟ ୩୦୧ କି.ମି.ର ଏହି ପ୍ରକଳ୍ପର ଏପର୍ଯ୍ୟନ୍ତ ୧୫୨.୮୦୫ କି.ମି. ରେଳ ଲାଇନ କାର୍ଯ୍ୟ ଶେଷ ହେବା ସହ ଯାତ୍ରୀଙ୍କୁ ରେଳ ସେବା ପ୍ରଦାନ କରାଯାଇଛି। ଶୀଘ୍ର ଏହି ପ୍ରକଳ୍ପକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଉଭୟ ପାର୍ଶ୍ୱରୁ ଅର୍ଥାତ୍ ଖୋର୍ଦ୍ଧା ରୋଡ୍ ଏବଂ ବଲାଙ୍ଗୀରରୁ ଚାଲିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କି.ମି. ଏବଂ ବାଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ୪୭ କି.ମି. କାର୍ଯ୍ୟ ଶେଷ ହୋଇସାରିଛି। ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ପ୍ରାୟ ୭୩ କି.ମି. ଦୀର୍ଘ ନୂତନ ରେଳପଥର କାର୍ଯ୍ୟ ଦ୍ରୁତଗତିରେ ଚାଲୁରହିଥିବାବେଳେ ଆସନ୍ତା ଦୁଇମାସ ମଧ୍ୟରେ ଶେଷ କରାଯିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଅବଶିଷ୍ଟ ରେଳପଥ ନିର୍ମାଣ କାର୍ଯ୍ୟ ଅର୍ଥାତ୍ ଦଶପଲ୍ଲାଠାରୁ ପୁରୁଣାକଟକ ପର୍ଯ୍ୟନ୍ତ ୭୫ କି.ମି.ର ନିର୍ମାଣ କାର୍ଯ୍ୟ ଡିସେମ୍ବର ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥର ଯୋଜନା ରହିଥିବା ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ରାଶ୍ୟାଧିପ ଉଚ୍ଚସ୍ଥ ହେତୁ କର୍ମକ୍ଷେତ୍ରରେ ନୈରାଶ୍ୟ ଦୂରେଇଯାଇ ପ୍ରତିଷ୍ଠା ଲାଭ କରିବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କାମରେ ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭ କରି ଖୁସି ରହିବେ।

**ବୃଷ** – ଠିକ୍ ବିଚାର ଓ ସମୟୋପଯୋଗୀ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଅନ୍ୟମାନଙ୍କ ଉପରେ ବିରକ୍ତ ହେବା ଦ୍ୱାରା ସମସ୍ୟା କମିବା ବଦଳରେ ବୃଦ୍ଧି ପାଇବ। ପରୋକ୍ଷ ଶତ୍ରୁତା ଦୈନିକ ଜୀବନଚର୍ଯ୍ୟାକୁ କେତେକାଂଶରେ ପ୍ରଭାବିତ କରିପାରେ।

**ମିଥୁନ** – ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ଉଦ୍ୟମକୁ ସାକାର କରିପାରିବେ ନାହିଁ। ଛୋଟ କଥାକୁ ନେଇ ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟିକ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବା କଷ୍ଟକର ହୋଇପାରେ।

**କର୍କଟ** – କର୍ମଭାବରେ ଚତୁଃଗ୍ରହ ଯୋଗ ସୃଷ୍ଟି ହେଉଥିବାରୁ ଅସମ୍ଭବ ସମ୍ଭବ ହେବ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବା କାରଣରୁ ଟେନସନ୍ କମିଯିବ। ସମସ୍ୟା ସମାଧାନ ହେବାରେ କୌଣସି ପଦସ୍ଥ ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** – ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସାହାଯ୍ୟ କରିବ। ବନ୍ଧୁଗହଣରେ ଆଲୋଚନା କାଳରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍, କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପ୍ରିୟଜନଙ୍କ ସହ ବିବାଦ କାରଣରୁ ଭାଙ୍ଗି ପଡନ୍ତୁ ନାହିଁ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ, କୁଟୀରଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି। ଉପର ଅଧିକାରୀମାନେ ଆପଣଙ୍କ ସହଯୋଗ ଆଶା କରିପାରନ୍ତି।

**ତୁଳା** – କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରି ଆନନ୍ଦ ଅନୁଭବ କରିପାରନ୍ତି। ଭଲ ସମ୍ପର୍କ ରହିଥିବା ସହକର୍ମୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପରିବାରରେ ପିଲାଙ୍କ ଆଚରଣରେ ଅସନ୍ତୁଷ୍ଟ ରହିବା କାରଣରୁ ମନେ ମନେ ବିରକ୍ତ ହୋଇପାରନ୍ତି। କଳା, ସାହିତ୍ୟ, ସଂସ୍କୃତି ପ୍ରତି ଆଗ୍ରହୀ ହୋଇପାରନ୍ତି।

**ବିଛା** – ବୃହସ୍ପତି ଷଷ୍ଠଭାବରେ ରହିଥିବାରୁ ପୂର୍ବରୁ ଯାହା ଆଶା କରୁଥିଲେ ତାହାର ବିପରୀତ ଫଳ ମନରେ ନୈରାଶ୍ୟ ସୃଷ୍ଟି କରିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ ଚର୍ଚ୍ଚା ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢ଼ିପାରେ।

**ଧନୁ** – ଅପ୍ରିୟସତ୍ୟ ପ୍ରକାଶ କରି ବନ୍ଧୁ ଗହଣରେ ବିବାଦୀୟ ହୋଇପାରନ୍ତି। ବନ୍ଧୁମାନଙ୍କ ପରାମର୍ଶରେ ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ସମୟ ବିନିଯୋଗ କରିବେ। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ନୂତନ ସ୍ଥାନ ପରିଭ୍ରମଣ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବ।

**ମକର** – ପରିବାରର ପରିସ୍ଥିତିକୁ ଆଖି ଅଗରେ ରଖି ଧାର କରଜ କରି କାମ ତୁଲାଇବେ। ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କଥା ଚିନ୍ତା କରି ପାଖ ମାଡିବେ ନାହିଁ। ପିତା କିମ୍ବା ମାତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ନିର୍ମାଣ କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ** – ସମସ୍ୟା ମଧ୍ୟରେ ସଂଘର୍ଷ କରି ଦୀର୍ଘ ଦିନର ଆଶାକୁ ପୂରଣ କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ନିକଟରୁ ଅର୍ଥ ପାଇବା ସଙ୍ଗକୁ ଅଧାପନ୍ତରିଆ କାର୍ଯ୍ୟଟିକୁ ପୂର୍ଣ୍ଣାଙ୍ଗ କରିପାରିବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି କମିବା ବଦଳରେ ବଢ଼ିଯିବ। ଶତ୍ରୁତା କେତେକ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ମନରେ ଜାଗତ ହୋଇପାରେ।

**ମୀନ** – ଦୀର୍ଘଦିନଧରି ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ବନ୍ଧୁମାନଙ୍କ ମଧ୍ୟରେ ବୁଝାମଣା ସମ୍ପର୍କରେ ଉନ୍ନତି ହେତୁ ବିବାଦୀୟ ସ୍ଥିତି ଦୂର ହେବ। ପରିବାରରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ।

ଆଜି ଫେବୃଆରୀ ୧୪ ତାରିଖ, ମାଘମାସ ଶୁକ୍ଳପକ୍ଷର ଶ୍ରୀପଞ୍ଚମୀ ବୁଧବାର, ସରସ୍ୱତୀ ପୂଜା, ଭାଲେଣ୍ଟାଇନ୍ସ ଦିବସ, ରାଶିନକ୍ଷତ୍ର-ଦିବା ଘ.୧୦.୪୪ମି. ପର୍ଯ୍ୟନ୍ତ ରେବତୀ/ମୀନ, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ. ୦୬.୨୦ମି. ଗତେ ଘ.୦୭.୫୧ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୧୧.୩୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨.୦୦ମି. ଗତେ ଘ.୦୧.୨୬ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪/୨୦୨୪ Bhubaneswar, Wednesday, February 14/2024 | ପୃଷ୍ଠା-୧


# ଘରୋଇ ଉପଭୋକ୍ତାଙ୍କ ପାଇଁ ବିଜୁଳି ଖୁସି

## ୟୁନିଟ୍ ପିଛା ୧୦ ପଇସା କମିଲା ବିଦ୍ୟୁତ୍ ଦର

- **ବିପିଏଲ୍ ଉପଭୋକ୍ତା ପାଇଁ ୩୦ ୟୁନିଟ୍ ଦର ୧୦ ଟଙ୍କା ହ୍ରାସ**
- **ଇ-ବିଲ୍ ନେଲେ ମିଳିବ ୧୦ ଟଙ୍କା ରିହାତି**
- **ଇ.ଭି. ଚାର୍ଜ ୟୁନିଟ୍ ପିଛା ୫୦ ପଇସା କମିଲା**

**ଭୁବନେଶ୍ୱର,୧୩।୨(ଅନିଲ ଦାସ)**

ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଖୁସି ଖବର। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କୌଣସି ବିଦ୍ୟୁତ୍ ଶୁଳ୍କ ବଢ଼ିବ ନାହିଁ। ଅନ୍ୟପକ୍ଷରେ ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ଘରୋଇ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ୍ ଦର ହ୍ରାସ କରିଛନ୍ତି। ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ପ୍ରତ୍ୟେକ ୟୁନିଟ୍ ପିଛା ୧୦ ପଇସା ହ୍ରାସ ହୋଇଛି। ଘରୋଇ ବ୍ୟତୀତ ଅନ୍ୟ ସମସ୍ତ ବର୍ଗର ଉପଭୋକ୍ତାଙ୍କ ବିଦ୍ୟୁତ୍ ଦର ଅପରିବର୍ତ୍ତିତ ରହିବ। ଦାରିଦ୍ର୍ୟ ସୀମାରେଖା ତଳେ(ବିପିଏଲ) ଥିବା ଉପଭୋକ୍ତାଙ୍କୁ ମାସିକ ୩୦ ୟୁନିଟ୍ ପିଛା ୮୦ ଟଙ୍କା ଲେଖାଏ ଦେବାକୁ ପଡୁଥିଲା। ସେଥିରେ ୧୦ ଟଙ୍କା ହ୍ରାସ କରାଯାଇଛି। ଅର୍ଥାତ୍ ଏବେ ବିପିଏଲ୍ ଉପଭୋକ୍ତାଙ୍କୁ ୮୦ ଟଙ୍କା ବଦଳରେ ୭୦ ଟଙ୍କା ଦେବାକୁ ପଡ଼ିବ। ଏହାଦ୍ୱାରା ଗରିବ ବିଦ୍ୟୁତ୍ ଉପଭୋକ୍ତାମାନେ ବିଶେଷ ଉପକୃତ ହେବେ। ଯେଉଁ ଉପଭୋକ୍ତାମାନେ କାଗଜ ବିଲ୍ ବଦଳରେ ଇ-ବିଲ୍ ନେବେ ସେମାନଙ୍କୁ ପ୍ରତ୍ୟେକ ବିଲ୍‌ରେ ୧୦ ଟଙ୍କା ଲେଖାଏ ରିହାତି ଦିଆଯିବ। ଏହାଛଡ଼ା ବୈଦ୍ୟୁତିକ ଯାନ ଚାର୍ଜ ପାଇଁ ଥିବା ଦରରେ ହ୍ରାସ କରାଯାଇଛି। ଏଥିପାଇଁ ପୂର୍ବରୁ ୟୁନିଟ୍ ପିଛା ୫ ଟଙ୍କା ୫୦ ପଇସା ଥିବାବେଳେ ଏବେ ଏହାକୁ ୫ ଟଙ୍କାକୁ କମାଇ ଦିଆଯାଇଛି। ସେହିପରି ଗ୍ରୀନ୍ ଏନର୍ଜି ଶୁଳ୍କକୁ ୟୁନିଟ୍ ପିଛା ୨୫ ପଇସା ବଦଳରେ ୨୦ ପଇସାକୁ ହ୍ରାସ କରାଯାଇଛି। ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇଥିବା ଗ୍ରାହକଙ୍କୁ ଆଗରୁ ୨% ରିବେଟ୍ ଦିଆଯାଉଥିଲା। ଏବେ ୨ ବଦଳରେ ୪% ରିବେଟ୍ ଦେବା ପାଇଁ ଆୟୋଗ ଘୋଷଣା କରିଛନ୍ତି। ସେହିପରି ଶୀତଳଭଣ୍ଡାର ପାଇଁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ଶୁଳ୍କରେ ମଧ୍ୟ ହ୍ରାସ କରାଯାଇଛି। ପୂର୍ବରୁ ଶୀତଳଭଣ୍ଡାରଗୁଡ଼ିକୁ ୟୁନିଟ୍ ପିଛା ୪ ଟଙ୍କା ୬୦ ପଇସା ଦେବାକୁ ପଡୁଥିଲା। ସେଥିରେ ୧.୬୦ ପଇସା ହ୍ରାସ କରାଯାଇଛି। ଏଣିକି ଶୀତଳଭଣ୍ଡାରଗୁଡ଼ିକ ୟୁନିଟ୍ ପିଛା ୩ ଟଙ୍କା ଦେବେ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

**ସୁରକ୍ଷାରେ ଲାଭ**

# ମମତା ଯୋଜନାରେ ମିଳିବ ୨ଗୁଣ ଟଙ୍କା

## ୫,୦୦୦ରୁ ୧୦,୦୦୦ ଟଙ୍କା ହେଲା

**ଭୁବନେଶ୍ୱର,୧୩।୨(ଅନିଲ ଦାସ)**

ରାଜ୍ୟ ସରକାର ମମତା ଯୋଜନା ସହାୟତା ରାଶି ୨ ଗୁଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଏହି ଘୋଷଣା କରିଛନ୍ତି। ବର୍ତ୍ତମାନ ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ୨ଟି କିସ୍ତିରେ ୫ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ମୁଖ୍ୟମନ୍ତ୍ରୀଙ୍କ ନୂଆ ☞ପୃଷ୍ଠା-୯

# ଆନ୍ଦୋଳନକାରୀଙ୍କୁ ଲାଠିମାଡ଼

## ଏମ୍‌ଏସ୍‌ପି ଦାବି: ଦିଲ୍ଲୀ ସୀମାରେ ଚାଷୀ

**ଚଣ୍ଡିଗଡ଼/ନୂଆଦିଲ୍ଲୀ,୧୩।୨**

ନିଜ ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ନିଶ୍ଚିତ କରିବା ସକାଶେ ଆଇନ ପ୍ରଣୟନ ଦାବିରେ କୃଷକମାନେ ପ୍ରାୟ ୨୭ ମାସ ପରେ ମଙ୍ଗଳବାର ଦିଲ୍ଲୀ ସୀମାରେ ପୁଣି ଏକତ୍ରିତ ହୋଇଛନ୍ତି। ୨୬ କୃଷକ ସଙ୍ଗଠନ ପକ୍ଷରୁ 'ଦିଲ୍ଲୀ ଚଲୋ' ଆହ୍ୱାନ ଦିଆଯାଇଥିବାରୁ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ମଧ୍ୟ ପ୍ରଦେଶର ଅନେକ ହଜାର ଚାଷୀ ଜାତୀୟ ରାଜଧାନୀ ଭିତରକୁ ପ୍ରବେଶ ଉଦ୍ୟମ କରିଛନ୍ତି। ସେମାନଙ୍କ ଉପରେ ପୋଲିସ ପ୍ରଶାସନ ପାଣି ବର୍ଷା ଓ ଲୁହବୁହା ବାଷ୍ପ ପ୍ରୟୋଗ କରିଛି। କୁରୁକ୍ଷେତ୍ର ସମେତ କେତେକ ସ୍ଥାନରେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଲାଠିମାଡ଼ କରିଛି। ସଂଯୁକ୍ତ କିଷାନ ମୋର୍ଚ୍ଚା (ଅଣରାଜନୈତିକ) ଏବଂ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଫେବୃୟାରୀ ୧୬ରେ 'ଭାରତ ବନ୍ଦ' ଡାକରା ଦିଆଯାଇଥିବାରୁ ୧୪୪ ଧାରା ଜାରି ସହ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଇଛି। ଇତିମଧ୍ୟରେ କେନ୍ଦ୍ର କୃଷିମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି, ସମସ୍ତ ପକ୍ଷଙ୍କ ସହ ବିଚାରବିମର୍ଶ ନ କରି ଏମ୍‌ଏସ୍‌ପି ସମ୍ପର୍କିତ ଆଇନ ତରବରିଆ ଭାବେ ଅଣାଯାଇପାରିବ ନାହିଁ। ଏହି ପ୍ରସଙ୍ଗରେ ବିକ୍ଷୋଭକାରୀ କୃଷକମାନଙ୍କୁ ☞ପୃଷ୍ଠା-୯







# ସୁରକ୍ଷାରେ ଲାଭ

ଜୈବମଣ୍ଡଳ ଉପରେ ଜୀବନ ତିଷ୍ଠି ରହିଛି। ଏହାର କ୍ଷତି ହେଲେ ସାରା ଜୀବଜଗତ ଧ୍ୱଂସାଭିମୁଖୀ ହେବ ବୋଲି ଗବେଷକମାନେ ସତର୍କ କରିଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜୈବବିବିଧତା (ବାୟୋ ଡାଇଭର୍ସିଟି) ସୁରକ୍ଷା ପାଇଁ ସାରା ବିଶ୍ୱରେ ତତ୍ପରତା ପ୍ରକାଶ ପାଇଛି। ଭାରତରେ ମଧ୍ୟ ଏହାର ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ଆଲୋଚନା ମାତ୍ର ଏବେ ଆରମ୍ଭ ହୋଇଛି। ସଂରକ୍ଷିତ ଜଙ୍ଗଲକୁ ବାଦ୍‌ଦେଲେ ଭାରତରେ ମୋଟ ୩୭ ବାୟୋଡାଇଭର୍ସିଟି ହେରିଟେଜ୍ ସାଇଟ୍ (ଜୈବବିବିଧତା ଐତିହ୍ୟ ସ୍ଥଳ) ଅଛି। ଏଥିମଧ୍ୟରେ କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ତ୍ରିପୁରା ଆଗରେ ଥିବାବେଳେ ଓଡ଼ିଶାରେ ଜୈବବିବିଧତା ସୁରକ୍ଷା ପ୍ରତି ଗୁରୁତ୍ୱ ବୃଦ୍ଧିପାଉଛି। ଏହି କ୍ରମରେ ସରକାର କୋରାପୁଟ ଜିଲା ଗୁପ୍ତେଶ୍ୱର ଜଙ୍ଗଲକୁ ବାୟୋଡାଇଭର୍ସିଟି ହେରିଟେଜ୍ ସାଇଟ୍ (ବିଏଚ୍‌ଏସ୍) ଭାବେ ଘୋଷଣା କରିଛନ୍ତି। ଫଳରେ ରାଜ୍ୟରେ ବିଏଚ୍‌ଏସ୍ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ଗନ୍ଧମାର୍ଦ୍ଦନ ପାହାଡ଼(ବଲାଙ୍ଗୀର ଓ ବରଗଡ଼), ମଣ୍ଡାସାରୁ ପାହାଡ଼ (କନ୍ଧମାଳ), ମହେନ୍ଦ୍ରଗିରି(ଗଜପତି)କୁ ବିଏଚ୍‌ଏସ୍ ଭାବେ ଘୋଷଣା କରାଯାଇଥିଲା। ତେବେ ୩୫୦ ହେକ୍ଟର ବ୍ୟାପୀ ଗୁପ୍ତେଶ୍ୱର ଜଙ୍ଗଲ ଭଳି ଜୈବ ସମୃଦ୍ଧ ଅଞ୍ଚଳକୁ ବାୟୋଡାଇଭର୍ସିଟି ହେରିଟେଜ୍ ସାଇଟ ଘୋଷଣା କରାଯିବା ସ୍ୱାଗତଯୋଗ୍ୟ। କିନ୍ତୁ ଜୀବ ଓ ଉଦ୍ଭିଦଗୁଡ଼ିକର ସୁରକ୍ଷାର ବାସ୍ତବତାକୁ ଦେଖିଲେ ପ୍ରଶ୍ନବାଚୀ ସୃଷ୍ଟିହୁଏ। ସଂରକ୍ଷିତ ଜଙ୍ଗଲ ହେଉ କିମ୍ବା ବିଏଚ୍‌ଏସ୍‌ଗୁଡ଼ିକରେ ଶିକାରୀ, ଚୋରା ବେପାରୀଙ୍କ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଅଣାଯାଇପାରିନାହିଁ। ଓଡ଼ିଶାରେ ସବୁ ଖବରକାଗଜକୁ ଦେଖିଲେ ସବୁଦିନ ବାଘ ଓ ହରିଣ ଛାଲ ଜବତ ହେବା, ହାତୀ ମୃତ୍ୟୁହେବା, ମୂଲ୍ୟବାନ୍ କାଠ ଚୋରି ଖବର ଦେଖିବାକୁ ମିଳୁଛି। ବାସ୍ତବରେ ବନ୍ୟପ୍ରାଣୀ କିମ୍ବା ଗଛ ଭଳି ଜୈବଭଣ୍ଡାରର ସୁରକ୍ଷାରେ ସ୍ଥାନୀୟ ନାଗରିକଙ୍କ ପାଇଁ ସୁଯୋଗ ରହିଛି। ଯଦି ସେଠାକାର ବାସିନ୍ଦାଙ୍କୁ ହାତୀ ସୁରକ୍ଷା କରିବାରେ ସୁଯୋଗ ଦିଅନ୍ତେ, ଯଥା ହାତୀକୁ ମାରିବା ଲାଗି ବୋମା ଖଞ୍ଜିଥିବା ବ୍ୟକ୍ତି ଓ ଶିକାରୀ କିମ୍ବା ଗଛ କାଟୁଥିବା ବ୍ୟକ୍ତିଙ୍କୁ ଧରାଇଦେବା ଲାଗି ଲୋକଙ୍କୁ ଆକର୍ଷଣୀୟ ଆର୍ଥିକ ପୁରସ୍କାର ମିଳନ୍ତା ତେବେ ଜୈବବିବିଧତା ସଂରକ୍ଷଣ କ୍ଷେତ୍ରରେ ଲାଭ ମିଳିପାରନ୍ତା। ଏଥିରେ କିଛି ଚୋରି ହୋଇପାରେ କିନ୍ତୁ ଶିକାରୀ ଭୟରେ ମହତ କାର୍ଯ୍ୟରୁ ଦୂରେଇଯିବା ଉଚିତ ନୁହେଁ। ଶୁଣିବା କଥା ଯେ, ପୂର୍ବରୁ ମାଓବାଦୀମାନେ ପ୍ରାୟ ତାଙ୍କର ଚଳପ୍ରଚଳ ଗ୍ରାମଗୁଡ଼ିକରେ ନିଜର ସହଯୋଗୀ ରଖୁଥିଲେ, ଯେଉଁମାନଙ୍କୁ ଅର୍ଥ ମିଳୁଥିଲା। ସେହି ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ପୋଲିସର ଯାତାୟାତ ସମ୍ପର୍କରେ ଜାଣିବା ସହିତ ପୋଲିସକୁ କିଏ ଖବର ଦେଉଛି ତାହା ଜାଣିପାରୁଥିଲେ। ସେହି ବ୍ୟବସ୍ଥାରେ ମାଓବାଦୀମାନେ ଦୀର୍ଘକାଳ ଧରି ବଳବାନ ସରକାରଙ୍କୁ ଆଣ୍ଠେଇ ଦେବାରେ ସଫଳ ହୋଇଥିଲେ। ଏଥିରୁ ଶିକ୍ଷା ନେଇ ସରକାର ଜଙ୍ଗଲ ଏବଂ ଜୈବବିବିଧତାକୁ ସୁରକ୍ଷିତ ରଖିପାରନ୍ତେ। ଖବରଦାତାଙ୍କ ନାମ ଗୋପନ ରଖି ଶିକାରୀଙ୍କୁ ଧରିବା ସହିତ ପଶୁପକ୍ଷୀଙ୍କୁ ସୁରକ୍ଷା ଦେଇପାରନ୍ତେ। ଯଦି ଗ୍ରାମବାସୀ କୌଣସି ଶିକାରୀଙ୍କୁ ଧରାଇଦେବେ ସେଥିପାଇଁ ଆର୍ଥିକ ପୁରସ୍କାର ତତ୍‌କ୍ଷଣାତ ଦିଆଯାଇପାରନ୍ତା, ଯେଉଁଥିରେ ସବୁ ପରିବାର, କେହି ବାଦ୍ ନ ପଡ଼ି ଲାଭବାନ୍ ହୋଇପାରନ୍ତେ। ଏହା କଷ୍ଟକର କାର୍ଯ୍ୟ ନୁହେଁ। କିନ୍ତୁ ଏଭଳି ଯୋଜନା କାର୍ଯ୍ୟକାରୀ କରାଇବା ପାଇଁ ସମ୍ପୃକ୍ତ ସରକାରୀ ଅଫିସରଙ୍କର ଆନ୍ତରିକତାର ଆବଶ୍ୟକତା ରହିଛି।

ସଂରକ୍ଷିତ ଜଙ୍ଗଲ ଓ ଜୈବବିବିଧତା ଐତିହ୍ୟ ସ୍ଥଳରେ ପ୍ରଦୂଷଣ ସବୁଠୁ ବଡ଼ ସମସ୍ୟା ଭାବେ ଉଭାହୋଇଛି। ଜଙ୍ଗଲ ନିକଟରେ ଥିବା ଶିଳ୍ପାଞ୍ଚଳ କିମ୍ବା ଜଙ୍ଗଲ ଭିତରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟାପକ ପ୍ଲାଷ୍ଟିକ ଭଳି ପ୍ରଦୂଷଣ ବିଷୟ କେହି ବି ଚିନ୍ତା କରୁନାହାନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ କରାଯାଇଥିଲେ ମଧ୍ୟ ଆଇନକୁ କଡ଼ାକଡି କରାଯାଉନାହିଁ। ବେପରୁଆ ଖଣି ଖନନ ଜାରି ରହିଛି। ଓଡ଼ିଶାରେ ଜଙ୍ଗଲ ନିଆଁ ଯୋଗୁ ଜୈବବିବିଧତାର ବ୍ୟାପକ କ୍ଷତି ଘଟୁଛି। ଉଲ୍ଲେଖନୀୟ ଯେ,ଗତ ୨ବର୍ଷ ହେଲା ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ସବୁଠୁ ବେଶି ଜଙ୍ଗଲରେ ନିଆଁ ଲାଗିଛି। ଏପରିକି ସମୃଦ୍ଧ ଜୈବମଣ୍ଡଳ ଶିମିଳିପାଳ ଓ ଔଷଧୀୟ ବୃକ୍ଷର ଭଣ୍ଡାର ଗନ୍ଧମାର୍ଦ୍ଦନ ମଧ୍ୟ ଅଗ୍ନିର କୋପ ଦେଖିଲାଣି। ଜୈବବିବିଧତାର ସୁରକ୍ଷା ପାଇଁ ପ୍ରଥମେ ମନୁଷ୍ୟକୃତ ବାଧାଗୁଡ଼ିକ ଦୂରକରିବାକୁ ହେବ। ଏଥିପାଇଁ ପରିବେଶ ଉପଯୋଗୀ ନିବେଶ ଓ ଇକୋ ଟୁରିଜମ୍‌ର ପାଇଁ ସ୍ୱତନ୍ତ୍ର ନୀତି ଓ ସଂସ୍ଥାଗତ ସୁଧାର ସହ ଅଧିକ ବ୍ୟୟବରାଦ କରାଯିବା ଦରକାର। ଚାଇନାଠାରୁ ଆରମ୍ଭକରି ଆଫ୍ରିକୀୟ ଦେଶ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଜୈବବିବିଧତାକୁ ରକ୍ଷା କରିବା ପାଇଁ ସରକାରୀ ସ୍ତରରେ ସାଧାରଣ ନାଗରିକଙ୍କୁ ସମ୍ପୃକ୍ତ କରାଯାଉଛି। ଭାରତରେ ଏହା କରିବାକୁ ହେଲେ ଆର୍ଥିକ ଲାଭ ଦର୍ଶାଇବା ଅତ୍ୟନ୍ତ ଆବଶ୍ୟକ। ସ୍ଥାନୀୟ ନାଗରିକଙ୍କୁ ଯେତେ ଅଧିକ ଜୈବବିବିଧତା ଏବଂ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ସମ୍ପୃକ୍ତ କରିବା ସହିତ ଅର୍ଥ ଦିଆଯାଇପାରିବ ସେଥିରେ ଲାଭ ଆଖିଦୃଶିଆ ହୋଇପାରିବ।



# ନ୍ୟାୟପାଳିକା ନିର୍ଦ୍ଦେଶକୁ ନ ମାନିଲେ

ଅକ୍ଷୟ କୁମାର ମିଶ୍ର

ଗଣତନ୍ତ୍ର ଶାସନ ବ୍ୟବସ୍ଥାରେ ନ୍ୟାୟପାଳିକା ହେଉଛି ତୃତୀୟ ସ୍ତମ୍ଭ; ମାତ୍ର ସବୁଠାରୁ ନିର୍ଭରଯୋଗ୍ୟ ସ୍ତମ୍ଭ। ପ୍ରଥମ ଦୁଇଟି ଅନୁଷ୍ଠାନ ଯଥା– ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ଯେତେବେଳେ ମଣିଷକୁ ସାମ୍ବିଧାନିକ ନ୍ୟାୟ ଦେଇପାରେ ନାହିଁ ସେତେବେଳେ ସେ ନ୍ୟାୟାଳୟର ଆଶ୍ରୟ ନିଏ। ନ୍ୟାୟପାଳିକାର ନିର୍ଦ୍ଦେଶକୁ ବ୍ୟବସ୍ଥାପିକା ସମ୍ମାନ ଦେବା ଏବଂ କାର୍ଯ୍ୟପାଳିକା କାର୍ଯ୍ୟକାରୀ କରିବା ସୁସ୍ଥ ଗଣତନ୍ତ୍ରର ପରିଚାୟକ। ଏହାର ସାମାନ୍ୟତମ ବ୍ୟତିକ୍ରମ ଗଣତନ୍ତ୍ରକୁ ଦୁର୍ବଳ କରିଦିଏ। ହେଲେ ସମ୍ପ୍ରତି ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ହାତ ଛନ୍ଦାଛନ୍ଦି ହୋଇ ବାଟ ଚାଲୁଛନ୍ତି ନ୍ୟାୟପାଳିକାର ନିର୍ଦ୍ଦେଶକୁ ବାଟବଣା କରିବା ପାଇଁ। ଫଳରେ ବର୍ଷ ବର୍ଷ ଧରି ନିଜର ଅଧିକାର ପାଇବା ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଥିବା ଲୋକମାନେ ସେଇଠି ଘାଣ୍ଟି ଚକଟି ହୁଅନ୍ତି। ଏହି ଦୀର୍ଘ ଲଢ଼େଇ ଭିତରେ ଏମିତି ବି ଘଟେ ନିଜ ଜୀବଦ୍ଦଶାରେ ବହୁ ଲୋକ ନ୍ୟାୟ ପାଇବାରୁ ବଞ୍ଚିତ ହୁଅନ୍ତି। କେସ୍ ଦରଜ ହେବାର ଜଟିଳ ପ୍ରକ୍ରିୟା, ରାୟ ଶୁଣାଣି ହେବା ପୂର୍ବରୁ ଆଇନରେ ଥିବା ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ବିଚାରପତିଙ୍କ ଅଭାବ ଯୋଗୁ ଗୋଟିଏ ମକଦ୍ଦମା ଦୀର୍ଘ ବର୍ଷ ଧରି ଚାଲେ। ଫଳରେ ହଜାର ହଜାର କେସ୍ ଫଇସଲା ନ ହୋଇ ପଡ଼ିରହୁଛି। ତଳକୋର୍ଟ ଯାହା ନିର୍ଦ୍ଦେଶ ଦେଉଛନ୍ତି ସରକାର ତାକୁ ଆଦୌ ଗ୍ରହଣ କରୁନାହାନ୍ତି। ଉଚ୍ଚ ନ୍ୟାୟାଳୟକୁ ଯାଉଛନ୍ତି। ସେଠାରେ ବିଫଳ ହେଲେ ଡିଭିଜନ ବେଞ୍ଚ, ସେଠାରୁ ସର୍ବୋଚ୍ଚ ନ୍ୟାୟାଳୟକୁ ଯାଉଛନ୍ତି। ଏମିତି ପାହାଚ ପରେ ପାହାଚ ଚଢ଼ି ଅନ୍ତିମ ଲକ୍ଷ୍ୟରେ ଉପନୀତ ହେବା ସାଧାରଣ ଲୋକଟି ପାଇଁ କେତେ କଷ୍ଟକର ତାହା ସମସ୍ତେ ଜାଣନ୍ତି। ସୁପ୍ରିମକୋର୍ଟରେ ଗୋଟିଏ କେସ୍‌କୁ ଚଳାଇ ରଖିବା ଅତ୍ୟନ୍ତ ଖର୍ଚ୍ଚ ବହୁଳ। ସରକାରଙ୍କ ପାଇଁ ହୁଏତ ଏହା ବଡ଼କଥା ହୋଇ ନ ପାରେ। କିନ୍ତୁ ଯେଉଁ ଅର୍ଥ ଅଯଥାରେ ବ୍ୟୟ ହୁଏ ତାହା ସାଧାରଣ ଜନତାଙ୍କ ଟିକସ ପଇସା। ଲୋକଙ୍କୁ ସେମାନଙ୍କର ଅଧିକାରରୁ ବଞ୍ଚିତ କରିବା ପାଇଁ ସେମାନେ ଦେଇଥିବା ଟିକସ ଅର୍ଥକୁ ବ୍ୟୟ କରିବା ଗୋଟିଏ ଜନମଙ୍ଗଳ ରାଷ୍ଟ୍ର ଚରିତ୍ରର ପରିପନ୍ଥୀ।

ଯଦିଓ ସବୁ ବର୍ଗର ଲୋକଙ୍କ ପାଇଁ ସରକାର ଏହି ରାସ୍ତା ଧରିଛନ୍ତି, କିନ୍ତୁ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ଏହା କଡ଼ାକଡ଼ି ଲାଗୁ କରିଛନ୍ତି। କିଛି ଲୋକ ଆଶ୍ଚର୍ଯ୍ୟପ୍ରକଟ କରି କହିପାରନ୍ତି ସରକାରୀ କର୍ମଚାରୀ ହେଉଛନ୍ତି କାର୍ଯ୍ୟପାଳିକାର ଏକ ଅଂଶ। ଏମାନଙ୍କ କ୍ଷେତ୍ରରେ ସରକାର ସହାନୁଭୂତିଶୀଳ ନ ହୋଇ ଏମିତି କେମିତି କରୁଛନ୍ତି ? ସାଧାରଣତଃ ଏହି ନିଷ୍ପତ୍ତି ଉପର ସ୍ତରରେ ହୁଏ। ଫଳରେ ତଳସ୍ତରର କର୍ମଚାରୀମାନେ ହନ୍ତସନ୍ତ ହୁଅନ୍ତି। ବିଶେଷକରି ଶିକ୍ଷା ବିଭାଗରେ ଏହା ଅଧିକ। ଅନୁଦାନ, ପଦୋନ୍ନତି, ପିଛିଲା ଦରମା, ପେନ୍‌ସନ୍, ଚାକିରି ସର୍ତ୍ତାବଳୀ, ଅବସରକାଳୀନ ସୁବିଧା ସୁଯୋଗ ଇତ୍ୟାଦି ଅଧିକାରକୁ ହାସଲ କରିବା ପାଇଁ ଏହି



ବିଭାଗର କର୍ମଚାରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଚାରାଳୟକୁ ଧାଇଁ ଧାଇଁ ନୟାନ୍ତ ହେଉଛନ୍ତି। ଜଣେ ଅଭିଜ୍ଞ ତଥା ଅନୁଭବୀ ଶିକ୍ଷକଙ୍କଠାରୁ ପ୍ରକାଶ ସରକାର ଯେଉଁ ନିୟମ ନିଜେ ଗଢ଼ିଛନ୍ତି ସେଗୁଡ଼ିକୁ ନିଜେ ଭାଙ୍ଗୁଛନ୍ତି। ଫାଇଲ ଚାଷ ହେଉଛି। ବାରମ୍ବାର ଅଫିସକୁ ଧାଇଁବାକୁ ପଡୁଛି। ବାଧ୍ୟହୋଇ ରାଜରାସ୍ତାକୁ ଆସି ପ୍ରତିବାଦ କରିବାକୁ ପଡୁଛି। ତା'ପରେ ବି ଯେତେବେଳେ ହେଉ ନାହିଁ ନ୍ୟାୟାଳୟ ବ୍ୟତୀତ ତା'ପାଖରେ ଆଉ କିଛି ରାସ୍ତା ହିଁ ନାହିଁ। ଆଇନ ତା' ସପକ୍ଷରେ ଗଲା ପରେ ବି ସରକାର ମାନୁ ନାହାନ୍ତି। ଅନେକ ଉଦାହରଣ ଥିଲେ ମଧ୍ୟ ସବୁ ବିଷୟକୁ ଏଠାରେ ଉପସ୍ଥାପନ କରିବା ସମ୍ଭବ ନୁହେଁ।

ଜଣେ ସରକାରୀ କର୍ମଚାରୀ ପାଇଁ ପେନ୍‌ସନ୍ ହେଉଛି ବାର୍ଦ୍ଧକ୍ୟ ବୟସର ସାହାରା। ଏହା କାହାର ଦୟା କିମ୍ବା ଅନୁକମ୍ପା ନୁହେଁ। ଏହା ତା'ର ଅଧିକାର। ତିରିଶ ବର୍ଷ ଅଥବା ତା'ଠାରୁ ଅଧିକ ସମୟ ଧରି ଦେଶ କିମ୍ବା ରାଜ୍ୟ ପାଇଁ ସେବା କରି ଷାଠିଏ ବର୍ଷ ବୟସରେ ଅବସର ଗ୍ରହଣ କଲା ପରେ ଯଦି ତା'ପାଇଁ ପେନସନ୍‌ର ବ୍ୟବସ୍ଥା ନ ରହେ ତେବେ ଜୀବନର ଅବଶିଷ୍ଟ ସମୟ ଦୁଃଖ ଯନ୍ତ୍ରଣାରେ ଯେ ଭରି ଉଠିବ ଏଥିରେ ସନ୍ଦେହ ନାହିଁ। ବ୍ୟବସ୍ଥାପିକା ସଭାର ସଦସ୍ୟ ଓ ସଦସ୍ୟାଗଣ ମାତ୍ର ପାଞ୍ଚ ବର୍ଷ ନିମନ୍ତେ ଦେଶର ସେବା କରିବାକୁ ଆସି ନିଜ ପାଇଁ ପେନସନ୍ ପାଇବାର ପକ୍କା ବ୍ୟବସ୍ଥା କରିଥିବା ବେଳେ ସରକାରୀ କର୍ମଚାରୀଙ୍କ ପାଇଁ ଥିବା ପେନ୍‌ସନ୍ ନିୟମକୁ ଉଚ୍ଛେଦ କରିବା ପରିତାପର ବିଷୟ। ୨୦୦୪ରେ କେନ୍ଦ୍ର ସରକାର ପୁରୁଣା ପେନ୍‌ସନ୍ ବ୍ୟବସ୍ଥାକୁ ଉଠାଇ ଜାତୀୟ ପେନ୍‌ସନ୍ ସ୍କିମ୍ ପ୍ରଚଳନ କଲେ। ଆମ ରାଜ୍ୟ ସରକାର ମଧ୍ୟ କାଳବିଳମ୍ବ ନ କରି ଏହି ପଥର ଅନୁଗାମୀ ହେଲେ। କର୍ମଚାରୀଙ୍କ କହିବା କଥା ହେଲା ଏହି ସ୍କିମ୍ ଅନୁଯାୟୀ ଯାହା ପେନ୍‌ସନ୍ ମିଳିବ ତାହା ଏତେ ନଗଣ୍ୟ ଯେ ବାର୍ଦ୍ଧକ୍ୟ ଅବସ୍ଥାରେ ଔଷଧ ଖର୍ଚ୍ଚ ପାଇଁ ମଧ୍ୟ ଏହା ନିଅଣ୍ଟ ହେବ। ସମଗ୍ର ଦେଶରେ ଏହା ବିରୋଧରେ ଆନ୍ଦୋଳନ ଚାଲିଛି। କିନ୍ତୁ ଆମ ରାଜ୍ୟରେ ଏହା ବ୍ୟତୀତ ଆଉ ଏକ ଅଭାବନୀୟ ଦୁଃଖଦାୟକ ଦୃଶ୍ୟ ଦେଖିବାକୁ ମିଳୁଛି , ଯେଉଁ ଦୃଶ୍ୟ ବୋଧହୁଏ ଅନ୍ୟ କେଉଁଠି ଦୃଶ୍ୟମାନ ନୁହେଁ। ସରକାରୀ ନିୟମରେ ନିଯୁକ୍ତି, ସରକାରୀ ନିୟମ ଅନୁସାରେ ଦାୟିତ୍ୱ ନିର୍ବାହ, ସରକାରୀ ନିୟମ ଅନୁସାରେ ଅବସର ଗ୍ରହଣ, ମାତ୍ର ସରକାରୀ ନିୟମରେ ଥିବା ଅବସରକାଳୀନ ସୁବିଧାରୁ ବଞ୍ଚିତ। ବାର୍ଦ୍ଧକ୍ୟ ଯୋଗୁ ଉଭୟ ଶାରୀରିକ ଓ ମାନସିକ ଭାବେ ଅସମର୍ଥ ଘୋଷଣା କରି ଯେତେବେଳେ ସେବା ନିବୃତ୍ତ କରାଯାଉଛି ସେତେବେଳେ ପେନସନ୍ ବ୍ୟତିରେକେ ସେ ବଞ୍ଚିବ କେମିତି ତାହା ନଭାବିବା ହଡ଼ା ବଳଦକୁ କଂସେଇ ହାତକୁ ଟେକିଦେବା ସହିତ ସମାନ। ଶିକ୍ଷକତା ଭଳି ସମ୍ମାନଜନକ ବୃତ୍ତିକୁ ଆପଣେଇ ନେଇ ଏକଦା ଗର୍ବ ଅନୁଭବ କରୁଥିବା ଶିକ୍ଷକ ଅଧ୍ୟାପକଙ୍କ ଏ ହେଉଛି ଦୟନୀୟ ଆତ୍ମକାହାଣୀ।

୨୦୦୪ରେ ବ୍ଲକ୍ ଗ୍ରାଣ୍ଟ ଭଳି ଏକ ଅଶୁଭ ଧୂମକେତୁ ଆମ ରାଜ୍ୟର ଶିକ୍ଷା ଆକାଶରେ ଆବିର୍ଭାବ ଫଳରେ ମହାବିଦ୍ୟାଳୟ ଓ ବିଦ୍ୟାଳୟ ସ୍ତରରେ ଏକ ବୃହତ୍ ଅଂଶର ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କ ମନରେ ଗଭୀର କ୍ଷତ ସୃଷ୍ଟି ହେଲା। ପୁଣି କୌଣସି ପେନସନ୍ ସ୍କିମ୍‌ରେ ଅନ୍ତର୍ଭୁକ୍ତ ନ କରି ଶୂନ୍ୟ ପେନସନ୍‌ରେ ଏମାନଙ୍କୁ ବିଦାୟ ଦେବା କଟା ଘା'ରେ ଚୂନ ଲଗାଇବା ସଦୃଶ। ନିକଟରେ ଉଚ୍ଚ ନ୍ୟାୟାଳୟ ପୁଣି ଏକ ଐତିହାସିକ ରାୟ ଶୁଣାଇ କହିଛନ୍ତି ପେନସନ୍ ବାବଦରେ ୧୯୮୧ ରୁଲ୍ ଅନୁଯାୟୀ ୨୦୦୪ ପୂର୍ବରୁ ନିଯୁକ୍ତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପୁରୁଣା ଏବଂ ୨୦୦୪ ପରେ ନିଯୁକ୍ତି ପାଇଥିଲେ ନୂତନ ପେନସନ୍ ଦେବାକୁ ସରକାର ବାଧ୍ୟ। କିନ୍ତୁ ବିଡ଼ମ୍ବନା ହେଉଛି ସରକାରଙ୍କ ତରଫରୁ କୁହାଗଲାଣି 'ଏ ରାୟକୁ ଆମେ କ'ଣ ମାନିବୁ ?' ଏଥିପାଇଁ ସରକାର ଉପର କୋର୍ଟକୁ ଯିବାକୁ ସଜବାଜ ହେଲେଣି। ସମସ୍ତ କଳ ବଳ କୌଶଳ ଖଟାଇ ହାଇକୋର୍ଟର ଏହି ରାୟ ବିରୋଧରେ ଲଢ଼ିବେ ବୋଲି ପ୍ରସ୍ତୁତ ହେଲେଣି।

କୌଣସି ରାୟ ବିରୋଧରେ ଉପର କୋର୍ଟକୁ ଯିବାର ଅଧିକାର ସରକାରଙ୍କର ନାହିଁ ବୋଲି କୁହାଯାଇ ପାରିବ ନାହିଁ। କିନ୍ତୁ ସର୍ବୋଚ୍ଚ କୋର୍ଟର ନିର୍ଦ୍ଦେଶ ଅନୁଯାୟୀ ଜଣକୁ ନ୍ୟାୟ ଦେଇସାରିବା ପରେ ଅନ୍ୟମାନଙ୍କୁ ଏଥିରୁ ବଞ୍ଚିତ କରିବା ପାଇଁ ବାରମ୍ବାର କୋର୍ଟକୁ ଯାଇ ନ୍ୟାୟ ପ୍ରଦାନରେ ବିଳମ୍ବ କରିବାର ମସୁଧା କରିବା ଏକ ନୈତିକ କାର୍ଯ୍ୟ ନୁହେଁ ବୋଲି ସମସ୍ତେ କହିବେ। ପୁନଶ୍ଚ ସର୍ବୋଚ୍ଚ ନ୍ୟାୟାଳୟରେ ହାରିବା ପରେ ସେହି ରାୟକୁ ଅନ୍ୟମାନଙ୍କ କ୍ଷେତ୍ରରେ ମଧ୍ୟ ପ୍ରୟୋଗ ନ କରିବା ଏକ ସାମ୍ବିଧାନିକ ଅନ୍ୟାୟ। ପେନସନ୍ ଦେବା କ୍ଷେତ୍ରରେ ସରକାର ସହାନୁଭୂତିଶୀଳ ହେବା ଦରକାର। ନ୍ୟାୟପାଳିକାର ନିର୍ଦ୍ଦେଶକୁ ସମ୍ମାନ ଦେବା ଉଚିତ। ଏଥିସହିତ ନୂତନ ପେନସନ୍ ସ୍କିମ୍ ଉପରେ ପୁନର୍ବିଚାର କରିବା ଆବଶ୍ୟକ। ବୟସର ଅପରାହ୍ନରେ ଅର୍ଥାଭାବ ଯୋଗୁ ଯଦି ଜଣେ ଚିକିତ୍ସିତ ହୋଇ ନ ପାରିଲା, ଖାଦ୍ୟ, ବସ୍ତ୍ର, ଔଷଧ ପାଇଁ ବାରଦ୍ୱାର ଶୁଙ୍ଘିପିଣ୍ଡା ହେଲା ତେବେ ସେ ନିଜକୁ ଅସହାୟ ମଣିବ। ଅବସର ନେବା ପରେ ବୃଦ୍ଧାଶ୍ରମ ହୁଏତ ତା'ପାଇଁ ଶେଷ ଠିକଣା ପାଲଟିଯିବ।

**ସଭାପତି, ଓଷ୍ଟା**
**ମୋ : ୯୯୩୮୭୬୩୨୩୭**



# ପୂଜାର ଭ୍ରମ

ହରେକୃଷ୍ଣ ଦାସ

ସେ ଦିନ ମନ୍ଦିରରେ ମୁଣ୍ଡିଆ ମାରି ଉଠିଲା ବେଳକୁ ବନ୍ଧୁ କହିଲେ, 'ଏତେଶୀଘ୍ର ସରିଗଲା ଯେ ! ଠାକୁରଙ୍କୁ କିଛି ମାଗିଲନି କି?' ହଁ, ଯାହା ମାଗିବା କଥା ମୁହୂର୍ତ୍ତକେ ମାଗି କାମ ସାରିଦେଲି। ''କ'ଣ ଜଗନ୍ନାଥାଷ୍ଟକମ୍ ଗାଇଲନି କି?'' ବନ୍ଧୁଙ୍କ ପ୍ରଶ୍ନରେ ମୁଁ ପାଲଟା ପଚାରିଲି, 'ଗାଇବାଟା କ'ଣ ଜରୁରୀ?' ମୋ ଉତ୍ତରକୁ ନାପସନ୍ଦ କରି ବନ୍ଧୁ କହିଲେ,ଜଗନ୍ନାଥଙ୍କୁ ମୁଣ୍ଡିଆ ମାରୁଚ, ଅଥଚ ଜଗନ୍ନାଥାଷ୍ଟକମ୍ ଗାଇବନି – ସେ କୋଉ ମୁଣ୍ଡିଆରେ ଯାଏ? ତମେ କ'ଣ ସେ ଅଷ୍ଟକ ଜାଣିନ କି। ହଁ ଜାଣେ। ଛନ୍ଦରେ ଗାଇଲେ ମଧୁର ଶୁଭେ ବୋଲି ଅନେକ ସମୟରେ ଗାଏ। କିନ୍ତୁ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଲା ବେଳେ ଗାଏନି। ରାଗିଯାଇ ବନ୍ଧୁ କହିଲେ, କି ମୂର୍ଖଲୋକ! ଜଣା ଥାଇ ବି ଅଷ୍ଟକ ନ ଗାଇ ତୁଚ୍ଛାଟାରେ ମୁଣ୍ଡିଆ ମାରୁଚ! କହିଲି, 'କାଇଁ, ଅଷ୍ଟକ ନ ଗାଇଲେ କ'ଣ ମୁଁ ଯାହା ମାଗିଲି ଠାକୁର ମତେ ସେତକ ଦେବେନି?' 'ହେଃ, ତମେ ମାଗିଦେଲେ ଯେ ଠାକୁର ଦେଇଦେବେ – ସେକଥା ଭାବନି। କିନ୍ତୁ ଜଗନ୍ନାଥଙ୍କୁ ମୁଣ୍ଡିଆ ମାରିଲାବେଳେ ଅଷ୍ଟକ ଗାଇଲେ ଠାକୁର ସନ୍ତୁଷ୍ଟ ହୁଅନ୍ତି।' ଠାକୁର ସନ୍ତୁଷ୍ଟ ହୁଅନ୍ତି କି ନାହିଁ ସେକଥା ମୁଁ ଜାଣିନି, କିନ୍ତୁ ଅଷ୍ଟକ ଗାଇ ଜଗନ୍ନାଥଙ୍କ ସହ ଭାଣ୍ଡାମି କରିବାକୁ ମୁଁ ଚାହେଁନି। ଉତ୍ୟକ୍ତ ହେଇ ବନ୍ଧୁ କହିଲେ, ''ତା'ମାନେ ଅଷ୍ଟକ ଗାଇ ମୁଣ୍ଡିଆ ମାରିବାଟା ଭାଣ୍ଡାମି! ଆମେମାନେ ସମସ୍ତେ ଭଣ୍ଡ! ଯାକୁ ଲେଖିଥିବା ଶଙ୍କରାଚାର୍ଯ୍ୟ ତା'ହେଲେ ଭଣ୍ଡ? ଏଥିରେ ଭାଣ୍ଡାମି କୋଉଠି ରହିଲା?'' ହେଲେ, ତମେ କି ମୁଁ ତ ଶଙ୍କରାଚାର୍ଯ୍ୟ ନୁହଁ ନା। ତାଙ୍କର ସାଂସାରିକ ଆସକ୍ତି ନ ଥିଲା ବୋଲି ସେ ସମ୍ପୂର୍ଣ୍ଣ ସମର୍ପଣର ଭାଷାରେ ଅଷ୍ଟକ ଲେଖି ଗାଇଲେ। ତାଙ୍କ ଶବ୍ଦ ଓ ଭାବନା ଭିତରେ କିଛି ଫରକ ନ ଥିଲା। କିନ୍ତୁ ମୋର ଭାବନା ତ ତାଙ୍କ ଶବ୍ଦ ସଂଯୋଜନାର ବିପରୀତଧର୍ମୀ। ତାଙ୍କର କୌଣସି ପାର୍ଥିବ ଲାଳସା ନ ଥିଲା, କିନ୍ତୁ ମୋର ତ ଅଛି। ଯଦି ସଂସ୍କୃତରେ ଗାଇବି ଯେ ପ୍ରଭୁ, ମୋର ରାଜ୍ୟ, ସୁନା, ରୁପା, ସୁନ୍ଦର ସ୍ତ୍ରୀ,ଭୋଗବିଳାସ ଆଦି କିଛି ଲୋଡ଼ାନାହିଁ, ଅଥଚ ଓଡ଼ିଆ ଭାଷାରେ ମାଗୁଥିବି ଯେ ପ୍ରଭୁ, ମତେ ଭଲ ଚାକିରି ଦିଅ, ପୁଳାଏ ଟଙ୍କା ରୋଜଗାର କରେଁ, ବଙ୍ଗଳା, ଗାଡ଼ି, ସୁନ୍ଦରୀ ସ୍ତ୍ରୀ ମିଳୁ, ଆରାମରେ ଜୀବନ ବିତୁ, ତା'ହେଲେ ଏଇଟା ଭାଣ୍ଡାମି ହେବ କି ନା। ତା'ଛଡ଼ା, ଜଗନ୍ନାଥ ମୋର ସଂସ୍କୃତ ପ୍ରାର୍ଥନା ନା ଓଡ଼ିଆ ପ୍ରାର୍ଥନା ଶୁଣିବେ। କିଏ ସତରେ କ'ଣ ଶଙ୍କରାଚାର୍ଯ୍ୟଙ୍କ ଭଳିଆ ଭାବନା ରଖି 'ଜଗନ୍ନାଥ ସ୍ୱାମୀ ନୟନପଥଗାମୀ ଭବ ତୁମେ' କହୁଛି କି। ଆମେ ଗୋଟେ ଦିନରେ ଚେଇଁ ରହୁଥିବା ଅଠର ଘଣ୍ଟାରୁ ସତର ଘଣ୍ଟା ପଞ୍ଚାବନ ମିନିଟ ଟାଉଟରର ଜୀବନ ବଞ୍ଚିବା, ଅଥଚ ମାତ୍ର ପାଞ୍ଚ ମିନିଟ ପାଇଁ କରୁଥିବା ପୂଜା ପ୍ରାର୍ଥନାର ଫଳ ଆକାରରେ ଠାକୁର ଆମ ଉପରେ ସଂସାରଯାକର ସୁଖ ଅଜାଡି ଦିଅନ୍ତୁ ବୋଲି ଆଶା କରିବା। ଠାକୁର ଆମର ପାଞ୍ଚ ମିନିଟର ଜୀବନକୁ ଗୁରୁତ୍ୱ ଦେବେ ନା ଗୋଟେ ଦିନର ବାକିତକ ଜୀବନକୁ ଅନୁଧ୍ୟାନ କରିବେ? କେଉଁଟା ଗୁରୁତ୍ୱପୂର୍ଣ୍ଣ– ଆମର ଭାବନା ନା ଆମର ଛଳନାପୂର୍ଣ୍ଣ ଶବ୍ଦ, ଉପଚାର'



ଲଜ୍ଜା ଓ କ୍ରୋଧର ଗୋଟେ ଫେଣ୍ଟାଫେଣ୍ଟି ଚିତ୍ର ବନ୍ଧୁଙ୍କ ମୁହଁରେ ସ୍ପଷ୍ଟ ବାରିହୋଇପଡୁଥାଏ। ଭାବନାକୁ ଚାପି ରଖି ନମ୍ରତାର ସହିତ କହିଲେ, ''ତମେ ଯାହା କହୁଚ ହୁଏତ ଠିକ୍, କିନ୍ତୁ ଏତେ ମନ୍ତ୍ର, ଶ୍ଳୋକ ତା'ହେଲେ ଲେଖା ହେଇଚି କାଇଁକି? ତମ କହିବା ମୁତାବକ ଲୋକ ତ କୋଟିଏରେ ଗୋଟିଏ ବି ମିଳିବା କଷ୍ଟ। ତେବେ କେହି କ'ଣ ସେସବୁ ଗାଇବେନି''। ହଁ ଗାଆନ୍ତୁ। କିନ୍ତୁ କେବଳ ଗାଇବା ସହ ଜଣକର ଭକ୍ତିଭାବକୁ ଯୋଡ଼ିବା ଉଚିତ ନୁହେଁ। ଗୁଡାଏ ମନ୍ତ୍ର ବୋଲି ଶ୍ଳୋକ ଆବୃତ୍ତି କରି ପୂଜା କରୁଥିବା ଲୋକଙ୍କୁ ନିହାତି ଧାର୍ମିକ ବୋଲି ଭାବିବା ଉଚିତ ନୁହେଁ। ଅନେକ ଲୋକ ନିଜକୁ ଧାର୍ମିକ ବୋଲି ଦେଖେଇ ହେବାକୁ ଚେଷ୍ଟା କରନ୍ତି, କେବଳ ଏଥିପାଇଁ ଯେ ଅନ୍ୟମାନେ ତାଙ୍କୁ ଅତ୍ୟନ୍ତ ଧର୍ମପରାୟଣ ବୋଲି ଭାବନ୍ତୁ ଏବଂ କିଛି ବିଧିବିଧାନ ନ କଲେ କାଳେ କୋଉ ଠାକୁର ରାଗିବେ ସେଥିପାଇଁ ପାଇଟି ସାରିଦେବା କଥା। ନ ହେଲେ ଅନ୍ତରରେ ସେମିତି ଧର୍ମବିଚାର କି ସମର୍ପଣଭାବ କିଛି ନ ଥାଏ। ପୂଜାପାଠ କରୁଚି ବୋଲି ଲୋକଙ୍କୁ ଦେଖେଇବାଟା ଏମାନଙ୍କ ପାଇଁ ବେଶି ଗୁରୁତ୍ୱପୂର୍ଣ୍ଣ।

ଆମ କଥାବାର୍ତ୍ତା ଶୁଣି ମୋ ଝିଅ କହିଲା, ଠିକ୍ କଥା ପାପା। କାଲି ମୋ ସାଙ୍ଗ ଦୀପା ଘରେ ଦେଖିଲି ତା' ମମି ମାଣବସା ପୂଜା କରିବା ପାଇଁ ଠାକୁରଙ୍କ ପାଖରେ ମାଣବସାର ଗୀତ ଚଲେଇଦେଇ ବସିଛନ୍ତି। ଦୀପା ତାଙ୍କର କିଛି ଫଟୋ ଉଠେଇ ଦେଲାପରେ ଆଣ୍ଟି ଉଠିଆସି ସେସବୁ ବିଭିନ୍ନ ଆଡେ ଶେୟାର କଲେ। ଏହାଦ୍ୱାରା କାଳେ ନିଜେ ଗୀତ ବୋଲିବାର ଟେନ୍‌ସନ ନାହିଁ ବୋଲି କହୁଥିଲେ। ମୁଁ ମନେମନେ ଭାବୁଥିଲି ଯେ ମାଣବସାର ଭିଡିଓ ଚଲେଇଦେଇଥିଲେ ତାଙ୍କୁ ଆଦୌ ପୂଜା ବି କରିବାକୁ ପଡ଼ି ନ ଥାଆନ୍ତା। ଏମିତିଆ ପୂଜା କଲେ ବି କ'ଣ ଚଳିବ? ପ୍ରଶ୍ନିଳ ଆଖିରେ ଝିଅ ଚାହିଁଥିବାର ଦେଖି ମୁଁ କହିଲି, ଶୁଣ, ଠାକୁର କାହାକୁ ବାଧ କରିନାହାନ୍ତି ତାଙ୍କୁ ପୂଜା କରିବାକୁ। ଆମେ ଆମର ଭକ୍ତି, ଭୟ କିମ୍ବା ସ୍ୱାର୍ଥ ଦୃଷ୍ଟିରୁ ପୂଜା କରୁ। ଭକ୍ତିଭାବ ନ ଥାଇ ପୂଜିଲେ ଠାକୁର ସେସବୁ କେବେ ବି ଚଳେଇ ନିଅନ୍ତିନି। ଆଦୌ ନ ପୂଜିବା ଅପେକ୍ଷା ଭଣ୍ଡ ପୂଜା କରିବା ଖରାପ।

ଏତିକି ବେଳେ ବନ୍ଧୁଙ୍କ ଝିଅ ଦୌଡି ଆସି କହିଲା, ବାପା, ବୋଉ ସେପଟେ ଦୀପ ଲଗଉଥିବା ସମୟର ଗୋଟେ ଭଲ ଫଟୋ ଉଠେଇଦେବା ପାଇଁ ତମକୁ ଅପେକ୍ଷା କରିଥିଲା, କିନ୍ତୁ ତମେ ଏଠି ଗପୁଛ। ବନ୍ଧୁଙ୍କ ପତ୍ନୀ ରାଗରେ ଆଖି ଲାଲ ଲାଲ କରି ଆସି ପହଞ୍ଚିଯାଇ ଦାନ୍ତ କଡମଡ କରି ବର୍ଷିଗଲେ। 'ତମ ଭଳିଆ ଅପଦାର୍ଥ ଲୋକ! ମତେ ପୂଜାରେ ବି ଟିକେ ସହଯୋଗ କରୁନ!' ମୁଁ ହସିଦେଇ କହିଲି, ତମେ ସିନା ପୂଜା କରୁଚ, ହେଲେ ଠାକୁରଙ୍କୁ ସନ୍ତୁଷ୍ଟ କରିବାର ଫର୍ମୁଲାଟା ୟାଙ୍କଠୁ ଶିଖ।' ସେମିତି ରାଗ ତମତମ ହେଇ ସେ କହିଲେ, ''ହୁଁ, ଗୁଡାଏ ଶ୍ଳୋକ ଘୋଷିଦେଇ ଫୁଟାଣି ଦେଖେଇ ଗାଇବୁଲିଲେ ଭଣ୍ଡ କେବେ ସାଧୁ ହେଇଯାଏନି। ଏ ଭଳିଆ ଲୋକ ଲକ୍ଷେ ଜନ୍ମ ନେଲେ ବି ଠାକୁର ୟାଙ୍କ ଉପରେ କେବେ ବି ସନ୍ତୁଷ୍ଟ ହେବେନି।'' ଏ କଥା ଶୁଣି ଝିଅ ଧୀରେ କହିଲା, 'ପୂଜାର ଅସଲ ରହସ୍ୟଟା ଆଣ୍ଟିଙ୍କୁ ହିଁ ଜଣା।'

**ମୋ: ୯୮୬୧୩୪୫୬୫୮**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | | | | | | |
| | | | 3 | | 1 | | | |
| | 3 | | | | 4 | 2 | 5 | |
| | | | | | | | 6 | 8 |
| 7 | | 3 | 9 | | | | | |
| | 9 | 5 | | | | | 7 | |
| 6 | | | 4 | | | | | |
| 2 | 4 | | | 9 | 8 | | | 7 |
| | | 8 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 8 | 5 | 1 | 3 | 6 | 4 | 9 |
| 5 | 3 | 4 | 6 | 9 | 2 | 7 | 1 | 8 |
| 9 | 6 | 1 | 7 | 4 | 8 | 2 | 5 | 3 |
| 6 | 7 | 9 | 3 | 2 | 4 | 1 | 8 | 5 |
| 4 | 5 | 2 | 1 | 8 | 7 | 3 | 9 | 6 |
| 8 | 1 | 3 | 9 | 5 | 6 | 4 | 2 | 7 |
| 2 | 8 | 7 | 4 | 3 | 5 | 9 | 6 | 1 |
| 1 | 4 | 6 | 8 | 7 | 9 | 5 | 3 | 2 |
| 3 | 9 | 5 | 2 | 6 | 1 | 8 | 7 | 4 |

ଗତକାଲିର ଉତ୍ତର

## ଏଇ ଭାରତରେ

ସାମ୍ପ୍ରତିକ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ରୋକିବାକୁ ହେଲେ କୃଷି କ୍ଷେତ୍ରରେ ପରିବେଶ ଉପଯୋଗୀ ପଦ୍ଧତିକୁ ଆପଣାଇବା ଜରୁରୀ ହୋଇପଡ଼ିଲାଣି। ଜୈବିକ ସାର ଓ ଖତର ବ୍ୟବହାର ବ୍ୟାପକ କରାଯିବା ଲାଗି ଚେଷ୍ଟା ଜାରି ରହିଛି। ଇତିମଧ୍ୟରେ ଜୈବିକ ଜିଆଖତ ପ୍ରସ୍ତୁତି ପାଇଁ ଆଇଆଇଟି ପ୍ରାଧ୍ୟାପକ ଓ ତାଙ୍କ ଟିମ୍ ଏକ ନୂତନ ଯନ୍ତ୍ର ଆବିଷ୍କାର କରିଛନ୍ତି; ଯେଉଁଥିରେ ପାରମ୍ପରିକ ପଦ୍ଧତି ତୁଳନାରେ ଅଧା ସମୟରେ ଜିଆଖତ ତିଆରି କରାଯାଇପାରୁଛି। ଗୁଆହାଟି ଆଇଆଇଟି ଗବେଷକ ଡ. ଅଜୟ ଏସ୍ କାଲାମାଧା ଏହି ମେଶିନ ନିର୍ମାଣ କରିଛନ୍ତି। ଡ. ଅଜୟ ସିଭିଲ ଇଞ୍ଜିନିୟରିଂ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ। ତାଙ୍କ ଦ୍ୱାରା ନିର୍ମିତ ମେଶିନରେ ଉଚ୍ଚମାନର ଜିଆଖତ ତିଆରି ହେଉଛି; ଯାହାର ନାମ 'ମାଟିଧନ'। ଖତ ମାତ୍ର ୨୭ ଦିନ ମଧ୍ୟରେ ହୋଇପାରୁଛି। ଏଥିରେ ଅନ୍ୟ ଖତ ତୁଳନାରେ ଅଧିକ ଯବକ୍ଷାରଜାନ ରହୁଛି। ଗୋଟିଏ ମାସ ଭିତରେ ୨୫୦ରୁ ୩୫୦ କେ.ଜି. ବର୍ଜ୍ୟରୁ ୧୦୦-୧୫୦ କେ.ଜି. ଜିଆଖତ ମିଳିପାରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଫେବୃଆରୀ ୧୯୭୫

- ଭଞ୍ଜନଗର ଏନ୍.ଏ.ସି. ଚେୟାରମ୍ୟାନ୍ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀରାମ ନାରାୟଣ ସିଂହ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ।
- ଚିକିତ୍ସା ବିଜ୍ଞାନ ଇତିହାସରେ ସର୍ବପ୍ରଥମେ କାମଳ ରୋଗର ଜୀବାଣୁ ଚିହ୍ନିବାରେ ଭାରତର ହପକିନ ଅନୁଷ୍ଠାନ ସଫଳ।
- ଦିର୍ଘ ୧୪ ବର୍ଷର ବ୍ୟବଧାନ ପରେ ଭାରତ ଓ ପର୍ତ୍ତୁଗାଲ ମଧ୍ୟରେ ଜାହାଜ ଚଳାଚଳ ପୁନରାରମ୍ଭ।

## ଚିରନ୍ତନୀ

ସବୁବେଳେ ଛଟପଟ
ଦିନରାତି କାଉଁ କାଉଁ
ଦେଇଛି ସକାଳେ ପେଇ
ଟୋପେ ତାକୁ ଚିନାଜାଉ।
–(ଚାଷୀର ଭାଗ୍ୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମହାପ୍ରସାଦ ନଷ୍ଟକାରୀଙ୍କୁ ସେବାରୁ ନିବୃତ୍ତ କରାଯାଉ

ମହାଶୟ,

ସେବାୟତଙ୍କ ପାଇଁ ଯେଉଁଭଳି ଭାବେ ଶ୍ରୀମନ୍ଦିର ମହାପ୍ରଭୁଙ୍କ ନୀତିକାନ୍ତି ଅଟକିଲା ଏବଂ ମହାପ୍ରସାଦ ନଷ୍ଟହେଲା ଏହା ଘୋର ପରିତାପର ବିଷୟ। ବିଶେଷ କରି ଖାଦ୍ୟ ନଷ୍ଟ ରୋକିବାକୁ ସମଗ୍ର ପୃଥିବୀରେ ପ୍ରୟାସ ଜାରି କରହିଥିବା ବେଳେ ମହାପ୍ରସାଦ ନଷ୍ଟ ଘଟଣା ଜଗନ୍ନାଥପ୍ରେମୀଙ୍କୁ ଆଘାତ ଦେଇଛି। ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ଖାଦ୍ୟ ନ ପାଇ ଅନେକ ଭୋକିଲା ରହୁଥିବା ବେଳେ ମହାପ୍ରସାଦ ନଷ୍ଟଭଳି ଘଟଣା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଦୁଃଖଦାୟକ। ସବୁଠାରୁ ପରିତାପର ବିଷୟ ହେଉଛି ବିବାହ, ବ୍ରତ, ଜନ୍ମଦିନ ଏବଂ ଶୁଦ୍ଧିକ୍ରିୟା ପାଇଁ ମହାପ୍ରସାଦ ବରାଦ ଦେଲେ ମଧ୍ୟ ମିଳିପାରୁନାହିଁ। ଫଳରେ ନିମନ୍ତ୍ରିତ ଅତିଥିମାନେ ମହାପ୍ରସାଦ ନ ପାଇ ଫେରିଯାଉଛନ୍ତି । ଏତଦ୍‌ବ୍ୟତୀତ ବିଳମ୍ବିତ ନୀତି ପାଇଁ ରତ୍ନସିଂହାସନରେ ମହାପ୍ରଭୁ ରାତିସାରା ଅନିଦ୍ରା ରହିବା ଘଟଣା ଜଗନ୍ନାଥପ୍ରେମୀଙ୍କୁ ଦୁଃଖ ଦେଇଛି। ଶ୍ରୀମନ୍ଦିର ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁ ମହାପ୍ରସାଦ ନଷ୍ଟ ଏବଂ ମହାପ୍ରଭୁଙ୍କ ନୀତି ବିଭ୍ରାଟ ହୋଇଥିବାରୁ ମହାପ୍ରସାଦ ନଷ୍ଟକାରୀଙ୍କ ଠାରୁ କ୍ଷତିପୂରଣ ଆଦାୟ କରାଯିବା ସହ ସେମାନଙ୍କୁ ସେବାରୁ ନିବୃତ୍ତ କରାଗଲେ ଭବିଷ୍ୟତରେ ଏଭଳି ଘଟଣା ଘଟିବ ନାହିଁ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ଛୁଆହାତୀକୁ ମାରିଦେଲା ଦନ୍ତା

ଟେନ୍‌ସା, ୧୩।୨ (ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ରେଞ୍ଜ ଗଣୁଆ ଫରେଷ୍ଟ ବିଟ୍‌ର ମାଲଦା ଜଙ୍ଗଲରେ ମଙ୍ଗଳବାର ଦନ୍ତା ଆକ୍ରମଣରେ ଏକ ଛୁଆହାତୀର ମୃତ୍ୟୁ ଘଟିଛି। କୋଇଡା ବନବିଭାଗ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ହାତୀ ଛୁଆକୁ ଜବତ କରି ତଦନ୍ତ ଚଳାଇଛନ୍ତି। ହାତୀଟି ଛୁଆ ଜନ୍ମ ଦେବା ପରେ ଦନ୍ତା ଆକ୍ରମଣ କରି ମାରି ଦେଇଥିବା ବଣାଇଁ ଉପଖଣ୍ଡ ବନ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ତଦନ୍ତରୁ ଜଣାପଡିଛି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଡିଏଫଓ ପାତ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସ୍ଥାନୀୟ ଲୋକେ କାଠ ଆଣିବା ପାଇଁ ମାଲଦା ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ହାତୀ ଛୁଆର ମୃତ୍ୟୁ ହୋଇଥିବା ଦେଖି କୋଇଡା ବନ ବିଭାଗକୁ ଖବର ଦେଇଥିଲେ।

# ପିଏମ୍ ଯୁବ ୨.୦ ପାଇଁ ଗାଳ୍ପିକା ରୋଜାଲିନ ମହାନ୍ତି ମନୋନୀତ

### ୬ ମାସରେ ପାଇବେ ୩ଲକ୍ଷ ଟଙ୍କା

ଭୁବନେଶ୍ୱର, ୧୩।୨ (ଶର୍ମିଷ୍ଠା ପାଣିଗ୍ରାହୀ)

ପିଏମ୍ ଯୁବ ମେଣ୍ଟରଶିପ୍-୨.୦ ଯୋଜନାରେ ମନୋନୀତ ହୋଇଛନ୍ତି ଯୁବ ଲେଖିକା ରୋଜାଲିନ ମହାନ୍ତି। ଏଥିପାଇଁ କେନ୍ଦ୍ର ସରକାର ମାସିକ ୫୦ ହଜାର ଟଙ୍କା ଲେଖାଏ ୬ ମାସ ପର୍ଯ୍ୟନ୍ତ ମୋଟ ୩ଲକ୍ଷ ଟଙ୍କା ପ୍ରଦାନ କରିବେ। ଏଥିସହ ତାଙ୍କ ପାଣ୍ଡୁଲିପି ନ୍ୟାଶନାଲ୍ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଦ୍ୱାରା ପୁସ୍ତକ ଆକାରରେ ପ୍ରକାଶ ପାଇବ ଏବଂ ଅନ୍ୟ ଭାରତୀୟ ଭାଷାରେ ଅନୂଦିତ ହେବ।

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଓ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ପକ୍ଷରୁ ୩୦ ବର୍ଷ ବୟସ ଭିତରେ ଥିବା ଯୁବଲେଖକଙ୍କଠାରୁ ପାଣ୍ଡୁଲିପି ଆହ୍ୱାନ କରାଯାଇଥିଲା। ଦେଶର ବିଭିନ୍ନ ଭାଷାରୁ ମନୋନୀତ



ମୋଟ ୪୪ଜଣ ଲେଖକଙ୍କ ମଧ୍ୟରେ ଏକମାତ୍ର ଓଡ଼ିଆ ଯୁବ ଲେଖକ ଭାବେ ରୋଜାଲିନ ରହିଛନ୍ତି। ଏଥିସହ 'ଗଣତନ୍ତ୍ର' ବିଷୟକୁ ନେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଉପରେ ଲିଖିତ ତାଙ୍କ ପାଣ୍ଡୁଲିପିକୁ ମନୋନୀତ କରାଯାଇଛି। ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସିଦ୍ଧପୋଖରୀ ଗ୍ରାମର କୁମରବର ମହାନ୍ତି ଓ ସ୍ୱର୍ଗତା ସୁଧାଂଶୁବାଳା ମହାନ୍ତିଙ୍କ ସୁକନ୍ୟା ରୋଜାଲିନ ଗଳ୍ପ, କବିତା ରଚନା ସହ ଆକାଶବାଣୀ ଓ ଦୂରଦର୍ଶନ ଉପସ୍ଥାପିକା ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃଆରୀ ୧୦ରେ ଏନ୍‌ବିଟି ପକ୍ଷରୁ ଦିଲ୍ଲୀର ପ୍ରଗତି ମଇଦାନରେ ଆୟୋଜିତ ୱାର୍ଲ୍ଡ ବୁକ୍ ଫେୟାରରେ ମନୋନୀତ ସମସ୍ତ ଯୁବଲେଖକଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରାଯିବା ସହ ୧୧ ଫେବୃଆରୀରେ ରାଷ୍ଟ୍ରପତିଙ୍କ ସହ ଭେଟ ଏବଂ ଭାବ ବିନିମୟର ସୁଯୋଗ ଦିଆଯାଇଥିଲା।

# ଅର୍ଚ୍ଚନାଙ୍କ ଦୁଇ ଦାମୀ ଗାଡ଼ି ନିଲାମ ହେବ

ଭୁବନେଶ୍ୱର, ୧୩।୨ (ସତ୍ୟଜିତ୍ ରାଉତ)

ବହୁଚର୍ଚ୍ଚିତ ହନିଟ୍ରାପ୍ ଓ ବେଆଇନ ଅର୍ଥ କାରବାର ମାମଲାରେ ଛନ୍ଦି ହୋଇଥିବା ଅର୍ଚ୍ଚନା ନାଗଙ୍କ ଦୁଇଟି ଦାମୀ ଗାଡ଼ି ନିଲାମ ହେବ। ଏନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଇଡି ପକ୍ଷରୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର କୋର୍ଟରେ ନିଲାମ ନେଇ ଆବେଦନ କରାଯାଇଛି। ଏହି ଦୁଇ ଗାଡ଼ି ମଧ୍ୟରୁ ଗୋଟିଏ ଫୋର୍ଡ ଏଣ୍ଡେଭର ହୋଇଥିବାବେଳେ ଅନ୍ୟଟି ମହିନ୍ଦ୍ରା ଥର୍ ରହିଛି। ଏହି ଗାଡ଼ି ଦୁଇଟିର କ୍ରୟ ମୂଲ୍ୟ ୫୬ ଲକ୍ଷ ବୋଲି ଇଡି ଦର୍ଶାଇଛି। ହନିଟ୍ରାପ୍ ଦ୍ୱାରା ଅର୍ଜିତ ଅର୍ଥରେ ଏହି ଗାଡିଦୁଇଟିକୁ ଅର୍ଚ୍ଚନା କିଣିଥିବା ଇଡି ଉକ୍ତ ନିଲାମ ଆବେଦନରେ ଦର୍ଶାଇଥିବା ସୂଚନା ମିଳିଛି। ଅର୍ଚ୍ଚନା ଗିରଫ ହୋଇ ଜେଲରେ ଥିବାବେଳେ ଇଡି ଟିମ୍ ପ୍ରଥମେ ମହିନ୍ଦ୍ରା ଥର୍ ଏବଂ ୨୦୨୨ ନଭେମ୍ବର ୨୦ରେ ତାଙ୍କ ୩୩ଲକ୍ଷ ଟଙ୍କାର ଫୋର୍ଡ ଏଣ୍ଡେଭରକୁ ମଞ୍ଚେଶ୍ୱର ଶିଳ୍ପାଞ୍ଚଳର ଏକ ଘରୋଇ କଲେଜ ସମ୍ମୁଖରୁ ଜବତ କରିଥିଲା। ତେବେ ପୂର୍ବରୁ ଖଣ୍ଡଗିରି ଏବଂ ନୟାପଲ୍ଲୀ ଥାନା ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳିଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ହୋଇଥିବା ବେଆଇନ ଅର୍ଥ କାରବାର ମାମଲାରେ ଗତ ଡିସେମ୍ବର ୪ରେ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ। ଫଳରେ ୧୪ ମାସ ପରେ ଡିସେମ୍ବର ୧୨ରେ ଅର୍ଚ୍ଚନା ଝାରପଡ଼ା ଜେଲରୁ ବାହାରିଥିଲେ।



# ବୋମା ବିସ୍ଫୋରଣରେ ଆହତ ଦନ୍ତା ମୃତ

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ଭରତପୁର ଜଙ୍ଗଲରେ ବୋମା ବିସ୍ଫୋରଣରେ ଆହତ ହୋଇଥିବା ଏକ ଦନ୍ତା ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଏହି ହାତୀଟି ଖୋର୍ଦ୍ଧା ଜଙ୍ଗଲରୁ ଆସିଥିବା ଅନୁମାନ କରାଯାଉଛି। ତେବେ ବନ କର୍ମଚାରୀମାନେ ସୋମବାର ଭରତପୁର ଜଙ୍ଗଲରେ ଗୁରୁତର ଆହତ ଅବସ୍ଥାରେ ଉକ୍ତ ହାତୀକୁ ଠାବ କରିଥିଲେ। ପରେ ଓୟୁଏଟି ଏବଂ ନନ୍ଦନକାନନ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସେଠାରେ ହାତୀଟିର କରାଯାଉଥିଲା। ସୋମବାର ମଧ୍ୟରାତ୍ରରେ ହିଁ ତା'ର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚିକିତ୍ସା କରିଥିବା ଡାକ୍ତରଙ୍କ କହିବାନୁଯାୟୀ, ପ୍ରାୟ ୧୫ଦିନ ତଳୁ ହାତୀଟି ବିସ୍ଫୋରଣର ଶିକାର ହୋଇଥିବା ଜଣାପଡୁଛି। ବାରହା ଶିକାର ପାଇଁ ଶିକାରୀ ଖଞ୍ଜିଥିବା ବୋମାକୁ ଖାଇବାବେଳେ ବିସ୍ଫୋରଣରେ ହାତିଟି ଗୁରୁତର ଆହତ ହୋଇଥିବା ଅନୁମାନ କରାଯାଉଛି। ହାତୀଟିର ଜିଭ ଛିଡ଼ିଯିବା ସହ ମାଡ଼ି ହାଡ଼ ଫାଟି ନଷ୍ଟ ହୋଇଯାଇଥିଲା। ତେବେ ବୋମା ବିସ୍ଫୋରଣରେ ଦନ୍ତା ହାତୀର ମୃତ୍ୟୁ ମାମଲାରେ ତଦନ୍ତ ଆରମ୍ଭ ହୋଇଛି। କେଉଁ ସ୍ଥାନରେ ବୋମା ଖଞ୍ଜା ଯାଇଥିଲା, ବୋମା କିଏ ଖଞ୍ଜି ଥିଲା ସେସବୁର ଅନୁଧ୍ୟାନ କରାଯାଉଛି ବୋଲି ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ମଙ୍ଗଳବାର ସୂଚନା ଦେଇଛନ୍ତି। ଅପରପକ୍ଷେ ହାତୀ ଶିକାର କ୍ଷେତ୍ରରେ ଓଡ଼ିଶାରେ ଏଭଳି ଘଟଣା ନୂଆ ବୋଲି କୁହାଯାଉଛି। ଯଦିଓ ପୂର୍ବରୁ ଏଭଳି ଘଟଣା କେରଳରେ ଦେଖିବାକୁ ମିଳିଥିଲା, ତେବେ ଭୁବନେଶ୍ୱର ଉପକଣ୍ଠରେ ଶିକାରୀଙ୍କ ଏଭଳି ବର୍ବର ଶିକାର ଶୈଳୀକୁ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ଚିନ୍ତାପ୍ରକଟ କରିଛନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ, ବାରହା ଶୀକାର ପାଇଁ ଏଭଳି ବୋମା ଖଞ୍ଜାଯାଇଥାଏ। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ବାରହା ଶିକାର ପାଇଁ ବୋମା ଖଞ୍ଜାଯାଇଥିଲା ନା ହାତୀ ଶିକାର ପାଇଁ ଏଭଳି ହୋଇଥିଲା। ସରକାରୀ ତଥ୍ୟାନୁସାରେ, ଗତ ୫ ବର୍ଷରେ ରାଜ୍ୟରେ ୪୩୦ ହାତୀଙ୍କ ଜୀବନ ଯାଇଛି। ସେଥିମଧ୍ୟରୁ ଶିକାର ଯୋଗୁ ୨୨ଟି ହାତୀର ଜୀବନ ଯାଇଥିବାବେଳେ ଯୋଜନାବଦ୍ଧ ହତ୍ୟାରେ ୨ ଓ ବିଷକ୍ରିୟାରେ ଗୋଟିଏ ହାତୀର ମୃତ୍ୟୁ ହୋଇଛି।

# ଆନ୍ଦୋଳନରେ ଶିକ୍ଷକ, ପରୀକ୍ଷା ପରିଚାଳନା ବାଧାପ୍ରାପ୍ତ ଆଶଙ୍କା

### ୧୬ରେ ଯୁକ୍ତ୨, ୨୦ରେ ମାଟ୍ରିକ ପରୀକ୍ଷା

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ଆସିଲାଣି ପରୀକ୍ଷା ଋତୁ। କିନ୍ତୁ ଆନ୍ଦୋଳନରେ ଶିକ୍ଷକ। ଦାବି ପୂରଣ ନ ହେଲେ ପରୀକ୍ଷା ପରିଚାଳନାକୁ ନେଇ ଦୃଢ଼ ପଦକ୍ଷେପ ନେଇପାରନ୍ତି ଶିକ୍ଷକ। ତେଣୁ ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସରକାର ଦାବି ପୂରଣ କରନ୍ତୁ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି। ଏ ପରିସ୍ଥିତିରେ ଆସନ୍ତା ମାଟ୍ରିକ, ଯୁକ୍ତ୨ ପରୀକ୍ଷା ପରିଚାଳନାରେ ଗୁରୁତର ସମସ୍ୟା ଉପୁଜିପାରେ ବୋଲି ଆଶଙ୍କା ଦେଖାଗଲାଣି।

ଆସନ୍ତା ୨୦ତାରିଖରୁ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ତେବେ ପରୀକ୍ଷା ସମୟ ପାଖେଇ ଆସୁଥିଲେ ମଧ୍ୟ ଶିକ୍ଷକଙ୍କ ଚେତାବନୀକୁ ନେଇ ଚିନ୍ତା ବଢ଼ିଛି। ଗତ ୭ ତାରିଖରୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ମାଧ୍ୟମିକ ଶିକ୍ଷକମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆନ୍ଦୋଳନରେ ବସିଛନ୍ତି। ରାଜ୍ୟରେ ଥିବା ୩,୫୦୦ ହାଇସ୍କୁଲର ପ୍ରାୟ ୩୫ହଜାର ଶିକ୍ଷକ ଏଥିରେ ସାମିଲ ହୋଇଛନ୍ତି। ଏଥିମଧ୍ୟରେ ୨,୬୦୮ନୂତନ ଅନୁଦାନପ୍ରାପ୍ତ, ୬୦୮ଟି ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲର ଶିକ୍ଷକ ଥିବାବେଳେ ବାକିସବୁ ସ୍କୁଲଗୁଡ଼ିକ ୩୦ବର୍ଷ ହେଲା କାର୍ଯ୍ୟ କରୁଥିଲେ ମଧ୍ୟ ଅନୁଦାନ ପାଇନାହାନ୍ତି। ଅନୁଦାନ ପାଇ ନ ଥିବା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଅବସରକାଳୀନ ସୁବିଧା, ୨୨୬ ଓ ୩୧୯ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ କରିବା ଆଦି ଦାବିକୁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପାଳନ କରୁ ନ ଥିବାରୁ ଶିକ୍ଷକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ଦିଗରେ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ କରନ୍ତୁ ବୋଲି ଓଷ୍ଟା ଦାବି କରିଛି। ଯଦି ସରକାର ପରୀକ୍ଷା ପୂର୍ବରୁ କୌଣସି ନିଷ୍ପତ୍ତି ନ ନିଅନ୍ତି, ତେବେ ଆମେ ପରୀକ୍ଷା ପରିଚାଳନାରେ କିଛି ଦୃଢ଼ ପଦକ୍ଷେପ ନେବୁ ବୋଲି ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ସେ କହିଛନ୍ତି, ଦାବି ନେଇ ସରକାରଙ୍କ ସହ ବାରମ୍ବାର ଆଲୋଚନା ହେଉଛି, ପ୍ରତିଶ୍ରୁତି ମଧ୍ୟ ମିଳୁଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ନିଜେ ଏ ଦିଗରେ ହସ୍ତକ୍ଷେପ କରି ନିଷ୍ପତ୍ତି ନିଅନ୍ତୁ। ନଚେତ୍ ମାଟ୍ରିକ ପରୀକ୍ଷା ପରିଚାଳନାରେ ବହୁ ସମସ୍ୟା ହେବ। ସେଥିପାଇଁ ସରକାର ଦାୟୀ ରହିବେ।

ସେପଟେ ରାଜ୍ୟର ୬୮୪ଟି କଲେଜର ଅଧ୍ୟାପକମାନେ ମଧ୍ୟ ଆନ୍ଦୋଳନରେ ଅଛନ୍ତି। ଫଳରେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବାକୁ ଥିବା ଯୁକ୍ତ୨ ପରୀକ୍ଷା ପରିଚାଳନାରେ ବି ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି। ୬୬୨ ବର୍ଗ କଲେଜ ସଂଘର ଆନ୍ଦୋଳନକୁ ବର୍ଷେ ପୂରିଛି। ଏହା ଭିତରେ ୭ଥର ମହାସମାବେଶ ମଧ୍ୟ ହୋଇଛି। ଗତ ୫ ତାରିଖରେ ମଧ୍ୟ ଅଧ୍ୟାପକମାନେ ଭୁବନେଶ୍ୱରରେ ବିକ୍ଷୋଭ କରିଥିଲେ। ସମାନ କାମକୁ ସମାନ ଗ୍ରେଡ୍ ପେ ଆଧାରରେ ଦରମା ପ୍ରଦାନ, ଏହି ବର୍ଗର କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପରିସରଭୁକ୍ତ କରିବା, ୨୦୧୮ ଜିଓରେ ଉପକୃତ କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଆଧାରରେ ଦରମା ପ୍ରଦାନ ଓ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ଦାବିରେ ୫ହଜାର ଶିକ୍ଷକ ଏବଂ ୪ହଜାର ଅଣଶିକ୍ଷକ ଏହି ବିକ୍ଷୋଭରେ ସାମିଲ ଥିଲେ। ତେବେ ୬ତାରିଖ ଦିନ ସରକାର ସଂଘ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଦାବି ପୂରଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ସହ ପରୀକ୍ଷାରେ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଆମରଣ ଅନଶନକୁ ସାମୟିକ ସ୍ଥଗିତ ରଖାଯାଇଛି। କିନ୍ତୁ ପ୍ରତିଦିନ ସବୁ କଲେଜ ସମ୍ମୁଖରେ ଶିକ୍ଷକମାନେ ଏକଘଣ୍ଟା ଧାରଣାରେ ବସୁଛନ୍ତି। ଆସନ୍ତା ଯୁକ୍ତ୨ ପରୀକ୍ଷା ପୂର୍ବରୁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ସଂଘ ସଭାପତି ଗୋଲକ ନାୟକ କହିଛନ୍ତି। ସେ କହିଛନ୍ତି, ପିଲାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ଆମରଣ ଅନଶନକୁ ସ୍ଥଗିତ ରଖିଲୁ। ଏବେ ଦାବି ପୂରଣ ନେଇ କୌଣସି ପଦକ୍ଷେପ ନିଆଯାଉନାହିଁ। ସରକାର ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ମଧ୍ୟରେ ଦୂରତା ସୃଷ୍ଟି କରୁଛନ୍ତି। ଆମେ ଆଗରୁ କେବେ ପରୀକ୍ଷାରେ ଅସହଯୋଗ କରିନାହୁଁ। ତେଣୁ ଏଥର ବି କରିବୁନି। କିନ୍ତୁ କଳାବ୍ୟାଜ୍ ପିନ୍ଧି ପରୀକ୍ଷା ପରିଚାଳନା କରିବୁ। ଆବଶ୍ୟକ ପଡ଼ିଲେ ମୂଲ୍ୟାୟନ ବର୍ଜନ କରିବୁ ବୋଲି ନାୟକ କହିଛନ୍ତି।

# ସତ୍ୟେନ୍ଦୁ କର ରାଜ୍ୟ ଟପ୍ପର

### ଜେଇଇ ମେନ୍ (ସେସନ-୧) ପରୀକ୍ଷା ଫଳ ପ୍ରକାଶ

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ମେନ୍(ସେସନ୍-୧) ୨୦୨୪ ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଏଥିରେ ଦେଶର ୨୩ଜଣ ଛାତ୍ର ୧୦୦ ପର୍ସେଣ୍ଟାଇଲ ରଖିଥିବାବେଳେ ଗୁଜରାଟର ଦ୍ୱିଜା ଧର୍ମେଶକୁମାର ପଟେଲ ୯୯.୯୯ ପର୍ସେଣ୍ଟାଇଲ ରଖି ଛାତ୍ରୀଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି। ତେବେ ଏଥିରେ ଓଡ଼ିଶାର ସତ୍ୟେନ୍ଦୁ କର ୯୯.୯୮ ପର୍ସେଣ୍ଟାଇଲ ରଖି ରାଜ୍ୟ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି ଭୁବନେଶ୍ୱରସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲର ଛାତ୍ର।


ସତ୍ୟେନ୍ଦୁ କର

ସୂଚନାଯୋଗ୍ୟ, ଏହି ପରୀକ୍ଷା ୨୯୧ ସହରର ୫୪୪ କେନ୍ଦ୍ରରେ ହୋଇଥିଲା। ଏଥିମଧ୍ୟରେ ଦେଶ ବାହାରେ ୨୧ଟି ପରୀକ୍ଷା କେନ୍ଦ୍ର ରହିଥିଲା। ଏଥର ପ୍ରଥମଥର ଆବୁଧାବି, ହଂକଂ ଏବଂ ଓସ୍‌ଲୋ ସହରରେ ପରୀକ୍ଷା ହୋଇଥିଲା। ଇଂଲିଶ, ହିନ୍ଦୀ, ଓଡ଼ିଆ ସମେତ ମୋଟ ୧୩ଟି ଭାଷାରେ ଏହି ପରୀକ୍ଷା କରାଯାଇଥିଲା। ମୋଟ ୧୨ଲକ୍ଷ ୨୧ହଜାର ୬୨୪ଜଣ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିବାବେଳେ ୧୧ଲକ୍ଷ ୭୦ହଜାର ୦୪୮ଜଣ ପରୀକ୍ଷା ଦେଇଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ


ଅତିଥିବୃନ୍ଦ ୨ ହିତାଧିକାରୀଙ୍କୁ ପୁସ୍ତକ ପ୍ରଦାନ କରୁଛନ୍ତି।

ଗୁଡଭେଲା, ୧୩।୨ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକର ଜାମୁଟ, ଗମ୍ଭାରୀଗୁଡ଼ା ଓ ଘୁନା ଗ୍ରାମପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଯୋଜନା ଦ୍ୱାରା ଗ୍ରାମାଞ୍ଚଳର ଭିତ୍ତିଭୂମି ସୁଦୃଢ଼ ହେବାକୁ ଯାଉଛି ବୋଲି ମନ୍ତ୍ରୀ ସାହୁ ମତପ୍ରକାଶ କରିଥିଲେ। ଏହିଅବସରରେ ପଞ୍ଚାୟତ ପକ୍ଷରୁ ସଫଳ କାର୍ଯ୍ୟଗୁଡିକ ଉପରେ ପୁସ୍ତକ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ନିବାସ ଅଗ୍ରୱାଲ, ଗୁଡଭେଲା ବିଡିଓ ସୌମ୍ୟକାନ୍ତ ବାଗ୍ଛା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଟିଟିଲାଗଡ଼ ବିଜେଡିର ପର୍ଯ୍ୟବେକ୍ଷକ ଅଜୟ ନାୟକ, ଗୁଡଭେଲା ବିଜେଡି ପର୍ଯ୍ୟବେକ୍ଷକ ଅନିଲ ଜେନା ଉପସ୍ଥିତ ଥିଲେ।

# ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସାଙ୍ଗଠନିକ ବୈଠକ



କର୍ଲାମୁଣ୍ଡା, ୧୩।୨ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରୋହିତ କୁମାର ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜିଲା କମିଟି ଉପଦେଷ୍ଟା ଅଶୋକ କୁମାର ତ୍ରିପାଠି, ଜିଲା କମିଟି ଉପ ସଭାପତି ବିରେନ୍ଦ୍ର କୁମାର ବାଗ, ଜିଲା କମିଟି ଯୁଗ୍ମ ସମ୍ପାଦକ ଉପେନ୍ଦ୍ର ପ୍ରଧାନ, ଜିଲା କୋର୍ କମିଟି ସଦସ୍ୟ ଯୋଗେଶ୍ୱର ମିଶ୍ର, ଥୁଆମୂଳ ରାମପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅଜିତ କୁମାର ନାୟକ, ତେରେସିଙ୍ଗା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗରୁଡ଼ଧ୍ୱଜ ଗହୀର, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ, ସୁଦର୍ଶନ ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଉପ ସଭାପତି ବିଭୁତିଭୂଷଣ ସେଠ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ସାଧୁରାମ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ, ଉଜ୍ଜ୍ୱଳ କୁମାର ସାହୁ ସଂଯୋଜନା କରିଥିଲେ। ଶିକ୍ଷକ କାଶୀନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଅନ୍ତର୍ଯ୍ୟାମୀ ମଲ୍ଲିକ, ସଞ୍ଜୟ ଦାସ, ଦୁଷ୍ମନ୍ତ

# ବାରିପଦା ବିଧାୟକ ଅସୁସ୍ଥ

ବାରିପଦା, ୧୩।୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ଭାଜପା ବିଧାୟକ ପ୍ରକାଶ ସୋରେନ ମଙ୍ଗଳବାର ଅସୁସ୍ଥ ହୋଇପଡ଼ିଛନ୍ତି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ କଲେଜ ଓ ହସପିଟାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଭୁବନେଶ୍ୱର ଏମ୍‌ସ୍‌କୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।

# ମୁରଲୀଧରଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର କଲା କଂଗ୍ରେସ

ଭୁବନେଶ୍ୱର, ୧୩।୨ (ସୁନିତ୍ ମିଶ୍ର)

କିଛିଦିନ ହେଲା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଦଳରେ ଲଗାତର ଭାବେ ବିଭିନ୍ନ କମିଟି ଗଠନଠାରୁ ଆରମ୍ଭକରି ବିଶୃଙ୍ଖଳିତ ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଭଳି ଅନେକ ପ୍ରକାର କାର୍ଯ୍ୟକ୍ରମ ଚାଲିଛି। ସେହିପରି ଦଳ ବିରୋଧୀ କାର୍ଯ୍ୟକ୍ରମରେ ଲିପ୍ତଥିବା ଅନେକ ନେତାଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ପ୍ରତ୍ୟାହାର କରାଯାଉଛି। ସେହି କ୍ରମରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ପୂର୍ବତନ ଏମ୍‌ପି ମୁରଲୀଧର ଜେନାଙ୍କ ଉପରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇଛନ୍ତି। ସେ ଭଦ୍ରକ ଲୋକ ସଭା ଆସନରୁ ୧୯୯୬ରେ ଏମ୍‌ପି ଭାବେ ବିଜୟୀ ହୋଇଥିଲେ।

# କଳାପଥରକୁ ହରାଇ ନୂଆଗଡ଼ ଚାମ୍ପିୟନ

**୭ମ ମା' ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

- ଅରବିନ୍ଦ ଝାଙ୍କରଙ୍କୁ ମ୍ୟାନ ଅଫ ମ୍ୟାଚ
- ପ୍ରୀତମଙ୍କୁ ମ୍ୟାନ ଅଫ ସିରିଜ

ଅମରପାଲି, ୧୩।୨ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଚ୍ଛି ପଞ୍ଚାୟତର ଘଣ୍ଟୋପାଲି ଖେଳପଡ଼ିଆରେ ହେଉଥିବା ସପ୍ତମ ମା' ନାରାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ରେ କଳାପଥରକୁ ହରାଇ ନୂଆଗଡ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ତିନୋଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ନୂଆଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୩୩ ରନ କରିଥିଲା। ଜବାବରେ କଳାପଥର ଦଳ ୮ ଓଭରରେ ୨ ଟି ଉଇକେଟ ହରାଇ ଆବଶ୍ୟକ ୧୩୪ ରନ କରିଥିଲା। ଦ୍ୱିତୀୟ ଫର୍ମାଟରେ ନୂଆଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ କୌଣସି ଉଇକେଟ ନ ହରାଇ ୯୦ ରନ କରିଥିଲା। ଜବାବରେ କଳାପଥର ଦଳ ୬ ଓଭରରେ ସମସ୍ତ ଉଇକେଟ ହରାଇ ୪୫ ରନ କରିଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଫର୍ମାଟରେ ବିଜୟୀ ହେବାରୁ ନିର୍ଣ୍ଣାୟକ ସୁପର-୨ ଓଭର ଖେଳା ହୋଇଥିଲା। ଏଥିରେ ନୂଆଗଡ ଦଳ ୨୦ ରନ କରିଥିବା ବେଳେ କଳାପଥର ଦଳ ୧୯ ରନ କରିଥିଲା। ଫଳରେ ନୂଆଗଡ ଦଳ ୨-୧ ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଲୁଠୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ପୂର୍ବତନ ଜିଲା ପରିଷଦ ସଭ୍ୟ ରାଜଗୋପାଳ ପାଣିଗ୍ରାହୀ,ରାଜେନ୍ଦ୍ର ସରାଫ ଅତିଥି ଭାବେ ଯୋଗ ଦେଇଥିଲେ। ନୂଆଗଡର ସୁଜିତ ରଥଙ୍କୁ ଶ୍ରେଷ୍ଠ ସିକ୍ସର ଓ ଶ୍ରେଷ୍ଠ ବ୍ୟାଟର, ଅରବିନ୍ଦ ଝାଙ୍କରଙ୍କୁ ମ୍ୟାନ ଅଫ ଦି ଫାଇନାଲ, ରାଜକୁମାର କର୍ଣ୍ଣଙ୍କୁ ଶ୍ରେଷ୍ଠ ବୋଲର, କଳାପଥରର ପ୍ରୀତମଙ୍କୁ ମ୍ୟାନ ଅଫ ଦି ସିରିଜ, ଉତ୍ତମଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ନୂଆଗଡ ଦଳକୁ ୧୨ହଜାର ଟଙ୍କା ସହିତ ଟ୍ରଫି ଏବଂ ଉପବିଜେତା କଳାପଥର ଦଳକୁ ନଗଦ ୮ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ଖେଳରେ ରୋଶନ ସାମଲ ଓ ଶିବୁଲ ପ୍ରଧାନ ଅମ୍ପାୟାର, ଲିପୁନ ହୋତା ସ୍କୋରିଂ ଏବଂ ମାନସ ନନ୍ଦ ଓ ଉମାଶଙ୍କର ହୋତା ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ନୂଆଗଡ଼ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ଉଚ୍ଚଶିକ୍ଷା ଛାତ୍ରୀଛାତ୍ରଙ୍କୁ ମିଳିବ 'ନୂଆ-ଓ ଛାତ୍ରବୃତ୍ତି'

**ଅଗଷ୍ଟ ସୁଦ୍ଧା 'ନୂଆ- ଓ ମ୍ୟାଜିକ୍ ସ୍ମାର୍ଟ କାର୍ଡ'**

**ବାର୍ଷିକ ଛାତ୍ରୀଙ୍କୁ ୧୦ ହଜାର, ଛାତ୍ରଙ୍କୁ ୯ ହଜାର ଟଙ୍କା ମିଳିବ**

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ରାଜ୍ୟରେ ଉଚ୍ଚଶିକ୍ଷା ଛାତ୍ରୀଛାତ୍ରଙ୍କୁ ମିଳିବ 'ନୂଆ-ଓ ଛାତ୍ରବୃତ୍ତି'। ରାଜ୍ୟ ସରକାର 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଥିବା ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଯାଜପୁର ଜିଲା ଗସ୍ତ କରି 'ନୂଆ-ଓ' କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି ଯୋଜନାରେ ଓଡ଼ିଶା ସରକାରଙ୍କ ସମସ୍ତ ବିଶ୍ୱବିଦ୍ୟାଳୟ, ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଏବଂ ସଂସ୍କୃତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ର ବୃତ୍ତି ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ଛାତ୍ରୀଙ୍କୁ ୧୦ହଜାର ଓ ଛାତ୍ରଙ୍କୁ ୯ହଜାର ଟଙ୍କାର ବାର୍ଷିକ ବୃତ୍ତି ମିଳିବ। ସେହିପରି ଏସ୍‌ସି/ଏସଟି ତଥା ନିର୍ମାଣ ଶ୍ରମିକଙ୍କ ଝିଅଙ୍କୁ ୧୧ହଜାର ଓ ପୁଅଙ୍କୁ ୧୦ହଜାର ଟଙ୍କାର ବାର୍ଷିକ ଛାତ୍ରବୃତ୍ତି ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଛି। ତେବେ ସ୍ଥାୟୀ ସରକାରୀ ଚାକିରିଆ ଅଥବା ଆୟକର ଦେଉଥିବା ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ପିଲାମାନେ ଏହି ଯୋଜନା ଅନୁଯାୟୀ ଯୋଗ୍ୟ ବିବେଚିତ ହେବେ ନାହିଁ। ଚଳିତ ଶିକ୍ଷାବର୍ଷର 'ନୂଆ-ଓ ଛାତ୍ରବୃତ୍ତି' ଟଙ୍କା ଯୋଗ୍ୟ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସନ୍ତା ୨୦ ତାରିଖରୁ ମାସ ଶେଷ ସୁଦ୍ଧା ସିଧାସଳଖ ହସ୍ତାନ୍ତର କରାଯିବ। ପାଣ୍ଡିଆନ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶାର ସ୍ୱପ୍ନକୁ ବାସ୍ତବ ରୂପାୟନ ଓ ଯୁବ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏଥିପାଇଁ ଆସନ୍ତା ଶିକ୍ଷାବର୍ଷରୁ ୩୦୦ କୋଟି ଟଙ୍କା କର୍ପସ ଫଣ୍ଡ ସହିତ ଏକ ପାଣ୍ଠି ଗଠନ କରାଯିବ। ଶିକ୍ଷା ତଥା ବିଭିନ୍ନ କୋ-କରିକୁଲାର ଆକ୍ଟିଭିଟିଜ୍‌ରେ ଉତ୍କର୍ଷ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଏହି ପାଣ୍ଠିରୁ ଉଚ୍ଚ ବୃତ୍ତି ରାଶି ପ୍ରଦାନ କରାଯିବ। ରାଜ୍ୟ ସରକାରଙ୍କ ଏହି 'ନୂଆ-ଓ ଛାତ୍ରବୃତ୍ତି' ଯୋଜନାରେ ରାଜ୍ୟର ସ୍ନାତକ ଶ୍ରେଣୀର ୪.୫ ଲକ୍ଷ ଛାତ୍ରୀଛାତ୍ର ଓ ସ୍ନାତକୋତ୍ତର ଶ୍ରେଣୀର ୩୨ ହଜାର ଛାତ୍ରୀଛାତ୍ର ଉପକୃତ ହେବେ। ସେହିଭଳି ଅଗଷ୍ଟ ସୁଦ୍ଧା 'ନୂଆ- ଓ ମ୍ୟାଜିକ୍ ସ୍ମାର୍ଟ କାର୍ଡ' ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଦିଆଯିବ। ଯେଉଁଥିରେ ଛାତ୍ରୀଛାତ୍ର ବସ୍, ଟ୍ରେନ୍‌ରେ ଯାତ୍ରା ସମୟରେ ଫ୍ରି ୱାଇଫାଇ, ଅନ୍‌ଲାଇନ କୋର୍ସ, ସ୍କିଲ୍ ଡେଭଲପ୍‌ମେଣ୍ଟ, କୋଚିଂ ପ୍ରୋଗ୍ରାମରେ ଯୋଗଦେବା ପାଇଁ ବିଶେଷ ସୁବିଧା ପାଇପାରିବେ। ଏହା ମାଧ୍ୟମରେ ଛାତ୍ରୀଛାତ୍ର ସଶକ୍ତ ହେବା ପାଇଁ ନୂଆ ଯୁଗ ଆରମ୍ଭ ହେବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନର ନବୀନ ଓଡ଼ିଶା ଗଠନରେ ଏହା ସହାୟତା କରିବ। ଏହି ଅବସରରେ ପାଣ୍ଡିଆନ ଛାତ୍ରୀଛାତ୍ରଙ୍କୁ ବଡ଼ ସ୍ୱପ୍ନ ଦେଖି ଓ ଏହାକୁ ସାକାର କରିବା ପାଇଁ କଠିନ ପରିଶ୍ରମ କରିବାକୁ ଆହ୍ୱାନ ଦେଇଥିଲେ।



# ବିଏସ୍‌କେୱାଇକୁ ଦ୍ୱିତୀୟଥର ସ୍କଚ୍ ଗୋଲ୍ଡ ଆୱାର୍ଡ



ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା, ସଫଳତା ଓ ସ୍ୱଚ୍ଛତା ପାଇଁ ଓଡ଼ିଶା ସରକାରଙ୍କ ଅନନ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ସ୍ୱର୍ଣ୍ଣ ବର୍ଗରେ ଦ୍ୱିତୀୟଥର ଜାତୀୟ ସ୍କଚ୍ ଆୱାର୍ଡ-୨୦୨୩ ମିଳିଛି। ସ୍କଚ୍ ଆୱାର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ସମ୍ବିଧାନ କ୍ଲବ୍ ହଲ୍‌ଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ଦିଆଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସୋସାଇଟି(ସାସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଡି. ବୃନ୍ଦା ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ଶାସନ ସଚିବ ତଥା ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭାନନ୍ଦ ମହାପାତ୍ର ଏହି ସ୍କଚ୍ ଗୋଲ୍ଡ ଆୱାର୍ଡ ଗ୍ରହଣ କରିଛନ୍ତି। ବିଏସ୍‌କେୱାଇ ଓଡ଼ିଶାର ସାର୍ବଜନୀନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦୃଶ୍ୟମାନ ରୂପାନ୍ତରଣ ଆଣିଛି। ରାଜ୍ୟର ସମସ୍ତ ୧୧୯.୮ ଲକ୍ଷ ପରିବାରର ପ୍ରାୟ ୪.୭୯ କୋଟି ଲୋକଙ୍କୁ ସରକାରୀ ଚିକିତ୍ସାଳୟଗୁଡ଼ିକରେ ଦେୟମୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ରୋଗ ନିର୍ଣ୍ଣୟ ପରୀକ୍ଷା ନିରୀକ୍ଷାଠାରୁ ଆରମ୍ଭ କରି ସ୍ପେଶାଲିଟି ପରାମର୍ଶ ଏବଂ ଔଷଧ ଆଦି ସମ୍ପୂର୍ଣ୍ଣ ଦେୟମୁକ୍ତ ଭାବେ ଯୋଗାଇ ଦିଆଯାଉଛି। ଏହାଛଡ଼ା ଆର୍ଥିକ ସମ୍ବେଦନଶୀଳ ଓ ଦୁର୍ବଳ ଶ୍ରେଣୀର ୯୯.୩ ଲକ୍ଷ ପରିବାରର ସମସ୍ତ ୩.୫୬ କୋଟି ସଦସ୍ୟଙ୍କୁ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ସେମାନେ ତାଲିକାଭୁକ୍ତ ଘରୋଇ ସୁପର ସ୍ପେଶାଲିଟି ହସ୍ପିଟାଲଗୁଡ଼ିକରେ ପୂର୍ଣ୍ଣ ଦେୟମୁକ୍ତ ଚିକିତ୍ସା ପାଇପାରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ସମେତ ୧୭ଟି ରାଜ୍ୟରୁ ୮୧୬ ଘରୋଇ ହସ୍ପିଟାଲ ବିଏସ୍‌କେୱାଇ ତାଲିକାଭୁକ୍ତ ହୋଇସାରିଲାଣି। ଯୋଜନାର ସ୍ୱଚ୍ଛତା, ଉପଯୁକ୍ତ ଚିକିତ୍ସା ପ୍ୟାକେଜ ଏବଂ ତୁରନ୍ତ ବିଲ୍ ପୈଠ ଆଦି ଯୋଗୁ ଅଧିକରୁ ଅଧିକ ଘରୋଇ ହସ୍ପିଟାଲ ଏଥିରେ ସାମିଲ ହେବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି। ତେବେ ଏହି ସଫଳତା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ତଥା ସାସ୍‌ର ଅଧ୍ୟକ୍ଷ ଶାଳିନୀ ପଣ୍ଡିତ ବିଏସ୍‌କେୱାଇ ଟିମ୍‌ର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଲୋକମାନଙ୍କୁ ସେବା ପ୍ରଦାନ ଦିଗରେ ସର୍ବଦା ସଜାଗ ତଥା ତତ୍ପର ରହିବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ବିଏସ୍‌କେୱାଇକୁ ୨୦୧୯ ବର୍ଷ ପାଇଁ ସ୍କଚ୍ ଗୋଲ୍ଡ ଆୱାର୍ଡ ମିଳିଥିଲା।

# ନାମାଙ୍କନ ଦାଖଲକଲେ ଦେବାଶିଷ, ଶୁଭାଶିଷ

**ରାଜ୍ୟ ସଭା ନିର୍ବାଚନ**

ଭୁବନେଶ୍ୱର, ୧୩।୨ (ଅନିଲ ଦାସ)

ରାଜ୍ୟ ସଭା ନିର୍ବାଚନ ପାଇଁ ବିଜେଡିର ୨ ପ୍ରାର୍ଥୀ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଉଭୟ ବିଧାନସଭା ରିଟର୍ନିଂ ଅଫିସର ଅବନୀକାନ୍ତ ପଟ୍ଟନାୟକଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀପତ୍ର ଦାଖଲ ସମୟରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ ବିଧାୟକ ଉପସ୍ଥିତ ଥିଲେ। ରାଜ୍ୟ ସଭାର ୩ ଆସନ ପାଇଁ ନିର୍ବାଚନ ହେଉଥିବା ବେଳେ ବିଜେଡି ଏବେ ସୁଦ୍ଧା ୨ ଜଣଙ୍କ ନାଁ ଘୋଷଣା କରିଛି। ସୋମବାର ବିଜେଡି ବାରବାଟୀ-କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ୧୯୬୦ରେ ଜନ୍ମଗ୍ରହଣ କରିଥିବା ଦେବାଶିଷ ୧୯୮୨ରେ ଶ୍ରୀଅରବିନ୍ଦ ଇଣ୍ଟରନ୍ୟାଶନାଲ ସେଣ୍ଟର ଅଫ୍ ଏଜୁକେଶନରୁ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ବିଜେଡି ଟିକେଟରେ ସେ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରଥମେ ୨୦୦୦ରେ ତିର୍ତ୍ତୋଲ ବିଧାନସଭା ଆସନରୁ ବିଜେଡି ଟିକେଟରେ ସେ ବିଜୟୀ ହୋଇଥିଲେ। ପରେ ୨୦୦୯ ଓ ୨୦୧୪ରେ ଲଗାତର ଦୁଇଥର ବାରବାଟୀ-କଟକ ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ଛାତ୍ର ରାଜନୀତିରୁ ଆସିଥିବା ଶୁଭାଶିଷ ଖୁଣ୍ଟିଆ ରାଜ୍ୟ ସଭା ପ୍ରାର୍ଥୀ ହୋଇଛନ୍ତି। ସେ ୨୦୦୭-୦୮ରେ ପୁରୀ ଜିଏମ୍ ଆଇନ ମହାବିଦ୍ୟାଳୟର ସଭାପତି ଥିଲେ। ସେଠାରୁ ସେ ତାଙ୍କର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବିଜୁ ଛାତ୍ର ଜନତା ଦଳର ସାଧାରଣ ସମ୍ପାଦକ ଭାବେ ସେ ଦାୟିତ୍ୱ ତୁଲାଇଥିଲେ। ଏହା ପରେ ସେ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ରହିଥିବାବେଳେ ଏବେ ଯୁବ ବିଜେଡିର ଉପସଭାପତି ଦାୟିତ୍ୱରେ ରହିଛନ୍ତି। ସେ ପୁରୀ ଜିଲାର ଜୀବନବିନ୍ଦୁ ଓ ଓଡ଼ିଶା ମୋ ପରିବାରର ସଂଯୋଜକ ଦାୟିତ୍ୱରେ ମଧ୍ୟ ଅଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସଫଳତା ପଛରେ ତାଙ୍କର ବିଶେଷ ଅବଦାନ ରହିଛି।

ଆସନ୍ତା ୧୫ ତାରିଖରେ ନାମାଙ୍କନ ଦାଖଲ ପାଇଁ ଶେଷ ସମୟ ଧାର୍ଯ୍ୟ ହୋଇଛି। ୧୬ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ହେବାକୁ ଥିବାବେଳେ ୨୦ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ୨୭ ତାରିଖରେ ଓଡ଼ିଶାର ୩ ଆସନ ସହ ୧୫ ରାଜ୍ୟର ୫୬ଟି ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୨୯ ତାରିଖ ସୁଦ୍ଧା ସମସ୍ତ ନିର୍ବାଚନ ପ୍ରକ୍ରିୟା ଶେଷ ହେବ। ଏପ୍ରିଲ ୩ରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଶେଷ ହେଉଛି। ତେବେ ଆଉ ଗୋଟିଏ ରାଜ୍ୟ ସଭା ଆସନ ନେଇ ଏ ପର୍ଯ୍ୟନ୍ତ ଚିତ୍ର ସ୍ପଷ୍ଟ ହୋଇନାହିଁ। ଏହି ଆସନରେ ବିଜେଡି ଆଉ କାହାକୁ ପ୍ରାର୍ଥୀ କରିବ କିମ୍ବା ଗତ ନିର୍ବାଚନ ଭଳି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୁଣିଥରେ ରାଜ୍ୟ ସଭା ପଠାଇବ ତାହା ବୁଧବାର ସୁଦ୍ଧା ଜଣାପଡ଼ିବ। ଅନ୍ୟପକ୍ଷରେ ରେଳମନ୍ତ୍ରୀ ବୁଧବାରଠାରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଥିବାରୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଉତ୍ସୁକତା ଦେଖାଦେଇଛି। ତେବେ ଅଶ୍ୱିନୀଙ୍କୁ ବିଜେଡି ପୁଣି ଥରେ ରାଜ୍ୟ ସଭା ପାଇଁ ନିର୍ବାଚିତ କରିବ ବୋଲି ଚର୍ଚ୍ଚା ଜୋର ଧରିଛି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରୁ ମଙ୍ଗଳବାର ରାଜ୍ୟ ସଭା ସଦସ୍ୟ ପାଇଁ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

# ଏପ୍ରିଲ ୨୨ରେ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ନିଯୁକ୍ତି ରାଲି ସାଧାରଣ ପ୍ରବେଶିକା ପରୀକ୍ଷା

**ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ଅନ୍‌ଲାଇନ୍ ପଞ୍ଜୀକରଣ**

କଟକ, ୧୩।୨ (କାର୍ତ୍ତିକ ସାହୁ)

ଭାରତୀୟ ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ନିଯୁକ୍ତି ରାଲି ନିମନ୍ତେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା-୨୦୨୪ ଆସନ୍ତା ଏପ୍ରିଲ ୨୨ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ଅନ୍‌ଲାଇନ୍ ପଞ୍ଜୀକରଣ ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇଛି। ଏହି ପଞ୍ଜୀକରଣ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବ। କଟକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ନୟାଗଡ଼, ଖୋର୍ଦ୍ଧା ଓ ପୁରୀ ଜିଲାର ଯୋଗ୍ୟ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ। ଭାରତୀୟ ସେନାର ୱେବସାଇଟ୍ www.joinindianarmy.nic.in ମାଧ୍ୟମରେ ପ୍ରାର୍ଥୀମାନେ ପଞ୍ଜୀକରଣ କରିପାରିବେ। ଆବେଦନକାରୀ ୨୫୦ ଟଙ୍କା ପରୀକ୍ଷା ଦେୟ ଦାଖଲ କରିବେ। ନିର୍ଦ୍ଧାରିତ ତାରିଖରେ ରାଜ୍ୟର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଏହି ଅନ୍‌ଲାଇନ୍ ପରୀକ୍ଷା ଅନୁଷ୍ଠିତ ହେବ। ଏଥିରେ ପ୍ରାର୍ଥୀମାନଙ୍କୁ କମ୍ପ୍ୟୁଟର ଆଧାରିତ ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଦେବାକୁ ହେବ। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ସହ ଆବେଦନକାରୀମାନଙ୍କୁ ପରିଚିତ କରାଇବା ପାଇଁ ୱେବସାଇଟ୍‌ରେ ଏକ ଅଭ୍ୟାସ ପରୀକ୍ଷା ଉପଲବ୍ଧ ରହିଛି। ପଞ୍ଜୀକରଣ ସମ୍ବନ୍ଧିତ କୌଣସି ଅନୁସନ୍ଧାନ ନିମନ୍ତେ ପ୍ରାର୍ଥୀମାନେ କଟକସ୍ଥିତ ଆର୍ମି ନିଯୁକ୍ତି କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

# ପ୍ରତି ମାସରେ ପୁରସ୍କୃତ ହେବେ କୃଷି ବିଭାଗ କର୍ମଚାରୀ

ଭୁବନେଶ୍ୱର, ୧୩।୨ (ଅସମାପିକା ସାହୁ)

କୃଷି ଓ କୃଷକ ସଶକ୍ତୀକରଣ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପ୍ରଦର୍ଶନ କରି ବିଭାଗ ପାଇଁ ସୁନାମ ଆଣିଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯିବ। ଏ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରତି ମାସରେ ଉତ୍ତମ ପ୍ରଦର୍ଶନ ଆଧାରରେ କର୍ମଚାରୀମାନଙ୍କୁ ଚୟନପୂର୍ବକ ପ୍ରଶଂସାପତ୍ର ପ୍ରଦାନ କରାଯିବ। ଏଥିସହ ସାମାଜିକ ଗଣମାଧ୍ୟମ ଜରିଆରେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବ। କର୍ମଚାରୀଙ୍କ ପ୍ରଦର୍ଶନର ଆଧାର କେବଳ ମାତ୍ର ବ୍ୟୟ ଧାର୍ଯ୍ୟ ଲକ୍ଷ୍ୟ ସମ୍ବନ୍ଧିତ ନ ହୋଇ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ପ୍ରକଳ୍ପର ଗୁଣାତ୍ମକ ରୂପାୟନ ଦିଗରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନକୁ ବିଚାରକୁ ନିଆଯିବ ବୋଲି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ ସମସ୍ତ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଓ ସରକାରୀ ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକଙ୍କୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ନାମ ତାଲିକା ପ୍ରତି ମାସ ୧୦ ତାରିଖ ସୁଦ୍ଧା ପଠାଇବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଚୋରା ଲୁହାପଥର ଜବତ

ଯୋଡ଼ା, ୧୩।୨ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ପିଢ଼ପୋଖରୀ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଚୋରାରେ ଉତ୍ତୋଳନ ହୋଇଥିବା ଲୁହାପଥରକୁ ଖଣି ବିଭାଗ ଜବତ କରିଛି। ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଖଣିଜ ଚୋରମାନେ ଚୋରାରେ ଲୁହାପଥର ଉତ୍ତୋଳନ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଖଣି ଅଧିକାରୀ ଦେବେନ୍ଦ୍ରନାଥ ଦଳେଇ ଓ ଲକ୍ଷ୍ମଣ କୁମାର ବାରିକ ସ୍କ୍ୱାଡ୍ ସହିତ ଚଢ଼ାଉ କରିଥିଲେ। ଅଧିକାରୀଙ୍କୁ ଦେଖି ଲୁହାପଥର ଉତ୍ତୋଳନକାରୀମାନେ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିବା ବେଳେ ପ୍ରାୟ ୨୪ ମେଟ୍ରିକ ଟନ ଲୁହାପଥରକୁ ଖଣି ବିଭାଗ ଜବତ କରିଥିଲା। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଖଣି ବିଭାଗ ସୂଚନା ଦେଇଛି।

# ରେଳଯାତ୍ରୀଙ୍କୁ ୧୬ଲକ୍ଷର ଗହଣା ଫେରାଇଲା

**ଉଦାହରଣ ସାଜିଲା ବଲାଙ୍ଗୀର ଆରପିଏଫ୍**

- ରେଳବଗିରେ ଭୁଲି ଯାଇଥିଲେ ହୀରା, ମୋତି ଓ ସୁନା ଅଳଙ୍କାର
- ଫୋନ୍ କରି ରେଳଯାତ୍ରୀଙ୍କୁ ସୂଚନା ଦେଲେ
- ୩୦ ବର୍ଷ ତଳେ ଶାଶୁମା' ଦେଇଥିବା ଅଳଙ୍କାର ପାଇ ବୋହୂ ହେଲେ ଆତ୍ମହରା

ବଲାଙ୍ଗୀର, ୧୩।୨ (ବୀରେନ୍ଦ୍ର କୁମାର ଝାଙ୍କର)

କର୍ତ୍ତବ୍ୟନିଷ୍ଠା ଏବଂ ସାଧୁତାର ନୂଆ ଉଦାହରଣ ସୃଷ୍ଟି କରିଛି ବଲାଙ୍ଗୀର ରେଳବାଇ ସୁରକ୍ଷା ବଳ (ଆର୍‌ପିଏଫ୍) ଥାନା। ଟ୍ରେନ୍‌ରୁ ଓହ୍ଲାଇଲା ବେଳେ ରେଳବଗି ଭିତରେ ଭୁଲିଯାଇଥିବା ୧୬ଲକ୍ଷ ଟଙ୍କାର ଅଳଙ୍କାରକୁ ପାଇବା ପରେ ସମ୍ପୃକ୍ତ ରେଳଯାତ୍ରୀଙ୍କୁ ଫେରାଇ ନୂଆ ଉଦାହରଣ ସୃଷ୍ଟି କରିଛି ଆରପିଏଫ୍। ଏଭଳି ଏକ ଭଲ ଖବର ଆଜି ଚର୍ଚ୍ଚାର ବିଷୟ ପାଲଟିଥିଲା।

ପଶ୍ଚିମବଙ୍ଗ ହାୱଡ଼ା ନିବାସୀ ଶ୍ରୀଶ୍ୟାମ ଟିବ୍ରେୱାଲ, ତାଙ୍କ ସ୍ତ୍ରୀ ଅଂଶୁ ଟିବ୍ରେୱାଲ ଓ ପରିବାରର ଅନ୍ୟ ସଦସ୍ୟ ହାୱଡ଼ା ରେଳଷ୍ଟେଶନରୁ ସୋମବାର ରାତି ପ୍ରାୟ ୧୦ଟା୨୦ରେ ସମଲେଶ୍ୱରୀ ଏକ୍ସପ୍ରେସ୍‌ରେ ରାଉରକେଲା ଅଭିମୁଖେ ବାହାରିଥିଲେ। ରାଉରକେଲାଠାରେ ଟିବ୍ରେୱାଲଙ୍କ ଶଳୁଙ୍କ ଝିଅ ବାହାଘର ଉତ୍ସବରେ ଯୋଗଦେବାକୁ ସେମାନେ ଆସିଥିଲେ। ମଙ୍ଗଳବାର ଭୋର ପ୍ରାୟ ୫ଟା ୩୦ରେ ଟ୍ରେନ୍ ରାଉରକେଲା ଷ୍ଟେଶନରେ ପହଞ୍ଚିଥିଲା। ଟ୍ରେନ୍‌ର ଏ-ୱାନ୍ ବଗିରେ ବସିଥିବା ଟିବ୍ରେୱାଲ ପରିବାର ଓହ୍ଲାଇବା ପୂର୍ବରୁ ନିଜର ବିଭିନ୍ନ ସାମଗ୍ରୀକୁ ବ୍ୟାଗରେ ଭର୍ତ୍ତି କଲାବେଳେ କିଛି ସାମଗ୍ରୀ କାଢ଼ିଥିଲେ ଓ ପୁଣି ଭର୍ତ୍ତି କରିଥିଲେ। ତେବେ ଏଇ ସମୟରେ ସୁନାଗହଣା ରଖିଥିବା ଏକ ବକ୍ସ ଯାହାକି ଏକ ସୂତାକ୍ୟାରି ବ୍ୟାଗରେ ଥିଲା ତାହା ସେଇ ଟ୍ରେନ୍‌ବଗିରେ ରହିଯାଇଥିଲା। ଟିବ୍ରେୱାଲ ପରିବାର ଏସମ୍ପର୍କରେ କିଛି ଜାଣି ନ ପାରି ରାଉରକେଲାଠାରେ ଓହ୍ଲାଇ ଯାଇଥିଲେ। ବଲାଙ୍ଗୀର ରେଳବାଇ ସୁରକ୍ଷା ବଳର ଏସ୍କର୍ଟ ପାର୍ଟି କନଷ୍ଟେବଲମାନେ ବଗିରେ ତଲାସୀ କରୁଥିବାବେଳେ ଉକ୍ତ ଅଳଙ୍କାର ବକ୍ସ ଥିବା କ୍ୟାରିବ୍ୟାଗ ପାଇଥିଲେ। ଉକ୍ତ ବକ୍ସରେ ଏକ ହୀରାର ହାର, ସୁନା ଓ ଦାମୀ ମୋତିର ହାର, କାନଫୁଲ ସେଟ୍ ଏବଂ ଏକ ସୁନା ଟଙ୍କା ରହିଥିଲା। ଏହି ଅଳଙ୍କାର ବକ୍ସ ପାଇବା ପରେ ଏସକର୍ଟ ଟିମ୍ ବଲାଙ୍ଗୀର ଆରପିଏଫ୍ ଥାନାଧିକାରୀ ରାଜ ସିଂହ ମଲିକଙ୍କୁ ସୂଚନା ଦେଇଥିଲେ। ଟ୍ରେନ୍ ଭିତରେ ଥିବା ଆସିଷ୍ଟାଣ୍ଟ କମରସିଆଲ ମ୍ୟାନେଜର ଏବଂ ଟିଟିଙ୍କୁ ମଧ୍ୟ ସୂଚନା ଦେଇଥିଲେ। ଏହାପରେ ତଦନ୍ତ କରି ଆରପିଏଫ୍ ଟିମ୍ ସମ୍ପୃକ୍ତ ବଗିରେ ଥିବା ବିଭିନ୍ନ ଯାତ୍ରୀଙ୍କ ତଥ୍ୟ ବାହାର କରିଥିଲେ। ତଦନ୍ତରୁ ଅଳଙ୍କାର ବକ୍ସଟି ଶ୍ୟାମ୍ ଟିବ୍ରେୱାଲ ନାମକ ଜଣେ ଯାତ୍ରୀଙ୍କ ହୋଇଥିବା ଅନୁମାନ କରି ତାଙ୍କୁ ଯୋଗାଯୋଗ କରିଥିଲେ। ରେଳବାଇ ସୁରକ୍ଷା ଥାନାଧିକାରୀ ମଲିକ ପୂର୍ବାହ୍ନ ପ୍ରାୟ ୧୧ଟାରେ ଟିବ୍ରେୱାଲଙ୍କୁ ଫୋନ୍ କରି ଆପଣଙ୍କର କିଛି ସାମଗ୍ରୀ ଟ୍ରେନ୍‌ରେ ଭୁଲି ଯାଇଛନ୍ତି କି ବୋଲି ପଚାରିବା ସହ ସାମଗ୍ରୀଟି କ'ଣ ବୋଲି ପଚାରିଥିଲେ। ଅଳଙ୍କାର ବକ୍ସରେ ଥିବା ସମସ୍ତ ଅଳଙ୍କାର ବିଷୟରେ ସଠିକ୍ ସୂଚନା ଦେବା ପରେ ତାଙ୍କୁ ବଲାଙ୍ଗୀର ଆସି ନେଇଯିବାକୁ କହିଥିଲେ। ଅପରାହ୍ନ ପ୍ରାୟ ୫ଟାରେ ଟିବ୍ରେୱାଲ, ତାଙ୍କ ସ୍ତ୍ରୀ ଅଂଶୁ ଓ ତାଙ୍କ ଜଣେ ସମ୍ପର୍କୀୟ ନିହି ଜୱନପୁରିଆ ବଲାଙ୍ଗୀର ରେଳବାଇ ସୁରକ୍ଷା ଥାନାକୁ ଆସିଥିଲେ। ସେଠାରେ ବିଧିବଦ୍ଧ ଭାବେ ଥାନାଧିକାରୀ ମଲ୍ଲିକ ଅଳଙ୍କାର ସବୁକୁ ଟିବ୍ରେୱାଲ ଦମ୍ପତିଙ୍କୁ ହସ୍ତାନ୍ତର କରିଥିଲେ। ଏଇ ଅବସରର ଟିବ୍ରେୱାଲ ଗଣମାଧ୍ୟମକୁ କହିଥିଲେ ଯେ, ସେମାନେ ଭୁଲବଶତଃ ଟ୍ରେନ୍‌ରେ ଗହଣା ଛାଡି ଯାଇଥିଲେ। ଏଇ ସବୁ ଗହଣାର ମୂଲ୍ୟ ପ୍ରାୟ ୧୬ ଲକ୍ଷ ଟଙ୍କା ହେବ। ଆରପିଏଫ୍ ଟିମ୍ ଯେଭଳି ଭାବେ କର୍ତ୍ତବ୍ୟନିଷ୍ଠା ଦେଖାଇଛନ୍ତି ତାହା ଶବ୍ଦରେ କହିହେବନାହିଁ। ତାଙ୍କ ସ୍ତ୍ରୀ ଅଂଶୁ ଟିବ୍ରେୱାଲ କହିଛନ୍ତି ଯେ, ଟ୍ରେନ୍‌ରେ ଭୁଲବଶତଃ ଛାଡିଯାଇଥିବା ଗହଣା ୩୦ବର୍ଷ ତଳେ ତାଙ୍କ ଶାଶୁ ମା' ତାଙ୍କୁ ଉପହାର ଦେଇଥିଲେ। ଆରପିଏଫ୍ ଟିମ୍ ତାହା ତାଙ୍କୁ ଫେରାଇଛନ୍ତି। ଏଭଳି ଘଟଣା ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ। ଆରପିଏଫ୍ ଥାନାଧିକାରୀ ମଲ୍ଲିକ ଗଣମାଧ୍ୟମକୁ କହିଥିଲେ ଯେ, ଆରପିଏଫ୍ କେବଳ କର୍ତ୍ତବ୍ୟ କରିଛି। ଲୋକେ ଏଦିଗରେ ସଚେତନ ହେବା ଜରୁରୀ। ରେଳବାଇ ସୁରକ୍ଷା ବଳ ସବୁବେଳେ ଯାତ୍ରୀଙ୍କ ସହ ରହିଛି ବୋଲି ସେ କହିଛନ୍ତି। ଏଇ ଅବସରରେ ଟିମ୍‌କୁ ସେ ପ୍ରଶଂସା କରିଛନ୍ତି।




ବଲାଙ୍ଗୀର ରେଳବାଇ ସୁରକ୍ଷା ବଳ ଥାନାରେ ଟିବ୍ରେୱାଲ ଦମ୍ପତିଙ୍କୁ ରେଳବାଇ ପୋଲିସ ଅଳଙ୍କାର ହସ୍ତାନ୍ତର କରୁଛି।

# ଅନ୍‌ଲାଇନ ଯୋଗୁ ବଢ଼ିଲେ କଂଗ୍ରେସ ଆଶାୟୀ

ରାୟଗଡ଼ା,୧୩।୨
(ଆଶିଷ ରଞ୍ଜନ ପଣ୍ଡା)

## କୋରାପୁଟ ଲୋକ ସଭା ଆସନ



ସପ୍ତଗିରି ଶଙ୍କର ଉଲାକା



ଅବିନାଶ ଗମାଙ୍ଗ

୨୦୧୯ ଲୋକ ସଭା ନିର୍ବାଚନରେ ରାଜ୍ୟର ୨୧ଟି ଆସନ ମଧ୍ୟରୁ କଂଗ୍ରେସ କେବଳ କୋରାପୁଟ ଆସନ ଲାଭ କରିଥିଲା। ସେଠାରୁ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ି ସପ୍ତଗିରି ଶଙ୍କର ଉଲାକା ଏମ୍‌ପି ହୋଇ କଂଗ୍ରେସ ପାଇଁ ଆଶ୍ୱସ୍ତି ଆଣିଥିଲେ। ତେଣୁ ଆସନ୍ତା ନିର୍ବାଚନରେ ଏହି ଆସନକୁ କଂଗ୍ରେସ କିଭଳି ନିଜ ପାଖରେ ରଖିପାରିବ, ସେଥିପାଇଁ ଦଳୀୟ ସ୍ତରରେ ଉଦ୍ୟମ ହେଉଛି। କିଛିଦିନ ପୂର୍ବରୁ ବିଜେଡି ଓ ଭାଜପାର ୨ରୁ ୩ ଜଣ ଅଶାୟୀ ଥିବା ନେଇ ଆଲୋଚନା ହେଉଥିବା ବେଳେ କଂଗ୍ରେସରେ ଦୁଇ ଜଣଙ୍କ କଥା ଉଠିଥିଲା। ହେଲେ ଅନ୍‌ଲାଇନ୍‌ରେ ଆଶାୟୀମାନେ ଆବେଦନ କରିପାରିବେ ବୋଲି କଂଗ୍ରେସ ବ୍ୟବସ୍ଥା କରିବା ପରେ ପ୍ରାର୍ଥୀଙ୍କ ସଂଖ୍ୟା ବଢ଼ିଯାଇଥିବା ଜଣାପଡ଼ିଛି।

କୋରାପୁଟ ଲୋକ ସଭା ଆସନ କୋରାପୁଟ ଜିଲାର କୋରାପୁଟ, ପଟାଙ୍ଗି, ଜୟପୁର ଓ ଲକ୍ଷ୍ମୀପୁର ଏବଂ ରାୟଗଡ଼ା ଜିଲାର ରାୟଗଡ଼ା, ବିଷମକଟକ ଓ ଗୁଣପୁରୁ ବିଧାନସଭା ଆସନକୁ ନେଇ ଗଠିତ। ୨୦୦୯ରେ ବିଜେଡିରୁ ଜୟରାମ ପାଙ୍ଗୀ ଓ ୨୦୧୪ରେ ଝିନ୍ନ ହିକ୍କା ଏମ୍‌ପି ହୋଇଥିବା ବେଳେ ୨୦୧୯ରେ ସପ୍ତଗିରି ଲୋକ ସଭାକୁ ଯାଇଥିଲେ। ଦକ୍ଷିଣ ଓଡ଼ିଶାର ମାଳ ଅଞ୍ଚଳ ଭାବେ ପରିଚିତ କୋରାପୁଟ ଲୋକ ସଭା ଆସନ ପାଇଁ ରାୟଗଡ଼ା ଜିଲାରୁ ଦୁଇଜଣ ଆଶାୟୀ ପ୍ରାର୍ଥୀ ଆବେଦନ କରିଛନ୍ତ। ଜଣେ ହେଉଛନ୍ତି ବର୍ତ୍ତମାନର କୋରାପୁଟ ଲୋକ ସଭା ଏମ୍‌ପି ସପ୍ତଗିରି ଉଲାକା ଏବଂ ଅନ୍ୟ ଜଣେ ହେଲେ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କ ପୁଅ ତଥା ଗୁଣପୁର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଅବିନାଶ ଗମାଙ୍ଗ । ଏହାବ୍ୟତୀତ ଆହୁରି ଅନେକ ଆଶାୟୀ ଆବେଦନ କରିଥିବା ଶୁଣିବାକୁ ମିଳିଛି । ତନ୍ମଧ୍ୟରେ ଜଣେ ମହିଳା ଆଶାୟୀ ମଧ୍ୟ ରହିଥିବା କୁହାଯାଉଛି। ତେବେ କୋରାପୁଟ ଲୋକସଭା ଆସନ ପାଇଁ ଏକାଧିକ ଆଶାୟୀ ଆବେଦନ କରିବାକୁ ନେଇ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ପଚାରିବାରୁ କଂଗ୍ରେସର ନୀତି ଓ ଆଦର୍ଶ ପ୍ରକାରେ ବର୍ତ୍ତମାନ ଏମ୍‌ପି ଓ ବିଧାୟକ ଭାବେ ରହିଥିବା ପ୍ରାର୍ଥୀଙ୍କୁ ପୁଣି ଥରେ ଦଳ ରିପିଟ୍ କରିବ ବୋଲି କହିଛନ୍ତି । ତେବେ କେତେ ଜଣ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ପ୍ରଶ୍ନକୁ ସେ ଏଡ଼ାଇ ଯାଇ କହିଛନ୍ତି, ଏହା ଗୁପ୍ତ ରଖାଯାଇଛି। ପରେ ପ୍ରକାଶ କରାଯିବ ବୋଲି ଦୁର୍ଗା କହିଛନ୍ତି। ଅନ୍ୟପକ୍ଷରେ କର୍ମୀଙ୍କ ମହଲରେ ୭ ଜଣ ଆଶାୟୀ ଥିବା ନେଇ ଚର୍ଚ୍ଚା ହେଉଛି।

ସପ୍ତଗିରି ଏମ୍‌ପି ହେବା ପରେ ନିର୍ବାଚନମଣ୍ଡଳୀର ବିକାଶ ଓ ଉନ୍ନତି ପାଇଁ ସଂସଦରେ ପ୍ରଶ୍ନକାଳ ମଧ୍ୟରେ ବିଭିନ୍ନ ଦାବି ଉପସ୍ଥାପନ କରିଥିବା ଦେଖାଯାଇଛି। ତେଣୁ ତାହାକୁ ଆଧାର କରି ସେ ପ୍ରାର୍ଥୀ ହେବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ଅନ୍ୟପଟେ ଯୁବନେତା ଅବିନାଶ ଗମାଙ୍ଗ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ଓ ଜିଲା ପରିଷଦ ଅଧ୍ୟକ୍ଷା କେତକୀ ଗମାଙ୍ଗଙ୍କ ପୁଅ। କେବଳ ସେତିକି ନୁହେଁ ସେ ହେଉଛନ୍ତି ପୂର୍ବତନ ଏମ୍‌ପି ତଥା ଅବିଭକ୍ତ କୋରାପୁଟ ଜିଲାର ଅନ୍ୟତମ ଟାଣୁଆ ନେତା ଜୟରାମ ପାଙ୍ଗିଙ୍କ ଝିଅାରୀ ଜ୍ୱାଇଁ। ଅବିନାଶ ଉଭୟ ଗୁଣପୁର ବିଧାନସଭା ଆସନ ଓ କୋରାପୁଟ ଲୋକ ସଭା ଆସନ ପାଇଁ ଆବେଦନ କରିଥିବା କହିଛନ୍ତି। କୋରାପୁଟ ସଂସଦୀୟ କ୍ଷେତ୍ରରେ ତାଙ୍କ ନିଜର ଲୋକ ସମ୍ପର୍କ ସୁଦୃଢ଼ ରହିଥିବା ଏବଂ ମାଆ ବାପାଙ୍କ ଓ ଅନ୍ୟମାନଙ୍କ ସମର୍ଥନ ଦ୍ୱାରା ସେ ଏମ୍‌ପି ଭାବେ ବିଜୟ ଲାଭ କରିପାରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଏକାଧିକ ଆଶାୟୀଙ୍କ ଆବେଦନକୁ ନେଇ ଏମ୍‌ପି ସପ୍ତଗିରିଙ୍କୁ ପଚାରିବାରୁ ଚଳିତ ଥର ଅନ୍‌ଲାଇନ ଆବେଦନ ସୁବିଧା ଦିଆଯାଇଛି। ସେ ମଧ୍ୟ ଅନ୍‌ଲାଇନ ଆବେଦନ କରିଛନ୍ତି ଏବଂ ସମସ୍ତଙ୍କୁ ଆବେଦନ କରିବା ପାଇଁ ସ୍ୱାଧୀନତା ଦିଆଯାଇଛି ବୋଲି କହିଛନ୍ତି। ତେବେ ଦଳ ଯାହାକୁ ଟିକେଟ ଦେବ କଂଗ୍ରେସର ସଦସ୍ୟ ଭାବେ ସେ ନିଶ୍ଚୟ ସମର୍ଥନ କରିବେ ବୋଲି କହିଛନ୍ତି।

# ଏସ୍‌ପିରୁ ଜୟା ବଚ୍ଚନଙ୍କ ନାମାଙ୍କନ



ଉତ୍ତର ପ୍ରଦେଶର ଇଟାୱାରେ ଦୁଧେଶ୍ୱର ମହାଦେବ ମନ୍ଦିର ନିର୍ମାଣ ପାଇଁ ଲକ୍ଷ୍ନୌସ୍ଥିତ ଦଳୀୟ ମୁଖ୍ୟାଳୟ ସମ୍ମୁଖରେ ପହଞ୍ଚିଥିବା ମହାଶାଳିଗ୍ରାମ ଶିଳା ପୂଜନ ବେଳେ ସମାଜବାଦୀ ପାର୍ଟି ଏମ୍‌ପି ଡିମ୍ପଲ ଯାଦବଙ୍କ ସହ ଜୟା ବଚ୍ଚନ।

ଲକ୍ଷ୍ନୌ,୧୩।୨

## ରାଜ୍ୟ ସଭା ନିର୍ବାଚନ

ରାଜ୍ୟ ସଭା ନିର୍ବାଚନ ପାଇଁ ସମାଜବାଦୀ ପାର୍ଟି (ଏସ୍‌ପି)ରୁ ୪ ଥରର ଏମ୍‌ପି ଜୟା ବଚ୍ଚନଙ୍କ ସମେତ ଦଳିତ ନେତା ରାମଜୀଲାଲ୍ ସୁମନ ଏବଂ ୟୁପିର ପୂର୍ବତନ ମୁଖ୍ୟ ସଚିବ ଅଲୋକ ରଞ୍ଜନ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସମାଜବାଦୀ ପାର୍ଟି ଏହାର ସାମର୍ଥ୍ୟ ଅନୁଯାୟୀ ୩ ପ୍ରାର୍ଥୀଙ୍କୁ ରାଜ୍ୟ ସଭାକୁ ପଠାଇପାରିବ। ରାଜ୍ୟ ସଭା ପାଇଁ ଭାଜପା ରବିବାର ୭ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲା। ଏପ୍ରିଲ ୨ରେ ଉତ୍ତରପ୍ରଦେଶରୁ ରାଜ୍ୟ ସଭାରେ ୯ ଭାଜପା ଏବଂ ଜଣେ ଏସ୍‌ପି ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି। ନାମାଙ୍କନ ଦାଖଲ ଶେଷ ତାରିଖ ଫେବୃଆରୀ ୧୫ ରହିଥିବାବେଳେ ୨୭ରେ ଆବଶ୍ୟକ ପଡ଼ିଲେ ନିର୍ବାଚନ ହେବ।

# ଭାଜପାରେ ଯୋଗଦେଲେ ଅଶୋକ ଚଭନ୍

ମୁମ୍ବାଇ, ୧୩।୨



ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଲେ ଅଶୋକ ଚଭନ୍।

ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଚଭନ୍ ମଙ୍ଗଳବାର ଭାଜପାରେ ସାମିଲ ହୋଇଛନ୍ତି। ମୁମ୍ବାଇସ୍ଥିତ ଭାଜପା କାର୍ଯ୍ୟାଳୟରେ ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଓ ଅନ୍ୟ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ଦୀର୍ଘ ଚାରି ଦଶନ୍ଧି ଧରି କଂଗ୍ରେସରେ ରାଜନୀତି କରିବା ପରେ ଏହା ତାଙ୍କର ନୂତନ ରାଜନୈତିକ ଜୀବନର ଅୟମାରମ୍ଭ ହୋଇଥିବା ସେ କହିଛନ୍ତି।

ଭାଜପାରୁ ଅଶୋକ ରାଜ୍ୟ ସଭା ଯିବା ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏହାକୁ ନେଇ ଟାର୍ଗେଟ କରିଛି ବିରୋଧୀ ଶିବସେନା(ୟୁବିଟି)। ଆଦର୍ଶ ହାଉସିଂ ସୋସାଇଟି ଦୁର୍ନୀତି ମାମଲା ଉଠାଇବା ସହ ଯଦି ଭାଜପା ଅଶୋକଙ୍କୁ ରାଜ୍ୟ ସଭା ପଠାଏ, ତେବେ ଏହା ଶହୀଦ ସୈନିକଙ୍କ ପ୍ରତି ଅପମାନ ହେବ ବୋଲି ଦଳର ନେତା ଉଦ୍ଧବ ଠାକ୍‌ରେ କହିଛନ୍ତ। ଅନ୍ୟପକ୍ଷରେ ଆଦର୍ଶ ହାଉସିଂ ଦୁର୍ନୀତି ମାମଲାରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ରାୟ ତାଙ୍କ ସପକ୍ଷରେ ଯାଇଥିବା ଅଶୋକ କହିଛନ୍ତି। ସୋମବାର ସେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସୂଚନାଯୋଗ୍ୟ ଯେ ଅଶୋକ ଚଭନ୍ ୨୦୦୮ରୁ ୨୦୧୦ ଯାଏ ଦୁଇ ବର୍ଷ ଧରି ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଥିଲେ। ତେବେ ଆଦର୍ଶ ହାଉସିଂ ସୋସାଇଟି ଦୁର୍ନୀତିରେ ତାଙ୍କ ନାମ ଆସିବାରୁ କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ୨୦୧୦ ନଭେମ୍ବର ୯ରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ।

# ଅଶ୍ୱିନୀଙ୍କ ଓଡ଼ିଶା ଗସ୍ତକୁ ନେଇ ଚର୍ଚ୍ଚାରେ ୩ୟ ଆସନ

ଭୁବନେଶ୍ୱର,୧୩।୨(ସୁନିତ୍ ମିଶ୍ର)

- ନାମାଙ୍କନ ପାଇଁ ଆଉ ଗୋଟିଏ ଦିନ
- ଜଣେ ପ୍ରାର୍ଥୀ ଜିତିବାକୁ ଦରକାର ୩୭ ଖଣ୍ଡ ଭୋଟ୍



ଅଶ୍ୱିନୀ ବୈଷ୍ଣବ

ଓଡ଼ିଶାର ୩ ରାଜ୍ୟ ସଭା ସାଂସଦ ଅମର ପଟ୍ଟନାୟକ, ପ୍ରଶାନ୍ତ ନନ୍ଦ ଏବଂ ଅଶ୍ୱିନୀ ବୈଷ୍ଣବଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୩ ତାରିଖରେ ଶେଷ ହେଉଛି। ଖାଲି ହେବାକୁ ଥିବା ଏହିସବୁ ଆସନ ପାଇଁ ଆସନ୍ତା ୧୫ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ। ଯଦି ୩ରୁ ଅଧିକ ପ୍ରାର୍ଥୀ ହୁଅନ୍ତି, ତେବେ ଆସନ୍ତା ୨୭ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ହେଲେ ମଙ୍ଗଳବାର ସୁଦ୍ଧା ବିଜେଡି ଘୋଷଣା କରିଥିବା ୨ ଜଣ ପ୍ରାର୍ଥୀ ଶୁଭାଶିଷ ଖୁଣ୍ଟିଆ ଏବଂ ଦେବାଶିଷ ସାମନ୍ତରାୟ ହିଁ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ହେଲେ ୩ୟ ଆସନ ଖାଲି ଥିବାବେଳେ ବିଜେଡି ୨ ଜଣ ପ୍ରାର୍ଥୀ ଦେଇ ତୃତୀୟ ପ୍ରାର୍ଥୀ ନାଁ ଘୋଷଣା ନ କରିବା ଏବେ ରାଜ୍ୟର ସବୁଠୁ ଚର୍ଚ୍ଚାର ବିଷୟ ପାଲଟିଛି।

ସଂଖ୍ୟା ଦୃଷ୍ଟିରୁ ଦେଖିଲେ ବିଜେଡି ୩ଟି ଯାକ ଆସନ ଦଖଲ କରିପାରିବା ଭଳି ସଂଖ୍ୟା ରଖିଛି। ହେଲେ ଦୁଇଟି ପ୍ରାର୍ଥୀ ଘୋଷଣା କରି ଗୋଟିଏ ଆସନ ଲାଗି ଏ ପର୍ଯ୍ୟନ୍ତ କାହାକୁ ବିଜେଡି ପ୍ରାର୍ଥୀ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ତେବେ ଏହାରି ମଧ୍ୟରେ ବୁଧବାର ଠାରୁ ଅଶ୍ୱିନୀ ବୈଷ୍ଣବଙ୍କ ୨ ଦିନିଆ ଓଡ଼ିଶା ଗସ୍ତ ନେଇ ରାଜନୈତିକ ମହଲରେ ଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯେହେତୁ ୨୦୧୯ରେ ବିଜେଡି ପାଖରେ ସଂଖ୍ୟାବଳ ଥିବା ସତ୍ତ୍ୱେ ଭାଜପା ଶୀର୍ଷ କେନ୍ଦ୍ରୀୟ ନେତାଙ୍କ ଠାରୁ ଫୋନ୍ ପାଇବା ପରେ ଶାସକ ଦଳ ଗୋଟିଏ ରାଜ୍ୟ ସଭା ଆସନ ସେମାନଙ୍କୁ ଛାଡି ଦେଇଥିଲା, ଏଥର ମଧ୍ୟ ସେମିତି କିଛି ଘଟିପାରେ ବୋଲି ଆକଳନ କରାଯାଉଛି। ସେଥର ବିଜେଡି ପକ୍ଷରୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀ ହୋଇଥିବା ଅଶ୍ୱିନୀଙ୍କ ପାଇଁ ଗୋଟିଏ ଆସନ ଛଡା ଯାଇଥିଲା। ଯେହେତୁ ଅଶ୍ୱିନୀ ଏହି ସମୟରେ ଓଡ଼ିଶା ଆସୁଛନ୍ତି, ତାଙ୍କ ପ୍ରାର୍ଥିତ୍ୱ ନେଇ ଆକଳନ କରାଯାଉଛି। ଅବଶ୍ୟ ତାଙ୍କ କାର୍ଯ୍ୟ ସୂଚୀରେ ବିଧାନସଭା ଯିବା ନେଇ ନିର୍ଦ୍ଦିଷ୍ଟ ଭାବେ କିଛି ଉଲ୍ଲେଖ ନାହିଁ।

ବର୍ତ୍ତମାନ ବିଧାନସଭାରେ ମୋଟ୍ ୧୪୬ ଜଣ ବିଧାୟକ ଥିବାବେଳେ ବିଜେଡି ପାଖରେ ୧୦୮, ଭାଜପାର ୨୨, କଂଗ୍ରେସର ୯, ଦଳରୁ ବାହାରି ଥିବା ୬ ଜଣ ସ୍ୱାଧିନ ବିଧାୟକ ଏବଂ ଜଣେ ସିପିଆଇ(ଏମ୍) ବିଧାୟକ ଅଛନ୍ତି। ରାଜ୍ୟ ସଭା ଆସନ ଲାଗି ଭୋଟ୍ ହେଲେ ନିୟମ ଅନୁଯାୟୀ ଜଣେ ପ୍ରାର୍ଥୀକୁ ୩୭ ଖଣ୍ଡ ଭୋଟ୍ ଦରକାର। ଏହି ଦୃଷ୍ଟିରୁ ବିଜେଡି ଚାହିଁଲେ ୩ଟି ଯାକ ଆସନ ରଖିପାରିବ। ହେଲେ ଗୋଟିଏ ଆସନ ଲାଗି ବିଜେଡି ପ୍ରାର୍ଥୀ ନ ଦେବା ଯୋଗୁ ରାଜନୈତିକ ଆଲୋଚନା ଭିନ୍ନ ପ୍ରକାର ଆରମ୍ଭ ହୋଇଛି। ଯଦି ଏହି ସମୟରେ ବିଜେଡି ଗୋଟିଏ ଆସନ ୨୦୧୯ ଭଳି ଭାଜପା ପ୍ରାର୍ଥୀଙ୍କ ପାଇଁ ଛାଡ଼େ ତେବେ ତାହା ଭାଜପା ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି କୁହାଯାଉଛି। କାରଣ ଭାଜପା ସହିତ ବିଜେଡି ଅଛି ବୋଲି ବାର୍ତ୍ତା ଚାରିଆଡେ ଖେଳିଯିବ।

# ତୁମେ କ'ଣ ଦଳ ବୁଡ଼େଇବାକୁ ଆସିଛ: ଶରତ

ଭୁବନେଶ୍ୱର,୧୩।୨(ସୁନିତ୍ ମିଶ୍ର)

## କଂଗ୍ରେସ ପ୍ରଚାର କମିଟି ବୈଠକ

- ସରକାରୀ ପଦବୀରେ ବିଜୟଙ୍କ ପୂର୍ବ ନିଯୁକ୍ତି କଥା କହି ବର୍ଷିଲେ

୨୦୨୪ ସାଧାରଣ ନିର୍ବାଚନରେ ପ୍ରଚାର କାର୍ଯ୍ୟକୁ ଶାଣିତ କରିବା ପାଇଁ ପ୍ରଦେଶ କଂଗ୍ରେସ ପ୍ରଚାର କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର କଂଗ୍ରେସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ନିର୍ବାଚନ ପାଇଁ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ହେଲେ ବୈଠକ ଭିତରେ ଦଳର ବରିଷ୍ଠ ନେତା ଶରତ ରାଉତ ପ୍ରଚାର କମିଟି ଅଧ୍ୟକ୍ଷଙ୍କୁ ଏକାଧିକ ପ୍ରଶ୍ନ ପଚାରି ସିଧାସଳଖ ଟାର୍ଗେଟ କରିଥିବା କଂଗ୍ରେସରେ ଚର୍ଚ୍ଚାର ବିଷୟ ପାଲଟିଛି। ଶରତ ଏହି ଅବସରରେ ସିଧାସଳଖ ବିଜୟଙ୍କୁ କହିଥିଲେ ଯେ, କମିଟି ଗଠନ ହେବା ଏବଂ ଆପଣ ଏହାର ଅଧ୍ୟକ୍ଷ ହେବା ୬ ମାସ ହୋଇଗଲାଣି, କେତୋଟି ବୈଠକ ଏହା ଭିତରେ କରିଛନ୍ତି। କେବଳ ନିର୍ବାଚନ ଆସିଲେ କ'ଣ ଏହି କମିଟିର ବୈଠକ ହେବ। ତେବେ କି ପ୍ରକାର ରଣନୀତି କମିଟି ପକ୍ଷରୁ କରାଯାଇଛି, ସେ ବିଷୟରେ କୁହନ୍ତୁ। ଏହି କମିଟି ତ ଠିକ୍ ଭାବେ କାର୍ଯ୍ୟ କରୁନାହିଁ, କୌଣସି ବରିଷ୍ଠ ନେତାଙ୍କ ଠାରୁ କିଛି ହେଲେ ମତାମତ ନିଆଯାଉନି, ତେବେ କମିଟି କ'ଣ କରିଛି। ଝାରସୁଗୁଡାରେ ରାହୁଲ ଗାନ୍ଧୀଙ୍କ କାର୍ଯ୍ୟକ୍ରମ ମଧ୍ୟ ନୈରାଶ୍ୟଜନକ ରହିଲା। ତେବେ ଏହି କମିଟି କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ହୋଇଛି ସେକଥା କୁହନ୍ତୁ। ଆପଣ ତ ବିଗତ ଦିନରେ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ ଏବଂ ଅବସର ପରେ କାର୍ଯ୍ୟକାଳ ବୃଦ୍ଧି କରି ଏହି ପଦବୀରେ ଅଧିକ ଦିନ ରହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ମଧ୍ୟ ରହିଥିଲେ। ବିଗତ ଦିନରେ ବେଦାନ୍ତ ୟୁନିଭର୍ସିଟି ପ୍ରକଳ୍ପର ଅଧ୍ୟକ୍ଷ ଦାୟିତ୍ୱରେ ମଧ୍ୟ ରହିଥିଲେ। ଆପଣ କ'ଣ ଏ ଦଳକୁ ବୁଡ଼ାଇବାକୁ ଆସିଛନ୍ତି କି ବୋଲି ଶରତ ପ୍ରଶ୍ନ କରିଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ଅନ୍ୟପଟେ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳ ପକ୍ଷରୁ କିନ୍ତୁ କୁହାଯାଇଛି, ଆଗକୁ ରାଜ୍ୟର ବିଭିନ୍ନ ସ୍ଥାନରେ ପୋଷ୍ଟର ଓ ହୋର୍ଡିଂ ମାଧ୍ୟମରେ ଦଳର ପ୍ରଚାର ପ୍ରସାର କରାଯିବ। ଏହାସହ ସାମାଜିକ ଗଣମାଧ୍ୟମରେ ଦେଶ ଏବଂ ରାଜ୍ୟରେ କଂଗ୍ରେସ ସରକାର ଥିବା ସମୟରେ ହୋଇଥିବା ଲୋକାଭିମୁଖୀ ଯୋଜନା ରାଜ୍ୟବାସୀଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରାଯିବ। ତୃଣମୂଳସ୍ତରରେ କଂଗ୍ରେସ କର୍ମୀମାନେ ଘରକୁ ଘର ବୁଲି ପ୍ରଚାର ପତ୍ର ମାଧ୍ୟମରେ ଏବଂ ମୌଖିକ ଭାବେ କଂଗ୍ରେସର ବାର୍ତ୍ତା ପହଞ୍ଚାଇବେ। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଛୋଟ ବଡ଼ ସଭାମାନ ଆୟୋଜନ କରାଯିବ, କେନ୍ଦ୍ରରେ ଥିବା ମୋଦି ସରକାର ଓ ରାଜ୍ୟରେ ଥିବା ସରକାରଙ୍କ ଜନବିରୋଧୀ ନୀତିକୁ ସାମ୍ନାକୁ ଆଣିବା ପାଇଁ ରାଜ୍ୟସ୍ତରୀୟ ନେତାମାନେ ପହଞ୍ଚି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। କେନ୍ଦ୍ରୀୟ ନେତୃବୃନ୍ଦ ଯଥା ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ସଚିନ ପାଇଲଟ, କଂଗ୍ରେସ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ବରିଷ୍ଠ ଓ ଯୁବନେତାମାନେ ପହଞ୍ଚି ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ, ରାଜ୍ୟ ସହପ୍ରଭାରୀ କ୍ରିଷ୍ଟୋଫର ତିଲକ, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକୋଷ୍ଠ ଲାଗି ଭାଜପାର ୧୬ ରାଜ୍ୟ ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୧୩।୨(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନକ୍ରମେ ବିଭିନ୍ନ ପ୍ରକୋଷ୍ଠର ରାଜ୍ୟ ସଂଯୋଜକଙ୍କ ନାମ ମଙ୍ଗଳବାର ଘୋଷଣା କରାଯାଇଛି। ବୁଦ୍ଧିଜୀବୀ ପ୍ରକୋଷ୍ଠ ପାଇଁ ସୁଦର୍ଶନ ନାୟକ, ଶିକ୍ଷକ ପ୍ରକୋଷ୍ଠରେ ଲକ୍ଷ୍ମୀକାନ୍ତ ମିଶ୍ର, ଆଇନଜୀବି ପ୍ରକୋଷ୍ଠରେ ସୌର ଚନ୍ଦ୍ର ମହାପାତ୍ର, ସମବାୟ ପ୍ରକୋଷ୍ଠରେ ଶ୍ରୀରଞ୍ଜନ ମଙ୍ଗରାଜ, ଶିଳ୍ପଦ୍ୟୋଗୀ ପ୍ରକୋଷ୍ଠରେ ପ୍ରଭାତ କେଶରୀ ମିଶ୍ର, ବ୍ୟବସାୟୀ ପ୍ରକୋଷ୍ଠରେ ଗୋବିନ୍ଦ ଅଗ୍ରୱାଲ, ସି.ଏ ପ୍ରକୋଷ୍ଠରେ ମିହିର ସାହୁ, ଅର୍ଥନୀତି ପ୍ରକୋଷ୍ଠରେ କେ.ସି ପାଣିଗ୍ରାହୀ, ନଗରାଞ୍ଚଳ ପ୍ରକୋଷ୍ଠରେ ଜୀବନ ପ୍ରଦୀପ ଦାସ, ପଞ୍ଚାୟତିରାଜ ପ୍ରକୋଷ୍ଠରେ ଶଙ୍କର୍ଷଣ ପରିଡା, ମେଡିକାଲ ପ୍ରକୋଷ୍ଠରେ କୈଳାଶ ବିଶ୍ୱାଳ, ଇ.ଡବ୍ଲ୍ୟୁ.ଏସ ପ୍ରକୋଷ୍ଠରେ କୁଳମଣି ମିଶ୍ର, ମତ୍ସ୍ୟଜୀବୀ ପ୍ରକୋଷ୍ଠରେ ବିଜୟ ମଲିକ, ସାଂସ୍କୃତିକ ପ୍ରକୋଷ୍ଠରେ ପିଙ୍କି ପ୍ରଧାନ, ପୂର୍ବସୈନିକ ପ୍ରକୋଷ୍ଠରେ କର୍ଣ୍ଣେଲ. ବିରେନ୍ଦ୍ର ବସ୍ତିଆ ଏବଂ ପ୍ରବାସୀ ଓଡ଼ିଆ ପ୍ରକୋଷ୍ଠରେ ଜ୍ୟୋତି ରଞ୍ଜନ ନାୟକଙ୍କୁ ରାଜ୍ୟ ସଂଯୋଜକ ଭାବେ ନିଯୁକ୍ତି ଦିଆଯାଇଛି।

# ଓଡ଼ିଶାରେ ଆଉଟ୍‌ସୋର୍ସରେ ସରକାର ଚାଲିଛି: ଶିବରାଜ




ଭାଜପାର ବରିଷ୍ଠ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବାରାଜ ସିଂ ଚୌହାନଙ୍କ ସମେତ ଦଳୀୟ ନେତୃବୃନ୍ଦ।

ଜଗତ୍‌ସିଂହପୁର, ୧୩।୨
(ପ୍ରମୋଦ କୁମାର ନାୟକ)

## ଜଗତ୍‌ସିଂହପୁର ଲୋକ ସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଡିସେମ୍ବରରେ ମଧ୍ୟପ୍ରଦେଶରେ ଭାଜପା ପୁଣି କ୍ଷମତାକୁ ଫେରିଥିବାବେଳେ ୪ଥରର ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପରେ ଦଳ କିନ୍ତୁ ଭରସା କରି ନ ଥିଲା। ଚୌହାନଙ୍କ ସ୍ଥାନରେ ମୋହନ ଯାଦବ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ହୋଇଥିଲେ। ନିଜ ରାଜ୍ୟରେ ପତିଆରାକୁ ଅକ୍ଷୁଣ୍ଣ ରଖିପାରି ନ ଥିବା ଚୌହ୍ୱାନ ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ପ୍ରଚାରରେ ସାମିଲ ହୋଇଛନ୍ତି। ସେ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସି ଜଗତ୍‌ସିଂହପୁରରେ ଆୟୋଜିତ ଭାଜପା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଏବଂ ବିଜେଡି ଉପରେ ପ୍ରବଳ ବର୍ଷିଛନ୍ତି।

ମଙ୍ଗଳବାର ଜଗତ୍‌ସିଂହପୁର ବଙ୍ଗଳା ଛକ ନିକଟ ଏକ ପଡ଼ିଆରେ ଭାଜପା ପକ୍ଷରୁ ଅନୁଷ୍ଠିତ ଜଗତ୍‌ସିଂହପୁର ଲୋକ ସଭାସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଯୋଗଦେଇ ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି, ପାରାଦୀପରେ ଅଟଳବିହାରୀ ବାଜପେୟୀଙ୍କ ସମୟରେ ରିଫାଇନାରୀ ପ୍ରତିଷ୍ଠା କରାଯାଇଥିଲା। ତେଣୁ ଜଗତ୍‌ସିଂହପୁର ଜିଲାର ଗରିମା ଅଛି। ପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦେଇଛନ୍ତି। ଏହାସତ୍ତ୍ୱେ ଓଡ଼ିଶାବାସୀ ଦୀର୍ଘ ୨୩ ବର୍ଷ ହେବ ଶୋଷିତ ହୋଇଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ରାଶନ କାର୍ଡ କରିବା ଯାଏ ଲାଞ୍ଚ ମଗାଯାଉଛି। ଗରିବ କଲ୍ୟାଣକାରୀ ଯୋଜନାରେ ପ୍ରଧାନମନ୍ତ୍ରୀ ଚାଉଳ ଦେଉଛନ୍ତି। କିନ୍ତୁ ବ୍ୟାଗ୍ ତିଆରି କରି ବିଜେଡି ବ୍ରାଣ୍ଡିଂ କରୁଛନ୍ତି ମୁଖ୍ୟମନ୍ତ୍ରୀ। ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଧାନମନ୍ତ୍ରୀଙ୍କ ଅନେକ ଯୋଜନାକୁ ବିଜେଡି ବ୍ରାଣ୍ଡିଂ କରି ବାହାବା ନେବାକୁ ଅପଚେଷ୍ଟା କରୁଛି। ଅନ୍ୟପଟେ ଚାଷୀଙ୍କ ନାମ ଦେବାକୁ କେନ୍ଦ୍ର ମାଗି ଚାଲିଥିଲେ ସୁଦ୍ଧା ଓଡ଼ିଶା ସରକାର ଦେଉନାହାନ୍ତି, ଯେଉଁ କାରଣରୁ ଓଡ଼ିଶାର ଅନେକ ଚାଷୀ କେନ୍ଦ୍ର ଦେଉଥିବା ବାର୍ଷିକ ୬ ହଜାର ଟଙ୍କାର ସହାୟତାରୁ ବଞ୍ଚିତ ହେଉଛନ୍ତି। ତେଣୁ ବିଜେଡି ସରକାରକୁ ହଟାଇବାକୁ ପଡ଼ିବ। ଓଡ଼ିଶାରେ ଭାଜପା ସରକାର ହେଲେ ଏହି ରାଜ୍ୟ ହିନ୍ଦୁସ୍ଥାନରେ ୧ ନମ୍ବର ହୋଇପାରିବ ବୋଲି ଚୌହାନ କହିଛନ୍ତି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ତୁତି ଗାନ କରିବାକୁ ପଛାଇ ନ ଥିଲେ। ମୋଦି ଦେଶର ନେତୃତ୍ୱ ନେବା ପରେ ଅନେକ ପରିବର୍ତ୍ତନ ଆସିଛି ବୋଲି ସେ କହିଛନ୍ତି। ଏଭଳି ସ୍ଥଳେ ଓଡ଼ିଶା ଓ ଭାରତରେ ଡବଲ ଇଞ୍ଜିନ ଅର୍ଥାତ୍ ଭାଜପା ସରକାର ଦରକାର। ପ୍ରତ୍ୟେକ ଯୁଦ୍ଧକାଳୀନ ଭିତ୍ତିରେ ସାଂଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିପାରିଲେ ସଫଳତା ନିଶ୍ଚୟ ଆସିବ ବୋଲି ଚୌହାନ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି।

ଭାଜପା ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ପ୍ରଭାରୀ ପବିତ୍ର ମୋହନ ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପାର ଜଗତ୍‌ସିଂହପୁର ସଂସଦୀୟ ନିର୍ବାଚନ ମଣ୍ଡଳୀ ସଂଯୋଜକ ଓମ୍‌ପ୍ରକାଶ ରାୟ, ଦଳ ରାଜ୍ୟ ଏସ୍‌ସି ମୋର୍ଚ୍ଚା ସଭାପତି ବିଭୁପ୍ରସାଦ ତରାଇ, ଦଳ ସାଧାରଣ ସମ୍ପାଦକ ଡ. ଯତିନ ମହାନ୍ତି, ଦଳ ଉପସଭାନେତ୍ରୀ ପ୍ରଭାତୀ ପରିଡ଼ା, ଦଳ ପୂର୍ବତନ ଜିଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କାକଟପୁର ପୂର୍ବତନ ବିଧାୟକ ରବି ମଲ୍ଲିକ, ପାରାଦୀପ ନେତା ସମ୍ପଦ ସ୍ୱାଇଁ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀ ନେତା ସଞ୍ଜୟ ମହାନ୍ତି, ସଂଯୋଜକ କ୍ଷୀରୋଦ ଚନ୍ଦ୍ର ପରିଡ଼ା, ତିର୍ତ୍ତୋଲ ନେତା ରାଜକିଶୋର ବେହେରା, ନିଆଳି ନେତା ଛବି ମଲିକ, ଦଳ ଜଗତ୍‌ସିଂହପୁର ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର ପ୍ରମୁଖ ଯୋଗଦେଇ ବିଜେଡି ସରକାର ଉପରେ ବର୍ଷିଛନ୍ତି। ଧାର୍ଯ୍ୟ ସମୟଠାରୁ ଯଥେଷ୍ଟ ବିଳମ୍ବରେ ସମ୍ମିଳନୀ ଆରମ୍ଭ ହୋଇଥିଲେ ସୁଦ୍ଧା ନିଆଳି, ନିମାପଡ଼ା, କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀ ସମେତ ଜଗତ୍‌ସିଂହପୁର ଜିଲାର ୪ଟି ବିଧାନସଭା ଆସନର ଦଳୀୟ କର୍ମୀ ସମାବେଶରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

କୋକସରା, ୧୩।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶାର ଶେଷ କାର୍ଯ୍ୟକ୍ରମ ଡେଙ୍ଗାଗୁଡା ଗ୍ରାମରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଇଶରାମ କୋଲଥିଆଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗ, ମୁଖ୍ୟବକ୍ତା ଭାବେ ଆମପାଣି ଜୋନ ଜିଲା ପରିଷଦ ସଭ୍ୟ ହେମନ୍ତ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଆତ୍ମା କମିଟି ଅଧ୍ୟକ୍ଷ ରତ୍ନରାଜ ମାଝି, ସମିତି ସଭ୍ୟ ଘନଶ୍ୟାମ ନାଏକ, ନବୀନ ଓଡିଶା ବ୍ଲକ ସଂଯୋଜକ ଦୀନକୃଷ୍ଣ କୋଲଥିଆ, ନାଏବ ସରପଞ୍ଚ ସୁମତି ବାଗ ଓ ପଞ୍ଚାୟତ ୱାର୍ଡ଼ ସଭ୍ୟ ସଭ୍ୟା ଉପସ୍ଥିତ ରହିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଓ ଗ୍ରାମାଞ୍ଚଳରେ ବିକାଶ ଯୋଜନା ଉପରେ ଅତିଥିମାନେ ସୂଚନା ଦେଇଥିଲେ। ମଞ୍ଚରେ ଉପସ୍ଥିତ ଶଶୀଭୂଷଣ ମାଝି ଓ ସମିତି ସଭ୍ୟ ଘନଶ୍ୟାମ ନାଏକ ମହିମା ପଞ୍ଚାୟତକୁ ଲକ୍ଷ୍ମୀ ବସ ସେବା ମିଳୁ ନ ଥିବା ଓ ଡେଙ୍ଗାଗୁଡାରୁ ଟେମରା ରାସ୍ତା ଦୀର୍ଘ ଦଶନ୍ଧି ପରେ ମଧ୍ୟ ଅବହେଳିତ ହୋଇ ରହିଥିବା ଅଭିଯୋଗ କରିଥିଲେ। ମଞ୍ଚ ସଂଯୋଜନା ଶରତ ଚନ୍ଦ୍ର ନାଏକ କରିଥିବା ବେଳେ ମିଶନ ଶକ୍ତି ଅଧୀନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ମାଣ୍ଡିଆ ଉତ୍ପାଦିତ ଖାଦ୍ୟ ସାମଗ୍ରୀ ପ୍ରଦର୍ଶିତ କରିଥିଲେ। ପିଇଓ ଓମ ଜଗଦୀଶ ଯାନୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

### କୁରାଳ ସମାଜର ସାଧାରଣ ବୈଠକ

ପଲମ, ୧୩।୨ (ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ବିଲାଟ ଗ୍ରାମ ମନ୍ଦିର ପ୍ରାଙ୍ଗଣରେ କୁରାଳ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଗଙ୍ଗାଧର ରଣାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲା କୁରାଳ ସମାଜର ସଭାପତି କେଦାରନାଥ ରଣା, ସମ୍ମାନିତ ଅତିଥି ଭାବେ ଜିଲା ସମ୍ପାଦକ ବିରକିଶୋର ରଣା ଉପସ୍ଥିତ ରହି ସମାଜର ସଙ୍ଗଠନ ସମ୍ପର୍କରେ ଆଲୋଚନା ହେବା ସହ ସାମାଜିକ, ରାଜନୈତିକ ଓ ଆର୍ଥିକ ପ୍ରଗତିରେ ସମାଜର ଭୂମିକା ନେଇ ସଦସ୍ୟମାନେ ମତ ଦେଇଥିଲେ। ନର୍ଲା ବ୍ଲକ କମିଟି କାର୍ଯ୍ୟକାଳ ପୂରଣ ହୋଇଥିବାରୁ ନୂତନ କର୍ମକର୍ତ୍ତା ଚୟନ କରାଗଲା। ସଭାପତି ଭାବେ ଗଙ୍ଗାଧର ରଣା, ଉପ ସଭାପତି ପରନ୍ଦର ରଣା, ସହସମ୍ପାଦକ ଭାବେ ପୀତାମ୍ବର ରଣା, କୋଷାଧ୍ୟକ୍ଷ ଦେବାନନ୍ଦ ରଣାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଯୁବ ସଭାପତି ଭବେ କୌରବ ରଣା ଓ ସମ୍ପାଦକ ଚିତ୍ତରନ ରଣାଙ୍କୁ ଚୟନ କରାଯାଇଥିଲା। ମହିଳା ସଭାନେତ୍ରୀ ଭାବେ ଦ୍ରୌପଦୀ ରଣା ଏବଂ ସମ୍ପାଦିକା ଭାବେ ଜାନବୀ ରଣାଙ୍କୁ ଚୟନ କରାଯାଇଛି। ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ଡମ୍ବରୁଧର ରଣା, ଚତୃଭୁଜ ରଣାଙ୍କ ମନୋନୀତ କରାଯାଇଛି। ନୂତନ କର୍ମକର୍ତ୍ତାମାନଙ୍କୁ ଜିଲା ସମ୍ପାଦକ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମ ନର୍ଲା ବ୍ଲକ ପୂର୍ବତନ ସମ୍ପାଦକ ଯୁଗଳ କିଶୋର ରଣା ପରିଚାଳନା କରିଥିଲେ।

### ସେମିଫାଇନାଲରେ ମାଣ୍ଡୋସିଲ

**ରାଧା କୃଷ୍ଣ କ୍ରିକେଟ**

ଖଡ଼ିଆଲ, ୧୩।୨ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲ ପୁଟପଡା ଖେଳ ପଡ଼ିଆଠାରେ ଚାଲୁଥିବା ଅଷ୍ଟମ ରାଧାକୃଷ୍ଣ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମାଣ୍ଡୋସିଲ ଓ ଅନକାପୁର ମଧ୍ୟରେ ଖେଳ ହୋଇଥିଲା। ଏଥିରେ ମାଣ୍ଡୋସିଲ ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ ଖଡିଆଳ ନାରୀନେତ୍ରୀ ତଥା ନୂଆପଡା ଜିଲା ଯାଦବ ମହିଳା ମହାସଭା ସଭାନେତ୍ରୀ ଓ ଖଡିଆଳ ସ୍ୱୟଂ ଶକ୍ତି ମହିଳା ମହାସଂଘ ସଭାନେତ୍ରୀ ମମତା ମଞ୍ଜରୀ ଥପା, ସମ୍ମାନିତ ଅତିଥି ଭାବେ ୱାର୍ଡ ନଂ ୧୨ର କାଉନସିଲର ବିନତୀ ହଂସ, ବିଶିଷ୍ଟ ସାମାଜିକ କର୍ମୀ ଦୟା ଥପା ଯୋଗଦାନ କରିଥିଲେ। ଖେଳ ଶେଷରେ ବିଜୟୀ ଦଳ ଓ ମ୍ୟାଚ ଅଫ ଦି ମ୍ୟାଚ ଅତିଥିଙ୍କ ଦ୍ୱାରା ପୁରସ୍କାର ଗ୍ରହଣ କରିଥିଲେ। ଖେଳ ପରିଚାଳନା କରିବାରେ ସୌରଭ ନାଗ, ମନୋଜ ଶବର ଓ ରାଧାକୃଷ୍ଣ କ୍ରିକେଟ କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସାନ୍ଦୁଲ ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)

- ୨୯ ଗ୍ରାମର ୫ ହଜାର ହେକ୍ଟର ଜମି ହେବ ଜଳସେଚନ
- ଭୂତଳ ପାଇପ କେନାଲ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ



ଉଦ୍‌ଘାଟନୀ ସଭାରେ ଅତିଥିଗଣ।

କଳାହାଣ୍ଡି ଜିଲା ଏମ୍. ରାମପୁର ବ୍ଲକ ଅନ୍ତର୍ଗତ ଡୁଟାଠାରେ ୧୨୬.୪୭ କୋଟି ଟଙ୍କାରେ ନିର୍ମାଣ ହୋଇଥିବା ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପକୁ ମଙ୍ଗଳବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଉଦଘାଟନ କରିଛନ୍ତି। ସେହିପରି ୧୮୯.୭୭ କୋଟି ଟଙ୍କା ଅଟକଳରେ ସାନ୍ଦୁଲ ବ୍ୟାରେଜର ୟୁଜି ପିଏଲ ବଣ୍ଟନ ବ୍ୟବସ୍ଥା ଭୂତଳ ପାଇପ କେନାଲ ନିର୍ମାଣର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସାନ୍ଦୁଲ ବ୍ୟାରେଜ ନିର୍ମାଣ ଜୁଲାଇ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଚୁକ୍ତିନାମା ହୋଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଅନୁଗ୍ରହ ଓ ୫-ଟି ଅଧ୍ୟକ୍ଷଙ୍କ ପ୍ରଚେଷ୍ଟା ଯୋଗୁ ୫ ମାସ ଆଗରୁ ଏହା ଉଦଘାଟନ ହୋଇଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଅନୁଷ୍ଠିତ ଉଦଘାଟନୀ ସଭାରେ କଳାହାଣ୍ଡି ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଓ ଏମ୍. ରାମପୁର ବ୍ଲକ ଅଧ୍ୟକ୍ଷ ମନ୍ଦାକିନୀ ସିଂଦେଓ ପ୍ରମୁଖ ଉପସ୍ଥିତ ଥିଲେ।

ସାନ୍ଦୁଲ ଭୂତଳ ପାଇପ ଜଳସେଚନ ଯୋଗୁ କେସିଙ୍ଗା ବ୍ଲକର ୧୪ ଗ୍ରାମ, କର୍ଲାମୁଣ୍ଡା ବ୍ଲକର ୧୩ ଗ୍ରାମ ଓ ନର୍ଲା ବ୍ଲକର ୨ଟି ଗ୍ରାମର ମୋଟ ୨୯ଟି ଗ୍ରାମର ୫ ହଜାର ହେକ୍ଟର ଜମିକୁ ଖରିଫ ଋତୁରେ ଜଳ ଯୋଗାଣ ହୋଇପାରିବ। ସେହିପରି ପ୍ରାୟ ୧୫ହଜାର ଚାଷୀ ପରିବାର ଏହାଦ୍ୱାରା ଲାଭବାନ ହୋଇପାରିବେ। ସାନ୍ଦୁଲ ପ୍ରକଳ୍ପ ଯୋଗୁ ଜଳସେଚନ ସହ ଭୂତଳ ଜଳ ସଂରକ୍ଷଣ, ମତ୍ସ୍ୟ ଚାଷ, ଗୋପାଳନ, ବହୁମୁଖୀ ଚାଷ କାର୍ଯ୍ୟ ଯୋଗୁ ଚାଷୀ ଲାଭବାନ ହୋଇପାରିବେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ନର୍ଲା ବିଧାୟକ ଭୂପିନ୍ଦର ସିଂ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ଚାଷୀକୁଳର ବନ୍ଧୁ କହିବା ସହ ସମୟ ପୂର୍ବରୁ ସାନ୍ଦୁଲ ପ୍ରକଳ୍ପର ନିର୍ମାଣ ଶେଷ ହେବା ୫-ଟି ମନ୍ତ୍ରର ସମୟକୁ ଗୁରୁତ୍ୱ ଦିଆଗଲା ବୋଲି କହି ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ, ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିବା ବେଳେ ଅଞ୍ଚଳର ଜନ ପ୍ରତିନିଧି, ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ଜଳସମ୍ପଦ ଚିଫ ଇଞ୍ଜିନିୟର ସୁଶିଳ ବେହେରା, ଅତିରିକ୍ତ ଚିଫ ଇଞ୍ଜିନିୟର ନିର୍ଭିଗ୍ନ ଭୋଇ, ଏସ ଇ ଜଳସେଚନ ଯୀଶୁକ୍ରୀଷ୍ଟ ବେରିହା, ଡିଆଇପିଆରଓ ମନୋଜ ବେହେରା, ଏସଡିଓ ତାରାପ୍ରସାଦ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୬ ଦଫା ଦାବି ନେଇ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା




ଗ୍ରାମ୍ୟ କୃଷି କର୍ମଚାରୀମାନେ ଧାରଣା ଦେଇଛନ୍ତି।

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ କୃଷି ଅଧିକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ୬ଦଫା ଦାବି ନେଇ ଜିଲାରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀ ଓ ମହିଳା ଗ୍ରାମ୍ୟ କୃଷି କର୍ମଚାରୀମାନେ ଧାରଣା ଦେଇଛନ୍ତି। ଏଥିରେ କ୍ୟାର୍ଡର ପୁର୍ନଗଠନ, ଚୁକ୍ତି ଭିତ୍ତିକ ଚାକିରିର ୬ବର୍ଷ ମୂଳ ଚାକିରିରେ ଗଣନା, ପଦନ୍ନୋତି ଆବାସିକ ସମୟ ସୀମା ୩ବର୍ଷ, ଗ୍ରେଡ ପେ ୪୨ଶହକୁ ବୃଦ୍ଧି ଓ ପଦବୀର ନାମ ପରିବର୍ତ୍ତନ ଆଦି ରହିଛି। ଏହି ଧାରଣା ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାରି ଭିତରେ ସରକାର ଯଦି ଉପରୋକ୍ତ ଦାବି ନ ଶୁଣନ୍ତି ତାହାହେଲେ ୨୦ ତାରିଖରେ ରାଜ୍ୟ ମୁଖ୍ୟ କୃଷି ଭବନଠାରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏହାପୂର୍ବରୁ ଗତ ୮ ତାରିଖ ଏ ନେଇ ଜିଲାପାଳଙ୍କୁ ସଂଘ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ସଭାପତି ସମ୍ଭୁଦତ୍ତ ନାଏକଙ୍କ ନେତୃତ୍ୱରେ ଉପସଭାପତି ଲୋକନାଥ ପାତ୍ର, ସାଧାରଣ ସମ୍ପାଦକ ଭାସ୍କର ମାଝି, ଯୁଗ୍ମ ସମ୍ପାଦକ ବାସୁଦେବ ସାହୁ, କୋଷାଧ୍ୟକ୍ଷ ଅବିନାଶ ଠାକୁର, ଉପଦେଷ୍ଟା ଆଶେଶ୍ୱର ଦୁର୍ଗା, ଖଗପତି ଛୁରା, ସୁନିତା ଶର୍ମା, ନିବେଦିତା ଖାନସମା, ଯୋସ୍ନା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଡକାୟତ ନାବାଳକଙ୍କୁ ଜୁଭେନାଇଲ ବୋର୍ଡରେ ହାଜର

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)

**ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ଥାନା ପୋଲିସ ଏକ ଡକାୟତି ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି। ଏହି ଗ୍ୟାଙ୍ଗର ମୁଖ୍ୟ ଛତିଶଗଡ଼ ଭୀମଖୋଜ ଗ୍ରାମର ଜଣେ ନାବାଳକଙ୍କୁ ପୋଲିସ ଭବାନୀପାଟଣାସ୍ଥିତ ଜୁଭେନାଇଲ ବୋର୍ଡରେ ହାଜର କରାଇଛି। ଏହି ଘଟଣାରେ ଆଉ ୨ ଜଣ ସାମିଲ ଥିବାବେଳେ ପୋଲିସ ସେମାନଙ୍କୁ ଧରିବା ପାଇଁ ତଦନ୍ତ ଚଳାଇଥିବା ମଙ୍ଗଳବାର ମଧ୍ୟାହ୍ନରେ ଟାଉନ ଥାନା ପୋଲିସର ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଗତ ଜାନୁଆରୀ ୨୪ରେ ଭବାନୀପାଟଣା ରାଧାକୃଷ୍ଣ ନଗର ପଡାର ଅନନ୍ତ ପାତ୍ରଙ୍କଠାରୁ କିଛି ଦୁର୍ବୃତ୍ତ ଘରୁ ୫ ଲକ୍ଷ ଟଙ୍କା ଝାମ୍ପି ନେଇଥିଲେ। ଏହାକୁ ନେଇ ସେତେବେଳେ ଅନନ୍ତ ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୭/୨୪) ରୁଜୁ କରିଥିଲା। ସଦର ଏସ ଡିପିଓ ସୁନାରାମ ହେମ୍ବ୍ରମ ଏହାର ତଦନ୍ତ ପରେ ଡକାୟତମାନେ ଛତିଶଗଡ଼ ଭୀମଖୋଜ ଗାଁର ହୋଇଥିବା ଜଣାପଡିଥିଲା। ଏହାପରେ ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ତପନ କାଲୋ ଡକାୟତମାନଙ୍କୁ ଧରିବା ପାଇଁ ଛତିଶଗଡ଼ ଯାଇଥିଲେ। ସେଠାରୁ ଜଣେ ନାବାଳକ ଡକାୟତଙ୍କୁ ଧରିଥିଲା। ନାବାଳକଙ୍କ ଠାରୁ ୫ଲକ୍ଷ ଟଙ୍କା ଓ ଗୋଟିଏ ବାଇକ ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ଆଇପିଏସ ଆଜିଙ୍କ୍ୟ ମାନେ, ଟାଉନ ଥାନାଧିକାରୀ ଯଶୋବନ୍ତ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷି ବିଜ୍ଞାନ କେନ୍ଦ୍ରରେ ୧୯ତମ ଉପଦେଷ୍ଟା ମଣ୍ଡଳୀ ବୈଠକ

ନୂଆପଡ଼ା, ୧୩।୨ (ମକାରୁ ବେମାଲ)

ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଉନବିଂଶ ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ତଥା ନୂଆପଡା କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଶାଶ୍ୱତୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଇସିଏଆରଏଟି ଡ.ଅଭିଜିତ ହାଲଦା, ଓୟୁଟି ଯୁଗ୍ମ ସମ୍ପ୍ରସାରଣ ନିର୍ଦ୍ଦେଶକ ଡ. ପ୍ରଶାନ୍ତ ମହାନ୍ତି, ଆଞ୍ଚଳିକ ଧାନ ଗବେଷଣା କେନ୍ଦ୍ର ଡ.ଡିକେ କୁମାର, ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ପ୍ରଦୀପ କୁମାର ସେଠ, ଜିଲା ଉଦ୍ୟାନ ବିଭାଗ ଅଧିକାରୀ ହରେକୃଷ୍ଣ ହସଦା, ଜିଲା କୃଷି ଅଧିକାରୀ ସତ୍ୟ ନାଗ, ଜିଲା ବନ୍ୟପ୍ରାଣୀ ବିଭାଗ ଅଧିକାରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର କଳାହାଣ୍ଡି ସମ୍ପ୍ରସାରଣ ବୈଜ୍ଞାନିକ ବଡ ଜେନା ଓ ଅନ୍ୟ ବିଭାଗ ମୁଖ୍ୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା, କୃଷକ ଓ କୃଷିଜିବୀ ମହିଳାମାନଙ୍କ ପ୍ରତିନିଧି କରୁଥିବା ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ରରେ ଗତ ବର୍ଷରେ କରାଯାଇଥିବା କାର୍ଯ୍ୟ ଓ ଆଗାମୀ ବର୍ଷ ପାଇଁ ସ୍ଥିର କରାଯାଇଥିବା କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ କେନ୍ଦ୍ର ନୂଆ ଡେମୋ ୟୁନିଟ ଛେଳି ପାକଶାଳା ବଗିଚା, କୁକୁଡା ବ୍ରିଡିଙ୍ଗ ଇତ୍ୟାଦି ଅତିଥିମାନଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। କେନ୍ଦ୍ର ଦ୍ୱାରା ପ୍ରକାଶିତ ବୁକଲେଟ ଓ ନ୍ୟୁଜଲେଟର ଉନ୍ମୋଚନ କରାଯାଇଥିଲା। କେନ୍ଦ୍ରରୁ କୃଷି ଉତ୍ପାଦକ ସଂଘ ସିଇଓ ରମେଶ ଚନ୍ଦ୍ର ନାୟକ ଓ ରୋହିତ କୁମାର ଦାସ ଓ ସଭ୍ୟମାନେ ଯୋଗଦେଇଥିଲେ।

## ବିଜେପୁର ପଞ୍ଚାୟତରେ ସଚେତନତା ଶିବିର

ଲାଞ୍ଜିଗଡ଼, ୧୩।୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ମଙ୍ଗଳବାର ବିଜେପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଜନନୀ ମାଝିଙ୍କ ତତ୍ତ୍ୱାବଧାନରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ମୁଖ୍ୟବକ୍ତା ଭାବେ ସହକାରୀ ଯନ୍ତ୍ରୀ ସାଲଖୁ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସତନ୍ତ୍ର ଅଧିକାରୀ ଶରତ ସାହୁ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ, ନାଏବ ସରପଞ୍ଚ ଇନ୍ଦ୍ର ମାଝି, ନୀଲେଶ କୁମାର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ବିଜେପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ତାପସ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଉପରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ପ୍ରାଣୀସମ୍ପଦ, ବିଦ୍ୟୁତ୍ ବିଭାଗ ଷ୍ଟଲମାନ ଖୋଲାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ଗୋପାଲ ଦାସ ମହାନନ୍ଦ ମଞ୍ଚ ପରିଚାଳନା ଏବଂ ତାପସ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ଲୋୟର ଇନ୍ଦ୍ର ମୁଖ୍ୟ ନିର୍ମାଣାଧୀନ ଯନ୍ତ୍ରୀଙ୍କୁ ଦାବିପତ୍ର



ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଖଡ଼ିଆଲ, ୧୩।୨ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ତିଖାଲି ଡ୍ୟାମରୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ମଙ୍ଗଳବାର ଚାଷୀମାନେ ଲୋୟର ଇନ୍ଦ୍ର କାର୍ଯ୍ୟାଳୟ ଘେରିବା ସହିତ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ମୁଖ୍ୟ ନିର୍ମାଣାଧୀନ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ଖଡ଼ିଆଲ ବ୍ଲକ ଚନାବେଡା, ସାନମହେଶ୍ୱର, ବରଗାଁ, ଖୁଦପେଜ ଓ ଭୋଜପୁର ଗ୍ରାମପଞ୍ଚାୟତ ବିଭିନ୍ନ ଗ୍ରାମର ଚାଷୀ ଓ କୋମନା ବ୍ଲକ ପେଣ୍ଡରା ବନ୍ଦ ଗ୍ରାମପଞ୍ଚାୟତ ଚାନ୍ଦୋପଲା ଗ୍ରାମର ଚାଷୀମାନେ ସାମିଲ ହୋଇଥିଲେ। ଦୀର୍ଘଦିନରୁ ଦାବି ହେଉଥିଲେ ମଧ୍ୟ ଏହି ଗ୍ରାମ ସବୁ ତିଖାଲି ଡ୍ୟାମରୁ ୩ରୁ ୫ କିଲୋମିଟର ଦୂରରେ ଥିବା ସତ୍ତ୍ୱେ ଜଳସେଚନ ସୁବିଧା ମିଳୁ ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ଲୋୟର ଇନ୍ଦ୍ର କାର୍ଯ୍ୟାଳୟର ମୁଖ୍ୟ ନିର୍ମାଣାଧୀନ ଯନ୍ତ୍ରୀ ସଞ୍ଜୀବ ଜ୍ଞାନ ଭାତ୍ରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତିଶୀଘ୍ର ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ଓ ଦରକାର ପଡିଲେ ଭୋଟ ବର୍ଜନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ନେଇ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଭାତ୍ରାଙ୍କୁ ପଚାରିବାରୁ ଫିଜିବିଲିଟି ରିପୋର୍ଟ ମଞ୍ଜୁର ପାଇଁ ସରକାରଙ୍କ ପାଖକୁ ଯାଇଛି, ମଞ୍ଜୁର ହୋଇଗଲେ ଶୀଘ୍ର କାର୍ଯ୍ୟ ଆରମ୍ଭ ହୋଇଯିବ ବୋଲି କହିଛନ୍ତି। ଦାବିପତ୍ର ସମୟରେ ଚାଷୀ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଗୌତମ ମୁଣ୍ଡ, ଜଗତରାମ ଶବର, ଭୁବନେଶ୍ୱର ପଟେଲ, ଦେବନାଥ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ସୁନାବେଡ଼ାରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ନୂଆପଡ଼ା, ୧୩।୨ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ସୁନାବେଡାଠାରେ ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ରଜନୀ ଜଗତଙ୍କ ଅଧ୍ୟକ୍ଷତାରେ କୋମନା ଗୋଷ୍ଠି ଉନ୍ନୟନ ଅଧିକାରୀ ହିତାଂଶୁ ଶେଖର ସାମଲ ମୁଖ୍ୟଅତିଥି, ଅତିରିକ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜିତେନ୍ଦ୍ର ପ୍ରଧାନ, ସିଆଲଲଟି ସରପଞ୍ଚ କାଳିଆ ପ୍ରଧାନ, ସାମାଜିକ କର୍ମୀ କ୍ଷମା ନିଆଲ, ସୁନାଦେଇ ମନ୍ଦିର ପୂଜାରୀ ବିଶ୍ରାମ ଛତ୍ରିଆ, ବିଜୟ ଝାଙ୍କର, ଗୁଡାରଜା ବିକାଶ କମିଟି ସଭାପତି ଭୂଜବଳ ମାଝି, ସମିତି ସଭ୍ୟ ହେମଲ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଥପ୍ରାନ୍ତ ନାଟକ, ପାଲା, ସଂକୀର୍ତ୍ତନ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି। ସୁନାବେଡା ଅଞ୍ଚଳର ଲୁକାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମାଞ୍ଚଳ ତଥା ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ରମାନ ଭାଗ ନେଇଥିଲେ। ଘନଶ୍ୟାମ କୁମ୍ଭାର ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟ ପ୍ରକାଶ ମାଝି, ଗ୍ରାମ ରୋଜଗାର ସେବକ ସୀମାଞ୍ଚଳ ମାଝି, ଗୌତମ ଭୋଇ, ଯୁବରାଜ ଛତ୍ରିଆ, କଲିରାମ ସୁଆର, ମଣିରାମ ମାଝି ପ୍ରମୁଖ ସହଯୋଗ କରିଥିଲେ।

## ବିଭିନ୍ନ କାର୍ଯ୍ୟର ସମୀକ୍ଷା କଲେ ବିଡିଓ

କୋକସରା, ୧୩।୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡିଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତ ଉପାନ୍ତ ଅଞ୍ଚଳର ବିରିମୁହାଣ ଓ କୁଟରୁ ଗାଁରେ ମଙ୍ଗଳବାର ବିଡିଓ ସ୍ନେହାପ୍ରଭା ମାଝି ଓ ଅଧିକାରୀମାନେ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ଥାନୀୟ ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରି ଫେରିଛନ୍ତି। ବିଡିଓ ସ୍ନେହାପ୍ରଭା ବିରିମୁହାଣ ଗାଁରେ ପହଞ୍ଚି ଜଙ୍ଗଲ ଅଧିକାର ଗ୍ରାମ୍ୟ କମିଟି ସଦସ୍ୟମାନେ ପୂର୍ବରୁ ଦେଇଥିବା ଗ୍ରାମ୍ୟ ଜଙ୍ଗଲ କମିଟି ପୁନର୍ଗଠନ ପାଇଁ ବ୍ଲକ ପ୍ରଶାସନ ନିକଟରେ ଗତ ଜାନୁଆରୀରେ ଅଭିଯୋଗ ଉପରେ ତଦନ୍ତ ଓ ଆଲୋଚନା କରିଥିଲେ। ବିରିମୁହାଣ ପ୍ରାଥମିକ ବିଦ୍ୟାଳୟରେ ଆଗକୁ ହେବାକୁ ଥିବା ନିର୍ବାଚନ ପାଇଁ ଭୋଟଦାନ କେନ୍ଦ୍ରର ଭିତ୍ତିଭୂମି ପରିଦର୍ଶନ କରିଥିଲେ। ପରେ କୁଟରୁ ଗାଁରେ ପହଞ୍ଚି ପ୍ରାଥମିକ ବିଦ୍ୟାଳୟରେ ଥିବା ସମ୍ବେଦନଶୀଳ ବୁଥର ତଦାରଖ କରିଥିଲେ। କୁଟୁରୁ ଗ୍ରାମର ସ୍ଥାନୀୟ ଜନସାଧାରଣଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଯେ, କୁଟୁରୁରେ ଥିବା ଭୋଟଦାନ କେନ୍ଦ୍ରରେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମୟରେ ସ୍ଥାନୀୟ ଗ୍ରାମବାସୀ ମୌଳିକ ସମସ୍ୟା ଦାବି ପ୍ରତିବାଦ କରି ଭୋଟ ବର୍ଜନ କରିଥିଲେ। ବିଡିଓଙ୍କ ସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, କନିଷ୍ଠ ଯନ୍ତ୍ରୀ ଅମ୍ବିକା ମାଝି, ସରପଞ୍ଚ ପ୍ରତିନିଧି ମନୋରଞ୍ଜନ ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ।



ବିଡିଓ ଗାଁ ମହିଳାଙ୍କ ସହ ଆଲୋଚନା କରୁଛନ୍ତି।

# ବିଭିନ୍ନ ଯୋଜନାର କଲେ ସମୀକ୍ଷା

ଭବାନୀପାଟଣା, ୧୩।୨ (ଉତ୍ତମ କୁମାର ଦାଶ)



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କେନ୍ଦ୍ରୀୟ ପ୍ରଭାରୀ ସମୀକ୍ଷା କରୁଛନ୍ତି।

**ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀଙ୍କ ୨ ଦିନିଆ କଳାହାଣ୍ଡି ଗସ୍ତ**

ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ତଥା କେନ୍ଦ୍ର ସରକାରଙ୍କ ଜାତୀୟ ନିଯୁକ୍ତି ସଂସ୍ଥା ସଚିବ ସଞ୍ଜୀବ କୁମାର ମିଶ୍ର ୨ ଦିନିଆ କଳାହାଣ୍ଡି ଜିଲା ଗସ୍ତ କରି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସନ୍ଧ୍ୟାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷତା କରି ଜିଲାରେ କାର୍ଯକାରୀ ହୋଇଥିବା ଆକାଂକ୍ଷୀ ଜିଲାର ବିଭିନ୍ନ ଯୋଜନା ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ସିଡିଓ ମଧୁଛନ୍ଦା ସାହୁ, ଧର୍ମଗଡ ଉପଜିଲାପାଳ ଧୀମନ ଚକମା, ସିଡିଏମଓ ଶୁଚେତା ପାଣିଙ୍କ ସହ ବିଭିନ୍ନ ବିଭାଗ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ ସ୍ୱାସ୍ଥ୍ୟ ବିଭାଗରେ ଉନ୍ନତି ଯଥା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ, ଟୀକାକରଣ, ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ଆନେମିଆ, ଲିଙ୍ଗ ଅନୁପାତ, ମା ଗୃହ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ, ଅଙ୍ଗନୱାଡି କେନ୍ଦ୍ର, ପୋଷଣ, ଶିକ୍ଷା ବିଭାଗରେ ପ୍ରାଥମିକ ଶିକ୍ଷା, ଡ୍ରପଆଉଟ ହାର, ବିଦ୍ୟାଳୟ ପରିମଳ, ସାକ୍ଷରତା, ଜିଲା ପ୍ରଶାସନ ଦ୍ୱାରା "ପଢିବାକୁ ଶିଖିବା: ଶିଖିବାକୁ ପଢ଼ିବା", ସ୍କୁଲ ଡାକୁଛେ ଆ, କୃଷି ବିଭାଗରେ ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା, କୃଷି ଋଣ ର ଅଗ୍ରଗତି, ଧାନ ଓ କପାର ଉତ୍ପାଦନ, ଭିତ୍ତିଭୂମିରେ ଗ୍ରାମାଞ୍ଚଳରେ ଗୃହରେ ଶୌଚାଳୟ, ବିଦ୍ୟୁତ୍‌କରଣ, ରାସ୍ତା, ଜନସେବା କେନ୍ଦ୍ର, ଅଟଳ ପେନସନ, ଜନଧନ ଯୋଜନା, ମୁଦ୍ରା ଯୋଜନାରେ ସୂଚକ ଅଗ୍ରଗତି ଓ ବିଫଳତାକୁ ସମୀକ୍ଷା କରି ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ। ଗତ ୧୧ ତାରିଖ ପ୍ରଥମ ଗସ୍ତରେ ସେ ଥୁଆମୂଳ ରାମପୁର ଅଞ୍ଚଳର ମା' ଗୃହ, ବାଇକ ଆମ୍ବୁଲାନ୍ସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ, ବାଳିସରା ଟେରାକୋଟା କାମ, କାନିଗୁମା କଫି ବଗିଚା, ଗୋପାଳପୁର ଏସଏସଡି ବାଳିକା ବିଦ୍ୟାଳୟ, ମିଶନ ଶକ୍ତି କ୍ୟାଫେ, ମା ମାଣିକେଶ୍ୱରୀ ମନ୍ଦିର, ହେଲୋ ପଏଣ୍ଟ, ସାନଛତ୍ରଙ୍ଗର କେଜ କଲ୍ଚର ପରିଦର୍ଶନ କରିଥିଲେ। ସୋମବାର ଦ୍ୱିତୀୟ ଦିନରେ କଲମପୁର ବ୍ଲକ ବଙ୍କାପଲାର ଅଙ୍ଗନୱାଡି କେନ୍ଦ୍ର, ଛତୁଚାଷ, କଦଳିତୁଆଁ ଓ ଶାଗବାରିର ହାଇବ୍ରିଡ ଟମାଟୋ ଓ କଦଳୀ ଚାଷ, ଧନପୁର ଅଚ୍ୟୁତାନନ୍ଦ ୫-ଟି ହାଇସ୍କୁଲ, ବନ୍ଧକନା ପ୍ରାଥମିକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ସୁକନ୍ୟା ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ। ଜିଲାରେ ସ୍ୱାସ୍ଥ୍ୟ ବିଭାଗରେ ଉନ୍ନତି ଯଥା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରସବ, ଟୀକାକରଣ, ଶିଶୁ ମୃତ୍ୟୁହାର, ମାତୃ ମୃତ୍ୟୁହାର, ଆନେମିଆ, ଲିଙ୍ଗ ଅନୁପାତ, ମା' ଗୃହ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ, ଅଙ୍ଗନୱାଡି କେନ୍ଦ୍ର, ପୋଷଣ, ଶିକ୍ଷା ବିଭାଗରେ ପ୍ରାଥମିକ ଶିକ୍ଷା, ଡ୍ରପଆଉଟ ହାର, ବିଦ୍ୟାଳୟ ପରିମଳ, ସାକ୍ଷରତା, ଜିଲା ପ୍ରଶାସନ ଦ୍ୱାରା "ପଢିବାକୁ ଶିଖିବା: ଶିଖିବାକୁ ପଢ଼ିବା", ସ୍କୁଲ ଡାକୁଛେ ଆ, କୃଷି ବିଭାଗରେ ପ୍ରଧାନମନ୍ତ୍ରୀ ଫସଲ ବିମା ଯୋଜନା, କୃଷି ଋଣର ଅଗ୍ରଗତି, ଧାନ ଓ କପାର ଉତ୍ପାଦନ, ଭିତ୍ତିଭୂମିରେ ଗ୍ରାମାଞ୍ଚଳ ର ଗୃହରେ ଶୌଚାଳୟ, ବିଦ୍ୟୁତ୍‌କରଣ, ରାସ୍ତା, ଜନସେବା କେନ୍ଦ୍ର, ଅଟଳ ପେନସନ, ଜନଧନ ଯୋଜନା, ମୁଦ୍ରା ଯୋଜନାରେ ସୂଚକ ଅଗ୍ରଗତି ଓ ବିଫଳତାକୁ ସମୀକ୍ଷା କରି ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପଚାରିଥିଲେ।

## ସଂକ୍ଷେପରେ

### ପଞ୍ଚାୟତତନ୍ତ୍ରୀୟ ଯାଦବ ସମାଜ ବାର୍ଷିକ ସଭା

**ପାଇକମାଲ, ୧୩।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ ବ୍ଲକ ମିଠାପାଲି ପଞ୍ଚାୟତ ଗୁରୁଣ୍ଡା ଡିପାପଡ଼ାରେ ପଞ୍ଚାୟତତନ୍ତ୍ରୀୟ ଯାଦବ ସମାଜ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟିକେଲାଲ ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଇକମାଲ ବ୍ଲକ ସଭାପତି ବନମାଳୀ ଚନ୍ଦନ, ନୃସିଂହନାଥ ସମଲେଶରୀ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବ୍ଲକ ସମ୍ପାଦକ ବାଳକୃଷ୍ଣ ବନଛୋର ସଭା ସଂଯୋଜନା କରିଥିଲେ। ସଭାରେ ଉକଳ ହଂସ, ସୂଦନ ହଂସ, ରତ୍ନମଣି ବାଗ, ବିଜୟ ହଂସ, ନାରାୟଣ ହଂସ, ପ୍ରହଲ୍ଲାଦ ନିଆଲ ସହଯୋଗ କରିଥିଲେ। ସମ୍ପାଦକ ଡୋଳାମଣୀ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ।

### ବଜ୍ରକାପ୍ତା ଉଦ୍ଧାର, ଜଣେ ଗିରଫ

**ବରଗଡ଼,୧୩।୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ଥାନା ଡୁଙ୍ଗୁରି ନିକଟ ସଉନ୍ତାମାଲ ଗ୍ରାମରେ ବନବିଭାଗ ଓ ଏସ୍‌ଟିଏଫ୍ ଚଢ଼ାଉ କରି ଏକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରିଛି। ଉଦ୍ଧାର ବଜ୍ରକାପ୍ତାକୁ ଭଟଲି ବନାଞ୍ଚଳ ଅଧିକାରୀ ସୁବୋଧ କୁମାର ସାହୁଙ୍କୁ ଏସ୍‌ଟିଏଫ୍ ହସ୍ତାନ୍ତର କରିଥିଲା। ଏହା ପରେ ବଜ୍ରକାପ୍ତାର ଡାକ୍ତରୀ ପରୀକ୍ଷା ପରେ ତାକୁ ନିକଟସ୍ଥ ଜଙ୍ଗଲରେ ବନ ବିଭାଗ ଛାଡ଼ି ଦେଇଥିଲା। ଅନ୍ୟପଟେ ଏହି ଘଟଣାରେ ବଜ୍ରକାପ୍ତା ରଖିଥିବା ସଉନ୍ତାମାଲ ଗ୍ରାମର ଜଗଦିଶ ମିଞ୍ଜ(୪୧)ଙ୍କୁ ଏସ୍‌ଟିଏଫ୍ ଗିରଫ କରିଛି। ତାଙ୍କୁ ମଙ୍ଗଳବାର ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି।

### ବରପାଲିରୁ ଗଡ଼ିଲା ଲକ୍ଷ୍ମୀ ବସ୍

**ବରପାଲି, ୧୩।୨(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲି ବ୍ଲକ ମହଦାରୁ ମଙ୍ଗଳବାର ଲକ୍ଷ୍ମୀବସ ସେବାର ଶୁଭ ଉଦ୍‌ଘାଟନ ହୋଇଛି। ମହଦା ସରପଞ୍ଚ ତପସିନୀ ସାହୁ, ରାଜ୍ୟ ସମବାୟ ବ୍ୟାଙ୍କ ଉପସଭାପତି ବିରୋସନ ସାହୁ, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ସମିତି ସଭ୍ୟ ଓ ସମସ୍ତ ୱାର୍ଡସଭ୍ୟମାନେ ସବୁଜ ପତାକା ଦେଖାଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ବସ୍ ଆଗଲପୁରରୁ ବାହାରି ରକ୍ସ, ମହଦା, ତିନିକାନି, ଡିଲେଇମାଲ ଦେଇ ବରଗଡ଼ ଅଭିମୁଖେ ଯାତ୍ରା କରିବ।

### ପୂର୍ବତନ ସୋସାଇଟି ସେକ୍ରେଟାରୀଙ୍କ ପରଲୋକ

**ପାଇକମାଲ, ୧୩।୨(ବଡ ଶତପଥୀ):** ବରଗଡ ଜିଲା ପାଇକମାଲ କୋଅପରେଟିଭ ସୋସାଇଟିର ପୂର୍ବତନ



ସମ୍ପାଦକ ହେମସାଗର ସାହୁଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ହୋଇଥିଲା। ମୃତ୍ୟୁ ଖବର ପାଇବା ପରେ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଡୁଙ୍ଗୁରିପାଲିସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ପାଇକମାଲ ସୋସାଇଟି ସମ୍ପାଦକ ରମେଶ ସାହୁ ମୁଖାଗ୍ନି ଦେଇଥିଲେ।

### ସମ୍ବଲପୁରୀ ରାମାୟଣର ଲେଖକଙ୍କ ପରଲୋକ

ସରଣ୍ଡା,୧୩।୨(ଯୁଧିଷ୍ଠିର ମହାପାତ୍ର)– ବରଗଡ଼ ଜିଲା ଅତାବିରା ବ୍ଲକ ଚକୁଳି



ପଞ୍ଚାୟତ କଟାପାଲି ଗ୍ରାମର ସମ୍ବଲପୁରୀ କବି ସନ୍ତୋଷ କୁମାର ପଧାନଙ୍କ ୭୩ ବର୍ଷ ବୟସରେ ସୋମବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ସନ୍ତୋଷ ଜୁହାର୍ ଦଦା ସମ୍ବଲପୁର୍ ଭାବେ ପରିଚିତ ଥିଲେ। ସେ ତାଙ୍କ ସମ୍ବଲପୁରୀ କବିତା 'କେରା,' 'ଜୁହାର୍ ଦଦା ସମ୍ବଲପୁର୍' ପୁସ୍ତକ ପରେ 'ସମ୍ବଲପୁରୀ ରାମାୟଣ', 'ବରଗଡ଼ିଆ ପିଲା' ଆଦି ପୁସ୍ତକ ଲେଖିଛନ୍ତି। ଅନ୍ୟ ପଟେ କବିତା ଲେଖିବା ସଙ୍ଗେ ସଙ୍ଗେ କବିରାଜ ମଧ କରି ଆୟୁର୍ବେଦିକ ଡାକ୍ତର ଭାବରେ ମଧ ବେଶ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବିଧବା ସ୍ତ୍ରୀ ତୁଳସୀ, ପୁତ୍ର ବିଭୂତି, ଅମୂଲ୍ୟ, ପ୍ରଫୁଲ୍ଲ, ଜଗନ୍ନାଥ ଓ ବିଭୁଲ ପ୍ରଧାନଙ୍କ ସମେତ ପୁତ୍ରବଧୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ବଡ଼ ପୁଅ ବିଭୂତି ପ୍ରଧାନ ମୁଖାଗ୍ନି ଦେଇଥିଲେ।




ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କୃଷି କର୍ମଚାରୀଙ୍କ ଧାରଣା।

# ଦାବି ମାନିଲେନି ସରକାର, ଧାରଣାରେ କୃଷି କର୍ମଚାରୀ

**ବରଗଡ଼,୧୩।୨(ପ୍ରେମାନନ୍ଦ ଖମାରୀ)**

ରାଜ୍ୟ ସରକାର କୃଷି କର୍ମଣ ପୁରସ୍କାରରେ ସମ୍ମାନିତ ହେଉଛନ୍ତି। କିନ୍ତୁ ରାଜ୍ୟରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ କରି ରାଜ୍ୟରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବି ସମୂହ ପ୍ରତି ରାଜ୍ୟ ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଯୋଗୁ ସେମାନେ କାର୍ଯ୍ୟବନ୍ଦ କରି ସେଭଳି ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିବା ଗ୍ରାମ୍ୟ କୃଷି କର୍ମଚାରୀମାନେ କହିଛନ୍ତି। ଏହି କ୍ରମରେ ମଙ୍ଗଳବାର ବରଗଡ଼ ଜିଲାରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ସ୍ଥାନୀୟ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରିଛନ୍ତି। ସେମାନଙ୍କ ଦାବି ସମୂହ ପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିବେ ବୋଲି ଗ୍ରାମ୍ୟ କୃଷି କର୍ମଚାରୀମାନେ କହିଛନ୍ତି।

ପ୍ରକାଶ ଯେ, କ୍ୟାଡ଼ର ପୁନର୍ଗଠନ ଏବଂ ଗ୍ରେଡ୍ ପେ ଆଦି ଦାବି ନେଇ ବର୍ଷାଧିକକାଳ ହେଲା, ରାଜ୍ୟରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଏ ନେଇ ବାରମ୍ବାର ସ୍ମାରକପତ୍ର ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଉଛି। ଏହା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦାବି ସମୂହ ପ୍ରତି କୌଣସି ବିହିତ ପଦକ୍ଷେପ ନେଉ ନାହାନ୍ତି। କେବଳ ଆଲୋଚନା ମାଧ୍ୟମରେ ରାଜ୍ୟ ସରକାର ଆଶ୍ୱାସନା ଦେଇ ଆସୁଛନ୍ତି ଏବଂ ସରକାରୀ କଳର ଉଦାସୀନ ମନୋଭାବ ଯୋଗୁ ସେମାନଙ୍କ ଦାବି ସମୂହ ପୂରଣ ହୋଇପାରୁ ନାହିଁ ବୋଲି ଗ୍ରାମ୍ୟ କୃଷି କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆଗକୁ ସାଧାରଣ ନିର୍ବାଚନ ଆସୁଛି ଏବଂ ଆଉ କିଛିଦିନ ପରେ ନିର୍ବାଚନ ଆଚରଣ ସଂହିତା ଲାଗୁ ହେବ ଏବଂ ତାକୁ ଆଳକରି ସରକାରୀ କଳ ଦାବି ପୂରଣ ନେଇ ନୀରବତା ପ୍ରକାଶ କରିବାର ଆଶଙ୍କା ଦେଖାଯାଇଛି। ଏଭଳି ଆଶଙ୍କା କରି ବରଗଡ଼ ଜିଲାରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ ନିଜର ହକ୍ ଦାବିରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଜିଲାରେ ୧୧୦ଜଣ ଗ୍ରାମ୍ୟ କୃଷି କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସେମାନେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସୁଚାରୁଭାବେ କାର୍ଯ୍ୟ ସମ୍ପାଦନ କରି ଆସୁଛନ୍ତି। ଅଥଚ ସେମାନଙ୍କ ଦାବି ସମୂହକୁ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଗ୍ରାମ୍ୟ କୃଷି କର୍ମଚାରୀମାନେ ଗତ ୮ତାରିଖରୁ ନିଜ ବ୍ୟକ୍ତିଗତ ମୋବାଇଲକୁ କୌଣସି ସରକାରୀ ବିଭାଗୀୟ ସେବାରେ ବ୍ୟବହାର କରୁ ନଥିବାବେଳେ କୃଷି ଅଧିକାରୀଙ୍କ ଦ୍ୱାରା ଗଠିତ ଆପ୍ ଏବଂ ଗ୍ରୁପରୁ ସେମାନେ ଓହରି ଯାଇ ପ୍ରତିବାଦ କରିଛନ୍ତି। ଏହାସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ ଉଦାସୀନ ମନୋଭାବ ପୋଷଣ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ମଙ୍ଗଳବାରରୁ ଜିଲାରେ କାର୍ଯ୍ୟରତ ଗ୍ରାମ୍ୟ କୃଷି କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରିଛନ୍ତି। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଧାରଣା ଚାଲିବ ଏବଂ ଏହା ସତ୍ତ୍ୱେ ରାଜ୍ୟ ସରକାର ସେମାନଙ୍କ ଦାବି ସମୂହ ପ୍ରତି ନୀରବ ରହିଲେ ଆସନ୍ତା ୨୦ରୁ ଭୁବନେଶ୍ୱରସ୍ଥିତ କୃଷି ଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଗ୍ରାମ୍ୟ କୃଷି କର୍ମଚାରୀମାନେ କହିଛନ୍ତି। ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଧାରଣାରେ ସଂଘର ଜିଲା ସଭାପତି ଭକ୍ତଚରଣ ମିର୍ଦ୍ଧା, ସମ୍ପାଦକ ସନ୍ୟାସୀ ସେଠ, କୋଷାଧ୍ୟକ୍ଷ ପରମାନନ୍ଦ ଭୁଏ ପ୍ରମୁଖ ନେତୃତ୍ୱ ନେଇଥିଲେ।

## କୃଷକ ସଂଘ ବିକ୍ଷୋଭ ସମାବେଶ ପ୍ରସ୍ତୁତି ବୈଠକ

**ଭେଡେନ,୧୩।୨(ସୁଦନ ମହାକୁର)**

ବରଗଡ ଜିଲା ଭେଡେନ ବ୍ଲକ କୃଷକ ସଂଘର ଆହ୍ୱାନ କ୍ରମେ ବାବା ସୁଦ୍ଧେଶ୍ୱର ମନ୍ଦିର ପରିସରରେ ସଂଯୁକ୍ତ କୃଷକ ସଙ୍ଗଠନ ଦ୍ୱାରା ଆୟୋଜିତ ହେବାକୁ ଥିବା ବିରାଟ ଭିକ୍ଷୋଭ ସମାବେଶ ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉତ୍ପନ୍ନ କୁମାର ଭୋଇଙ୍କ ସଭାପତିତ୍ୱରେ ବ୍ଲକର ସମସ୍ତ ପଞ୍ଚାୟତର ଚାଷୀ ପ୍ରତିନିଧିଙ୍କ ଉପସ୍ଥିତିରେ ଆସନ୍ତା ୨୭ରେ ଉକ୍ତ ବିକ୍ଷୋଭ ସମାବେଶ ସଫଳ କରିବା ପାଇଁ ବରଗଡ଼ ଚାଲ ଅଭିଯାନ ବାର୍ତ୍ତା ପ୍ରତି ଗାଁକୁ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଛି। ଇନପୁଟ ସବ୍‌ସିଡି, ଫସଲ ବୀମା, ସବୁ ଚାଷୀଙ୍କ ଋଣ ଛାଡ଼, ଧାନ କୁଇଣ୍ଟାଲ ୪ ହଜାର ସହିତ ମଣ୍ଡି ବ୍ୟବସ୍ଥା ଠିକ କରିବା ଏବଂ ବିଦ୍ୟୁତ୍ ବିଲ୍ ଛାଡ଼, ୩୦୦ ୟୁନିଟ ମାଗଣା ଦାବିରେ ଆସନ୍ତା ୨୭ରେ ଚାଷୀ ବିକ୍ଷୋଭ ଚେତାବନୀ ସମାବେଶ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ବୈଠକରେ ସଂଯୁକ୍ତ କୃଷକ ସଙ୍ଗଠନର ମୁଖ୍ୟ ରମେଶ ମହାପାତ୍ର, ବରଗଡ଼ ସୁରେଶ ନିକାଣ୍ଡି ସମେତ ଭେଡେନ ବ୍ଲକର ନରେନ୍ଦ୍ର ଭୋଇ, ନନ୍ଦିଘୋଷ ମିଶ୍ର, ସୁଶୀଲ ଧାରୁଆ, ଚୂଡ଼ାମଣି ଛନ୍ଦ, ସୁଧାଂଶୁ ଦୀପ, ନରୋତ୍ତମ କରଣ, ମଧୁ କରଣ, ବିଜୟ ଲହେରିଆ, ବିଜୟ ସାହୁ, ହୃଷିକେଶ କାଣ୍ଡ, କପିଳେଶ୍ୱର ବର୍ଗାର୍ତ୍ତୀ, ଜଗଦିଶ ପଧାନ, ଶରତ ମହାକୁଡ଼, ବିଶ୍ୱଜିତ ହୋତା, ସରୋଜ ମହାକୁଡ଼ ଓ ସମସ୍ତ ପଞ୍ଚାୟତର ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ।

## ଜାତୀୟ ଛାତ୍ର ବିଜ୍ଞାନ କଂଗ୍ରେସ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପାଇକମାଲ, ୧୩।୨(ବଡ ଶତପଥୀ)**

ବରଗଡ ଜିଲା ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରେକ୍ଷାଳୟରେ ଜାତୀୟ ଛାତ୍ର ବିଜ୍ଞାନ କଂଗ୍ରେସ ବିଇଓ ଚୂଡ଼ାମଣି ବାରିକଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଝାରବନ୍ଧ ବିଇଓ ଶୁଭମ କୁମାର ପତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଜ୍ଞାନର ଉନ୍ନତିରେ ଯୋଗଦାନ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତାଭାବେ ମାନସ କୁମାର ଶତପଥୀ ଯୋଗଦେଇ ଛାତ୍ର ବିଜ୍ଞାନ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏବିଇଓ ରାଧେଶ୍ୟାମ ମେହେର ଓ ଧଲେନ୍ଦ୍ର କୁମାର ବାରିକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ନିଜସ୍ୱ ମତବ୍ୟକ୍ତ କରିଥିଲେ। ଏଥିରେ ପାଇକମାଲ ବ୍ଲକର ସମସ୍ତ ହାଇସ୍କୁଲରୁ ୬୩ଜଣ କୁନି ବୈଜ୍ଞାନିକ ଓ ୩୨ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଂଶଗ୍ରହଣ କରିଥିଲେ । ଆସ ଆମ ପରି ସଂସ୍ଥାକୁ ଜାଣିବା ବିଷୟରେ ବିଜ୍ଞାନ କଂଗ୍ରେସର ପ୍ରତିଯୋଗୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ମାନସ ରଞ୍ଜନ ଶତପଥୀ, ସୁବ୍ରତ ପ୍ରଧାନ, ଚିତ୍ତରଞ୍ଜନ ସାହୁ ଏବଂ ଲେଖା ପ୍ରଧାନ ବିଚାରକଭାବେ ଯୋଗଦେଇଥିଲେ । ତ୍ରିଲୋଚନ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବକ୍ତା ଓ ଶ୍ରୋତା।

# ଆଧୁନିକ ଯୁଗରେ ରେଡିଓ ତାର ଅସ୍ତିତ୍ୱ ହରାଉଛି

**ସରଣ୍ଡା,୧୩।୨(ଯୁଧିଷ୍ଠିର ମହାପାତ୍ର)**

**ଅତାବିରାରେ ବିଶ୍ୱ ରେଡିଓ ଦିବସ**

ବରଗଡ଼ ଜିଲା ଅତାବିରା ଲାଦେରପାଲିସ୍ଥିତ ରାମଚଣ୍ଡୀ କଲ୍ୟାଣ ମଣ୍ଡପଠାରେ ବିଶ୍ୱ ରେଡ଼ିଓ ଦିବସ ବରଗଡ଼ ଆକାଶବାଣୀ ଶ୍ରୋତା ସଂଘ ଏବଂ ଅତାବିରାର ଆଞ୍ଚଳିକ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ପାଳିତ ହୋଇଯାଇଛି। ଆକାଶବାଣୀ ଶ୍ରୋତା ସଂଘ ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ଆକାଶବାଣୀର ଗୀତିକାର ସରୋଜ ରଥ, ଓଡିଶା ରାଜ୍ୟ କୃଷକ ସଂଗଠନର ସଭାପତି ବୀରେନ୍ଦ୍ର କର, ଆଞ୍ଚଳିକ ସାହିତ୍ୟ ପରିଷଦର ସଭାପତି ଦଶରଥ ଭୋଇ, ସମ୍ପାଦକ ସୁରେନ୍ଦ୍ର କଠାର, ସ୍ରୋତା ସଂଘରୁ ବିନୟ କୁମାର ସାହୁ, ହରିପ୍ରସାଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବକ୍ତାମାନେ ଆଧୁନିକ ଯୁଗରେ ରେଡ଼ିଓ କିପରି ତାର ଅସ୍ତିତ୍ୱ ହରାଉଛି ସେ ବିଷୟରେ ଦୁଃଖ ପ୍ରକାଶ କରିଥିଲେ। ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ରେଡ଼ିଓର ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ବିନୟ କୁମାର ସାହୁ ରେଡ଼ିଓ ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ। ସମ୍ବଲପୁରୀ କବି ତଥା ଆକାଶବାଣୀ ଶ୍ରୋତା ସଂଘର ସଦସ୍ୟ ଦିବଙ୍ଗତ ସନ୍ତୋଷ କୁମାର ପ୍ରଧାନଙ୍କ ଅମର ଆତ୍ମାର ସଦଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇ ତାଙ୍କ ସ୍ମୃତି ଚାରଣ କରାଯାଇଥିଲା । ଶେଷରେ ଉଦ୍ୟକ୍ତା ସୁବାସ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ପାଇକମାଲ, ୧୩।୨(ବଡ ଶତପଥୀ)**

ବରଗଡ଼ ଜିଲା ପାଇକମାଲ ବ୍ଲକ ପଲସଦା ଗ୍ରାମରେ ନୂତନ ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଡା. ଆଲୋକ ମେହେରଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ବରଗଡ଼ ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀଶ୍ରୀୟା ବେହେରା, ଅବସରପ୍ରାପ୍ତ ଶିକ୍ଷକ ସତ୍ୟାନନ୍ଦ ପାଣିଗ୍ରାହୀ, ସରପଞ୍ଚ ପଙ୍କଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଚିକିତ୍ସାଳୟ ହେଲେ ଆଖପାଖ ଲୋକେ ସହଜରେ ଚିକିତ୍ସାସେବା ପାଇପାରିବେ ବୋଲି ପ୍ରକାଶ କରିଥିଲେ। ସମିତି ସଭ୍ୟ ମହେନ୍ଦ୍ର ସିଂ ବରିହା, ଗ୍ରାମ କମିଟି ସଦସ୍ୟଙ୍କ ସହ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ ଡା. ହର୍ଷ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଷୀ-ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ଆଲୋଚନା

**ସୋହେଲା, ୧୩।୨(ଅଶ୍ୱିନୀ କୁମାର ପାତ୍ର)**

- ବିଲ୍ ପ୍ରଦାନ ପାଇଁ ଚାଷୀଙ୍କୁ ସମୟ ଦେଲା ବିଭାଗ
- ବିଚ୍ଛିନ୍ନ ସଂଯୋଗ ବୁଧବାର ସୁଦ୍ଧା ଦିଆଯିବା ନିଷ୍ପତ୍ତି

ଚାଷୀଙ୍କୁ ବିଲ୍ ପୈଠ ପାଇଁ ସମୟ ଦେଲା ବିଦ୍ୟୁତ୍ ବିଭାଗ। ଆଗାମୀ ମାର୍ଚ୍ଚ ୮ତାରିଖ ମଧ୍ୟରେ ବିଲ୍ ପ୍ରଦାନ କରିବାକୁ ହେବ। ବୁଧବାରଠାରୁ ବିଚ୍ଛିନ୍ନ ହୋଇଥିବା ଚାଷୀଙ୍କ ଏଲଆଇ ପଏଣ୍ଟକୁ ସଂଯୋଗ ଦିଆଯିବ ବୋଲି ମଙ୍ଗଳବାର ଚାଷୀ ଓ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରେ ସ୍ଥିର ହୋଇଛି। ପାଣିମୋରା, କୁସୁର ଗାଁର ବହୁ ଚାଷୀ ରବିଧାନ ଫସଲ କରିଛନ୍ତି। ଏବେ କ୍ଷେତରେ ପାଣିର ଆବଶ୍ୟକତା ରହିଛି। ଏପରିସ୍ଥଳେ ବିଦ୍ୟୁତ୍ ବିଲ୍ ପ୍ରଦାନ କରାଯାଇ ନ ଥିବା ଚାଷୀଙ୍କର ଏଲଆଇ ପଏଣ୍ଟକୁ ସଂଯୋଗକୁ ବିଚ୍ଛିନ୍ନ କରିଛି ବିଭାଗ। ଏଥିଯୋଗୁ ଚାଷ ଜମି ଶୁଖି ଫସଲ ହଳଦିଆ ହୋଇ ଯାଇଛି। ବିତରକ କମ୍ପାନୀ ଅଘୋଷିତ ଭାବେ ଏଲଆଇ ପଏଣ୍ଟଗୁଡିକର ସଂଯୋଗ କାଟି ଦେଇଥିବା ଅଭିଯୋଗ କରି ସୋମବାର ଅପରାହ୍ନ ୩ଟାରୁ ଚାଷୀମାନେ ଉପଖଣ୍ଡ ବିଦ୍ୟୁତ୍ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ସୋମବାର ୩୦ ଏଲଆଇ ପଏଣ୍ଟରୁ ବିଦ୍ୟୁତ୍ କଟାଯାଇଥିବାବେଳେ ମଙ୍ଗଳବାର ଆଉ ଅଧିକ ପଏଣ୍ଟରୁ ବିଦ୍ୟୁତ୍ କାଟ୍ କରାଯାଇଥିବା ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିବା ପାନିମୋରାର ଚାଷୀ ବିଜୟ ରଣା, ବୃନ୍ଦାବନ ନାୟକ, ରାଜେଶ ନାୟକ, ସୌମ୍ୟ ରଞ୍ଜନ ପଧାନ, ସଫଳ ନାୟକ, ବାସୁଦେବ ରଣା, ଯୁଧିଷ୍ଠିର ରଣା, ଶିଶୁପାଳ ନାୟକ, ଜିବର୍ଦ୍ଧନ ନାୟକ କହିଛନ୍ତି। ବିଭାଗୀୟ ଏସଡିଓ ନିଖିଳ ପଟେଲ କହିଛନ୍ତି ଆମେ ଗାଁରେ ବୈଠକ କରି ଚାଷୀଙ୍କୁ ବିଦ୍ୟୁତ୍ ଦେୟ ଦେବାକୁ କହିଥିଲୁ। କିନ୍ତୁ ସେମାନେ ଧାର୍ଯ୍ୟ ସମୟରେ ନ ଦେବାରୁ ସଂଯୋଗ ବିଚ୍ଛିନ୍ନ କରାଯାଇଛି। ଅନ୍ୟପଟେ ପ୍ରଥମେ ସଂଯୋଗ ପରେ ଆଲୋଚନା କରିବେ ବୋଲି ଚାଷୀମାନେ କହିଥିଲେ। ଜୟ କିଷାନ ଆନ୍ଦୋଳନ ସଭାପତି ସୁଶୀଳ ସାହୁ, ସମ୍ପାଦକ ହର ବଣିଆ ଚାଷୀଙ୍କ ଆନ୍ଦୋଳନକୁ ସମର୍ଥନ ଦେଇଥିଲେ। ଶେଷରେ ମାର୍ଚ୍ଚ ୮ଭିତରେ ଚାଷୀ ବିଲ୍ ଦେବେ ଓ ସେ ଯାଏ ଏଲଆଇ ପଏଣ୍ଟକୁ ସଂଯୋଗ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି।

## ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା

**ସରଣ୍ଡା,୧୩।୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ଲାରସରା ପଞ୍ଚାୟତ କର୍ମୀଟିକ୍ରାଠାରେ ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନିକଟସ୍ଥ ପୋଖରୀରୁ ପୂର୍ଣ୍ଣ ଜଳ କଳସ ଧରି ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଯଜ୍ଞ ମଣ୍ଡପକୁ ଆସି ସ୍ଥାପନ କରିଥିଲେ । କଳସ ଶୋଭାଯାତ୍ରାରେ ଗ୍ରାମର କୀର୍ତ୍ତନ ମଣ୍ଡଳୀଙ୍କ ସହ ପୂର୍ବତନ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, କୋଶଲ ସେନାର ରମଣୀ ଦନ୍ତା ଓ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଏଥିସହିତ ମଣ୍ଡପ ପୂଜନ, ଯଜ୍ଞନାରାୟଣ ପୂଜନ ଅଗ୍ନିସ୍ଥାପନ ପୂର୍ବକ ଗର୍ଭାଧାନ, ଯୁପସ୍ନାନ ପରେ ଯଜ୍ଞାରମ୍ଭ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଯଜ୍ଞମଣ୍ଡପରେ କଳସ ପାଇଁ ସଙ୍କଳ୍ପ ପାଠ କରାଯାଇଥିଲା। ପଣ୍ଡିତ ମୁଖ୍ୟ ଆଚାର୍ଯ୍ୟ ପୁରୁଷୋତ୍ତମ ଦାଶଙ୍କ ସମେତ ପ୍ରଭାକର ଶତପଥୀ, ଦିଲୀପ ରଥ, ପ୍ରତ୍ୟୁଷ ରଥ, ମଳୟ ଦାଶ ଓ ହିମାଂଶୁ ଦାଶ ପୌରୋହିତ୍ୟ କରିଥିଲେ। କୁବେର ମହାକୁର ଓ ଗାୟତ୍ରୀ ମହାକୁର ସପତ୍ନୀକ କର୍ତ୍ତା ଦାୟିତ୍ୱ ବହନ କରୁଛନ୍ତି।

## ପଞ୍ଚାୟତତନ୍ତ୍ରୀୟ ସଚେତନତା ଶିବିର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

**ଝାରବନ୍ଧ,୧୩।୨(ଦେବେନ୍ଦ୍ର ସାହୁ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଗୋଠୁଗୁଡା ପଞ୍ଚାୟତ ଅଫିସ୍‌ଠାରେ ସୋମବାର ପଞ୍ଚାୟତତନ୍ତ୍ରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରୀତମ ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା, ସମ୍ମାନିତ ଅତିଥିଭାବେ ରାଜ୍ୟ ବିଜେଡି ସମ୍ପାଦକ ରାଜୁ ଘିବେଲା, ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ମରେଇ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜୟ କେତେନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଜନହିତକର ଯୋଜନା ଉପରେ ଲୋକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଆଶା କର୍ମୀ, ଗ୍ରାମପଞ୍ଚାୟତର ମହିଳା ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୂମି ଅଧିଗ୍ରହଣ ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼,୧୩।୨(ପ୍ରେମାନନ୍ଦ ଖମାରୀ)**



ଭୂମି ଅଧିଗ୍ରହଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଲୋକେ ।

ବରଗଡ଼ ଜିଲା ସୋହେଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ପାଇଁ ବେସରକାରୀ ଜମିର ଆବଶ୍ୟକତା ଥିବା ଯୋଗୁ ରାଜ୍ୟ ସରକାର ଭୂମି ଅଧିଗ୍ରହଣ ସକାଶେ ଅନୁମୋଦନ କରିଥିଲେ। ଏଥିପାଇଁ ସର୍ଭେ ହୋଇଥିଲା ଏବଂ ସମସ୍ତ ଜମି ମାଲିକ ସେମାନଙ୍କ ଭୂମି ଅଧିଗ୍ରହଣ ପାଇଁ ରାଜି ହୋଇଥିଲେ। ମାତ୍ର ସରକାର ଭୂମି ଅଧିଗ୍ରହଣ ନ କରି ବିଜୁ ଏକ୍ସପ୍ରେସ ୱେ ନିର୍ମାଣ କରିଥିବା ଯୋଗୁ ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ କେଲେଣ୍ଡା ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ଗ୍ରାମର ଲୋକେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ବିନା ଜମି ଅଧିଗ୍ରହଣରେ ରାସ୍ତା ନିର୍ମାଣ ହୋଇଛି। ରାସ୍ତାକୁ ଲାଗି ରହି ୨ବିଦ୍ୟାଳୟ ରହିଛି। କିଛିଦିନ ଆଗରୁ କେଲେଣ୍ଡା ବିଦ୍ୟାଳୟକୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ବିଦ୍ୟାଳୟ ପାଚେରୀ କ୍ଷତିଗ୍ରସ୍ତ ହୋଇଥିଲା। ପାଠପଢା ସମୟରେ ସେହି ଘଟଣା ଘଟି ନ ଥିବା ଯୋଗୁ ବହୁ ଛାତ୍ରୀଛାତ୍ରଙ୍କ ଜୀବନ ରକ୍ଷା ପାଇଛି। ସେହିପରି ଘର ଗୁଡ଼ିକ ମଧ୍ୟ ରାସ୍ତାକୁ ଲାଗି ରହିଥିବା ଯୋଗୁ ସବୁବେଳେ ବିପଦ ଆଶଙ୍କାରେ ଲୋକେ ଅଛନ୍ତି। ରାସ୍ତା ଉଚ୍ଚରେ ରହିଥିବାବେଳେ ଘର ଗୁଡ଼ିକୁ ବର୍ଷାପାଣି ପଶୁଛି। ସେହିପରି ରାସ୍ତାରେ କୌଣସି ପାର୍କିଂ ବ୍ୟବସ୍ଥା ନାହିଁ ଏବଂ ରାସ୍ତାରେ ଗାଡ଼ିଗୁଡ଼ିକ ଗଲାବେଳେ ଘରେ କମ୍ପନ ସୃଷ୍ଟି ହେଉଛି। ଏଭଳି ସ୍ଥିତିରେ ପୂର୍ବ ଯୋଜନା ଅନୁଯାୟୀ, ଜମି ଅଧିଗ୍ରହଣ ଜରୁରୀ ହୋଇପଡ଼ିଛି ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିବାବେଳେ ୫-ଟି ଅଧ୍ୟକ୍ଷଙ୍କ ବରଗଡ଼ ଗସ୍ତ ସମୟରେ ମଧ୍ୟ ତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କିଛି ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭୂମି ଅଧିଗ୍ରହଣ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି। ସୌଦାମିନୀ ମେହେର, ପୁଷ୍ପା ପଣ୍ଡା, ସୁଶିଳା ସାହୁ, ସାବିତ୍ରୀ ଭୋଇ ପ୍ରମୁଖଙ୍କ ସ୍ୱାକ୍ଷର ସ୍ମାରକପତ୍ରରେ ରହିଛି।

## ସଂକ୍ଷେପରେ

### ଲୁହାରଡ୍‌ରେ ପିଟି ଯୁବକଙ୍କୁ ହତ୍ୟା

**ବନ୍ଧମୁଣ୍ଡା,୧୩।୨(ସୁବ୍ରତ ଦେ):** ସୁନ୍ଦରଗଡ଼ ଜିଲା ବନ୍ଧମୁଣ୍ଡା ଏ- ସେକ୍ଟରସ୍ଥିତ ୪୫୨ ନଂ. କ୍ୱାର୍ଟର୍ସରେ ରହୁଥିବା ଜଣେ ଯୁବକଙ୍କୁ ସୋମବାର ବିଳମ୍ବିତ ରାତିରେ ୨ଜଣ ଯୁବକ ଲୁହାରଡ୍‌ରେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ଅମର ତାଣ୍ଡି (୨୨)। ଏ ନେଇ ବନ୍ଧମୁଣ୍ଡା ଥାନା ପୋଲିସ ଏକ ହତ୍ୟା ମାମଲା(ନଂ.୫୩/୨୪) ରୁଜୁ କରି ତନାଘନା ଚଳାଇଛି। ଏହି ଘଟଣାରେ ସମ୍ପୃକ୍ତ ସନ୍ଦେହରେ ୨ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଉକ୍ତ କାରବାରକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ଏ ସେକ୍ଟରରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ କ୍ୱାର୍ଟର୍ସ ଚାବି ଅମରଙ୍କୁ ଦେଇ ନିଜ ଗାଁକୁ ଯାଇଥିଲେ। ଅମର ସେଠାରେ ରହୁଥିବା ବେଳେ ସୋମବାର ବିଳମ୍ବିତ ରାତିରେ ୨ ଯୁବକ ସେଠାକୁ ଆସି କୁଆଡ଼େ ଅମରଙ୍କୁ ଡାକିଥିଲେ। ସେ କବାଟ ଖୋଲିବାମାତ୍ରେ ଲୁହାଛଡରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅମରଙ୍କୁ ବନ୍ଧମୁଣ୍ଡା ରେଲୱେ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ।

### ଯୁବକଙ୍କୁ ଛୁରାମାଡ଼, ଅଭିଯୁକ୍ତ ଗିରଫ

**ବ୍ରଜରାଜନଗର,୧୩।୨ (ବିଜୟ ବରାଡ଼):** ସ୍ଥାନୀୟ ଓରିଏଣ୍ଟ ଥାନା ଅନ୍ତର୍ଗତ ଏମ୍‌ସିଏଲ୍ କଲ୍ୟାଣ ମଣ୍ଡପ ନିକଟ ବନଦୁର୍ଗା ମନ୍ଦିର ସମ୍ମୁଖରେ ମଙ୍ଗଳବାର ଜଣେ ଯୁବକଙ୍କୁ ଛୁରାମାଡ ହୋଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ପୋଲିସ ସୂଚନା ଅନୁସାରେ ମଣ୍ଡଳିଆ ଏଲ୍‌ସିଏଚ୍ କଲୋନିରେ ରହୁଥିବା ଦୁଇ ଯୁବକ ବୁଦ୍ଧଦେବ ପଟେଲ (୪୨) ଓ ବିଚି ମାଳି ସାହୁ (୨୩)ଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବୁଦ୍ଧଦେବ ବିଚିଙ୍କୁ ଛୁରାମାଡ଼ କରିଥିଲେ। ଏଥିରେ ବିଚିଙ୍କ ଡାହାଣ କାନ୍ଧରେ ଗଭୀର ଆଘାତ ଲାଗିଛି। ଓରିଏଣ୍ଟ ପୋଲିସ ଲକ୍ଷ୍ମୀ ପ୍ରିୟା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ନିକଟସ୍ଥ ମଣ୍ଡଳିଆ କେନ୍ଦ୍ରୀୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ବୁଦ୍ଧଦେବଙ୍କୁ ପୋଲିସ ଗିରଫ କରି ୭୦୨ ଦଫାରେ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରିଣୀ ରୋସାଲିନ ପଟେଲ ସୂଚନା ଦେଇଛନ୍ତି।

### ଭାଜପା ପାନପୋଷ ସାଙ୍ଗଠନିକ ଜିଲା କମିଟି ଘୋଷିତ

**ରାଉରକେଲା, ୧୩।୨(ସଙ୍ଗୀତା ଜେନା):** ପାନପୋଷ ସାଙ୍ଗଠନିକ ଜିଲା କମିଟି ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ମଙ୍ଗଳବାର ଘୋଷଣା କରାଯାଇଛି। ଜିଲା ସଭାପତି ଭାବେ ଲତିକା ପଟ୍ଟନାୟକ, ଉପସଭାପତି ପ୍ରମିଳା ସୋନା, ମଳୟ ମହାପାତ୍ର, ସୁନୀଲ ତିୱାରୀ, ରାଇସନ୍ ତିର୍କୀ, ଅମରେନ୍ଦ୍ର ଶର୍ମା, ଦିଲୀପ ଦାଶ, ସଂଜିତା କିସପଟା, ସରୋଜ ଦାସ, ସୁବ୍ରତ ପଟ୍ଟନାୟକ, ଶଶାଙ୍କ ଜେନା, ସମ୍ପାଦକ ଭାବେ ଆଶା ନାଇଡୁ, ସୂର୍ଯ୍ୟକାନ୍ତ ମହାନ୍ତି, ଅଜୟ କଂସାରୀ, ପରେଶ ମିଶ୍ର, ସସ୍ମିତା ପାଢ଼ୀ, ସୁବାସ ମହତୋ, ମନୋଜ ଶତପଥୀ, ଇଦ୍ରିଶ କୁଲୁ, କୋଷାଧ୍ୟକ୍ଷ ମନୋଜ ମାହେଶ୍ୱରୀ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ ମନୋନୀତ ହୋଇଥିବାବେଳେ ଯୁବ ମୋର୍ଚ୍ଚା ସଭାପତି ଭାବେ ଶ୍ରୀକାନ୍ତ ରାୟ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସସ୍ମିତା ସାହୁ, କିଷାନ ମୋର୍ଚ୍ଚା ସଭାପତି ଶୁକଦେବ ପ୍ରଧାନ, ଓବିସି ମୋର୍ଚ୍ଚା ସଭାପତି ରୋଷନ ସାହୁ, ଅନୁସୂଚିତ ଜନଜାତି ସଭାପତି ବାବୁଲି ମୁର୍ମୁ, ଅନୁସୂଚିତ ଜାତି ସଭାପତି ରୋହିତ ତନ୍ତୀ, ଜିଲା ଲିଗାଲ ସେଲ ସଂଯୋଜକ ପ୍ରବୀର ରଞ୍ଜନ ବାରିକ, ସ୍ୱଚ୍ଛ ଭାରତ ମିଶନର ରଣଧୀର ଲେଙ୍କା, ଆରଏସସିଏଲ ସଂଯୋଜକ ମମତା ଗୌତମ ଆଦିଙ୍କୁ ନାମ ଘୋଷଣା କରାଯାଇଛି। ଏହା ବ୍ୟତୀତ ମଣ୍ଡଳ ସଭାପତିମାନଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି।

# ‘ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସାମୂହିକ ଦାୟିତ୍ୱ’

**ରାଉରକେଲା, ୧୩।୨(ସଙ୍ଗୀତା ଜେନା)**

ରାଜ୍ୟପାଳ ରଘୁବର ଦାଶ ସୋମବାର ରାଉରକେଲାରେ ପହଞ୍ଚିବା ପରେ ମଙ୍ଗଳବାର ମାରାଥାନ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସର୍କିଟ ହାଉସରୁ ସକାଳ ୯ଟାରେ ବାହାରିବା ପରେ ବେଦବ୍ୟାସ ମନ୍ଦିର ପରିଦର୍ଶନ କରିଥିଲେ। ପରେ ରାଜ୍ୟପାଳ ପାନପୋଷ ସ୍ପୋର୍ଟସ ହଷ୍ଟେଲକୁ ଯାଇ ପ୍ରଶିକ୍ଷକ ଓ ଖେଳାଳିମାନଙ୍କୁ ଭେଟି ଆଲୋଚନା କରିଥିଲେ। ସେହି କ୍ରମରେ ପାନପୋଷ ମିଶନ ଶକ୍ତି କାଫେକୁ ଯାଇ ସେଠାରେ ଏସ୍‌ଏଚ୍‌ଜି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଦିବ୍ୟଜ୍ୟୋତି ଏସ୍‌ଏଚ୍‌ଜିର ଆବାହିକା ପ୍ରେମା ଦାସ, ଲକ୍ଷ୍ମୀ ସିଂହ ସମେତ ଅନ୍ୟମାନେ ଏହି ଅବସରରେ ମିଲେଟ୍ ପ୍ରସ୍ତୁତ ସାମଗ୍ରୀ ବିଷୟରେ ଆଲୋଚନା ଓ ଉପହାର ପ୍ରଦାନ କରିଥିଲେ। ପରେ ଉଦିତନଗର ହାଇସ୍କୁଲରେ ଛାତ୍ରୀଛାତ୍ରଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ରାଜ୍ୟପାଳ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଡିଇଓ ସୁନ୍ଦରଗଡ଼ ସାରଙ୍ଗଧର



ସେକ୍ଟର ୧୭ ହୋମ୍ ଏଣ୍ଡ ହୋପ୍ ସ୍କୁଲ ଅଫ ମେଣ୍ଟାଲ ରିଟାୟାର୍ଡ ପରିସରରେ ରାଜ୍ୟପାଳ ଓ ଅନ୍ୟମାନେ।

ବେଠା, ବରିଷ୍ଠ ଶିକ୍ଷକ ଅମରନାଥ ମିଶ୍ର ସମେତ ଅନ୍ୟମାନେ ଏଠାରେ ଉପସ୍ଥିତ ଥିଲେ। ମଧ୍ୟାହ୍ନ ୧୨ଟାରେ ରାଜ୍ୟପାଳ ରାଉରକେଲା ଇସ୍ପାତ କାରଖାନା ପାରିପାର୍ଶ୍ୱିକ ପାଣ୍ଠିରେ ପରିଚାଳିତ ସେକ୍ଟର-୧୭ ସ୍ଥିତ ହୋମ୍ ଏଣ୍ଡ ହୋପ୍(ମେଣ୍ଟାଲ ରିଟାୟାର୍ଡ) ସ୍କୁଲରେ ପହଞ୍ଚି ଥିଲେ। ସେଠାରେ ସ୍କୁଲର ଯୁଗ୍ମ ସମ୍ପାଦକ ତଥା ସିଜିଏମ୍ ଡା. ଜିଏସ୍ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜ୍ୟପାଳଙ୍କୁ ସ୍ୱାଗତ

### ଦିବ୍ୟାଙ୍ଗ ପିଲାଙ୍କ ଗହଣରେ ସମୟ ବିତାଇଲେ ରାଜ୍ୟପାଳ

କରାଯାଇଥିଲା। ଜିଲାପାଳ ପରାଗ ହର୍ଷଦ ଗାଭଲୀ, ରାଉରକେଲା ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀ, ଆରଏସ୍‌ପି ଇଡ଼ି ଏସ୍.ଆର୍ ସୂର୍ଯ୍ୟବଂଶୀ ,ସ୍କୁଲର ସମ୍ପାଦକ ତଥା ଆର୍‌ଏସ୍‌ପି ଜିଏମ୍ ପି.କେ ସ୍ୱାଇଁ, ଆଇଜିଏଚ୍ ଭାରପ୍ରାପ୍ତ ନିର୍ଦ୍ଦେଶକ ବି.କେ ହୋତା, ସ୍କୁଲର କୋଷାଧ୍ୟକ୍ଷ ତଥା ଏଜିଏମ୍ ଫାଇନାନ୍ସ ନିର୍ମଳ ଚନ୍ଦ୍ର ଦାସ, ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ପଦ୍ମିନୀ ଦାସ, ଆର୍‌ଏସ୍‌ପି କମ୍ୟୁନିକେସନ୍ ମୁଖ୍ୟ ଅର୍ଚ୍ଚନା ଶତପଥୀ, ଡିଆଇସି( ଜିଏମ୍ ଟେକ୍) ଶ୍ରୀମନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟପାଳ ଦିବ୍ୟାଙ୍ଗ ଛାତ୍ରୀ ଅର୍ଚ୍ଚିତା ମହାପାତ୍ର, ଆଲିଶା ସେଜଲ୍ ଲାକ୍ରାଙ୍କ କମ୍ପ୍ୟୁଟର ଦକ୍ଷତା ପରଖିଥିଲେ। ସେହିପରି ଦିବ୍ୟାଙ୍ଗ ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ କଳାତ୍ମକ ସାମଗ୍ରୀ ଉପହାର ଗ୍ରହଣ କରିଥିଲେ। ଏଠାରେ ଆୟୋଜିତ ବୈଠକରେ ରାଜ୍ୟପାଳ ଦାଶ କହିଲେ, ଆର୍‌ଏସ୍‌ପି ଦ୍ୱାରା ଉକ୍ତ ସ୍କୁଲ ପରିଚାଳନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଦିବ୍ୟାଙ୍ଗମାନେ ବିଭିନ୍ନ ବର୍ଗରୁ ଆସିଥାନ୍ତି। ଏମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସାମୂହିକ ଦାୟିତ୍ୱ ଭାବେ ସମସ୍ତେ ଗ୍ରହଣ କରିବା ଉଚିତ୍। ଜିଲା ପ୍ରଶାସନ ଏଥିପାଇଁ ୫ଲକ୍ଷ ଟଙ୍କା ଅନୁଦାନ ଓ ଦକ୍ଷିଣ ରାଉରକେଲାରେ ଥିବା ଅନ୍ୟ ଏକ ଭିନ୍ନକ୍ଷମ ଶାଖା ଅନୁଷ୍ଠାନ ଆଶା ପାଇଁ ୨ଲକ୍ଷ ଟଙ୍କା ପ୍ରଦାନ କରନ୍ତୁ ବୋଲି ଦାଶ ନିର୍ଦ୍ଦେଶ ଦେଇଥିଲେ। ମୋଟ ୪୦ ମିନିଟ୍ ରହଣିରେ ରାଜ୍ୟପାଳ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନଙ୍କ ସହ ଭେଟି ଆଲୋଚନା କରିଥିଲେ। ପ୍ରଦୀପ ଦାସ, କବିତା ନାଗ, ଜ୍ୟୋତିପ୍ରକାଶ ମିଶ୍ର, ସଞ୍ଜୟ ରାଣ, ପବିତ୍ର କବି, ସୁରେନ୍ଦ୍ର ସାହୁ, ରୀନା ଛତ୍ରିଆ, ତାରା ବିଭାର, ଚନ୍ଦ୍ରକାନ୍ତି ବାଲ୍ମୀକୀ, ସୁଚରିତା ଭଟ୍ଟାଚାର୍ଯ୍ୟ, ମହମ୍ମଦ ଆବିଦ୍, ତିଲୋତ୍ତମା ମହାନ୍ତି, ଭେଷଜ ମହାନ୍ତି, ଲାଖିଆ ମିଞ୍ଜ, ଦେବସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଜ୍ୟପାଳ ବିପିୟୁଟି ଅଭିମୁଖେ ଯାତ୍ରା କରିଥିଲେ।

## ସାମାଜିକ ବୈଠକ, ନୂତନ କମିଟି ଗଠନ

**ବାଲିଶଙ୍କରା,୧୩।୨( ହୃଦାନନ୍ଦ ବାରିକ)**

ବାଲିଶଙ୍କରା ବ୍ଲକ ସରବାହାଲଠାରେ ପଞ୍ଚାୟତ ସ୍ତରୀୟ ଲକ୍ଷେ ଘର ସମାଜ ପକ୍ଷରୁ ସାମାଜିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୁବାସ ତନ୍ତୀ ଏଥିରେ ନେତୃତ୍ୱ ନେଇଥିବାବେଳେ ମୁଖ୍ୟ ଅତିଥିଭାବେ ଲକ୍ଷେ ଘର ସାମାଜିକ କର୍ମୀ ବୈକୁଣ୍ଠ ତନ୍ତୀ ଯୋଗଦେଇ ସମାଜକୁ ସୁଦୃଢ଼ କରିବାକୁ ହେଲେ ମହିଳାମାନେ ଆଗ୍ରହୀ ହେବା ଦରକାର ଏବଂ ସମାଜରୁ କୁସଂସ୍କାର ହଟାଇବା, ନିଶାରୁ ଦୂରରେ ରହିଲେ ସମାଜ ଆଗକୁ ବଢ଼ିବ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥିଭାବେ କୈଳାଶ ତନ୍ତୀ, ପ୍ରେମ ତନ୍ତୀ, ଅଭିମନ୍ୟୁ ତନ୍ତୀ, ଲୁନ୍ଦ୍ର ତନ୍ତୀ, ରାମସିଂ ତାଜନ, ସଚିନ୍ଦ୍ର ତନ୍ତୀ ପ୍ରମୁଖ ଯୋଗଦେଇ ନିଜ ନିଜ ମତପ୍ରକାଶ କରିଥିଲେ। ଏହାସହ ନୂତନ କମିଟି ଗଠନ କରାଯାଇଥିଲା। ବ୍ଲକ ସଭାପତିଭାବେ ବୈକୁଣ୍ଠ ତନ୍ତୀ, ସମ୍ପାଦକ ପ୍ରେମ ତନ୍ତୀ, ଅଭିମନ୍ୟୁ ତନ୍ତୀଙ୍କୁ ଚୟନ କରାଯାଇଥିଲା। ପଞ୍ଚାୟତ ସଭାପତିଭାବେ ସୁବାସ ତନ୍ତୀ ଏବଂ ମହିଳାଙ୍କ ମଧ୍ୟରୁ ବିନତା ଲାରଙ୍ଗ, ସମ୍ପାଦିକା କଳ୍ପନା ମହାଭରାଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ପ୍ରେମ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମାରୁତି ଚରଣଙ୍କୁ ଡିଆଇଟିଆଇ ପ୍ରତିଭା ସମ୍ମାନ

**ରାଜଗାଙ୍ଗପୁର,୧୩।୨ (ଅଶୋକ ପାଣି)**

ରାଜଗାଙ୍ଗପୁର ଝଗରପୁରସ୍ଥିତ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ରେ ବାର୍ଷିକ ଉତ୍ସବ ଡିଆଇଟିଆଇ ପ୍ରତିଭା ସମ୍ମାନ-୨୦୨୩ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଅଧକ୍ଷ ଏବଂ ଉପନିର୍ଦ୍ଦେଶକ ଅଜୟ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ଦକ୍ଷ କୁଶଳୀଙ୍କୁ ସମ୍ମାନ ଜଣାଇ ତାଙ୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ ଓ ପ୍ରଶିକ୍ଷାର୍ଥୀଙ୍କୁ ବୈଷୟିକ ତାଲିମ ସମ୍ବନ୍ଧରେ ଉପଦେଶ ଦେଇଥିଲେ। ଏହି ଅବସରରେ ରାଉରକେଲା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଅଧକ୍ଷ ଧନଞ୍ଜୟ ଖୁରା,ଏଇଡି ଡିସିବିଏଲ୍ ଓ ରାଜଗାଙ୍ଗପୁର ମାନବ ସମ୍ବଳ ବିଭାଗ ମୁଖ୍ୟ ତଥା ଡିଆଇଟିଆଇ ପରିଚାଳନା କମିଟିର ସଭ୍ୟ ଡ.ନୀଳାଦ୍ରି ଭୂଷଣ ପାଢ଼ୀ, ଓସିଏଲ୍ ରିଫ୍ରାକ୍ଟୋରି ଲିମିଟେଡ୍‌ର ପୂର୍ବତନ ସହକାରୀ ଉପନିର୍ଦ୍ଦେଶକ ତଥା ଡିଆଇଟିଆଇ ପରିଚାଳନା କମିଟିର ସଭ୍ୟ ଓମ୍ ପ୍ରକାଶ ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା ‘ଶିଳ୍ପୀ ’ର ତ୍ରୟୋଦଶ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ସମ୍ମାନିତ ଅତିଥି ପାଢ଼ୀ ସ୍ୱାଗତ ସମ୍ଭାଷଣ ପରିବେଷଣ କରିଥିଲେ। ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

### ଡାଲମିଆ ଆଇଟିଆଇରେ ବାର୍ଷିକ ଉତ୍ସବ

ଅଧକ୍ଷ ଦେବବ୍ରତ ପ୍ରଧାନ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ୧୫ ବର୍ଷ ଧରି ନିରବଚ୍ଛିନ୍ନ ସେବା ନିମନ୍ତେ ଅନୁଷ୍ଠାନର ପ୍ରଶିକ୍ଷକ ପଦ୍ମଲୋଚନ ଦାସ, ସସ୍ମିତା ଦାସ, ସୁଜିତ କୁମାର ନାୟକ, ଜଗନ ମୋହନ ପ୍ରଧାନ ଏବଂ ଅଞ୍ଜୋର ଦୁଲାର ତିର୍କୀଙ୍କୁ ମୁଖ୍ୟ ଅତିଥି ରୌପ୍ୟ ପଦକ ଦେଇ ସମ୍ମାନିତ କରିଥିଲେ। ଭାରତ ସରକାରଙ୍କ କୋଲ ଇଣ୍ଡିଆ ଅଧୀନରେ କାର୍ଯ୍ୟରତ ପୁରାତନ ଛାତ୍ର ମାରୁତି ଚରଣ ସାହୁଙ୍କୁ ଡିଆଇଟିଆଇ ପ୍ରତିଭା ସମ୍ମାନ-୨୦୨୩ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଶଶିଭୂଷଣ ତରାଇ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଅନୁଷ୍ଠାନର ନୂତନ ୱାର୍କଶପ ବିଲ୍ଡିଂ ଏବଂ ପ୍ରଶିକ୍ଷାର୍ଥୀଙ୍କ ପ୍ରୋଜେକ୍ଟ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରୋଜେକ୍ଟକୁ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥିମାନେ ପରିଦର୍ଶନକରି ପ୍ରଶଂସା କରିଥିଲେ। ଏହି ଉତ୍ସବରେ ଅନୁଷ୍ଠାନର କର୍ମଚାରୀ ଜୟନ୍ତ କୁମାର ନାୟକ, ବିଘ୍ନେଶ୍ୱର ଲେଙ୍କା, ଶ୍ରୀନିବାସ ସାହୁ, ସୁଜିତ କୁମାର ନାୟକ, ଗିରିଶ କୁମାର ସୁନ୍ୟାନି, ରଘୁନାଥ ମହାରଣା, ଶଶିକାନ୍ତ ଦାସ, ସନ୍ଦୀପ ପ୍ରଧାନ, ସ୍ମୃତିରଞ୍ଜନ ବାରିକ, ଆଲୋକ ବଡ଼ାଇ, ରାକେଶ ମାନସିଂହ, ଅର୍ପଣ ମିଞ୍ଜଙ୍କ ସମେତ ଅନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରଶିକ୍ଷାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଚିତ୍ର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲର ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ ଆର୍ଥିକ ଫଳାଫଳ

**ରାଉରକେଲା,୧୩।୨(ବିପ୍ଳବରଞ୍ଜନ ଦାଶ)**

ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ (ସେଲ୍) ୨୦୨୩-୨୪ ଆର୍ଥିକ ବର୍ଷର ତୃତୀୟ ତ୍ରୟୋମାସ ତଥା ପ୍ରଥମ ୯ମାସର ଆର୍ଥିକ ଫଳାଫଳ ଏହାମଧ୍ୟେ ଘୋଷଣା କରିଛି। ଆର୍ଥିକ ବର୍ଷର ପ୍ରଥମ ୯ ମାସରେ କମ୍ପାନୀ ଉତ୍ପାଦନ ଓ ବିକ୍ରୀ କ୍ଷେତ୍ରରେ ସର୍ବକାଳୀନ ଶ୍ରେଷ୍ଠ ପ୍ରଦର୍ଶନ ରେକର୍ଡ ହାସଲ କରିବାରେ ସକ୍ଷମ ହୋଇଛି। ୯ମାସ ମଧ୍ୟରେ ଅଶୋଧିତ ଇସ୍ପାତ ଉତ୍ପାଦନ ଏବଂ ବିକ୍ରୟ ପରିମାଣ ଅନୁରୂପ ପୂର୍ବ ଆର୍ଥିକ ବର୍ଷ ଅବଧି ତୁଳନାରେ ଯଥାକ୍ରମେ ୬.୬ ପ୍ରତିଶତ ଏବଂ ୮.୨ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଆର୍ଥିକ ବର୍ଷର ପ୍ରଥମ ତିନି ତ୍ରୟୋମାସରେ କର ପରବର୍ତ୍ତୀ ଲାଭ ପରିମାଣ(ପିଏଟି) ୧୭୨୨କୋଟି ଟଙ୍କାରେ ପହଞ୍ଚିଛି ଯାହା ଅନୁରୂପ ପୂର୍ବ ବର୍ଷ ସମାନ ଅବଧିରେ ୮୫୪କୋଟି ଟଙ୍କା ରହିଥିଲା। କିନ୍ତୁ ତୃତୀୟ ତ୍ରୟୋମାସରେ କମ୍ପାନୀର କର ପରବର୍ତ୍ତୀ ଲାଭର ପରିମାଣ ପୂର୍ବ ଆର୍ଥିକ ବର୍ଷର ୪୬୪କୋଟି ଟଙ୍କାରୁ ହ୍ରାସ ପାଇ ୩୩୧କୋଟି ଟଙ୍କା ରହିଛି। ସେଲ୍ ଫଳାଫଳକୁ ନେଇ ସେଲ ଅଧକ୍ଷ ଅମରେନ୍ଦୁ ଉଲ୍ଲେଖ କରିଛନ୍ତି ଯେ,ଉତ୍ପାଦନ ପରିମାଣ ବୃଦ୍ଧି ଦିଗରେ କମ୍ପାନୀର ନିରବଚ୍ଛିନ୍ନ ଉଦ୍ୟମ ଆର୍ଥିକ ପ୍ରଦର୍ଶନ ଉପରେ ସକାରାତ୍ମକ ପ୍ରଭାବ ଆଣିଛି।

## ବେଦବ୍ୟାସ ଶୈବପୀଠ ଦର୍ଶନ କଲେ ରାଜ୍ୟପାଳ

**ବେଦବ୍ୟାସ,୧୩।୨(ଆଲୋକ ସ୍ୱାଇଁ)**

ଓଡ଼ିଶାର ରାଜ୍ୟପାଳ ରଘୁବର ଦାସଙ୍କ ସୁନ୍ଦରଗଡ଼ ଗସ୍ତ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବେଦବ୍ୟାସ ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଇଥିଲେ। ଜିଲା ଓ ପୋଲିସ ପ୍ରଶାସନ, ମନ୍ଦିର ଟ୍ରଷ୍ଟର ସଦସ୍ୟମାନଙ୍କ ସହଯୋଗରେ ରାଜ୍ୟପାଳ ଶିବ ମନ୍ଦିର ଓ ବ୍ୟାସଦେବଙ୍କ ଗୁମ୍ଫାରେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ପୁରାତନ ଇତିହାସ, ତ୍ରିବେଣୀ ସଙ୍ଗମ ଓ ବ୍ୟାସ କ୍ଷେତ୍ର ସମ୍ପର୍କରେ ସ୍ୱାମୀ ବ୍ରହ୍ମ ସାକ୍ଷାତକାର୍ ନନ୍ଦ ସରସ୍ୱତୀ ରାଜ୍ୟପାଳଙ୍କୁ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ବରିଷ୍ଠ ଭାଜପା ନେତା ଦୋଳଗୋବିନ୍ଦ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ରାଜ୍ୟପାଳଙ୍କୁ ବ୍ୟାସକ୍ଷେତ୍ରର ଉନ୍ନତି ତଥା ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ପାଇଁ ଯାତ୍ରୀ ନିବାସ, ମହାଭାରତ ସମ୍ବନ୍ଧୀତ ଏକ ମ୍ୟୁଜିୟମ, ଧର୍ମ ପୁସ୍ତକ ସମ୍ମିଳିତ ପାଠାଗାର ଓ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ ପ୍ରତିନିଧି ଦଳରେ ଭାଜପାର କାଲୁଙ୍ଗା ମଣ୍ଡଳ ସଭାପତି ଦାଶରଥି କିଷାନ, ବସନ୍ତ ସିଂ, ଜଗନ୍ନାଥ ଟପ୍ପୋ, ମନୋଜ ଚୌଧୁରୀ, ଗୁରିନ୍ଦର ସିଂ ଓ ବିନୋଦ ରଣା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱାମୀ ଅଗ୍ନିବାବା, କଂଗ୍ରେସ ନେତା ତଥା ଟ୍ରଷ୍ଟ ସଦସ୍ୟ ପ୍ରମୋଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। ରାଜ୍ୟପାଳ ପ୍ରାୟ ଅଧଘଣ୍ଟାକାଳ ରହି ରାଉରକେଲା ଅଭିମୁଖେ ଯାଇଥିଲେ।

## ସ୍ୱର୍ଣ୍ଣ ପଦକ ବିଜେତା ଖେଳାଳିଙ୍କୁ ସମ୍ବର୍ଦ୍ଧନା



କିକ୍ ବକ୍ସିଂ ଖେଳାଳିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ବନ୍ଧମୁଣ୍ଡା,୧୩।୨(ସୁବ୍ରତ ଦେ)**

ଦିଲ୍ଲୀରେ ଆୟୋଜିତ ଅନ୍ତର୍ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନକରି ରାଉରକେଲାକୁ ଫେରିଥିବା ଖେଳାଳିଙ୍କୁ ମଙ୍ଗଳବାର ରାଉରକେଲା ରେଲୱେ ଷ୍ଟେଶନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଖେଳାଳିମାନେ ରେଳ ଷ୍ଟେଶନରେ ପହଞ୍ଚିବା ମାତ୍ରେ ଉପସ୍ଥିତ ଲୋକମାନେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ମିଠା ଖୁଆଇ ସ୍ୱାଗତ କରିଥିଲେ। ଏହି ଅବସରରେ ଦଳର ଖେଳାଳିଙ୍କ ସହ ବିଚିତ୍ର ନାରାୟଣ ଜେନା, ସଞ୍ଜୀବ ଖେସ, ଅଶୋକ କୁନୱାର, ରବୀନ୍ଦ୍ର କୁମାର ସିଂ, ବିଲୁ ତିର୍କୀ, ଦୀନେଶ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦଳର ମୁଖ୍ୟ ପ୍ରଶିକ୍ଷକ ବିଚିତ୍ର ନାରାୟଣ ଜେନା କହିଛନ୍ତି, ତାଙ୍କ ଦଳର ସମସ୍ତ ଖେଳାଳି ଆଗାମୀ ଦିନରେ ମଧ୍ୟ ସମସ୍ତ ଜାତୀୟ ତଥା ଅନ୍ତର୍ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପରେ ଅଂଶଗ୍ରହଣ କରି ଭଲ ଫଳାଫଳ ହାସଲ କରିବାକୁ ଚେଷ୍ଟା କରିବେ।

## ବୀରମିତ୍ରପୁର ଉପଖଣ୍ଡରେ ବଢୁଛି ଜୁଆ, କୁକୁଡ଼ା ଲଢ଼େଇ

**କୁଆଁରମୁଣ୍ଡା,୧୩।୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା ବୀରମିତ୍ରପୁର ଉପଖଣ୍ଡ ଅଞ୍ଚଳରେ ଏବେ ଜୁଆ ଓ କୁକୁଡ଼ା ଲଢ଼େଇ ଭଳି ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। ବିଭିନ୍ନ ସମୟରେ ପୂଜା,ପାର୍ବଣ ଓ ପରମ୍ପରାର ଆଳ ଦେଖାଇ କିଛି ଅସାମାଜିକ ବ୍ୟକ୍ତି ବୀରମିତ୍ରପୁର,ରାଏବୋଗା ଓ ହଡିବାରି ଥାନା ଅଞ୍ଚଳରେ ଖୁଲମଖୁଲା କୁକୁଡ଼ା ଲଢେଇ ସାଙ୍ଗକୁ ଜୁଆର ଆୟୋଜନ କରି ଅସାଧୁ ଉପାୟରେ ସାଧାରଣ ଲୋକଙ୍କଠାରୁ ଅର୍ଥ ଲୁଟୁଛନ୍ତି। ବିଶେଷ କରି ନିରୀହ ଆଦିବାସୀମାନେ ଉକ୍ତ ଜୁଆଡିଙ୍କ ନିକଟରେ ଘରର ସୁନା,ରୁପା ଓ କଂସାବାସନ ବନ୍ଧା ପକାଇ ବାଜି ଲଗାଇବା ସହ ସର୍ବସ୍ୱାନ୍ତ ହେଉଛନ୍ତି। ଅନେକ ସମୟରେ ପାରିବାରିକ କଳହ ଲାଗି ରହୁଛି। ଫଳରେ ଛୋଟ ପିଲାମାନେ ପାଠପଢ଼ାରୁ ମଧ ବଞ୍ଚିତ ହେଉଛନ୍ତି। ବୀରମିତ୍ରପୁର ଥାନା ଅଞ୍ଚଳର ଜଲଙ୍ଗବିରା, ଲାସେ, କୁମଝରିଆ, ଗୋବିରା, ଡୁମେରଯୋର,ଜଗଦିସପୁର,କଚାରୁ, ସିଆଳଯୋର,ଖାରବେଡା ଅଞ୍ଚଳ ଏବଂ ରାଇବୋଗା ଥାନା ଅଞ୍ଚଳର କାଦୋବହାଲ, ଝୁନମୁର,ଜୟଦେଗା, ଅଣ୍ଡାଳି, ଜାମବହାଲ,ସଲଙ୍ଗବହାଲ, ମଝପଡା ଅଞ୍ଚଳରେ ଏହା ଖୁଲମଖୁଲା ଚାଲୁଛି। ଏଥିପ୍ରତି ଜିଲା ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେଇ ଦ୍ରୁତ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ

**ବ୍ରଜରାଜନଗର,୧୩।୨(ବିଜୟ ବରାଡ଼)**

ଆର୍ଯ୍ୟ ସମାଜର ପ୍ରାଣ ପ୍ରତିଷ୍ଠାତା, ସମାଜ ସଂସ୍କାରକ ସ୍ୱାମୀ ଦୟାନନ୍ଦଙ୍କ ଜୟନ୍ତୀ ଡିଏଭି ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ସ୍ୱାମୀ ଦୟାନନ୍ଦଙ୍କ ପ୍ରତିମା ଫଳକରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ପାଇଁ ପଞ୍ଚକୁଣ୍ଡୀୟ ଯଜ୍ଞର ଆୟୋଜନ କରାଯାଇଥିଲା। ଅଧକ୍ଷ ପଣ୍ଡା ସ୍ୱାଗତ ଭାଷଣରେ ସ୍ୱାମୀ ଦୟାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ଡ. ମଞ୍ଜୁଶ୍ରୀ ବେହୁଲା ସ୍ୱାମୀ ଦୟାନନ୍ଦଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।



ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

## ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କ ବିକାଶ ନେଇ ସଚେତନତା

**ବ୍ରଜରାଜନଗର,୧୩।୨(ବିଜୟ ବରାଡ଼)**

ବ୍ରଜରାଜନଗର ପୌରାଞ୍ଚଳର ଗୋପବନ୍ଧୁ ଛକଠାରେ ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କ ବିକାଶ ଓ ସରକାରଙ୍କ ଦୃଢ଼ ସଂକଳ୍ପ ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌର ଅଧକ୍ଷ ଯାଜ୍ଞସେନୀ ଓରାମ ମୁଖ୍ୟ ଅତିଥି ଓ ଉପାଧ୍ୟକ୍ଷ ଗୋପାଳ ଶୀତନି, ପୂର୍ବତନ ଉପ ନଗରପାଳ ଜୟନ୍ତ ଦୀକ୍ଷିତ, କାଉନସିଲର ନିକିତା ସେଠୀ, ଉଷାରାଣୀ ଚାନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କ ଉଦ୍ୟମରେ ସାରା ଓଡ଼ିଶାରେ କିପରି ସହରାଞ୍ଚଳରେ ବସ୍ତିବାସିନ୍ଦାଙ୍କ ବିକାଶ ହୋଇପାରିଛି ଓ ବ୍ରଜରାଜନଗର ପୌରାଞ୍ଚଳରେ ଜାଗା ମିଶନ ମାଧ୍ୟମରେ କେତେ ଲୋକ ଉପକୃତ ହୋଇଛନ୍ତି ତା'ର ଏକ ଚିତ୍ର ଉପସ୍ଥାପନ କରିଥିଲେ। କାମରେ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଅଧିକ ବିଶ୍ୱାସ ରଖୁଥିବା ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ଏହା କିପରି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ତା'ର ତଦାରଖ କରୁଛନ୍ତି। ମା'ମାନେ ଆଗକୁ ଆସିଲେ ପରିବାର ଆଗକୁ ଆସିବ। ଏହି ଉପାୟକୁ ଆପଣେଇ ବିଜୁ ଜନତା ଦଳ ଏସ୍‌ଏସ୍‌ଜି ଗଠନ କରି ସିଧାସଳଖ ସେମାନଙ୍କୁ କାମ ଦେଉଛନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ୮ ଗ୍ରୁପ୍‌ର ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ। ଶତାବ୍ଦୀ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ପୌର ପ୍ରଶାସନ ତରଫରୁ କାର୍ଯ୍ୟକ୍ରମ ସଂଯୋଜକ ଦିଲୀପ ମହାନ୍ତି ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରଣଜୀ ଦଳରେ ସମ୍ବଲପୁରର ପ୍ରଦୀପ ପ୍ରଧାନ



ସମ୍ବଲପୁର,୧୩।୨(ଭବାନୀ ଶଙ୍କର ଭୋଇ)

ଆସନ୍ତା ୧୬ରେ ଦିଲ୍ଲୀ ସହ ହେବାକୁ ଥିବା ରଣଜୀ ମ୍ୟାଚ ପାଇଁ ଓଡ଼ିଶା ଦଳରେ ସମ୍ବଲପୁରର ଦୁଇଜଣ ଖେଳାଳି ସାମିଲ ହୋଇଛନ୍ତି। ସମ୍ବଲପୁରର ଫାଷ୍ଟବୋଲର ଦେବବ୍ରତ ପ୍ରଧାନ ପୂର୍ବରୁ ଦଳର ନିୟମିତ ସଦସ୍ୟ ରହିଆସିଥିବା ବେଳେ ରେଢାଖୋଲର ପ୍ରଦୀପ ପ୍ରଧାନ ପ୍ରଥମଥର ରଣଜୀ ଦଳରେ ସାମିଲ ହୋଇଛନ୍ତି। ସେ ମଧ୍ୟ ଫାଷ୍ଟବୋଲର ଭାବେ କ୍ଲବ ମ୍ୟାଚରେ ଲଗାତର ଭଲ ପ୍ରଦର୍ଶନ କରିଆସିଛନ୍ତି। ୨୦୧୫ରୁ ବିଭିନ୍ନ କ୍ଲବ ପାଇଁ ସେ ପ୍ରତିନିଧିତ୍ୱ କରି ଆସିଥିବା ବେଳେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ, ସମ୍ବଲପୁରର ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବର ସେ ସଦସ୍ୟ। ପ୍ରଦୀପଙ୍କ ବାପା ହୃଷୀକେଶ ପ୍ରଧାନ ଜଣେ ବ୍ୟବସାୟୀ ଓ ମା' ପଙ୍କଜିନି ପ୍ରଧାନ ଜଣେ ଗୃହିଣୀ। ତେବେ ଦିଲ୍ଲୀ ସହ ମ୍ୟାଚ ପାଇଁ ଦଳର ମ୍ୟାନେଜର ଭାବେ ସମ୍ବଲପୁର ଦୁଲାଲ ଚନ୍ଦ୍ର ପ୍ରଧାନଙ୍କୁ ଦାୟିତ୍ୱ ଦିଆଯାଇଛି। ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡିୟମରେ ଏହି ମ୍ୟାଚ ଅନୁଷ୍ଠିତ ହେବ।

### ଖବରଦାତାଙ୍କୁ ଆକ୍ରମଣ ବିରୋଧରେ ଏସ୍‌ୟୁଜେର ଦାବିପତ୍ର

ସମ୍ବଲପୁର,୧୩।୨(ଭବାନୀ ଶଙ୍କର ଭୋଇ)

ଗତ ୯ତାରିଖରେ ଖବରଦାତା ଜ୍ୟୋତି ରଞ୍ଜନ ମହାପାତ୍ରଙ୍କୁ ୪ଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିଥିଲେ। ଏହାର ପ୍ରତିବାଦ ସ୍ୱରୂପ ମଙ୍ଗଳବାର ଷ୍ଟେଟ ୟୁନିଅନ ଅଫ ଜର୍ନାଲିଷ୍ଟ (ଏସ୍‌ୟୁଜେ) ସମ୍ବଲପୁର ଶାଖା ପକ୍ଷରୁ ସଭାପତି ରବୀନ୍ଦ୍ର ପ୍ରସାଦ ଦାନିଙ୍କ ନେତୃତ୍ୱରେ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଏସ୍‌ପି, ଆରଡିସି ଏବଂ ଉତ୍ତରାଞ୍ଚଳ ଆରକ୍ଷୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଅବସରରେ କୋଷାଧ୍ୟକ୍ଷ ଜିତେନ୍ଦ୍ର ମୁଦୁଲି, ସମ୍ପାଦକ ସଞ୍ଜୀବ ସାହୁ, ଜମନକିରା ବ୍ଲକ ସଭାପତି ସତ୍ୟପ୍ରିୟ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

### ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର

ରେଙ୍ଗାଲି,୧୩।୨(ଦେବବ୍ରତ ପଣ୍ଡା):

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବୋମାଲୋଇଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନପ୍ରତିନିଧି ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ସରକାରୀ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଏଥିରେ ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ରେଙ୍ଗାଲି ଜୋନ ୧ ଜିଲା ପରିଷଦ ସଭ୍ୟା ଚୋଲଶ୍ରୀ ମାହାନନ୍ଦ, ବୋମାଲୋଇ ସରପଞ୍ଚ ସରସ୍ୱତୀ ପଧାନ, ସମିତିସଭ୍ୟା ଅଞ୍ଜଳି କିଷାନ, ନାରୀନେତ୍ରୀ ମୋନିକା ବେହେରା, ଇଂ. ଗାନ୍ଧୀ ବେହେରା, ଶୁଶୀଲ କିଷାନ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ।

# ପୈତୃକ ସମ୍ପତ୍ତିରୁ ବଞ୍ଚିତ ଦିବ୍ୟାଙ୍ଗ ରବୀନ୍ଦ୍ର

ସମ୍ବଲପୁର,୧୩।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅନ୍ତର୍ଗତ କୁର୍ଲା ଗ୍ରାମର ଦିବ୍ୟାଙ୍ଗ ରବୀନ୍ଦ୍ର ମହାନନ୍ଦ ପୈତୃକ ସମ୍ପତ୍ତି ପାଇବାରୁ ବଞ୍ଚିତ ହୋଇ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲାପାଳଙ୍କଠାରେ ହୋଇଥିବା ଅଭିଯୋଗ ଅନୁସାରେ, କୁର୍ଲା ଗ୍ରାମର ସ୍ୱର୍ଗତ ଅଶାତ୍ରୁ ମହାନନ୍ଦଙ୍କ ପୁତ୍ର ରବୀନ୍ଦ୍ର ଜନ୍ମରୁ ଦିବ୍ୟାଙ୍ଗ। ଛୋଟବେଳୁ ତାଙ୍କ ମା'ଙ୍କ ମୃତ୍ୟୁ ପରେ ବାପା ଅଶାତ୍ରୁ ଦ୍ୱିତୀୟ ବିବାହ କରିଥିଲେ। ଦ୍ୱିତୀୟ ସ୍ତ୍ରୀଙ୍କଠାରୁ ଦୁଇ ପୁତ୍ରସନ୍ତାନ ଅଛନ୍ତି। ବାପା ଦ୍ୱିତୀୟ ବିବାହ କରିବା ପରେ ସାବତ ମା' ତାଙ୍କୁ ନିର୍ଯାତନା ଦେଉଥିଲେ। ଏହା ଜାଣିବା ପରେ ଜାମପାଲିରେ ରହୁଥିବା ତାଙ୍କ କାକା ସୁରେଶ ମହାନନ୍ଦ ତାଙ୍କୁ ନିଜ ପାଖରେ ରଖି ଲାଳନପାଳନ କରିଥିଲେ। ଏପରି ସମୟରେ ଗତବର୍ଷ ଅଶାତ୍ରୁଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ସାବତ ମା' ଏବଂ ଦୁଇ ସାବତ ଭାଇ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ରବୀନ୍ଦ୍ର।

**ଜିଲାପାଳଙ୍କ ଦ୍ୱାରସ୍ଥ**

ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କୁ ପୈତୃକ ସମ୍ପତ୍ତି ଘରବାଡି ଓ ଚାଷଜମିରୁ ଭାଗ ନ ଦେଇ ବେଦଖଲ କରିଦେଇଛନ୍ତି। ଏପରି କି ତାଙ୍କ ଅଜା ସ୍ୱର୍ଗତ ଆନନ୍ଦ ମହାନନ୍ଦ ହୀରାକୁଦ ବୁଡି ଅଞ୍ଚଳର ବିସ୍ଥାପିତ ହୋଇଥିବା ବେଳେ ବର୍ତ୍ତମାନ ସରକାରଙ୍କ ଦ୍ୱାରା କରାଯାଉଥିବା କ୍ଷତିପୂରଣ ସର୍ଭେରୁ ମଧ୍ୟ ତାଙ୍କ ନାମକୁ ବାଦ୍ ଦିଆଯାଇଥିବା ରବୀନ୍ଦ୍ର ଅଭିଯୋଗ କରିଛନ୍ତି। ଉତ୍ତରାଧିକାରୀ ଭାବରେ କେବଳ ତାଙ୍କର ସାନଭାଇମାନଙ୍କ ନାମ ଥିବା ସେ ଦର୍ଶାଇଛନ୍ତି। ବର୍ତ୍ତମାନ ତାଙ୍କର କେହି ସାହାଭରସା ନ ଥିବାବେଳେ କାକାଙ୍କ ପାଖରେ ରହିଆସୁଥିବାରୁ କେବେ ସର୍ଭେ ହେଉଛି ତାହା ଜାଣିପାରୁ ନାହାନ୍ତି। ଏହାର ଫାଇଦା ନେଇ ସାବତ ଭାଇମାନେ ତାଙ୍କ ନାମକୁ ଜାଣିଶୁଣି ସର୍ଭେରୁ ବାଦ୍ ଦେଉଛନ୍ତି। କାକାଙ୍କ ସହଯୋଗରେ ରବୀନ୍ଦ୍ର କିଛିବର୍ଷ ପୂର୍ବରୁ ବିବାହ କରିଥିଲେ ମଧ୍ୟ ଦିବ୍ୟାଙ୍ଗ କାରଣରୁ ସ୍ତ୍ରୀ ମଧ୍ୟ ଛାଡି ଚାଲିଯାଇଛନ୍ତି। କାକାଙ୍କ ଘରେ ରହି ରବୀନ୍ଦ୍ର ସରକାରୀ ଯୋଜନାରେ ପାଉଥିବା ରାଶନ ଓ ଦିବ୍ୟାଙ୍ଗ ଭତ୍ତାରେ ଚଳୁଥିବା କହିଛନ୍ତି। ତେବେ ଦିବ୍ୟାଙ୍ଗ ହୋଇଥିବା କାରଣରୁ ସେ ଭାଇମାନଙ୍କ ସହ ଲଢେଇ କରିପାରୁ ନ ଥିବାରୁ ଶେଷରେ ବାଧ ହୋଇ ସମ୍ବଲପୁର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ପୈତୃକ ସମ୍ପତ୍ତି ପାଇବା ଅଧିକାର ଦେବାକୁ ଅନୁରୋଧ କରିଛନ୍ତି। ତେବେ ଜିଲା ପ୍ରଶାସନ ପକ୍ଷରୁ ରବୀନ୍ଦ୍ରଙ୍କ ଅଭିଯୋଗ ଗ୍ରହଣ କରି ରେଙ୍ଗାଲି ତହସିଲଦାରଙ୍କୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

# ବିକାଶରେ ପାପା କେହେତେ ହୈ କାର୍ଯ୍ୟକ୍ରମ





ବିକାଶ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

ସମ୍ବଲପୁର,୧୩।୨(ବି.ଶଙ୍କର)

ପିତା ସ୍ୱର୍ଗଠୁ ବିଶାଳ, ସମୁଦ୍ରଠୁ ଅଧିକ ପରିବ୍ୟାପ୍ତ। ପିତାଙ୍କ ଗରିମାକୁ ନେଇ ମଙ୍ଗଳବାର ସମ୍ବଲପୁର ଶାସନସ୍ଥିତ ବିକାଶ କ୍ୟାମ୍ପସରେ ଗୁନ୍ନମ ରାମଚନ୍ଦ୍ର ରାଓଙ୍କ ୨୮ତମ ଶ୍ରାଦ୍ଧବାର୍ଷିକୀ ତଥା ପାପା କେହେତେ ହୈ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସନ୍ତାନ ପ୍ରତି ମା'ବାପାଙ୍କ ସର୍ବଦା ଆଶୀର୍ବାଦ ରହିଥାଏ। ସନ୍ତାନର କଲ୍ୟାଣ ପାଇଁ ମାତାପିତା ତାଙ୍କ ସାମର୍ଥ୍ୟର ସୀମା ବାହାରକୁ ଯିବାକୁ ମଧ୍ୟ ପଶ୍ଚାତପଦ ହୁଅନ୍ତି ନାହିଁ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ବିକାଶ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ନିର୍ଦ୍ଦେଶକ ଜି. ରାମକ୍ରିଷ୍ଣା, ଡାଇରେକ୍ଟର ଗିତିକା ଚୌଧୁରୀ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୀବ କୁମାର ବାବୁ, ବିକାଶ କନସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ସ୍ୱର୍ଗତ ଗୁନ୍ନମ ରାମଚନ୍ଦ୍ର ରାଓ ଓ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲୀ କ୍ରିଷ୍ଣାଙ୍କ ପିତା ସ୍ୱର୍ଗତଃ ଦାଶରୀ ବୀର ରାଜୁଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁ ଲବ ଭୂୟାଁ, ନବ କୁମାର ଦାଶ, ନୃତ୍ୟ ଶିକ୍ଷକ ପ୍ରୀତମ କୁମ୍ଭାରଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପିତୃଭକ୍ତି ସଂଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ବିକାଶ ହାୟର ସେକେଣ୍ଡାରୀ ସ୍କୁଲ ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଶନପୁରବାସୀଙ୍କ ଭୋଟ ବର୍ଜନ ଚେତାବନୀ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ରାଶନପୁରବାସୀ।

ସମ୍ବଲପୁର,୧୩।୨(ପ୍ରମୋଦ ବହିଦାର):

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ.୪୦ର ରାଶନପୁରବାସୀ ସ୍ଥାୟୀ ଜମିପଟ୍ଟା ପାଇ ନ ଥିବାରୁ ଆଗାମୀ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ମଙ୍ଗଳବାର ଉକ୍ତ ୱାର୍ଡର ଶତାଧିକ ମହିଳାପୁରୁଷ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ସ୍ଥାୟୀ ଜମିପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଲିଖିତ ଦାବି ଜଣାଇଛନ୍ତି।

ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଦିଲୀପ ଦୁରିଆଙ୍କ ନେତୃତ୍ୱରେ ମାନେଶ୍ୱର ବ୍ଲକ ସଭାପତି ଗୋପରଞ୍ଜନ ବେହେରା, ମାନେଶ୍ୱର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଣାପାଣୀ ବେହେରା, ସମାଜସେବୀ କିରଣ ଜୟପୁରିଆ, ଧନକଉଡ଼ା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସାବିତ୍ରୀ ରଥ, କୈଳାସ ମିର୍ଦ୍ଧା, ବିକାଶ ପୁରୋହିତ, ଜକି ଛୁରିଆ ପ୍ରମୁଖଙ୍କ ଏକ ପ୍ରତିନିଧି ଦଳ

**ସ୍ଥାୟୀ ଜମିପଟ୍ଟା ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ**

ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ମାନେଶ୍ୱର ବିଡିଓ, ସମ୍ବଲପୁର ଉପଜିଲାପାଳ ଓ ସମ୍ବଲପୁର ମହାନଗର ନିଗମ କମିଶନରଙ୍କୁ ଯୋଗାଯୋଗ କରି ସମସ୍ୟା ସମ୍ପର୍କରେ ପଚାରି ବୁଝିବା ପରେ ଯଥାଶୀଘ୍ର ଏହାର ସମାଧାନ କରିବାକୁ ଉକ୍ତ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାବାଦ ଉକ୍ତ ପ୍ରତିନିଧି ଗ୍ରାମବାସୀଙ୍କ ସହ ମହାନଗର ନିଗମ କମିଶନର ବେଦଭୂଷଣଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। କମିଶନର ୨୦୧୪ରେ ହୋଇଥିବା ସର୍ଭେ ଅନୁସାରେ ତାଲିକାଭୁକ୍ତ ପରିବାରଙ୍କୁ ବସୁନ୍ଧରା ଯୋଜନାରେ ଯଥାଶୀଘ୍ର ଜମିପଟ୍ଟା ପ୍ରଦାନ କରାଯିବ। ଏହାସହ ଅନ୍ୟମାନଙ୍କ ଜମିପଟ୍ଟା ପାଇଁ ନୂତନ ଭାବେ ଆବେଦନ କରିବାକୁ କହିଥିଲେ ବୋଲି ଦିଲୀପ ଦୁରିଆ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଶନପୁର ମୌଜା ଅନ୍ତର୍ଗତ ରାଶନପୁର, ମିର୍ଗାମୁଣ୍ଡା, ଡୁରୀପଡ଼ା, ମୁଣ୍ଡାପଡ଼ାରେ ଲୋକେ ୨ ଶହ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ରହି ଆସୁଛନ୍ତି। ଏଠାରେ ୮୦ ଭାଗ ଲୋକ ଆଦିବାସୀ, ହରିଜନ ଓ ଦିନମଜୁରିଆ ଶ୍ରେଣୀର। ଏତେଦିନ ପରେ ମଧ୍ୟ ସେମାନେ ସ୍ଥାୟୀ ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି। କିଛିବର୍ଷ ତଳେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ୱାର୍ଡ ନମ୍ବର-୪୦ରେ ସମସ୍ତ ରାଜସ୍ୱ ଗ୍ରାମରେ ବସବାସ କରୁଥିବା ପରିବାରଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିବା ବେଳେ ରାଶନପୁର ମୌଜା ଏଥିରୁ ବଞ୍ଚିତ ଅଛି। ଏ ନେଇ ସେମାନେ ବାରମ୍ବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି।

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ରେଢ଼ାଖୋଲ,୧୩।୨(ଅଚ୍ୟୁତାନନ୍ଦ ପୁରୋହିତ)

ରେଢ଼ାଖୋଲ ବ୍ଲକ ଚାରମାଳ ଥାନା ଅଧୀନ ମୁଷାକଟା ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଢ଼ାଖୋଲ ଥାନା ବଡବାହାଳ ପଞ୍ଚାୟତ ଖଣ୍ଡହତା ଗ୍ରାମର ସିକୁନ ସେଠୀ (୨୫)। ଚାରମାଳ ପୋଲିସ ମୃତଦେହ ଜବତ କରି ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଚାରମାଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାମତେ ସିକୁନ ଅଜାଙ୍କ ଦେହାନ୍ତ ହୋଇଥିବା ବେଳେ ତାଙ୍କ ଶୁଦ୍ଧିକ୍ରିୟାକୁ ଯାଇଥିଲେ। ଶୁଦ୍ଧିକ୍ରିୟାରେ ଲାଗିଥିବା ଟେଣ୍ଟକୁ ସେ ମଙ୍ଗଳବାର ଖୋଲୁଥିବା ବେଳେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ରେଢାଖୋଲ ଡାକ୍ତରଖାନା ଅଣାଯାଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ରେମେଡ଼-ହୀରାକୁଦ ରାସ୍ତା ଆଲୋକୀକରଣ ହେବ

## ହିଣ୍ଡାଲ୍‌କୋ-ଏସ୍‌ଏମ୍‌ସି ଚୁକ୍ତି ସ୍ୱାକ୍ଷର

ସମ୍ବଲପୁର,୧୩।୨(ବି.ଶଙ୍କର)

ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ବିଭାଗ ପକ୍ଷରୁ ରେମେଡ଼ରୁ ହୀରାକୁଦ ପର୍ଯ୍ୟନ୍ତ ଅତିରିକ୍ତ ଆଲୋକୀକରଣ କାର୍ଯ୍ୟ ହେବ। ହିଣ୍ଡାଲ୍‌କୋ କାର୍ଯ୍ୟାଳୟରେ ମଙ୍ଗଳବାର ହିଣ୍ଡାଲକୋ ଓ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଓ ହିଣ୍ଡାଲକୋର ସମ୍ବଲପୁର କ୍ଲଷ୍ଟର ହେଡ କୈଳାଶ ନାଥ ପାଣ୍ଡେ ଉପସ୍ଥିତ ରହି ଚୁକ୍ତି ସ୍ୱାକ୍ଷର କରିଥିଲେ। ହିଣ୍ଡାଲ୍‌କୋ ପର୍ଯ୍ୟାୟକ୍ରମେ ମହାନଗର ନିଗମକୁ ୯୯ ଲକ୍ଷ ୩୨ ହଜାର ଟଙ୍କା ପ୍ରଦାନ କରିବ। ଚୁକ୍ତି ସ୍ୱାକ୍ଷରିତ ସମୟରେ ଶିକ୍ଷାନବିସ ସ୍ନେହା ଅରଗୁଲ, ମହାନଗର ନିଗମ ନିର୍ବାହୀ ଯନ୍ତ୍ରୀ (ବୈଦ୍ୟୁତିକ) ଦିବ୍ୟ ରଞ୍ଜନ ତ୍ରିପାଠୀ, କନିଷ୍ଠ ଯନ୍ତ୍ରୀ ଦେବରଞ୍ଜନ ପାଣିଗ୍ରାହୀ, ବରିଷ୍ଠ ଯନ୍ତ୍ରୀ ରାଜେଶ କୁମାର ତ୍ରିପାଠୀ, ହିଣ୍ଡାଲ୍‌କୋର ଓଡିଶା ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ହିଣ୍ଡାଲ୍‌କୋ ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ଏଫ୍‌ଆର୍‌ପି ମାନବ ସମ୍ବଳ ମୁଖ୍ୟ ଶିବ ମିଶ୍ର ଉପସ୍ଥିତ ଥିଲେ। ସମ୍ବଲପୁର କ୍ଲଷ୍ଟର ହେଡ କୈଳାଶନାଥ କହିଥିଲେ, ହୀରାକୁଦ ଅଞ୍ଚଳର ଉନ୍ନତି ପାଇଁ ହିଣ୍ଡାଲ୍‌କୋ ସର୍ବଦା ଚେଷ୍ଟିତ ରହିଛି। ହିଣ୍ଡାଲ୍‌କୋ ଓଡିଶା ମାନବ ସମ୍ବଳ ମୁଖ୍ୟ ପାଢ଼ୀ କହିଥିଲେ, ହୀରାକୁଦ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ହିଣ୍ଡାଲ୍‌କୋ କାର୍ଯ୍ୟ କରିଚାଲିବ।

### ପବ୍ଲିକ ଲାଇବ୍ରେରିରେ ସ୍ମରଣିକା ଉନ୍ମୋଚନ

ସମ୍ବଲପୁର,୧୩।୨(ବି.ଶଙ୍କର)

ଡାକ୍ତର ଯତୀନ୍ଦ୍ର ମୋହନ ପୂଜାରୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସୋମବାର ରାତିରେ ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ଅର୍ଜୁନ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଯଶସ୍ୱୀ ଯତୀନ୍ଦ୍ର ସ୍ମରଣିକା ଉନ୍ମୋଚନ କରିଥିଲେ। ଯତୀନ୍ଦ୍ର ମୋହନ ଧଳା ପୋଷାକରେ ଜଣେ ସାଧୁ ଥିଲେ ବୋଲି କହିଥିଲେ। ପଦ୍ମଶ୍ରୀ (ଘୋଷିତ) କବି ବିନୋଦ ପଶାୟତ କହିଲେ, ଯତୀନ୍ଦ୍ର ମୋହନ ଜଣେ ମହାନ ଆତ୍ମା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ନାରାୟଣୀ ପଣ୍ଡା, ଡା. ଜୟଦେବ ଉଦସନା, ଅରବିନ୍ଦ ମହାପାତ୍ର, ଧ୍ରୁବ ପଣ୍ଡା, ଡା. ଗୁଣ ସାଗର ଦାଶ, ଡ. ଗୌରିଦାସ ପଧାନ, ଦୀପକ ପୂଜାରୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଐତିହାସିକ ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିସୁଟ୍‌ରେ ଅଟଳ ଏଫ୍‌ଡିପି କର୍ମଶାଳା ଉଦ୍‌ଘାଟିତ

ସମ୍ବଲପୁର,୧୩।୨(ପ୍ରମୋଦ ବହିଦାର):

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ସିଭିଲ ଇଞ୍ଜିନିୟରିଂ ବିଭାଗ ଆନୁକୂଲ୍ୟରେ ଅଟଳ ଏଫ୍‌ଡିପି କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ସପ୍ତାହବ୍ୟାପୀ ଚାଲିବାକୁ ଥିବା କର୍ମଶାଳାକୁ ମୁଖ୍ୟ ଅତିଥି ଆଇଏମ୍‌ଡିର ପୂର୍ବତନ ନିର୍ଦ୍ଦେଶକ ଶରତ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଭିସୁଟ୍‌ର ଭାରପ୍ରାପ୍ତ କୁଳପତି ପ୍ରଫେସର ଅମରନାଥ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଭୁବନେଶ୍ୱର ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଆଶୁତୋଷ ଦାଶ, ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଡ. ମହେନ୍ଦ୍ର କୁମାର ଭୂୟାଁ, ବିଭାଗୀୟ ମୁଖ୍ୟ ଯୋଜନା ଓ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରଫେସର ସୁଧାଂଶୁ ଦାସ, ସିଭିଲ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ରାକେଶ ରୋଶନ ଦାଶ, ସଂଯୋଜକ ପ୍ରଫେସର ଅନୀଲ କୁମାର କର, ସହ ସଂଯୋଜିକା କୀର୍ତ୍ତିସୁତା ଭୋଇ ପ୍ରମୁଖ ଅତିଥିଭାବେ ମଞ୍ଚାସୀନ ଥିଲେ। ଏଥିରେ ଭିସୁଟ୍ ଆଖପାଖ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବେସରକାରୀ ସଂସ୍ଥାର ୫୯ ଜଣ ପ୍ରତିନିଧି ଯୋଗଦେଇଥିଲେ। କର୍ମଶାଳାରେ ଯୋଗଦେଇଥିବା ସମସ୍ତ ପ୍ରତିନିଧିଙ୍କୁ ଜଳ ସମ୍ପଦ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମ ସକାଶେ କ୍ଷେତ୍ର ପରିଦର୍ଶନର ଯୋଜନା ରହିଛି ବୋଲି ଭିସୁଟ୍ ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ପାନୀୟଜଳ ପାଇଁ ଜିଲାପାଳଙ୍କୁ ଦାବିପତ୍ର



ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି ଜଣେ ମହିଳା

କୁଚିଣ୍ଡା,୧୩।୨(ବିରଞ୍ଚି ଦର୍ଜୀ)

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ଠାକୁରନିକ୍ତିମାଲ ଗ୍ରାମର ହରିଜନ ପଡାବାସୀ ବର୍ଷ ବର୍ଷ ଧରି ଖୋଲା କୂଅର ଗୋଳିଆ ପାଣି ଉପରେ ଭରଷା କରିଆସୁଥିଲେ। ହେଲେ ଗତ ବର୍ଷା ଋତୁରେ ଏହି କୂଅଟି ଭୁଷୁଡି ପୋତି ହୋଇଯିବାରୁ ପଡାବାସୀ ପାଣି ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। ସେମାନେ ନିକଟସ୍ଥ ଖର୍ଲା ନଦୀର ବାଲି ପଠାରେ ଚୁଆ ଖୋଳି ସେହି ପାଣିରେ ଜୀବନ ବଞ୍ଚାଉଛନ୍ତି। ପାଖରେ ନଦୀ ପ୍ରବାହିତ ହେଉଥିବାରୁ ନଳକୂଅ ଖୋଳିଲେ ମଧ୍ୟ ସଫଳ ହେଉନାହିଁ। ୧୦ପରିବାର ବିଶିଷ୍ଟ ଏହି ପଡାର ଜନସଂଖ୍ୟା ପ୍ରାୟ ୭୦ ହେବ। ବର୍ଷା ଦିନେ ନଦୀର ଗୋଳିଆ ପାଣି ଉପରେ ପଡାବାସୀ ଭରସା କରି ଆସୁଥିବା ବେଳେ ବର୍ଷା ଋତୁ ପରେ ସେମାନେ ନଦୀରେ ଚୁଆ ଖୋଳି ସେହି ପାଣିକୁ ବ୍ୟବହାର କରିଥାନ୍ତି। ଏହି ପାଣି ପିଇ ଲୋକେ ବିଭିନ୍ନ ରୋଗରେ ପୀଡିତ ହେଉଛନ୍ତି। ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପଡ଼ାବାସୀ ଏହି ଅଭିଯୋଗ ବାଢିଥିଲେ। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଦାବିର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଯୁଯୁମୁରାରେ ବନାଗ୍ନି ସଚେତନତା ଶିବିର

ସମ୍ବଲପୁର,୧୩।୨(ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ଅଞ୍ଚଳରେ ବନ ବିଭାଗ ପକ୍ଷରୁ ବନାଗ୍ନି ରୋକିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସଦର ବନାଞ୍ଚଳ ଅଧିକାରୀ ହରିଶଙ୍କର ନାୟକଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ନୂଆବରଙ୍ଗାମାଳ ଓ ଗୋବର୍ଦ୍ଧନ ବଡ଼ମାଲଠାରେ ବନ୍ୟଜନ୍ତୁଙ୍କ ସୁରକ୍ଷା ତଥା ଜନଜୀବନ ରକ୍ଷା ଓ ବନାଗ୍ନି ନିୟନ୍ତ୍ରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସଦର ବନାଞ୍ଚଳ ତରଫରୁ ବନପାଳ ରୋଶନୀ ନାୟକ, ବନରକ୍ଷୀ ହେମବନ୍ତି ସିଂ, କ୍ଷେତ୍ର ସଂଯୋଜକ ବୃନ୍ଦାବନ ପ୍ରଧାନ, ଦଳପତି ପଙ୍କଜିନୀ ସାହୁ, ଉନ୍ନୟନ ଅଧିକାରୀ ବେଦବ୍ୟାସ ସାହୁପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଗ୍ରାମବାସୀଙ୍କୁ ଶପଥପାଠ କରାଯାଇଥିଲା। ସେହିପରି ଯୁଯୁମୁରା ବନାଞ୍ଚଳ ପରିଷଦ ପରିଚାଳନା ସଭାଗୃହରେ ସଦର ବନାଞ୍ଚଳ ଅଧିକାରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ବିଶେଷଜ୍ଞ ବିପିନ ପଧାନ ତାଲିମଦାତା ଭାବରେ ଯୋଗଦେଇ ବନାଗ୍ନି ରୋକିବା ପାଇଁ ବନ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ଅତିରିକ୍ତ ବନାଞ୍ଚଳ ଅଧିକାରୀଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବ୍ଲକର ସମସ୍ତ ବନପାଳ, ବନରକ୍ଷୀ ଓ ଗଜସାଥୀ ଉପସ୍ଥିତ ଥିଲେ। ବନପାଳ ମନୋଜ ବେହେରା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।





ନୂଆବରଙ୍ଗାମାଳରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ।

# ୧୯ରେ ଆଜମିର, ପୁଷ୍କର ଅଭିମୁଖେ ଯାତ୍ରା

**ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା**

■ ୮ ଜିଲାରୁ ଯିବେ ୯୭୦ ବରିଷ୍ଠ ନାଗରିକ

ସମ୍ବଲପୁର,୧୩।୨(ବି.ଶଙ୍କର)

ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ପ୍ରମୁଖ କାର୍ଯ୍ୟକ୍ରମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା। ଏହି ଯୋଜନାରେ ଆସନ୍ତା ୧୯ ତାରିଖରୁ ସମ୍ବଲପୁର ରେଳ ଷ୍ଟେଶନରୁ ଯାତ୍ରୀମାନେ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆଜମିର ଓ ପୁଷ୍କରକୁ ଯାତ୍ରା କରିବେ। ସମ୍ବଲପୁର, ବରଗଡ଼, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ବଲାଙ୍ଗୀର, ସୁବର୍ଣ୍ଣପୁର ଓ ଅନୁଗୋଳ ଜିଲାରୁ ଚୟନ ହୋଇଥିବା ୯୭୦ ବରିଷ୍ଠ ନାଗରିକ ଯାତ୍ରାରେ ସାମିଲ ହେବେ। ସେମାନଙ୍କ ସହ ୩୦ ଜଣ ଏସ୍କର୍ଟ ଅଫିସରଙ୍କୁ ନିଯୁକ୍ତ କରାଯାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନବିସ ସ୍ନେହା ଅରୁଗୁଲା, ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ଗଡ଼ନାୟକ, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଓଏସ୍‌ଡି ପର୍ଯ୍ୟଟନ ବିଭାଗ ହେମନ୍ତ କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ଝୁନୁ ସ୍ୱାଇଁ, ସମ୍ବଲପୁର ମହାନଗର ନିଗମର ଡେପୁଟି କମିଶନର ସୀମା ସବିତା କୁଲୁ, ଜିଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ନୀଳାମ୍ବର ମହାନନ୍ଦ, ଏଡିପିଏଚ୍‌ଓ ଡା. ପି. ସି. ବିଶ୍ୱାଳ, ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ଓଟିଡିସି ମ୍ୟାନେଜର ସନ୍ତୋଷ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମନୋନୀତ ବରିଷ୍ଠ ନାଗରିକମାନେ ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲାରୁ ସମ୍ବଲପୁର ଆସି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଯାତ୍ରା କରିବେ। ବସ୍ ବ୍ୟବସ୍ଥା, ଅସ୍ଥାୟୀ ରହଣି, ଖାଦ୍ୟପେୟ ବ୍ୟବସ୍ଥା, ପହଞ୍ଚିବା ପରେ ପଞ୍ଜିକରଣ, ଯାତ୍ରା ପୂର୍ବରୁ ସ୍ୱାସ୍ଥ୍ୟ ପରୀକ୍ଷା ଆଦି କ୍ଷେତ୍ରରେ ସୁବିଧା କରାଯିବା ପ୍ରତି ଦୃଷ୍ଟିଦେବାକୁ ଜିଲାପାଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ଜିଲାର ୧୧୨, ବରଗଡ଼ର ୧୫୯, ଦେବଗଡ଼ର ୩୩, ଝାରସୁଗୁଡାର ୬୨, ସୁନ୍ଦରଗଡ଼ର ୨୨୫, ବଲାଙ୍ଗୀରର ୧୭୭, ସୁବର୍ଣ୍ଣପୁରର ୬୫ ଓ ଅନୁଗୋଳ ଜିଲାର ୧୩୭ ଜଣ ବରିଷ୍ଠ ନାଗରିକ ଯାତ୍ରା କରିବେ। ସମସ୍ତ ବିରିଷ୍ଠ ନାଗରିକ ନିମନ୍ତେ ସମ୍ବଲପୁର ଦରବାର, ପାନ୍ଥନିବାସ, ପର୍ଶୁରାମ ଭବନ ଏବଂ ଆୟେଷା ମହଲଠାରେ ଅସ୍ଥାୟୀ ରହଣି ବ୍ୟବସ୍ଥା କରାଯାଇଛି। ଏହି ସ୍ୱତନ୍ତ୍ର ଟ୍ରେନ୍‌ଟି ୧୯ ତାରିଖ ପୂର୍ବାହ୍ନରେ ସମ୍ବଲପୁର ରେଳ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିବ।

**ସଂକ୍ଷେପରେ**

## ଅଷ୍ଟପ୍ରହର ନାମଯଜ୍ଞ ପାଇଁ ଶୁଭସ୍ତମ୍ଭ ପ୍ରତିଷ୍ଠା



**ଖୁଣ୍ଟିଗୋରା, ୧୩।୨ (ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ଜୋନସ୍ତରୀୟ ଶୌଣ୍ଡିକ ସମାଜ ପକ୍ଷରୁ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ସୋମବାର ଶୁଭସ୍ତମ୍ଭ ପ୍ରତିଷ୍ଠା ହୋଇଯାଇଛି। ସମାଜର ସଭାପତି ନାଗର ଚରଣ ସାହୁଙ୍କ ନେତୃତ୍ୱରେ ଆଡେଲଗାଁ ସୁନାଦେଇ ଜଙ୍ଗଲରୁ ଏକ ଶୋଭାଯାତ୍ରାରେ ପିଆଶାଳ ଗଛ ଆଣି ଯଜ୍ଞ ମଣ୍ଡପରେ ପୂଜାର୍ଚ୍ଚନା କରି ଅର୍ପଣ କରାଯାଇଥିଲା। ଏଥିରେ ଦିଗାମ୍ବର ସାହୁ ଏବଂ ଭୁଲେଶ୍ୱରୀ ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଜୟରାମ ପାଣି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଘଣ୍ଟ ,ଶଙ୍ଖ ଓ ହରିବୋଲ, ହୁଳହୁଳି ଧ୍ୱନିରେ ଖୁଣ୍ଟିଗୋରା ଗ୍ରାମ ପ୍ରକମ୍ପିତ ହୋଇଥିଲା। ଏଥିରେ ଦେବାନନ୍ଦ ବେହେରା, ଗୋପୀନାଥ ସାହୁ , ଗଙ୍ଗାଧର ସାହୁ, ମନୋଜ ସାହୁ, କେଦାର ସାହୁ, ମକରନ୍ଦ ସାହୁ, ଆଶିଷ ସାହୁ, ଶିବାନନ୍ଦ ସାହୁ, ଓମ୍ ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଶଟ୍‌ସର୍କିଟରୁ ଅଗ୍ନିକାଣ୍ଡ

**ଅମରପାଲି, ୧୩।୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତ ଅନ୍ତର୍ଗତ ମେଣ୍ଡାମାଲ ଗ୍ରାମରେ ବିଦ୍ୟୁତ୍ ଶଟ୍‌ସର୍କିଟରୁ ନିଆଁ ଲାଗି ଜଣେ ଭିନ୍ନକ୍ଷମଙ୍କ ଘର ଭସ୍ମୀଭୂତ ହୋଇଯାଇଛି। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ନ ସମୟରେ ଗ୍ରାମର ଗୁଲେଖ ତାଣ୍ଡିଆଙ୍କ ଘରେ ଶଟ୍ ସର୍କିଟରୁ ହଠାତ ନିଆଁ ଲାଗିଯାଇଥିଲା। ନିଆଁକୁ ଆୟତ୍ତ କରିବା ପାଇଁ ସ୍ଥାନୀୟ ଲୋକେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଖବରପାଇ ବୀରାମହାରାଜପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ଦୁଇ ବଖରା ସମେତ ଆସବାବପତ୍ର ଜଳି ଯାଇଥିଲା । ଭିନ୍ନକ୍ଷମ ଗୁଲେଖଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସଧାରଣରେ ଦାବି ହେଉଛି।

# ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ

**ସୋନପୁର, ୧୩।୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାର ସମସ୍ତ ୪୩ ଗ୍ରାମ୍ୟ କୃଷି କର୍ମଚାରୀ(ଭିଏଡବ୍ଲ୍ୟୁ) ବିଭିନ୍ନ ଦାବି ନେଇ ମଙ୍ଗଳବାରଠାରୁ ସମୂହ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ସେମାନେ ଆସନ୍ତା ୧୯ ତାରିଖ ସୋମବାର ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ କରିବା ସହ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି। କ୍ୟାଡର ପୁନର୍ଗଠନ, ପଦବୀର ନାମ ପରିବର୍ତ୍ତନ, ଶିକ୍ଷାଗତ ଯୋଗ୍ୟତା ପ୍ରବେଶ ସ୍ତର ଯୁକ୍ତ ୩ ବିଜ୍ଞାନ, ଗ୍ରେଡ ପେ ବୃଦ୍ଧି, ମୋଟର ସାଇକେଲ ପାଇଁ ଭତ୍ତା ଯୋଗାଣ ଓ ଲାପଟପ ଏବଂ ରିଚାର୍ଜ ଭାଉଚର ଯୋଗାଣ ଭଳି ୬ଗୋଟି ଦାବି ନେଇ ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଛି। ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା କୃଷି କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ଚାଷୀ ଅସୁବିଧା ଭୋଗିବେ। ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କ୍ରିୟାନ୍ୱୟନରେ ବାଧା ଉପୁଜିବ। ତେବେ ରାଜ୍ୟ ସରକାର ଦାବିଗୁଡିକ ପୂରଣ ଦିଗରେ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ସଂଘ ଅଭିଯୋଗ କରିଛି। କୃଷି କର୍ମଚାରୀମାନେ ଗତ ୮ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ବ୍ୟକ୍ତିଗତ ମୋବାଇଲକୁ କୌଣସି ସରକାରୀ ସେବା ନିମନ୍ତେ ବ୍ୟବହାର କରି ନ ଥିଲେ। ସେହିପରି ଅଧିକାରୀଙ୍କ ଦ୍ୱାରା ଗଠିତ ଗ୍ରୁପ୍ ଓ ଆପ୍‌ରୁ ସେମାନେ ଓହରି ଆସିଥିଲେ। ଏହାସତ୍ତ୍ୱେ କର୍ତ୍ତୃପକ୍ଷ ଦାବି ପୂରଣ ଦିଗରେ ଉଦାସୀନ ରହିବାରୁ ସଂଘ ଏହି ପଦକ୍ଷେପ ନେଇଛି। ଏହି ସମୟରେ ଦାବି ପୂରଣ ନ ହେଲେ ଗ୍ରାମ୍ୟ କୃଷି କର୍ମଚାରୀମାନେ ଆସନ୍ତା ୨୦ ତାରିଖରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଭୁବନେଶ୍ୱର କୃଷି ଭବନ ଠାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସଂଘର ଜିଲା ସଭାପତି ସୁଶାନ୍ତ କୁମାର ମଲ୍ଲିକ, ଉପସଭାପତି ଆଶିଷ କୁମାର ସେଠୀ, ସମ୍ପାଦକ ମନୋଜ କୁମାର ଅମାତ, ସହ ସମ୍ପାଦକ ସ୍ୱାଧୀନ ପଧାନ ଓ ବ୍ରଜକିଶୋର ମହଲା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।



କର୍ମଚାରୀମାନେ ସୁବର୍ଣ୍ଣପୁର ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ୨୭ ଦିନରେ ପହଞ୍ଚିଲା ଆନ୍ଦୋଳନ

**ବୌଦ୍ଧ, ୧୩।୨ (ଅଜିତ କୁମାର ବାରିକ)**

ସାରା ରାଜ୍ୟରେ ୪ ଦଫା ଦାବି ନେଇ ପ୍ରାଣୀ ଚିକିତ୍ସକମାନେ ଆନ୍ଦୋଳନ ଡାକରା ଦେବା ସହ ସମୁହ ଛୁଟିରେ ଯାଇଛନ୍ତି । ଏହି ଆନ୍ଦୋଳନରେ ବୌଦ୍ଧ ଜିଲାର ସମସ୍ତ ୧୮ ଜଣ ପ୍ରାଣୀ ଚିକିତ୍ସକ ଗତ ଜାନୁୟାରୀ ୧୮ ତାରିଖରୁ ଆନ୍ଦୋଳନ କରିବା ସହ ସମୁହ ଛୁଟିରେ ଯାଇଛନ୍ତି। ଫଳରେ ଜିଲାରେ ପ୍ରାଣୀ ଚିକିତ୍ସା ଏକ ପ୍ରକାର ଠପ୍ ହୋଇପଡିଛି। ଜିଲାରେ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ମଙ୍ଗଳବାର ଦିନ ୨୭ ଦିନରେ ପହଞ୍ଚି ସାରିଛି। ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଯୋଗୁ ଜିଲାରେ ବହୁ ସଂଖ୍ୟାରେ କୁକୁଡା, ଛେଳି ଓ ଗାଇଙ୍କ ମୃତ୍ୟୁ ହେବାରେ ଲାଗିଛି । ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କ୍ୟାଡର ପୁନର୍ଗଠନ, କେନ୍ଦ୍ରୀୟ ହାରରେ ଡିଏସିପି ଓ ଏନପିଏ ପ୍ରଦାନ, ନିଶୁଳ୍କ ନିରାମୟ ଓ ନିରନ୍ତର ପ୍ରାଣୀ ଚିକିତ୍ସା ଯୋଗାଇ ଦେବା ଦାବିରେ ଏହି ଆନ୍ଦୋଳନ ଜାରି ରହିଛି । ବୌଦ୍ଧ ଏକ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଜିଲାର ଗ୍ରାମାଞ୍ଚଳରେ ଅଧିକ ଲୋକ ବସବାସ କରୁଛନ୍ତି । ସେମାନଙ୍କ ମୁଖ୍ୟ ଚାଷ ଧାନ ହୋଇଥିବା ବେଳେ ଚାଷୀମାନେ ବିଭିନ୍ନ ପ୍ରକାରର ଗୃହପାଳିତ ପଶୁପକ୍ଷୀ ରଖଛନ୍ତି । ଲୋକମାନେ ବ୍ୟବସାୟ ପାଇଁ କୁକୁଡା, ଛେଳି. ମେଣ୍ଢା , ବତକ ଓ ମାଛ ଚାଷ ଆଦି କରି ରୋଜଗାର କରୁଥିବା ବେଳେ ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ସେମାନଙ୍କୁ ଚିନ୍ତାରେ ପକାଇଛି । ଅନ୍ୟପକ୍ଷରେ ପ୍ରାଣୀ ଚିକିତ୍ସକମାନେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଜିଦ୍‌ରେ ଅଟଳ ରହିଛନ୍ତି । ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି । ଚାଷୀମାନେ ଆଗାମୀ ଦିନରେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡିଛି ।



ବୌଦ୍ଧରେ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଚାଲିଛି ।

**ଦାବି ନେଇ ଜିଦ୍‌ରେ ଅଟଳ ପ୍ରାଣୀ ଚିକିତ୍ସକ ସଂଘ**

## ବାରଣ୍ଡାରେ ବସି ପରୀକ୍ଷା ଦେଲେ ଛାତ୍ରୀଛାତ୍ର



ବାରଣ୍ଡାରେ ବସି ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ।

**ବୌଦ୍ଧ, ୧୩।୨ (ଅଜିତ କୁମାର ବାରିକ)**

ମଙ୍ଗଳବାର ଦିନ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଅବ୍ୟବସ୍ଥା ମଧ୍ୟରେ ପରୀକ୍ଷା ଦେଉଥିବାର ଦେଖିବାକୁ ମିଳିଛି। ଏହି ଦିନ ଯୁକ୍ତ ତିନି ପ୍ରଥମ ସେମିଷ୍ଟାର ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ କେନ୍ଦ୍ରରେ ସମ୍ବଲପୁର ଜିଲା କଦଳୀଗଡ ସ୍ଥିତ ଅଚ୍ୟୁତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମିଶି ମୋଟ ୨୫୬ ଜଣ ପରୀକ୍ଷା ଦେଇଥିଲେ। କିନ୍ତୁ ମହାବିଦ୍ୟାଳୟରେ ଶ୍ରେଣୀ ଗୃହ ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସି ପରୀକ୍ଷା ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନିର୍ବାଚନ କାର୍ଯ୍ୟ ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟକୁ ଆଗୁଆ ସଂରକ୍ଷିତ ରଖାଯାଇଛି। ଏଥିପାଇଁ ମହାବିଦ୍ୟାଳୟର କୋଠରୀଗୁଡିକୁ ନିର୍ବାଚନ କମିଶନରଙ୍କ ନିୟମ ଅନୁଯାୟୀ ପ୍ରସ୍ତୁତ କରାଯାଉଛି। ଫଳରେ ଶ୍ରେଣୀ ଗୃହ ଅଭାବ ଯୋଗୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ ହୋଇ ବାରଣ୍ଡାରେ ପିଲାଙ୍କୁ ବସାଇ ପରୀକ୍ଷା କରାଇଥିବା ଦେଖିବାକୁ ମିଳିଛି। ଏନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି । ଏବେଠୁ ଜିଲାରେ ଗ୍ରୀଷ୍ମ ପ୍ରଭାବ ଅନୁଭୂତ ହେଉଥିବା ବେଳେ ମାର୍ଚ୍ଚ ମାସ ଆଡକୁ ବଢିବାର ଆକଳନ କରାଯାଉଛି । ସେହିପରି ଆଗକୁ ଯୁକ୍ତଦୁଇ ପରୀକ୍ଷା ଥିବା ବେଳେ ଏହି କେନ୍ଦ୍ରରେ ୬୮୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବାର ରହିଛି । ଏହାସତ୍ତ୍ୱେ କଲେଜ କର୍ତ୍ତୃପକ୍ଷ କାହିଁକି ମହାବିଦ୍ୟାଳୟରେ ନିର୍ବାଚନ ପରିଚାଳନା ପାଇଁ ସହମତି ଦେଇଛନ୍ତି ସେନେଇ ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ମହାବିଦ୍ୟାଳୟର ଅଧକ୍ଷ ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ପଚାରିବାରେ ନିର୍ବାଚନ ପାଇଁ କୋଠରୀଗୁଡିକୁ ସିଲ୍ କରାଯାଇଥିବା ବେଳେ କାର୍ଯ୍ୟ ଚାଲୁ ରହିଛି । ପରୀକ୍ଷା ତ ଆମେ ବନ୍ଦ କରି ପାରିବୁ ନାହିଁ। ତେଣୁ ବାଧ ହୋଇ ବାରଣ୍ଡାରେ ପରୀକ୍ଷା କରୁଛୁ ବୋଲି ବେହେରା ପ୍ରକାଶ କରିଥିଲେ ।

## ଅଲ୍ ଇଣ୍ଡିଆ ଫୁଟବଲ: ଦେବଗଡ଼ ମହିଳା ଦଳ ଫାଇନାଲରେ

**ଘଣ୍ଟାପଡ଼ା, ୧୩।୨ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ଆଥଲେଟିକ ଆସୋସିଏଶନ ଦ୍ୱାରା ସ୍ଥାନୀୟ କଲେଜ ଖେଳପଡିଆରେ ଆୟୋଜିତ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ପଞ୍ଚମ ଦିବସରେ ଉଭୟ ପୁରୁଷ ଓ ମହିଳା ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ଖେଳ ଅନୁଷ୍ଠିତ ହୋଇଛି । ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ଖେଳ ସମ୍ବଲପୁର ଓ ବଲାଙ୍ଗୀର (ପୁରୁଷ) ଦଳ ମଧ୍ୟରେ ଖୁବ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଖେଳ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇପାରି ନଥିଲେ। ପରେ ଟ୍ରାଇବେକର ଜରିଆରେ ସମ୍ବଲପୁର ଦଳ ବଲାଙ୍ଗୀରକୁ ୫– ୪ ଗୋଲରେ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ସେହିପରି ମହିଳା ମ୍ୟାଚରେ ମନୋରମା କ୍ଲବ ଦେବଗଡ଼ ଓ ବୀରମହାରାଜପୁର ଦଳ ମଧ୍ୟରେ ହୋଇଥିଲା । ଏଥିରେ ଦେବଗଡ଼ ଦଳ ୧–୦ ଗୋଲରେ ବୀରମହାରାଜପୁରକୁ ହରାଇ ଫାଇନାଲକୁ ଯାଇଛି। ଖେଳରେ ଅତିଥିଭାବେ ବିଜେଡି ରାଜ୍ୟ ଉପସଭାପତି ସୁଧୀର ମହାକୁଡ଼, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ଅବସରପ୍ରାପ୍ତ ଖେଳ ନିରୀକ୍ଷକ ବୀରେନ୍ଦ୍ର କୁମାର ସାହୁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମନୋଜ ଶର୍ମା ଓ ସୁଦାମ ମିଶ୍ର ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଅଭିଳାଷ ପ୍ରସାଦ ସାହୁ, ପ୍ରକାଶ ପ୍ରଧାନ, ସଦାଶିବ ମହାନନ୍ଦ ଓ ସୁଜିତ ଖଟୁଆ ମ୍ୟାଚ ରେଫରି ଭାବେ ଓ ଅବସରପ୍ରାପ୍ତ ଖେଳ ପ୍ରଶିକ୍ଷକ ବୀରେନ୍ଦ୍ର ସାହୁ ମ୍ୟାଚ କମିଶନର ଭାବେ ସହଯୋଗ କରିଥିଲେ। ବୁଧବାର ମନୋରମା କ୍ଲବ ଦେବଗଡ଼ ଓ ଟିଟିଲାଗଡ଼ ମହିଳା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

## ଖଲିଆପାଲିରେ ପ୍ରସିଦ୍ଧ ମାଘ ମେଳା ପାଇଁ ପ୍ରସ୍ତୁତି

**ସୋନପୁର, ୧୩।୨ (ମୃତ୍ୟୁଞ୍ଜୟ ଶତପଥୀ)**

ସନ୍ଥ କବି ଭୀମ ଭୋଇଙ୍କ ସମାଧି ପୀଠ ଖଲିଆପାଲିରେ ପ୍ରସିଦ୍ଧ ମାଘ ମେଳା ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଏ. ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ । ଫେବୃୟାରୀ ୨୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଅୟୋଜିତ ହେବାକୁ ଥିବା ମାଘ ମେଳା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ଓ ମେଳାର ସୁବନ୍ଦୋବସ୍ତ ପାଇଁ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ । ସମାଧି ପୀଠ ପରିସର ଓ ମେଳା ପଡିଆକୁ ସଫାସୁତରା ସହ ଆବଶ୍ୟକ ମୁତାବକ ଅସ୍ଥାୟୀ ଟଏଲେଟ, ନିୟମିତ ବିଦ୍ୟୁତ ସରବରାହ ସହ ଆଲୋକୀକରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ସମ୍ବର୍ଦ୍ଧନା ସଭା ଆୟୋଜନ, ପାନୀୟ ଜଳର ସୁବ୍ୟବସ୍ଥା, ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଭୀମ ଭୋଇ ସମାଧି ପୀଠ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଜନ୍ମେଜୟ ସ୍ୱାଇଁ ଗତବର୍ଷର ଆୟବ୍ୟୟ ସମ୍ପର୍କରେ ଆଲୋଚନା କରିଥିଲେ । ସୋନପୁର ଉପଜିଲାପାଳ ସୁରଜ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ମେଳା ଆୟୋଜନ ନେଇ ସହଯୋଗ କାମନା କରିଥିଲେ । ବୈଠକରେ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

## ଭୁବନେଶ୍ୱର ଜଗା ୟୁନାଇଟେଡ୍ ସେମିରେ

**ସୋନପୁର, ୧୩।୨ (ମୃତ୍ୟୁଞ୍ଜୟ ଶତପଥୀ)**

**ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ୍ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଗାନ୍ଧୀପଡିଆରେ ଚାଲିଥିବା ୧୫ତମ ସର୍ବଭାରତୀୟ ରାମଧୂନ କପ୍ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ମ୍ୟାଚ୍‌ରେ ଭୁବନେଶ୍ୱର ଜଗା ୟୁନାଇଟେଡ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। କଲିକତାର ବେଲଘରିଆ ଆଥଲେଟିକ୍ କ୍ଲବ ଓ ଭୁବନେଶ୍ୱର ଜଗା ୟୁନାଇଟେଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଦଳ ୨–୦ ଗୋଲରେ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଭୁବନେଶ୍ୱର ଦଳର ଅବିନାଶ ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ଦିଲୀପ ରାଉତ, ସଞ୍ଜୀବ ସାହୁ, ସଲିଳ ବେହେରା ଓ ଶୁଭାଶିଷ ବେହେରା ପରିଚାଳନା କରିଥିଲେ। ସୁବର୍ଣ୍ଣପୁର ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ମୁଖ୍ୟଅତିଥି, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ନିଶାନ୍ତ ମହାନ୍ତି, ଶିବ ନାରାୟଣ ବହିଦାର, କୁଶଳେଶ୍ୱର ବହିଦାର, ସୁବ୍ରତ ସେଠୀ, ପ୍ରଯୋଜକ ପ୍ଲାବନ ମହାପାତ୍ର, ରମଣ ପଧାନ, ରୁପେଶ ଅଗ୍ରୱାଲ, ପ୍ରମୋଦ ମହାନ୍ତି ଓ ପୁରୁଷୋତ୍ତମ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କ ସହିତ ପରିଚୟ ହୋଇଥିଲେ। ମନୋରଞ୍ଜନ ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ପ୍ରଭୁ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ କ୍ଲବର ସଭାପତି ରାଜୀବ ସାହୁ, ସମ୍ପାଦକ ପୀୟୁଷ ପଣ୍ଡା, ବିକାଶ ପଣ୍ଡା, ସୋମନାଥ ମିଶ୍ର, ରଞ୍ଜୁ ସାହୁ, ବୁବୁନୁ ନାଏକ, ପଦ୍ମନାଭ ପାଢୀ, ଚନ୍ଦନ ବେହେରା, ରବି ଗୁରୁ, ଜିଲୁ ସାହୁ, ଚାହତ ମହମ୍ମଦ ଓ ଗୁରୁ ଦଳେଇ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ। ବୁଧବାର ବରଗଡ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ଓ ଭୁବନେଶ୍ୱର ଜଗା ୟୁନାଇଟେଡ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।


**OFFICE OF THE PRINCIPAL**
**MOTTO +3 DEGREE COLLEGE**
**MOTTO, BHADRAK (ODISHA)**
No. MDC/IDG/12/24 Date: 13.02.2024
**QUOTATION CALL NOTICE**
Sealed quotations are invited from registered Firms/Authorized Book Sellers for supply of text/reference books (as per F.M. University Syllabus) for different Subjects/Departments to be purchased out of the OHEPEE Fund. All quotations should reach in the office of the undersigned by Regd./Speed Post on or before Dt.25.02.2024 at 4 P.M. positively and the same shall be opened on said date at 5.00 P.M. Quotations received after due date shall not be entertained. The supplier should visit the College website **www.mottodegreecollege.ac.in** for the terms and conditions as regards supply of books.
The authority reserves the right to cancel any or all quotations without assigning any reason thereof.
Sd./- Principal
Motto +3 Degree College, Motto, Bhadrak

**GOVT. OF INDIA**
**MINISTRY OF FINANCE**
**DEPARTMENT OF FINANCIAL SERVICES**
**DEBTS RECOVERY TRIBUNAL**
**COURT OF THE RECOVERY OFFICER**
Plot No. C/71, Sector-7, CDA, Cuttack-753014
FORM NO. ITCP-1
**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
**R. P. No. 84/2020/CTC**
(Arising out of OA No. 386 of 2017)
Next Date: 23.04.2024
State Bank of India, SAMB, OSCARD Building, 4th Floor, Bhubaneswar ...Certificate Holder Bank
Vs.
Global Galvanizers Pvt. Ltd. and Others ...Certificate Debtors
To,
3. Abinash Mohanty, Director, Global Galvanizers (P) Ltd., At: Plot No. 556, Lewis Road, BJB Nagar, Bhubaneswar-751014.
Take notice that Certificate arising out of **OA No. 386 of 2017** issued by the Hon'ble Presiding Officer, Debts Recovery Tribunal, Cuttack under Section 19(22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs.11,11,06,462.03 (Rupees Eleven Crore Eleven Lakh Six Thousand Four Hundred Sixty Two and Paise Three Only)** together with interest till realisation of the dues, cost, charges as per the certificate, the details of which are given below:

| | | | |
|---|---|---|---|
| 1. Decretal Dues | | : | Rs.11,11,06,462.03 |
| 2. Cost allowed | (+) | : | Rs. 1,50,000.00 |
| 3. Interest @ 16% p.a. with yearly rests from 27.06.2017 to 31.07.2022 | | : | Rs. 11,40,51,328.97 |
| | Total | : | Rs.22,53,07,791.00 |
| 4. Recovery | (-) | : | Rs. 4,04,89,723.00 |
| | Total | : | Rs.18,48,18,068.00 |

**(Rupees Eighteen Crore Forty Eight Lakh Eighteen Thousand Sixty Eight Only)** with of Compound Interest @ 16% p.a. with yearly rests on the amount due from 01.08.2022 till realization of the entire Dues.
2. You are hereby directed to pay the above stated sum **within 15 (Fifteen) days** of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.
3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc. and of all the other proceedings taken for realising of arrears.
4. You are hereby directed to appear in person or through legal representative before the undersigned on **23.04.2024** and report the details of payment made by you.
Given under my hand & seal at Cuttack on this **10th day of January, 2024.**
Sd/- Recovery Officer
DEBTS RECOVERY TRIBUNAL, CUTTACK

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.67/ET/SBP/ENGG/2023-24, ତା.08.02.2024ରିଖ
(1) ଇ-ଟେଣ୍ଡର ସଂ.35-eT-DENS-SBP-23
**କାର୍ଯ୍ୟର ନାମ :** 24 ମାସ ଅବଧି ନିମନ୍ତେ ଟିଟିଲାଗଡ଼ ଠାରେ ଅଧିକାରୀ ବିଶ୍ରାମ ଗୃହ ଏବଂ ଅଧସ୍ତନ ବିଶ୍ରାମ ଗୃହର ଦେଖାଶୁଣା ତଥା ରକ୍ଷଣାବେକ୍ଷଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 50,36,975.07, ଟେଣ୍ଡର ଫର୍ମର ମୂଲ୍ୟ (₹) : 5,900/- ବିଡ୍ ସିକ୍ୟୁରିଟି (₹): 1,00,800/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି)ମାସ ।
(2) ଇ-ଟେଣ୍ଡର ସଂ.62-eT-DENE-SBP-23
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 12 ମାସ ଅବଧି ନିମନ୍ତେ USFD ପରୀକ୍ଷଣ ପାଇଁ ସହାୟକ କର୍ମଚାରୀଙ୍କ ନିୟୋଜନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 61,93,767/-, ଟେଣ୍ଡର ଫର୍ମର ମୂଲ୍ୟ (₹) : 5,900/- ବିଡ୍ ସିକ୍ୟୁରିଟି (₹): 1,23,900/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ପାଇଁ) :** ତା.04.03.2024ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର
PR-1085/O/23-24

**CORPUS FUND, H&FW DEPT., KANDHAMAL**
**Office of the Chief District Medical & PH Officer, Kandhamal**
E-mail: cdmophulbani@gmail.com/ hdtkandhamal@gmail.com
Advt. No. 2026/C.F./ Date: 12.02.2024
**WALK-IN-INTERVIEW**
No.E-831:- Applications are invited from eligible candidates for filling up the following post under Corpus Fund of Health & FW Department, Kandhamal on contractual basis for a period of 11 months or as deemed proper with monthly remuneration as noted against each and subject to renewal as per the H & FW Society norms basing on the performance and subsistence of the programme.

| Sl. No. | Name of the Post | Vacancy | Date of Walk-in-Interview | Remuneration & other allowance |
|---|---|---|---|---|
| 1 | Radiologist/ Sonologist or Diploma in above discipline | 01 (One each for DHH & SDH) | 28.02.2024 at 11.00 A.M. | Negotiable Remuneration including H.R.A. fixed by the committee |
| 2 | Medicine Specialist / Diploma in above discipline | 02 (Two for DHH) | | Negotiable Remuneration including H.R.A. fixed by the committee |
| 3 | O&G Specialist or Diploma in above discipline | 02 (Two for DHH) | | Negotiable Remuneration including H.R.A. fixed by the committee |
| 4 | Surgery Specialist / Diploma in above discipline | 01 (One each for DHH & SDH) | | Negotiable Remuneration including H.R.A. fixed by the committee |
| 5 | Anesthesia Specialist or Diploma in above discipline | 01 (One each for SDH & DHH) | | Negotiable Remuneration including H.R.A. fixed by the committee |
| 6 | Paediatrics Specialist / Diploma in above discipline | 01 (One for DHH) | | Negotiable Remuneration including H.R.A. fixed by the committee |

The above engagement positions are purely temporary and also co-terminus with the scheme. Canvassing in any form will render the candidate disqualified for the position. Details of qualification, experience and ToR of each category of post along with application form can be downloaded from the district website: www.kandhamal.nic.in. Interested candidates fulfilling the eligibility criteria mentioned above may attend the Walk-in-Interview in the scheduled date. Candidates are requested to see the District Official Website on regular interval till finalization of the recruitment process. The number of posts may increase / decrease depending upon requirement. Personal contact will not be entertained. The undersigned reserves the right to cancel any or all the application without assigning any reason or communication thereof. No T.A./D.A. will be allowed to attend the walk-in-interview.
Dr. M.K. Upadhyaya
Chief District Medical & PH Officer, Kandhamal
N.B.: > DHH= DISTRICT HEAD QUARTER, KANDHAMAL, PHULBANI
> SDH= SUB-DIVISIONAL HOSPITAL, BALIGUDA, KANDHAMAL
OIPR-10015/11/0023/2324

**ବିଜ୍ଞାପନ**
**ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର ତରଫରୁ ଖାଲିଥିବା ପରିଚାରକ (Attendant) (ଗ୍ରୁପ୍ – D) ପଦବୀ ପ୍ରାଥମିକତା ଭିତ୍ତିରେ ଗୋମିତ୍ରମାନଙ୍କ ମଧ୍ୟରୁ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଖାଲିଥିବା ଜିଲ୍ଲାସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର.ସଂ. | ବର୍ଗ | ସିଧାସଳଖ ନିଯୁକ୍ତି | | |
|---|---|---|---|---|
| | | ପୁରୁଷ | ମହିଳା | ମୋଟ ପଦବୀ |
| ୧) | ST (ଅନୁସୂଚିତ ଜନଜାତି) | ୨ | ୧ | ୩ |
| | ମୋଟ | ୨ | ୧ | ୩ |

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣପତ୍ରର ଅବିକଳ ନକଲ (Attested True Copy) ସବୁ ମୁଦା ଲଫାପା ଭିତରେ ରଖି ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ (Chief District Veterinary Officer) କାର୍ଯ୍ୟାଳୟରେ ଡାକ ମାଧ୍ୟମରେ (Speed Post ବା Courier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ। ଦରଖାସ୍ତ ପଠାଇବା ଲଫାପା ଉପରେ ''ଯୋଗ୍ୟ ଗୋମିତ୍ରଙ୍କ ଦ୍ୱାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ'' ଉଲ୍ଲେଖ କରିବା ଆବଶ୍ୟକ। ଉକ୍ତ ପଦବୀ ପାଇଁ ଆବେଦନ କରିବାର ଶେଷ ତାରିଖ ତା୨୬।୦୨।୨୦୨୪, ଅପରାହ୍ନ ୫ ଘଟିକା। ଦରଖାସ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା NIC ସୁବର୍ଣ୍ଣପୁର Web Portalରେ ଉପଲବ୍ଧ ହେବ। ସବିଶେଷ ବିବରଣୀ – ଯୋଗ୍ୟତା, ଶାରୀରିକ ଦକ୍ଷତା, ଚୟନ ପ୍ରକ୍ରିୟା ଏବଂ ଦରଖାସ୍ତ ଇତ୍ୟାଦି ଅବଗତି ପାଇଁ ସୁବର୍ଣ୍ଣପୁର ଜିଲ୍ଲା ୱେବସାଇଟ୍ **www.subarnapur.nic.in**କୁ ଅନୁସରଣ କରିପାରିବେ କିମ୍ବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକକୁ ଅନୁସରଣ କରିପାରିବେ।
ସ୍ୱା./– ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀ, ସୁବର୍ଣ୍ଣପୁର

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]
ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଟାଙ୍ଗି ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଟାଙ୍ଗି ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଟାଙ୍ଗି ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀମତୀ ବନ୍ଦନା ସ୍ୱାଇଁ, ସା: ଯଶରାଜପୁର, ପୋ: ସମସରପୁର, ଜିଲ୍ଲା: କଟକ, ପିନ୍-୭୫୪୦୨୩ | ଟ.୧୭,୬୧,୯୬୪.୪୦ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୩.୧୧.୨୦୨୩ / ୦୯.୦୨.୨୦୨୪ | ଶ୍ରୀମତୀ ବନ୍ଦନା ସ୍ୱାଇଁଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୧୫/୮୯, ପ୍ଲଟ୍ ନଂ.: ୮୨୦/୨୨୫୭, କ୍ଷେତ୍ର: ଏକର୦.୦୬୦ ଡ଼ିସିମିଲି, କିସମ: ଘରବାରୀ, ମୌଜା: କଇଥା, ଥାନା: |

ମାହାଙ୍ଗା, ଏସ୍ଆରଓ: ମାହାଙ୍ଗା, ତହସିଲ: ମାହାଙ୍ଗା, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଗୋପିନାଥ ସ୍ୱାଇଁ, ଦକ୍ଷିଣ: ରାସ୍ତା, ପୂର୍ବ: ବଟକୃଷ୍ଣ ରାଉତ, ପଶ୍ଚିମ: ପିତାମ୍ବର ସ୍ୱାଇଁ
ସ୍ଥାନ : ଭୁବନେଶ୍ୱର, ତାରିଖ : ୧୪.୦୨.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ



ପଞ୍ଜାବ-ହରିୟାଣାର ସମ୍ଭୁ ସୀମାରେ ଦିଲ୍ଲୀ ଅଭିମୁଖେ ବାହାରିଥିବା କୃଷକଙ୍କ ଶୋଭାଯାତ୍ରା।




ଗାଜିଆବାଦର ଗାଜିପୁର ସୀମାରେ ପୋଲିସ ରାସ୍ତା ଅବରୋଧ କରିଥିବାବେଳେ ଟ୍ରାଫିକ୍ ଜାମ୍ ହୋଇଯାଇଛି।

## ସନ୍ଦେଶଖାଲିରେ ପୋଲିସ-ଭାଜପା କର୍ମୀ ସଂଘର୍ଷ

**କୋଲକାତା,୧୩।୨:** ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଦେଇଥିବା ତୃଣମୂଳ କଂଗ୍ରେସ ନେତା ଶାହାଜାନ ଶେଖ୍ ଓ ତାଙ୍କ ସହଯୋଗୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ଅପରାହ୍ନରେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରିଛି। ଆନ୍ଦୋଳନକାରୀ ଭାଜପା କର୍ମୀମାନଙ୍କ ସହ ପୋଲିସର ସଂଘର୍ଷ ହୋଇଥିଲା। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଲାଠିଚାଳନା କରିଥିଲା। ଭାଜପା ସମର୍ଥକମାନେ ବ୍ୟାରିକେଡ୍ ଭାଙ୍ଗି ଏସ୍‌ପି ଅଫିସ ଆଡ଼େ ମାଡ଼ିଯିବାରୁ ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଥିଲା।

## ଇସିଙ୍କ 'ଏନ୍‌ସିପି' ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ଶରଦ ପାୱାର

**ନୂଆଦିଲ୍ଲୀ,୧୩।୨(ପି.ଟି.):** ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀକୁ ନିର୍ବାଚନ କମିଶନ (ଇସି) ଅସଲି ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଭାବେ ସ୍ୱୀକୃତି ଦେବା ପରେ ବରିଷ୍ଠ ନେତା ଶରଦ ପାୱାର ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୋମବାର ସନ୍ଧ୍ୟାରେ ପାୱାର ବ୍ୟକ୍ତିଗତ ଭାବେ ଆଇନଜୀବୀ ଅଭିଷେକ ଜେବରାଜଙ୍କ ଜରିଆରେ ପିଟିଶନ ଦାଏର କରିଛନ୍ତି। ଏହା ପୂର୍ବରୁ ଅଜିତ ଗୋଷ୍ଠୀ ଆଇନଜୀବୀ ଅଭିକଳ୍ପ ପ୍ରତାପ ସିଂଙ୍କ ଜରିଆରେ ସୁପ୍ରିମକୋର୍ଟରେ ଏକ କାଭିଟ୍ ଦାଏର କରିଥିଲେ। ଉପରୋକ୍ତ ମାମଲାରେ ଯଦି ପାୱାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୁଅନ୍ତି, ତେବେ ତାଙ୍କ ସପକ୍ଷରେ କୌଣସି ଏକପକ୍ଷୀୟ ନିର୍ଦ୍ଦେଶନାମା ଜାରି ନ କରିବା ପାଇଁ ଏଥିରେ ଆବେଦନ କରାଯାଇଥିଲା। ସୂଚନାଯୋଗ୍ୟ, ଅଜିତ ପାୱାର ଗୋଷ୍ଠୀ ଅସଲି ଏନ୍‌ସିପି ବୋଲି ଗତ ୬ ତାରିଖରେ ନିର୍ବାଚନ କମିଶନ ଘୋଷଣା କରିବା ସହ ଦଳୀୟ ଚିହ୍ନ 'କାନ୍ଥଘଣ୍ଟା' ପ୍ରଦାନ କରିଥିଲେ, ଯାହା ଦଳ ପ୍ରତିଷ୍ଠାତା ଶରଦ ପାୱାରଙ୍କ ପାଇଁ ବଡ଼ ଝଟକା ଥିଲା।

**ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବର୍ଗ**

## ଇନ୍ଦିରା, ନର୍ଗିସ୍‌ଙ୍କ ନାଁ ହଟାଇଦେଲେ

**ନୂଆଦିଲ୍ଲୀ,୧୩।୨(ପି.ଟି.)**

ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଅନେକ ପରିବର୍ତ୍ତନ କରାଯାଇଛି। ଏଥିରେ 'ସର୍ବଶ୍ରେଷ୍ଠ ନବାଗତ ଚଳଚ୍ଚିତ୍ର ପାଇଁ ରହିଥିବା ଇନ୍ଦିରା ଗାନ୍ଧୀ ପୁରସ୍କାର' ଏବଂ 'ଜାତୀୟ ସଂହତି ଉପରେ ସର୍ବଶ୍ରେଷ୍ଠ ଫିଚର ଫିଲ୍ମ ପାଇଁ ନର୍ଗିସ୍ ଦତ୍ତ ପୁରସ୍କାର'ରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ କିମ୍ବଦନ୍ତୀ ଅଭିନେତ୍ରୀଙ୍କ ନାଁ ହଟାଇ ଦିଆଯାଇଛି। ବିଭିନ୍ନ ବର୍ଗରେ ଦିଆଯାଉଥିବା ସମ୍ମାନକୁ ଯୁକ୍ତିସଙ୍ଗତ କରିବା ପାଇଁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟିର ସୁପାରିସକ୍ରମେ ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୨ରେ ପରିବର୍ତ୍ତନ ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି। 'ଶ୍ରେଷ୍ଠ ନବାଗତ ନିର୍ଦ୍ଦେଶକ ପାଇଁ ଇନ୍ଦିରା ଗାନ୍ଧୀ ପୁରସ୍କାର' ନାଁ ବଦଳାଯାଇ 'ଶ୍ରେଷ୍ଠ ନବାଗତ ନିର୍ଦ୍ଦେଶକ




ନର୍ଗିସ ଦତ୍ତ ଇନ୍ଦିରା ଗାନ୍ଧୀ

ପୁରସ୍କାର' ରଖାଯାଇଛି। ପୂର୍ବରୁ ଏ ବାବଦରେ ମିଳୁଥିବା ପୁରସ୍କାର ରାଶିକୁ ନିର୍ଦ୍ଦେଶକ ଓ ନିର୍ମାତାଙ୍କ ମଧ୍ୟରେ ଭାଗ କରାଯାଉଥିବାବେଳେ ଏଣିକି କେବଳ ନିର୍ଦ୍ଦେଶକ ଉକ୍ତ ପୁରସ୍କାର ରାଶି ପାଇବେ। ସେହିପରି 'ଶ୍ରେଷ୍ଠ ଫିଚର ଫିଲ୍ମ ପାଇଁ ନର୍ଗିସ୍ ଦତ୍ତ ପୁରସ୍କାର' ନାଁ ବଦଳାଯାଇ 'ଜାତୀୟ, ସାମାଜିକ ଓ ପରିବେଶୀୟ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଫିଚର ଫିଲ୍ମ' ରଖାଯାଇଛି। ଏହି ବର୍ଗରେ ସାମାଜିକ ଏବଂ ପରିବେଶ ସଂରକ୍ଷଣ ପାଇଁ ଥିବା ଅଲଗା ଅଲଗା ପୁରସ୍କାରକୁ ଗୋଟିଏ ପୁରସ୍କାର କରାଯାଇଛି। ସେହିପରି ଦାଦାସାହେବ ଫାଲ୍‌କେ ପୁରସ୍କାରରେ ଦିଆଯାଉଥିବା ନଗଦ ଅର୍ଥ ରାଶିକୁ ୧୦ ଲକ୍ଷରୁ ୧୫ ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି। ସ୍ୱର୍ଣ୍ଣ କମଳ ପୁରସ୍କାର ରାଶିକୁ ୩ ଲକ୍ଷ ଏବଂ ରଜତ କମଳ ପୁରସ୍କାର ରାଶିକୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବର୍ଗରେ ପରିବର୍ତ୍ତନ ଲାଗି ଗଠିତ କମିଟି ଗତ ଡିସେମ୍ବରରେ ଚୂଡ଼ାନ୍ତ ସୁପାରିସ କରିଥିଲେ। ୨୦୨୨ ପାଇଁ ନ୍ୟାଶନାଲ ଆୱାର୍ଡ ପାଇଁ ଏଣ୍ଟ୍ରି ଜାନୁଆରୀ ୩୦ରେ ଶେଷ ହୋଇଛି। ମହାମାରୀ ଯୋଗୁ ପୁରସ୍କାର ପ୍ରଦାନ ବିଳମ୍ବ ହେବା ସହ ୨୦୨୧ର ପୁରସ୍କାର ୨୦୨୩ରେ ପ୍ରଦାନ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଦୌଡ଼ରୁ ଓହରିଲେ ବିଲାୱଲ

**ଇସ୍‌ଲାମାବାଦ,୧୩।୨**

**ପିଏମ୍‌ଏଲ୍-ଏନ୍‌କୁ ସମର୍ଥନ ଦେବେ**

ପ୍ରଧାନମନ୍ତ୍ରୀ ପଦ ଦୌଡ଼ରୁ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଅଧ୍ୟକ୍ଷ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ଓହରିଯାଇଛନ୍ତି। ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍-ଏନ୍)ର ପ୍ରଧାନମନ୍ତ୍ରୀ ପ୍ରାର୍ଥୀଙ୍କୁ ତାଙ୍କ ଦଳ ସମର୍ଥନ ଜଣାଇବ କିନ୍ତୁ ସରକାରରେ ଭାଗନେବ ନାହିଁ ବୋଲି ବିଲାୱଲ କହିଛନ୍ତି। ପିଏମ୍‌ଏଲ୍-ଏନ୍ ସୁପ୍ରିମୋ ନୱାଜ ଶରିଫ ରେକର୍ଡ ଚତୁର୍ଥ ଥର ପାଇଁ ପ୍ରଧାନମନ୍ତ୍ରୀ ହେବେ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍ ମଙ୍ଗଳବାର ସ୍ପଷ୍ଟ କରିବା ପରେ ବିଲାୱଲ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ-ଇ-ଇନ୍‌ସାଫ (ପିଟିଆଇ) ପିପିପି ସହ ମିଶି ସରକାର ଗଢ଼ିବାକୁ ମନା କରିଦେଇଥିଲା।

## ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ସ୍ୱାକ୍ଷର



**ଆବୁଧାବି,୧୩।୨(ପି.ଟି.)**

**ୟୁଏଇ ରାଷ୍ଟ୍ରପତିଙ୍କ ସହ ମୋଦିଙ୍କ ଆଲୋଚନା**

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାର ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜୟେଦ ଅଲ୍ ନହ୍ୟାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେମାନେ ରଣନୀତିକ ସହଭାଗିତାର ସମୀକ୍ଷା କରିବା ସହ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା କରିଥିଲେ। ଉଭୟ ନେତାଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି ସମେତ ଏକାଧିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି।

ବିମାନବନ୍ଦରରେ ମୋଦି ପହଞ୍ଚିବା ପରେ ରାଷ୍ଟ୍ରପତି ମହମ୍ମଦ ବିନ୍ ଜୟେଦ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ପରେ ମୋଦିଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଭାରତ-ୟୁଏଇ ବନ୍ଧୁତା ଅଧିକରୁ ଅଧିକ ସୁଦୃଢ଼ ହେଉଛି। ଏହାଦ୍ୱାରା ଆମ ଲୋକମାନେ ବେଶ୍ ଲାଭ ପାଇବେ ବୋଲି ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି।

ଆଇଆଇଟି ଦିଲ୍ଲୀ-ଆବୁଧାବି କ୍ୟାମ୍ପସ୍‌ରେ ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ସହ ପ୍ରଧାନମନ୍ତ୍ରୀ କଥା ହେବା ସହ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କର ଏହା ଏକ ନୂଆ ଅଧ୍ୟାୟ ବୋଲି କହିଥିଲେ। ଏହା ଦୁଇଦେଶର ଛାତ୍ରୀଛାତ୍ରଙ୍କୁ ଏକାଠି କରିଛି। ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ୍ ଖୋଲିବା ପାଇଁ ୨୦୨୨ ଫେବୃଆରୀରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବୁଧାବିରେ ପ୍ରବାସୀ ଭାରତୀୟମାନଙ୍କୁ ଭେଟିବା ସହ ସେମାନଙ୍କ ପାଇଁ ଦେଶ ଗର୍ବିତ ବୋଲି କହିଛନ୍ତି। ଜୟେଦ ସ୍ପୋର୍ଟ୍ସ ସିଟି ଷ୍ଟାଡିୟମରେ ଆୟୋଜିତ 'ଅହଲାନ ମୋଦି' କାର୍ଯ୍ୟକ୍ରମରେ ଉପସ୍ଥିତ ହଜାର ହଜାର ପ୍ରବାସୀ ଭାରତୀୟ ମୋଦିଙ୍କୁ 'ନମସ୍କାର' ଏବଂ 'ମୋଦି ମୋଦି' କହି ଅଭିନନ୍ଦନ ଜଣାଇଥିଲେ।

## ହଲ୍‌ଦ୍ୱାନି ଛାଡ଼ିଲେଣି ୩୦୦ ମୁସଲମାନ ପରିବାର

**ହଲ୍‌ଦ୍ୱାନି ସାମ୍ପ୍ରଦାୟିକ ହିଂସା ପରେ ପୋଲିସ ମୁସଲମାନ ସମ୍ପ୍ରଦାୟ ଉପରେ କୋଠର ହୋଇଛି। ବନଫୁଲପୁରାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦିଆଯାଇଛି। ଇତିମଧ୍ୟରେ ୩୦୦ରୁ ଅଧିକ ମୁସଲମାନ ପରିବାର ହଲ୍‌ଦ୍ୱାନି ଛାଡ଼ି ସୁରକ୍ଷିତ ସ୍ଥାନକୁ ଗଣପଳାୟନ କରିଥିବା ଜଣାପଡ଼ିଛି।**

**ଡେରାଡୁନ୍,୧୩।୨**



ଗତ ୮ ତାରିଖରେ ଉତ୍ତରାଖଣ୍ଡର ହଲ୍‌ଦ୍ୱାନିସ୍ଥିତ ବନଫୁଲପୁରାରେ ପୋଲିସ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ଅଭିଯାନ ବେଳେ ବେଆଇନ ଭାବେ ଗଢ଼ି ଉଠିଥିବା ଏକ ମସ୍‌ଜିଦ ଓ ମାଦ୍ରାସାକୁ ଭଙ୍ଗାଯାଇଥିଲା। ଏହି ଘଟଣାକୁ ନେଇ ସାମ୍ପ୍ରଦାୟିକ ହିଂସା ଘଟିଥିଲା। ଏଥିରେ ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬୦ ଜଣ ଆହତ ହୋଇଥିଲେ। କର୍ଫ୍ୟୁ ଜାରି ରହିଥିବା ସତ୍ତ୍ୱେ ଅନେକ ପରିବାର ନିଜ ନିଜ ଆସବାବପତ୍ର ଧରି ଅନ୍ୟତ୍ର ପଳାୟନ କରୁଥିବା ଦେଖିବାକୁ ମିଳିଛି। ହିଂସାକାଣ୍ଡ ଭିଆଇବା ଅଭିଯୋଗରେ ୩୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଏବେ ମଧ୍ୟ ପୋଲିସ ଆଉ କେତେଜଣଙ୍କୁ ଖୋଜୁଛି। ଆହୁରି ବହୁ ମୁସଲମାନ ପରିବାର ପଳାୟନ ପାଇଁ ସୁଯୋଗ ଖୋଜୁଥିବାବେଳେ ପୋଲିସ ବନ୍‌ଫୁଲପୁରାର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ବନ୍ଦ କରିଦେଇଛି। ଇତିମଧ୍ୟରେ ବନଫୁଲପୁରା ହିଂସାର ମୁଖ୍ୟ ଅଭିଯୁକ୍ତ ଅବ୍‌ଦୁଲ ମଲିକଙ୍କ ନାମରେ ମହାନଗର ନିଗମ ପକ୍ଷରୁ ୨.୪୪ କୋଟି ଟଙ୍କାର ରିକଭରି ନୋଟିସ ଜାରି କରାଯାଇଛି। ସରକାରୀ ସମ୍ପତ୍ତି ଭଙ୍ଗାରୁଜା କରିବା ଅଭିଯୋଗରେ କ୍ଷତିପୂରଣ ଭରିବା ସକାଶେ ତାଙ୍କୁ ଏହି ନୋଟିସ ଦିଆଯାଇଛି। ଘଟଣା ଦିନ 'ମଲିକ୍ କା ବଗିଚା'ରେ ଉଚ୍ଛେଦ କାର୍ଯ୍ୟରେ ନିୟୋଜିତ ଟିମ୍‌କୁ ଅବ୍‌ଦୁଲ ଓ ତାଙ୍କ ସମର୍ଥକମାନେ ଆକ୍ରମଣ କରିଥିଲେ। ଏଥିସହ ମହାନଗର ନିଗମର ସମ୍ପତ୍ତି ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଫେବୃୟାରୀ ୧୫ ସୁଦ୍ଧା ଏହି ଟଙ୍କା ଜମା କରିବାକୁ ନୋଟିସରେ ନିର୍ଦ୍ଦେଶ ରହିଛି। ନୈନିତାଲ ଜିଲାପାଳ ବନ୍ଦନା ସିଂ କହିଛନ୍ତି, ହଲ୍‌ଦ୍ୱାନିର ବିଭିନ୍ନ ସ୍ଥାନରେ ବେଆଇନ ନିର୍ମାଣଗୁଡ଼ିକର ଉଚ୍ଛେଦ କରାଯାଇଛି। ଏହା ବିରୋଧରେ କେତେଜଣ ବ୍ୟକ୍ତି ସ୍ଥଗିତାଦେଶ ପାଇଁ ଆବେଦନ କରିଥିଲେ। କିଛି ସ୍ଥାନରେ ଉଚ୍ଛେଦ ବନ୍ଦ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଅବଶିଷ୍ଟ ସ୍ଥାନଗୁଡ଼ିକରେ ଉଚ୍ଛେଦ କରାଯାଇଛି।

## କୋଟାରେ ଆଉ ଜଣେ ଛାତ୍ରଙ୍କ ଆତ୍ମହତ୍ୟା

**କୋଟା, ୧୩।୨**

କୋଟାରେ ଛାତ୍ରୀଛାତ୍ରଙ୍କ ଆତ୍ମହତ୍ୟା ଥମିବାର ନାଁ ନେଉନାହିଁ। ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ)ରେ ଖରାପ କରିଥିବାରୁ ଫାଶୀ ଲଗାଇ ଜଣେ ୧୬ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଛତିଶଗଡ଼ର ଶୁଭ ଚୌଧୁରୀ ନାମକ ଏହି ଛାତ୍ର ଦୁଇ ବର୍ଷ ହେଲା କୋଟାରେ ରହି ଜେଇଇ ପାଇଁ ପ୍ରସ୍ତୁତି ଜାରି ରଖିଥିଲେ। ସେ ସହରର ଜବାହାର ନଗର ଥାନା ଅଞ୍ଚଳରେ ଥିବା ଏକ ହଷ୍ଟେଲରେ ରହୁଥିଲେ। ସୋମବାର ଜେଇଇ ମେନ୍ସର ଫଳାଫଳ ଆସିଥିବା ବେଳେ ମଙ୍ଗଳବାର ଏନେଇ ଶୁଭଙ୍କ ପରିବାର ପକ୍ଷରୁ ତାଙ୍କୁ ଫୋନ କରାଯାଇଥିଲା, ହେଲେ ସେ ଫୋନ ଉଠାଇନଥିଲେ। ଫଳରେ ଏନେଇ ପରିବାର ଲୋକେ ହଷ୍ଟେଲ ୱାର୍ଡେନଙ୍କୁ ଜଣାଇଥିଲେ। ନିଜ ରୁମରେ ଶୁଭଙ୍କୁ ଫାଶୀରେ ଝୁଲୁଥିବାର ଦେଖି ହଷ୍ଟେଲ ୱାର୍ଡେନ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ତେବେ ମୃତଦେହ ନିକଟରୁ କୌଣସି ସୁଇସାଇଡ୍ ନୋଟ ମିଳିନଥିବା ସୂଚନା ଦେଇଛନ୍ତି ସ୍ଥାନୀୟ ପୋଲିସ ଅଧିକାରୀ। ସୂଚନାଯୋଗ୍ୟ, ଦେଶର କୋଚିଂ ହବ୍ ପାଲଟିଥିବା କୋଟାରେ ଚଳିତ ବର୍ଷ ପ୍ରାରମ୍ଭରୁ ଏହା ଚତୁର୍ଥ ଆତ୍ମହତ୍ୟା ମାମଲା।

**ଫୁରସତ୍**

## ବିମାନରେ ଭାରତର ଜାତୀୟ ସଂଗୀତ ଗାଇଲେ ବିଦେଶୀ

**ନୂଆଦିଲ୍ଲୀ**

ଭାରତୀୟ ଜାତୀୟ ସଂଗୀତକୁ କୋଟି କୋଟି ଭାରତୀୟ ବହୁ ସମ୍ମାନ ଦେଇଥାନ୍ତି। ଜାତୀୟ ସଂଗୀତ ଗାନ କରାଯାଉଥିବା ବେଳେ ସମସ୍ତେ ନିଜ ଆସନରୁ ଠିଆ ହୋଇଯାଇଥାନ୍ତି। ନିକଟରେ ଦିଲ୍ଲୀରୁ ତିବ୍‌ଲିସି ଯାଉଥିବା ଏକ ବିମାନରୁ ଏଭଳି କିଛି ଦୃଶ୍ୟ ସାମ୍ନାକୁ ଆସିଛି। ତେବେ ଏଥିରେ ଭାରତୀୟ ନୁହନ୍ତି, ବରଂ ବିଦେଶୀମାନେ ଜାତୀୟ ସଂଗୀତ ଗାନ କରୁଥିବା ଦେଖାଯାଉଛି। ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଇଣ୍ଡିଗୋର ଏକ ବିମାନରୁ ସାମ୍ନାକୁ ଆସିଥିବା ଏହି ଭିଡିଓରେ, ବିମାନ



ମଧ୍ୟରେ କିଛି ବିଦେଶୀ ଭାରତର ଜାତୀୟ ସଂଗୀତ 'ଜନ-ଗଣ-ମନ' ଗାଉଥିବା ନଜରକୁ ଆସୁଛନ୍ତି। ଏହି ଭିଡିଓଟି ନ୍ୟୁବାନେସ୍କୋଏର ନାମକ ଏକ ବ୍ୟାଣ୍ଡ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହି ବ୍ୟାଣ୍ଡର ସଦସ୍ୟମାନେ ସମ୍ପୃକ୍ତ ବିମାନରେ ଥିବା ବେଳେ ଭାରତର ଜାତୀୟ ସଂଗୀତ ଗାଇବା ଆରମ୍ଭ କରିଥିଲେ। ଏହି ବ୍ୟାଣ୍ଡର ସଦସ୍ୟମାନେ ପୂର୍ବରୁ ମଧ୍ୟ ଅନ୍ୟ ଦେଶର ବିଭିନ୍ନ ଗୀତରେ ଅଭିନୟ କରିଛନ୍ତି। ସେଠାରେ ଥିବା କିଛି ଲୋକ ଏହି ନିଆରା ଜାତୀୟ ସଂଗୀତ ଗାନକୁ ନିଜ ଫୋନର କ୍ୟାମେରାରେ ରେକର୍ଡିଂ କରୁଥିବା ମଧ୍ୟ ଭିଡିଓ ମାଧ୍ୟମରେ ଦେଖିବାକୁ ମିଳୁଛି। ତେବେ ସାମାଜିକ ଗଣମାଧ୍ୟମରେ ଭାରତୀୟମାନେ ଏହି ଭିଡିଓକୁ ବହୁଳ ଭାବେ ପ୍ରଶଂସା କରୁଥିବା ଲକ୍ଷ୍ୟ କରାଯାଇଛି। ବିମାନ ଉଡ଼ାଣ ସମୟରେ ଏହି ଜାତୀୟ ସଂଗୀତ ପ୍ରଦର୍ଶନ ଅନେକ ଲୋକଙ୍କ ହୃଦୟ ଜିତିପାରିଛି।

## ଶୁଟିଂକୁ ଫେରିଲେ ଶ୍ରେୟସ୍ ତଲ୍‌ପଡ଼େ

**ମୁମ୍ବାଇ**



ଦୁଇ ମାସ ପୂର୍ବେ ବଲିଉଡ ଅଭିନେତା ଶ୍ରେୟସ୍ ତଲପଡ଼େଙ୍କର ହୃଦ୍‌ଘାତ ହୋଇଥିଲା। ଏହି ଖବରରେ ସମସ୍ତେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ତେବେ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ଭଲ ଅଛନ୍ତି। ବିପଦ ସମୟରେ ତାଙ୍କ ସହ ଠିଆ ହୋଇଥିବା ସମସ୍ତଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି। ଏକ ସାକ୍ଷାତ୍‌କାରରେ ଶ୍ରେୟସ୍ ତଲପଡ଼େ ତାଙ୍କୁ ସାହାଯ୍ୟ କରିଥିବା ସମସ୍ତ ଡାକ୍ତର, ଟେକ୍ନିସିଆନ, ଡାକ୍ତରଖାନା କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ତାଙ୍କ ସହ ଠିଆ ହୋଇଥିବା ସମସ୍ତ ଅଭିନେତା ଓ ତାଙ୍କର ସୁସ୍ଥ କାମନା ପାଇଁ ପ୍ରାର୍ଥନା କରିଥିବା ସମସ୍ତ ପ୍ରଶଂସକଙ୍କୁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ବର୍ତ୍ତମାନ ସାମାନ୍ୟ ସୁସ୍ଥ ଥିବା କହିବା ସହ ସତର୍କତା ଅବଲମ୍ବନ କରି ସେ ପୁଣି କାମ ଆରମ୍ଭ କରିଥିବା ସୂଚନା ଦେଇଛନ୍ତି। ଆଗାମୀ ଚଳଚ୍ଚିତ୍ର 'ୱେଲ କମ୍ ଟୁ ଦିସ୍ ଜଙ୍ଗଲ' ରେ ଶ୍ରେୟସ୍ ନଜରରେ ଆସିବେ। ଏହି ଚଳଚ୍ଚିତ୍ରରେ ସେ ରବିନା ଓ ଅକ୍ଷୟଙ୍କ ସହ ସ୍କ୍ରିନ ଶେୟାର କରିବେ।

## କଦଳୀଚାଷରେ ଝାଉଁଳା ରୋଗ ଦମନ



କଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡ଼ି ପୋଡ଼ିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡ଼ିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମି.ଲି. ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

## ପ୍ରାଣୀଙ୍କ ଯତ୍ନ



ଆଗରୁ ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗରୁ ପାଇଁ ରକ୍ଷା ଏଫ୍ଏମ୍ଡି ଭାକ୍ସିନ୍ ଓ ଛେଳିମାନଙ୍କର ପିପିଆର୍ ରୋଗ ଲାଗି ପିପିଆର୍ ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାଙ୍କର ନାଲିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗ ନିୟନ୍ତ୍ରଣ ପାଇଁ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ତିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ, ଛେଳିଙ୍କର ପିପିଆର୍ ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଖାଲି ପଡୁଥିବା ଜମିରେ ଡାଲି ଫସଲ



ଡା. ପରେଶ କୁମାର ପଣ୍ଡା

ଆମ ରାଜ୍ୟରେ ପ୍ରାୟ ୧୬ ଲକ୍ଷ ହେକ୍ଟରକୁ ଅଧିକ ଜମି ଧାନ ଚାଷ ପରେ ଖାଲି ପଡ଼ିଥାଏ, ଯାହାକୁ ଅଣଧାନ ଫସଲରେ ଅନ୍ତର୍ଭୁକ୍ତ କରାଯାଇପାରିବ। ଧାନ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ଭାବେ ପରିଗଣିତ ହେଉଥିବା ବେଳେ ଡାଲି ଏବଂ ତୈଳବୀଜ ଉତ୍ପାଦନରେ ପଛୁଆ ରହିଛି। ରବିଋତୁରେ ଧାନଚାଷ ପରେ ଖାଲି ପଡୁଥିବା ଏହି ଜମିରେ ଡାଲି ଏବଂ ତୈଳବୀଜ ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ ଭରପୂର ସୁଯୋଗ ରହିଛି। ଏହି ଖାଲି ପଡୁଥିବା ଚାଷଜମିକୁ ଦୃଷ୍ଟିରେ ରଖି ଫସଲ ସାନ୍ଦ୍ରତାରେ ବୃଦ୍ଧି, କୃଷକର ଆୟ ଏବଂ କୃଷକ ସମୁଦାୟଙ୍କ ପୋଷକ ନିରାପତ୍ତାକୁ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ୨୦୨୨-୨୩ଠାରୁ ଏକ ପ୍ରମୁଖ ଯୋଜନା ରୂପେ 'କମ୍ପ୍ରେହେନ୍ସିଭ ପ୍ରୋଜେକ୍ଟ ଅନ୍ ରାଇସ ଫଲୋ ମ୍ୟାନେଜମେଣ୍ଟ (ସିପିଆର୍ଏଫ୍ଏମ୍)କୁ କାର୍ଯ୍ୟକାରୀ କରିଆସୁଛି। ଏହା ରବି ୨୦୨୨-୨୩ରେ ରାଜ୍ୟର ସମସ୍ତ ୩୦ଟି ଜିଲାର ପ୍ରାୟ ୭୦,୦୦୦ ହେକ୍ଟର ଜମିକୁ ନେଇ କାର୍ଯ୍ୟକାରୀ କରାଯାଉଥିବା ବେଳେ ଏହି ରବିଋତୁରେ ସମସ୍ତ ଜିଲାର ୪ ଲକ୍ଷ ହେକ୍ଟରକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ୩ବର୍ଷ ପାଇଁ ଏହା ସମୁଦାୟ ୩୧୪ ବ୍ଲକରେ କାର୍ଯ୍ୟକାରୀ କରାଯାଉଛି।

ଏହାଦ୍ୱାରା ମୃତ୍ତିକାରେ ରହିଥିବା ଜଳର ସୁବିନିଯୋଗ ହୋଇ ଫସଲ ଚାଷ କରାଯାଏ। ଫସଲ ସାନ୍ଦ୍ରତାରେ ବୃଦ୍ଧି ହୋଇ ଜମି ଚାଷ ଅନ୍ତର୍ଭୁକ୍ତ ହୋଇଥାଏ। ଅଣଧାନ ଫସଲ ଯଥା- ଡାଲି ଓ ତୈଳବୀଜ ଚାଷ ସଫଳତାର ସହ କରାଯାଇଥାଏ। କମ୍ ଜଳରୁ ଅଧିକ ଉତ୍ପାଦନ ସମ୍ଭବ ହୋଇଥାଏ। ମୃତ୍ତିକାରେ ଫସଲର ଅବଶେଷ ମିଶିବା ଦ୍ୱାରା ଜୈବାଂଶରେ ବୃଦ୍ଧି ଘଟି ମୃତ୍ତିକା ସ୍ୱାସ୍ଥ୍ୟ ଉନ୍ନତ ହୋଇଥାଏ। ଗୋଷ୍ଠୀ ପରିଚାଳିତ ବିହନ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥାଏ। କୃଷକ ପରିବାର ଆୟ ତଥା ପୋଷକ ନିରାପତ୍ତାରେ ବୃଦ୍ଧି ଘଟି କୃଷକମାନଙ୍କର ଜୀବନ ଜୀବିକା ଉନ୍ନତ ହୋଇଥାଏ।

ସାଧାରଣତଃ ଭାତ ଏବଂ ଡାଲି ଆମ ରାଜ୍ୟର ମୁଖ୍ୟ ଖାଦ୍ୟ। ଡାଲି ପୁଷ୍ଟିସାର, ଆମିନୋ ଏସିଡ, ଭିଟାମିନ୍ 'ବି', 'ସି'ର ମୁଖ୍ୟ ଉତ୍ସ। ଡାଲିର ଗୁରୁତ୍ୱକୁ ଅନୁଭବକରି ତାହାକୁ 'ଗରିବ ଲୋକର ପୁଷ୍ଟିସାର' ବୋଲି କୁହାଯାଏ। ପ୍ରାପ୍ତ ବୟସ୍କ ବ୍ୟକ୍ତି ଦୈନିକ ପ୍ରାୟ ୬୦-୮୦ ଗ୍ରାମ ଡାଲି ଖାଇବା ଆବଶ୍ୟକ।

ଡାଲି ଫସଲ ଚେର ରାଇଜୋବିୟମ ନେଇ ଯବକ୍ଷାରଜାନ ବିବନ୍ଧନକରି ଫସଲ ଓ ମୃତ୍ତିକା ଉଭୟକୁ ଯୋଗାଇଥାଏ। ଏହି ଫସଲ(ମୁଗ, ହରଡ଼ ଆଦି)ର ଚେର ମାଟିର ଗଭୀରକୁ ଯାଉଥିବାରୁ ଜମିରେ ଖାଦ୍ୟସାରର ସନ୍ତୁଳନତା ରକ୍ଷାକରିଥାଏ। ମାଟି ଫସଫସିଆ ରହି ଅଧିକ ଜଳଧାରଣ କରିପାରିଥାଏ। ଏକର ପ୍ରତି ବିବନ୍ଧିତ କ୍ଷବକ୍ଷାରଜାନର ପରିମାଣ ୧୧-୮୦ କି.ଗ୍ରା. ଏବଂ ମିଶୁଥିବା ଜୈବିକ ପଦାର୍ଥ ୨-୬ କୁଇଣ୍ଟାଲ। ଜମିରେ ଅନାବନା ଘାସର ବୃଦ୍ଧିକୁ ପ୍ରତିରୋଧ କରିବା ସହ ଅତି ଉଚ୍ଚମାନର ପ୍ରାଣୀଚାରା ଯୋଗାଇଥାଏ। ଡାଲି ଫସଲ ମଧ୍ୟରେ ମୁଗ, ବିରି, ବୁଟ, ମସୁର ଆଦି ଚାଷକୁ ଏହି ଯୋଜନାରେ ପ୍ରୋତ୍ସାହନ ଓ ସରକାରୀ ସହାୟତା ପ୍ରଦାନ କରାଯାଉଛି। ଏହିସବୁ ଫସଲ ସ୍ୱଳ୍ପଦିନିଆ ହୋଇଥିବାରୁ ସହଜରେ

''ଡାଲି ଫସଲ ଚେର ରାଇଜୋବିୟମ ନେଇ ଯବକ୍ଷାରଜାନ ବିବନ୍ଧନକରି ଫସଲ ଓ ମୃତ୍ତିକା ଉଭୟକୁ ଯୋଗାଇଥାଏ। ଏହି ଫସଲ(ମୁଗ, ହରଡ଼ ଆଦି)ର ଚେର ମାଟିର ଗଭୀରକୁ ଯାଉଥିବାରୁ ଜମିରେ ଖାଦ୍ୟସାରର ସନ୍ତୁଳନତା ରକ୍ଷାକରିଥାଏ। ମାଟି ଫସଫସିଆ ରହି ଅଧିକ ଜଳଧାରଣ କରିପାରିଥାଏ। ଏକର ପ୍ରତି ବିବନ୍ଧିତ କ୍ଷବକ୍ଷାରଜାନର ପରିମାଣ ୧୧-୮୦ କି.ଗ୍ରା. ଏବଂ ମିଶୁଥିବା ଜୈବିକ ପଦାର୍ଥ ୨-୬ କୁଇଣ୍ଟାଲ। ଜମିରେ ଅନାବନା ଘାସର ବୃଦ୍ଧିକୁ ପ୍ରତିରୋଧ କରିବା ସହ ଅତି ଉଚ୍ଚମାନର ପ୍ରାଣୀଚାରା ଯୋଗାଇଥାଏ। ଡାଲି ଫସଲ ମଧ୍ୟରେ ମୁଗ, ବିରି, ବୁଟ, ମସୁର ଆଦି ଚାଷକୁ ଏହି ଯୋଜନାରେ ପ୍ରୋତ୍ସାହନ ଓ ସରକାରୀ ସହାୟତା ପ୍ରଦାନ କରାଯାଉଛି। ଏହିସବୁ ଫସଲ ସ୍ୱଳ୍ପଦିନିଆ ହୋଇଥିବାରୁ ସହଜରେ ଯେକୌଣସି ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥାଏ।''



ଯେକୌଣସି ଫସଲ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ ହୋଇଥାଏ। ମିଶ୍ରିତ ଓ ଅନ୍ତଃଫସଲ ଭାବରେ ଚାଷ କରାଯାଇଥାଏ। ଚିନାବାଦାମ ସହ ବୁଟର ମିଶ୍ରିତ ଚାଷ ବେଶ୍ ଲୋକପ୍ରିୟ। ଏହାକୁ ଷଣ୍ଢ ଖାଇ ନ ଥାଏ। ଡାଲି ଫସଲରେ ଏକର ପ୍ରତି ୫୦ କି.ଗ୍ରା. ଜିପ୍ସମ ଓ ୧-୨ କୁଇଣ୍ଟାଲ କାଗଜକଳ ମଇଳା ଶେଷ ଓଡ଼ ଚାଷରେ ପ୍ରୟୋଗ କରନ୍ତୁ। ବିହନ ବିଶୋଧନ, ଜୀବାଣୁ ଓ ଫସ୍ଫରସ କଲ୍ଚର୍ର ବ୍ୟବହାର/ଉପଚାର, ଅନୁମୋଦିତ ବ୍ୟବଧାନର ଧାଡ଼ିରେ ବୁଣିବା, ୨-୩ ସପ୍ତାହରେ ଫସଲକୁ ଡିଏପି ବା ୟୁରିଆର ଲିଟର ପାଣିରେ ଗୋଳାଇ ସିଞ୍ଚନ, ଆବଶ୍ୟକ ତୃଣନାଶକର ବ୍ୟବହାର କିମ୍ବା ଫସଲର ପ୍ରାଥମିକ ଅବସ୍ଥାରେ ଘାସ ବାଛି ତୃଣ ନିୟନ୍ତ୍ରଣ, ସଙ୍କଟକାଳରେ ହାଲୁକା ବା ସିଞ୍ଚନ ଜଳସେଚନ ପ୍ରୟୋଗ, ଆବଶ୍ୟକ ରୋଗପୋକ ପରିଚାଳନା, ଅମଳ ଓ ଅମଳ ପରବର୍ତ୍ତୀ ପରିଚାଳନାକରି ଚାଷୀଭାଇମାନେ ଉତ୍ତମ ଫସଲ ଓ ଆଶାନୁରୂପ ଅମଳ ପାଇଥାଆନ୍ତି।

ଏକର ପ୍ରତି ମୁଗ, ବିରି ୮ କି.ଗ୍ରା., ମସୁର ୧୫ କି.ଗ୍ରା. ଏବଂ ବୁଟ ୨୦ କି.ଗ୍ରା. ବିହନ ଦରକାର ପଡ଼ିଥାଏ। ଏକର ପ୍ରତି ୮:୧୬:୮ କି.ଗ୍ରା. ଯବକ୍ଷାରଜାନ : ଫସ୍ଫରସ:ପଟାସ (ଅର୍ଥାତ୍ ଡିଏପି ୩୫ କି.ଗ୍ରା.+ୟୁରିଆ ୪ କି.ଗ୍ରା.+ପଟାସ ୧୩ କି.ଗ୍ରା.) ରାସାୟନିକ ସାର ସହ ଅନ୍ୟୁନ୍ୟ ୧୦ କୁଇଣ୍ଟାଲ ଖତ ଆବଶ୍ୟକ ହୋଇଥାଏ। ବୁଣିବାର ତୃତୀୟ ସପ୍ତାହ ବେଳକୁ ଫୁଲ ଧରିବା ଓ ଛୁଇଁ ଧରିବା ସମୟରେ ଜଳସେଚନ କରାଗଲେ ଛୁଇଁ ଅଧିକ ହୋଇ ଅମଳ ବଢ଼ିଥାଏ। କୌଣସି ପରିସ୍ଥିତିରେ ମଡ଼ାପାଣି ନ ଦେବା ଭଲ। ସିଞ୍ଚନ ବ୍ୟବସ୍ଥା ନ ଥିଲେ ୧୦ ଫୁଟ ବ୍ୟବଧାନରେ ଅଗଭୀର ନାଳ କରି ତହିଁରେ ପାଣି ମଡାଇ ଦିଆଯାଏ, ଯେପରିକି ଜମିରେ ଆବଶ୍ୟକ ଅନୁଯାୟୀ ପାଣି ରହିବ ଓ ଘାସ ବଢ଼ିବ ନାହିଁ।

ବିଭିନ୍ନ ଫସଲରେ ସମନ୍ୱିତ ପରିଚାଳରେ ଫସଲ ପର୍ଯ୍ୟାୟ ଅବଲମ୍ବନ, ସହନଶୀଳ କିସମ ବ୍ୟବହାର, ବିହନ ବିଶୋଧନ, ମିଶ୍ରିତ ଫସଲ ଚାଷ, ଫସଲ ଚାରିପଟେ ଜଡା, ମକା ଗଛ ଲଗାଇ ପକ୍ଷୀ ଆଶ୍ରୟସ୍ଥଳ ପ୍ରସ୍ତୁତ କରିବା, ଯନ୍ତା ଫସଲ ରୂପେ ଗେଣ୍ଡୁଫୁଲ ଲଗାଇବା, ଅନ୍ତଃଚାଷ, ଆଲୋକଯନ୍ତା ଓ ସଙ୍ଗ ଆକର୍ଷଣ ଯନ୍ତାର ବ୍ୟବହାର ଏବଂ ଫସଲରେ ନିମ୍ନଜାତୀୟ ଜୈବ କୀଟନାଶକ ଅଥବା ହାଣ୍ଡି ଖତ ବ୍ୟବହାର କରାଯାଏ। ଆବଶ୍ୟକସ୍ଥଳେ ରାସାୟନିକ ଔଷଧ ବ୍ୟବହାର କରିବା ଆବଶ୍ୟକ। (କ୍ରମଶଃ..)

-ସହକାରୀ କୃଷି ଅଧିକାରୀ, ଯାଜପୁର
ମୋ : ୯୪୩୭୧୧୨୭୦୪

## ଅଳ୍ପରେ...

➤ ଖରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇ ଦେବା ଉଚିତ। ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ। ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ। ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମ ପାଣିରେ ଫୁଟାଇ ଖରାରେ ଶୁଖାଇବା ଉଚିତ।

➤ କୋବି ଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତକରି ତଳି ପକାନ୍ତୁ। କିସମ - ସ୍ନୋବଲ୍, ସ୍ନୋବଲ୍-୧୬।

➤ ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ। ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ମାଟିର ବତର ଦେଖି ଜଳସେଚନ କରନ୍ତୁ।



➤ ଖରାଟିଆ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଓ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ। ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ।

## ଗହମରେ ରୋଗ-ପୋକ ନିୟନ୍ତ୍ରଣ



ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବା ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନଦିଅନ୍ତୁ।

## ଚାଷୀଙ୍କ ପାଇଁ...

ଆଳୁଗଛର କାଣ୍ଡ ଶୁଖି ଢଳି ପଡ଼ିଲେ ଆଳୁ ଅମଳ କରନ୍ତୁ। ଆଳୁ ପାକଳ ହେବା ପାଇଁ ଖୋଳିବା ପୂର୍ବରୁ କାଣ୍ଡଗୁଡ଼ିକୁ କାଟି ଦିଅନ୍ତୁ। ଖଣ୍ଡିଆ, ରୋଗାକ୍ରାନ୍ତ ଓ ସବୁଜ ଦିଶୁଥିବା ଆଳୁ ଗୁଡ଼ିକୁ ଅଲଗା ରଖନ୍ତୁ। ଅମଳ ପରେ ଆଳୁକୁ ୨-୩ ଦିନ ଛାଇରେ ଶୁଖାଇ ଦିଅନ୍ତୁ। ଶୀତଳ ଭଣ୍ଡାରକୁ ନେବା ପୂର୍ବରୁ ୩% ବୋରିକ୍ ଏସିଡ୍ରେ ୧୫ ମିନିଟ୍ ବୁଡ଼ାଇ ଶୁଖାଇ ଦିଅନ୍ତୁ। ପିଆଜ ପତ୍ରଗୁଡ଼ିକ ହଳଦିଆ ପଡ଼ିଲେ ପିଆଜ ପାକଳ ହୋଇଯାଇଥାଏ। ଏହି ସମୟରେ ଅମଳ କରନ୍ତୁ। ଅମଳର ୩/୪ ସପ୍ତାହ ପରେ ତାକୁ ସାଇତି ରଖନ୍ତୁ। ଏହାଦ୍ୱାରା ପିଆଜର ଜଳୀୟ ଅଂଶ ଅନେକାଂଶରେ କମିଯାଇଥାଏ। ଭେଣ୍ଡିର ଉନ୍ନତ କିସମଗୁଡ଼ିକ ହେଉଛି ଆର୍କା ଅନାମିକା, ଆର୍କା ଅଭୟ, ଉତ୍କଳ ଗୌରବ, ପୁଷା-ଏ-୪। ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଜମି ପ୍ରସ୍ତୁତ ସମୟରେ ଅନୁମୋଦିତ ଯବକ୍ଷାରଜାନ ସାରର ଅର୍ଦ୍ଧେକ ଏବଂ ସମସ୍ତ ଫସ୍ଫରସ୍ ଏବଂ ପଟାସ୍ ସାର ମୂଳସାର ହିସାବରେ ସବୁତକ ଖତ ସହ ପ୍ରୟୋଗ କରନ୍ତୁ। ପୋଟଳରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ୧ ଗ୍ରାମ୍ ୧ ଲିଟର ପାଣିରେ ୫୦ ଡବ୍ଲ୍ୟୁପି କିମ୍ବା ମେଟାଲାକ୍ସିଲ୍ + ମାନ୍କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।

## ରାଶି ଚାଷ



ରାଶି ବୁଣାବୁଣି ଶୀଘ୍ର ଶେଷ କରନ୍ତୁ। ଏପରି କଲେ ଅମଳ ବେଳେ ଅଦିନିଆ ବର୍ଷା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ରାଶିର ଉନ୍ନତ କିସମ ବିହନ ଯଥା ଉମା, କାଳିକା ଆଦି ସଂଗ୍ରହ କରନ୍ତୁ। ଜମିକୁ ପଟାଳିରେ ବିଭକ୍ତକଲେ ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହେବ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ପାଇଁ ବିହନ ବୁଣିବାର ୨ଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡ଼ି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲ୍ଫର ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସ୍ଫରସ (୮କି.ଗ୍ରା.),ପଟାସ(୮କି.ଗ୍ରା.) ଓ ସଲ୍ଫର(୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

# ସମନ୍ୱିତ କୃଷି ସହ ମାଛଚାଷ, ପ୍ରାଣୀପାଳନ

(ଶେଷ ଭାଗ)



**ମାଛ-କୁକୁଡ଼ା ପାଳନ :** ମାଛଚାଷ ସହ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ। କୁକୁଡ଼ାର ମଳ ପୋଖରୀର ଏକ ଉତ୍କୃଷ୍ଟ ଜୈବିକ ଖତର ଆବଶ୍ୟକତା ପୂରଣ କରିଥାଏ। କୁକୁଡ଼ାର ମଳ ସିଧାସଳଖ ପୋଖରୀରେ ପକାଇଲେ ସେଥିରୁ ଅଧିକ ପ୍ଲାଙ୍କଟନ ବା ପ୍ଲବକ ସୃଷ୍ଟି ହୋଇଥାଏ। ମାଛମାନେ ତାକୁ ଖାଇ ବଞ୍ଚନ୍ତି। କୁକୁଡ଼ାମାନେ ନଷ୍ଟ କରୁଥିବା ଦାନାକୁ ମଧ୍ୟ ମାଛମାନେ ଖାଇଥାନ୍ତି। କୁକୁଡ଼ାଘର ପୋଖରୀ ହୁଡ଼ା ଉପରେ ବା ପୋଖରୀ ଭିତରକୁ ଅଧା ଝୁଲାଇ ତିଆରିକଲେ କୁକୁଡ଼ା ମଳ ଓ ନଷ୍ଟ ହେଉଥିବା ଖାଦ୍ୟ ସିଧାସଳଖ ପୋଖରୀରେ ପଡ଼େ ଓ ମାଛମାନେ ତାକୁ ଖାଇଥାନ୍ତି। ବ୍ରଏଲର କୁକୁଡ଼ା ପାଳନ କରିବାର ଯୋଜନା ଥିଲେ ପ୍ରତି ୧୦୦ଟି କୁକୁଡ଼ା ପାଇଁ (କୁକୁଡ଼ା ଛୁଆ ଦାନା ଓ ଔଷଧ ଖର୍ଚ୍ଚ ସମେତ) ମୋଟ ୪ ହଜାର ୮ଶହ ଟଙ୍କା ଖର୍ଚ୍ଚ ହେବ ଏବଂ ମାତ୍ର ୨ ମାସରେ ଏଥିରେ ଖର୍ଚ୍ଚ ପରେ ପ୍ରାୟ ୯୦୦ ଟଙ୍କା ଲାଭ ହେବ।

**ମାଛ-ବତକ ପାଳନ :** ବତକ ପାଳନ ପାଇଁ ଉଭୟ ସ୍ଥଳଭାଗ ଓ ଜଳଭାଗ ଆବଶ୍ୟକ। ତେଣୁ ମାଛଚାଷ ପୋଖରୀ ଏଥିପାଇଁ ବେଶ୍ ସହାୟକ ହୋଇଥାଏ। ମାଛଚାଷ ସହିତ ବତକ ପାଳନକୁ ସମନ୍ୱିତ କଲେ, ଉଭୟ ମାଛ ଓ ବତକ ପରସ୍ପରଠାରୁ ଉପକାର ପାଇଥାନ୍ତି। ଗୋଟିଏ ଏକର ପୋଖରୀରେ ମାଛଚାଷ ସହ ୮୦ ରୁ ୧୨୦ଟି ବତକ ଚାଷ କରାଯାଇପାରିବ। ବତକମାନେ ପାଣିରୁ ଛୋଟ ଛୋଟ ଗଛ, ପୋକଜୋକ, ଗେଣ୍ଡା, ଶାମୁକା ଓ ବେଙ୍ଗଫୁଲା ଆଦି ଖାଇ ସଫା କରିଦିଅନ୍ତି। ବତକ ପାଳନ ଦ୍ୱାରା ସେମାନଙ୍କର ମଳମୂତ୍ର ମାଛମାନଙ୍କର ଏକ ଉତ୍କୃଷ୍ଟ ଖାଦ୍ୟ ମଧ୍ୟ ହୋଇଥାଏ। ନଷ୍ଟ ହେଉଥିବା ବତକମାନଙ୍କ ଖାଦ୍ୟ ଓ ଅଧାହଜମ ଖାଦ୍ୟ ମାଛମାନେ ଖାଆନ୍ତି। ଏକ ଏକର ପୋଖରୀରେ ମାଛ ଓ ବତକ ପାଳନକଲେ ୧୨୦ରୁ ୧୬୦୦ କି.ଗ୍ରା. ମାଛ, ୬୦୦ରୁ ୭୦୦ଟି ଅଣ୍ଡା ଓ ୨୦୦ରୁ ୨୫୦ କି.ଗ୍ରା. ବତକ ମାଂସ ମିଳିଥାଏ।

**ମାଛଚାଷ ଓ ଅନ୍ୟାନ୍ୟ କୃଷିର ସମନ୍ୱୟ :** ମାଛଚାଷ କରିବା ସହ ପୋଖରୀ ହୁଡ଼ାରେ ବିଭିନ୍ନ ପ୍ରକାର ଫଳ, ପନିପରିବା, ଫୁଲ, ସବୁଜ ଗୋଖାଦ୍ୟ ଫସଲ ଇତ୍ୟାଦି ଚାଷ କରାଯାଏ। ଭଲ ଫସଲ ପାଇଁ ପୋଖରୀରୁ ପାଣି ଓ ଉର୍ବର ପଙ୍କ ନେଇ ବ୍ୟବହାର କରାଯାଇପାରିବ। ଫସଲରୁ ବାହାରୁଥିବା ସବୁଜ ପତ୍ର ଆଦି ଗ୍ରାସ୍ କାର୍ପ ବା ଦଳଖିଆ ରୋହି ମାଛର ଅତି ପ୍ରିୟଖାଦ୍ୟ। ପୋଖରୀ ହୁଡ଼ା ଗଡ଼ାଣିରେ କନ୍ଦମୂଳ ଚାଷକଲେ ଏହା ହୁଡ଼ାର ମାଟିକୁ ଧୋଇଦିଏ ନାହିଁ ଏବଂ ଏହାର ପତ୍ର ମାଛମାନେ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି। ପୋଖରୀ ଭିତର ଆଡ଼କୁ ମଞ୍ଚା ତିଆରିକରି ଲତାଜାତୀୟ ପନିପରିବା ଚାଷ କରାଯାଇ ହୁଡ଼ାରୁ ମଞ୍ଚା ଆଡ଼କୁ ମଡ଼ାଯାଇପାରିବ। ଏହି ଉପାୟରେ ଚାଷକଲେ ପନିପରିବା ଉତ୍ପାଦନ ପାଇଁ ଅଧିକ ଜାଗା ଦରକାର ହୁଏ ନାହିଁ। ପୋଖରୀ ହୁଡ଼ାରେ ଫୁଲ କୋବି, ବନ୍ଧାକୋବି, କଦଳୀ, ଭେଣ୍ଡି, ବିନ୍ସ୍, ଅମୃତଭଣ୍ଡା, ଟମାଟୋ ଆଦି ଚାଷକଲେ ଅଧିକ ଉତ୍ପାଦନ ସହ ସମନ୍ୱିତ କୃଷିରୁ ଲାଭ ମିଳିଥାଏ।

**ସମନ୍ୱିତ ଧାନ-ମାଛଚାଷ :** ଆମ ଦେଶରେ ମୁଣ୍ଡ ପିଛା ଉପଲବ୍ଧ ହେଉଥିବା ଜମିର ପରିମାଣ ହେଉଛି ୦.୧୫ ହେକ୍ଟର ବା ୩୭ ଡେସିମିଲ। ଦ୍ରୁତ ଶିଳ୍ପାୟନ ଓ ଅଧିକ ସହରୀକରଣ ପ୍ରକ୍ରିୟା ଯୋଗୁ ଏହି ଉପଲବ୍ଧ ହେଉଥିବା ଜମିର ପରିମାଣ ଧୀରେ ଧୀରେ କମିବାରେ ଲାଗିଛି। ତେଣୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଆଖି ଆଗରେ ରଖି ଏକକ ବା କମ୍ ଜମିରୁ ଅଧିକରୁ ଅଧିକ ଫସଲ ଆଦାୟ କରିବାର ଆବଶ୍ୟକତା ରହିଛି। ଏହି ପରିପେକ୍ଷୀରେ ଧାନ, ମାଛ ଓ ଚିଙ୍ଗୁଡ଼ି ଚାଷକୁ ସମନ୍ୱିତକରି ସମନ୍ୱିତ ଧାନ-ମାଛଚାଷ କରିବା ଏକ ଠିକ୍ ଓ ଉଚିତ ପନ୍ଥା ବୋଲି ଗବେଷଣା ଲବ୍ଧ ଫଳାଫଳରୁ ଜଣାଯାଇଛି। ଧାନ-ମାଛ ଚାଷରେ ଗୋଟିଏ ପରିବେଶରେ ଉଭୟ ଉଭୟଙ୍କ ଦ୍ୱାରା ଉପକୃତ ହୋଇଥାନ୍ତି। ଏକା ଜଳରେ ଧାନ ସହ ମାଛ ଓ ଚିଙ୍ଗୁଡ଼ି ସଭିଏଁ ସାଥିରେ ପରିପୁଷ୍ଟ ହୁଅନ୍ତି। ଦିନରେ ଧାନ ଗଛ ଏବଂ ଅଣୁ ଉଦ୍ଭିଦମାନଙ୍କ ଅଙ୍ଗାର ପରିପାକ କ୍ରିୟାରୁ ନିର୍ଗତ ଅମ୍ଳଜାନ ପରିମାଣକୁ ବୃଦ୍ଧିକରେ, ଯାହାକି ମାଛ ଓ ଚିଙ୍ଗୁଡ଼ି ଚାଷ ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟିକରେ।

-ଡା. ବୀରକିଶୋର ପରିଡ଼ା,
ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
ମହାନଦୀବିହାର, କଟକ
ମୋ : ୯୪୩୭୬୦୩୧୨

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................

ଏନ୍.ଜୋଶୁରାଜ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ତୁ ଆଉ ମୁଁ...

ପ୍ରେମ ଶାଶ୍ୱତ, ଚିରନ୍ତନ। ପ୍ରେମ ମାନେନା ଜାତି, ଧର୍ମ, ବର୍ଣ୍ଣ, ସୀମା ସରହଦର କଟକଣା। ପ୍ରେମ ପାଇଁ ଭାଷା ସାଜେନି ପ୍ରତିବନ୍ଧକ। ଆଖିରେ ଆଖି ମିଶିବା ପରେ ହଜିଯାଏ ମନ। ଥରେ ପରସ୍ପର ମନ ଦିଆନିଆ ହୋଇଗଲେ ଯେତେ ବାଧା ବିଘ୍ନ ଆସିଲେ ବି ପ୍ରେମ ଆଗରେ ତାହା ହାର୍ ମାନେ। ପ୍ରେମୀଯୁଗଳଙ୍କ ମାନ, ଅଭିମାନ ଆଉ ଆକର୍ଷଣର ଫେଣ୍ଟାଫେଣ୍ଟି ସମାହାର ହିଁ ପ୍ରେମ। ଆଉ ଏମାନେ ନିଜ ଅବ୍ୟକ୍ତ ଭାବନାକୁ ପରିପ୍ରକାଶ କରିବା ପାଇଁ ପାଳନ କରିଥାନ୍ତି ପ୍ରେମ ସପ୍ତାହ। ରୋଜ୍ ଡ଼େ'ରୁ ଆରମ୍ଭ ହୋଇଥିବା ପ୍ରେମ ସପ୍ତାହ ପ୍ରପୋଜ୍ ଡେ', ଚକୋଲେଟ୍ ଡେ', ଟେଡ଼ି ଡେ', କିସ୍ ଡେ' ଦେଇ ଭାଲେଣ୍ଟାଇନ୍ ଡେ'(ପ୍ରେମ ଦିବସ)ରେ ପହଞ୍ଚେ।



## ଉପହାର ପାଇଁ ଉତ୍କଣ୍ଠା

ଭାଲେଣ୍ଟାଇନ ଡେ'ରେ କିଏ କାହାକୁ କ'ଣ ଉପହାର ଦେବ ସେଥିପାଇଁ ପ୍ରେମୀଯୁଗଳଙ୍କ ମଧ୍ୟରେ ଥାଏ ପ୍ରବଳ ଉତ୍କଣ୍ଠା। ଉପହାର ଏମିତି ହୋଇଥିବ ଯାହା ସବୁ ସମୟରେ ସେମାନଙ୍କର ଉପସ୍ଥିତିକୁ ଜାହିର୍ କରୁଥିବ। ତେଣୁ କେଉଁଟା ସବୁଠାରୁ ଭଲ ହେବ ଆଉ ମନକୁ ପାଇବ ତାକୁ ବଜାରରେ ଖୋଜିବାରେ ବ୍ୟସ୍ତ। କିଏ ପସନ୍ଦର ପର୍‌ଫ୍ୟୁମ୍ ଦେବାକୁ ମନ କରିଛନ୍ତି ତ ଆଉ କିଏ ଡ୍ରେସ୍, ଡିନର୍, କପଲ୍ ଗିଫ୍ଟ ସାଙ୍ଗକୁ ଫଟୋ ଫ୍ରେମ୍, ରୋଟେସନ୍ ମ୍ୟୁଜିକ୍ ଗିଫ୍ଟ, ଲଭ୍‌ବାର୍ଡ ଭଳି ବିଭିନ୍ନ ଗିଫ୍ଟ ଦେବାକୁ ମନ ବଳାଇଛନ୍ତି। ତା' ସାଙ୍ଗକୁ ମନର କଥାକୁ ଶବ୍ଦର ରୂପ ଦେବା ପାଇଁ କାର୍ଡ ପ୍ରତି ଆଗ୍ରହ ଦେଖାଦେଉଛି।

## ଗୋଲାପର ଚଢ଼ାଦର

ଗୋଲାପ ବିନା ପ୍ରେମ ଦିବସ ପାଳନ ଅଧୁରା। ଯେତେ ଯାହା ଗିଫ୍ଟ ଦିଆଯାଉନା କାହିଁକି, ଗୋଲାପ ଫୁଲଟିଏ ପ୍ରେମିକା ହାତରେ ନ ଧରାଇପାରିଲେ ସବୁକିଛି ବେକାର। ତେଣୁ ଫୁଲର ଚାହିଦାକୁ ଦେଖି ବ୍ୟବସାୟୀମାନେ ମଧ୍ୟ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଭୁବନେଶ୍ୱର ଏଜି ଛକ ନିକଟରେ ଥିବା ଫୁଲ ଦୋକାନ ବ୍ୟବସାୟୀ ପପୁ କହିଛନ୍ତି, ଗୋଲାପ ଫୁଲ ଗୋଟା ୨୦ଟଙ୍କାରୁ ଆରମ୍ଭ। ୧୫୦ଟଙ୍କାରୁ ଫୁଲତୋଡ଼ା ଆରମ୍ଭ ହେବ। କେବଳ ଗୋଲାପ ଫୁଲରତୋଡ଼ା ଦାମ୍ ୩ଶହ ଟଙ୍କାରୁ ଆରମ୍ଭ ହୋଇ ୧୫ଶହ ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଆଗରୁ କେବଳ ଗୋଲାପ ଫୁଲର ଚାହିଦା ରହିଥିବାବେଳେ ଏବେ ଫୁଲ କିସାନ୍‌କିମାମ୍, ଲିଲିୟମ, ଅର୍କିଡ୍, ଜର୍ବେରା, ଜିପ୍ସ, ବ୍ଲୁଡେଜି ଭଳି ବିଭିନ୍ନ ଫୁଲର ଚାହିଦା ବଢ଼ୁଛି। କିସାନ୍‌କିମାମ୍ ଫୁଲ ଥାଇଲାଣ୍ଡରୁ ଆସୁଥିବାବେଳେ ଏହାର ଦାମ୍ ଗୋଟା ୧୦୦ଟଙ୍କା ରହିଛି। ସେହିପରି ନାଲି ଗୋଲାପର ଦାମ୍ ୨୦ରୁ ଆରମ୍ଭ ହେଉଥିବାବେଳେ ରଙ୍ଗୀନ ଗୋଲାପର ଦାମ୍ ୪୦ଟଙ୍କାରୁ ଆରମ୍ଭ ହେଉଛି। କୋଲକତା, ବେଙ୍ଗାଲୁରୁ, ହାଇଦ୍ରାବାଦ୍ ଆଦି ବିଭିନ୍ନ ସ୍ଥାନରୁ ଫୁଲ ଅଣାଯାଇଛି।

## ରେଷ୍ଟୁରାଣ୍ଟ, ଶପିଂ ମଲ୍‌ରେ ଚାଲିଛି ପ୍ରସ୍ତୁତି

ରାଜଧାନୀର ବିଭିନ୍ନ ରେଷ୍ଟୁରାଣ୍ଟରେ ପ୍ରେମ ଦିବସକୁ ପାଳନ ପାଇଁ ଜୋର୍‌ଦାର୍ ପ୍ରସ୍ତୁତି ହୋଇଛି। କେଉଁଠି ସ୍ପେଶିଆଲ ଅଫରର ବ୍ୟବସ୍ଥା ତ ଆଉ କେତେକ ସ୍ଥାନରେ କ୍ୟାଣ୍ଡେଲ ନାଇଟ ଡିନର୍ ସାଙ୍ଗକୁ ଭାଲେଣ୍ଟାଇନ୍ ସ୍ପେଶିଆଲ ଡିସ୍ ମଧ୍ୟ ପ୍ରସ୍ତୁତ କରାଯାଇଛି। ଏହାସାଙ୍ଗକୁ ବିଭିନ୍ନ ସପିଂମଲ୍‌ରେ ମଧ୍ୟ ଭିଡ଼ ଜମିବ। ତେଣୁ ଖାଦ୍ୟପାନୀୟ ସହିତ ଭଳିକି ଭଳି ଉପହାର ଏବଂ ସ୍ୱତନ୍ତ୍ର ଆକର୍ଷଣକୁ ନେଇ ସଜେଇ ହୋଇଛି ସପିଂମଲ୍। ସେହିପରି ଆଇଜିପାର୍କ, ଫରେଷ୍ଟ ପାର୍କ, ଜୟଦେବ ବାଟିକା ଭଳି ବିଭିନ୍ନ ପାର୍କ ଏବଂ ପର୍ଯ୍ୟଟନସ୍ଥଳୀ ଗୁଡିକରେ ପ୍ରେମୀ ଯୁଗଳଙ୍କ ଭିଡ଼ ଦେଖିବାକୁ ମିଳିବ।

## ଡିମାଣ୍ଡରେ ଭାଲେଣ୍ଟାଇନ୍ କେକ୍

ଜନ୍ମଦିନ ହେଉ ଅବା ରିଙ୍ଗ୍ ସେରିମନି ଅବା ଅନ୍ୟ କୌଣସି ବିଶେଷ ଦିନ, କେକ୍ କାଟି ଏହାକୁ ସେଲିବ୍ରେଟ କରାଯାଉଛି। ତେଣୁ ପ୍ରେମଦିବସକୁ ପାଳନ କରିବା ପାଇଁ ବିଭିନ୍ନ କେକ୍ ଦୋକାନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ଫ୍ଲେଭର ସାଙ୍ଗକୁ ଭଳିକି ଭଳି ଡିଜାଇନ୍‌ର କେକ୍‌ର ପସରା ଦେଖିବାକୁ ମିଳିଛି। କେଉଁଥିରେ 'ହାପି ଭାଲେଣ୍ଟାଇନ୍' ଲେଖା ରହିଛି ତ ଆଉ କେଉଁଥିରେ 'ବି ମାଇଁ ଭାଲେଣ୍ଟାଇନ୍', 'ଆଇ ଲଭ୍ ୟୁ' ଭଳି ଲେଖା ସହ ବିଭନ୍ନ ଡିଜାଇନ୍ କରାଯାଇଛି।

## ପ୍ରେମର ଅନ୍ୟ ଅର୍ଥ ବନ୍ଧୁତା

ପ୍ରେମଦିବସ କେବଳ ପ୍ରେମିକା ପ୍ରେମିକଙ୍କ ମଧ୍ୟରେ ସୀମିତ ନୁହେଁ। ପ୍ରେମ ମା' ବାପାଙ୍କ ସହ ବି ହୋଇଥାଏ ଆଉ ଭାଇ ଭଉଣୀ, ବନ୍ଧୁଙ୍କ ମଧ୍ୟରେ ବି ହୋଇଥାଏ। ଏଭଳି କିଛି ଯୁବପିଢି ଅଛନ୍ତି, ଯେଉଁମାନେ ବନ୍ଧୁତାକୁ ଦୃଢ କରିବା ସହ ସମ୍ପର୍କରେ ଆହୁରି ଭଲପାଇବା ମିଶାଇବାକୁ ଧୁମ୍‌ଧାମ୍‌ରେ ଏହି ଦିନକୁ ପାଳନ କରିଥାନ୍ତି। ଏନେଇ ଭୁବନେଶ୍ୱରର ଆଦିତ୍ୟ ନାରାୟଣ ବେହେରା କହିଛନ୍ତି, ପ୍ରେମର ଅର୍ଥ ନୁହେଁ କେବଳ ପୁଅଝିଅଙ୍କ ମଧ୍ୟରେ ଥିବା ଭଲପାଇବା। ଯିଏ ଯେତେ ଦୂରରେ ଥିଲେ ବି ପ୍ରତିବର୍ଷ ଆମେ ବନ୍ଧୁତା ଦିବସ ଏବଂ ପ୍ରେମ ଦିବସରେ ଏକାଠି ହେଉ। କେକ୍ କାଟୁ, ପରସ୍ପରକୁ ଗିଫ୍ଟ ଦେଇ ସେଲିବ୍ରେଟ୍ କରୁ।

## ପଥଭ୍ରଷ୍ଟ ହେଲେ ବିରୋଧ ହେବ

ବୁଧବାର ବସନ୍ତପଞ୍ଚମୀ ପଡୁଥିବାରୁ ମା' ସରସ୍ୱତୀଙ୍କର ଆବାହନ କରାଯିବ। ତା' ସାଙ୍ଗକୁ ପିତୃମାତୃଦିବସ ପାଳନ କରାଯିବ। ଏଭଳି ଦିନରେ ଯୁବପିଢି ଯେପରି କୁତ୍ସିତ କାର୍ଯ୍ୟରେ ଲିପ୍ତ ନ ରୁହନ୍ତି ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ବିଶ୍ୱହିନ୍ଦୁ ପରିଷଦର ଭୁବନେଶ୍ୱର ସମ୍ପାଦକ ଶୁଭ୍ରାଂଶୁ ଶେଖର ଶତପଥୀ କହିଛନ୍ତି। ସହରର ପ୍ରତ୍ୟେକ ପାର୍କରେ ପରିଷଦର ସଦସ୍ୟ ଆଲର୍ଟ ରହିବେ। ଯୁବପିଢୀଙ୍କ ଉପରେ କୌଣସି ଆକ୍ରୋଶମୂଳକ ପଦକ୍ଷେପ ନିଆଯିବ ନାହିଁ। ମାତ୍ର ପ୍ରେମଦିବସ ନାମରେ ଅନୈତିକ କାର୍ଯ୍ୟରେ ଲିପ୍ତ ରହିଲେ ସେମାନଙ୍କୁ ସେଥିରୁ ବାରଣ କରାଯିବ ଏବଂ ଜଣେ ଉତ୍ତମ ଯୁବପିଢି ଭାବେ ନିଜକୁ ଗଢି ତୋଳିବା ପାଇଁ ଜାଗ୍ରତ କରାଯିବ।

– ବନ୍ଦନା ସେଠୀ

**ନିରୁଦ୍ଦିଷ୍ଟ**



**ସଞ୍ଜୁଲତା ବିଶ୍ୱାଳ**

ଏହି ମହିଳା ଜଣଙ୍କ ନିମାପଡ଼ା ବ୍ଲକରୁ ନିଖୋଜ ଅଛନ୍ତି ଯଦି କୌଣସି ବ୍ୟକ୍ତି ଦେଖନ୍ତି ତେବେ ଆମକୁ କଲ୍ କରନ୍ତୁ। Mob- 9000231173, 9178072920 ହଜିଯାଇଥିବା ମହିଳାଙ୍କୁ କୌଣସି ବ୍ୟକ୍ତି ଆମକୁ ଯୋଗାଯୋଗ କଲେ ସେହି ବ୍ୟକ୍ତିଙ୍କୁ ଟ.୧୦,୦୦୦/– ଦିଆଯିବ।
ଧ-୨୫୨୪

**ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା**



**ହନଷିତ ରାଜ (ବାବୁ)**
(ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର)
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଇ ଏବଂ ପରିବାରବର୍ଗ
ଧ-୭୩୭୯୭

**ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା**



**ଲାସ୍ୟା ତାପସୀ (ରାଣୀ)**
(ଫାଲ୍‌କନ୍ କ୍ରେଷ୍ଟ, ଶାମପୁର, ଭୁବନେଶ୍ୱର)
କୋଟିଏ ଆୟୁଷ ଦିଅନ୍ତୁ ଠାକୁରେ
ଓଠେ ଥାଉ ହସ ଜୀବନ ସାରା।
ଆମର ଆଶିଷ ମଥା ପରେ ଥାଉ
ସଭିଙ୍କର ହୁଅ ଦୁଃଖ ପାସୋରା।
ଆଶୀର୍ବାଦ ସହ: ମାଆ-ବାପା, ଦାଦା-ଖୁଡ଼ୀ, ଜେଜେ-ଜେଜେମା, ଅଜା-ଆଇ ଏବଂ ପରିବାରବର୍ଗ
ଧ-୭୩୭୯୮

**ଜନ୍ମଦିନର ଶୁଭେଚ୍ଛା**



**ଶୋଭିତ ପାଢ଼ୀ**
ବ୍ରହ୍ମପୁର
ଆଜି ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ। ଭଲ ମଣିଷ କରି ଗଢ଼ି ତୋଳାନ୍ତୁ। ତୋର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ: ଗୁନ, ଗୁଡୁଲି, ଶ୍ରେୟା, ମାମା, ପାପା, ମା, ବାପା, ଅଜା, ଆଇ, ବନ୍ଧୁ ଓ ପରିବାରବର୍ଗ।
ଧ-୨୫୨୦

**CLASSIFIED DISPLAY**

MORE SPACE • SAME PRICE

TARIFF (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SR SHUBHRA RANJAN**
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

**OAS HUB**
Make your dreams into reality
OAS / IAS
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ADMISSION OPEN**
B.Ed, M.Ed, B.P.Ed.
Equivalent of Utkal University
Lowest Fees
Odisha School of Professional Studies
Address:
Plot No.N2/57, 2nd Floor, Near N2 Park, IRC Village, Nayapalli, Bhubaneswar- 751015
CONTACT NO.
7008096933
9692828174

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# Classified Everyday
0674-2580101, 2549949



**MATRIMONIAL**

**BRIDE WANTED**

Wanted a Karan/ Khandayata, Fair, Slim MBBS, P.G. Doctor bride for a Karan MBBS, (SCB) P.G. Doctor groom, age-34, H-5'8" Fair for early marriage. Contact: 7008659094. D-2484

Wanted suitable B.Tech/ M.Tech bride for our only son 6'2", 29 years (Gopal Caste) working in a global MNC in USA after his MS Degree from Illinois, Chicago (Caste No Bar) Contact: 9437229851. D-75519

Handsome Brahmin Boy /B.Tech /34/5'-9"/IT/ Germany/Bhubaneswar. 9439131170. D-2489

**GROOM WANTED**

63 ବୟସ୍କା Retd. କରିଥିବା କରଣ casteର ବିଧବା ମହିଳାଙ୍କୁ anycasteର candidate ଆବଶ୍ୟକ। (Urgent need). 9040735429. D-2500

ବୟସ 28, କୌଣସି ଚାକିରି କରୁନଥିବା ସୁନ୍ଦରୀ ଝିଅଙ୍କ ପାଇଁ ଯେକୌଣସି ଜାତିର ବର ଆବଶ୍ୟକ। 6370559357. D-75313

Now Matrimonial ads. only on Wednesday & Sunday Book 1 Get 1 FREE

ପୁରୀ ବାସିନ୍ଦା 47 ବୟସ୍କା Widow Postal ଚାକିରିଆ ସୁନ୍ଦର ବ୍ରାହ୍ମଣ ଘରର ଝିଅଙ୍କୁ ବରପାତ୍ର ଆବଶ୍ୟକ। 8327715036. D-2525



**REAL ESTATE**

**SALE**

Duplex project at Retanga Medical Station near C.V. Raman University Tamando, Bhubaneswar. 7008459987. D-75912

ଭୁବନେଶ୍ୱର ପଟିଆ ରେଲୱେ ଷ୍ଟେଶନ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614. D-75299

DAV Pokhariput 7K.M. କୁହା ମୌଜାରେ ଘରକୁ ଲାଗି 3000sqft. plot ବିକ୍ରିହେବ। 9938016295. D-75910

2BHK Readymade new Flat Sale at Prime location near Ravi Talkies Chhak. Railway station and Airport are just 10 minutes away. Bank finance available. Only Buyer please call for details: 9438220432/ 8144658008. D-2552

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft., 3,60,000/- ଛଡାବର Bypass sqft.-500/-. 9776974912. D-75904

3BHK Semifurnished flats at Jharpada 80' road side. Contact- 9437307086, 7978209277, 7008789347. D-2493

Book 3BHK, 4BHK premium flat at Saubhagya Nagar, Near Khimji & Narula Sweets, Bhubaneswar. Handover Aug.24. Contact: 9439716901. D-75520

Readymade 2/3BHK premium flat at prime location of Jayadev Vihar Chhak. Contact- 9437307086, 7978209277, 7008789347. D-2494

ଭୁବନେଶ୍ୱର-ପିତାପଲ୍ଲି NH-16 କଡ଼ରେ ବାସୋପଯୋଗୀ ପୋଜେସନ୍ ପ୍ଲଟ୍ 30ft. road, boundary ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9337166296. D-75911

ମୋର ଘରବାଡ଼ି ଜମି ହଂସପାଳ ବାଲିଅନ୍ତାରେ ବିକ୍ରି କରିବାକୁ ଚାହୁଁଛି। (Bank Loan available) Excuse broker. 9437765989. D-75902

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar (NH-16) ଏବଂ SUM-2 (Hospital) ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ - 9658562429. D-75906

BDA Yellowzone gharabari plot for sale Khandagiri Amri Hospital back side ready for construction. 7978850450, 9439918431. D-75907

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com



**CONSTRUCTION**

Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195. D-75913

Do you want to construct dream house on your own plot for details please contact K.K. Construction. 7008268129, 9439143273. D-71385

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



Refreshments body massage Therapy with experience therapists, Ashirvad Panchakarma Spa, Keshari Mall, Bhubaneswar. 8926173473. D-46569

"Only Ayurvedic body massage & Steam-Bath. 9861550765". D-2495

Herbal full body massage by smart/expert therapist. Contact- 9124139069. D-75706

**AFFIDAVIT**

I Minati Kumari Padhy, W/o Pitambar Panda, resident of At- kunjabangarh (Gopinathsahi), P.O./P.S.- Daspalla, Dist.- Nayagarh, PIN- 752084,Odisha declare by this affidavit No.- 192, dt. 12.02.2024 that now onwards I shall be known as Minati Panda for all future purposes. D-2521

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



**୰ବିନ ସିଂହ**
ପଛିକୋଟଗଡ଼, ଯାଜପୁର
ଆବିର୍ଭାବ- ୧୯୫୭
ତିରୋଧାନ- ୧୯୯୯, ଶ୍ରୀପଞ୍ଚମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ- ପୁତ୍ର: ଅପୁ ଓ ପରିବାରବର୍ଗ
ଧ-୨୫୦୮

**ତ୍ରୟୋବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ**



**ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ**
ପ୍ଲଟ୍ ନଂ.– ୨୦୨୫, ମହତାବ ରୋଡ଼, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା– ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୫୦୫

**ଏକାଦଶାହ ଉପଲକ୍ଷେ**
ଗଭୀର ଶ୍ରଦ୍ଧାଞ୍ଜଳି



**୰ ଦେବରାଜ ପ୍ରଧାନ**
ପୂର୍ବତନ ମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧୀ ମଣିଷ ୰ଦୋଳ ଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର
ଆବିର୍ଭାବ: ୧୩.୦୨.୧୯୫୭
ତିରୋଧାନ:୦୪.୦୨.୨୦୨୪
ଡିହସାହି, ଗଡିରାଉତପାଟଣା, କଟକ
ଆପଣ ଯିବା ଦିନରୁ ଆମ ପରିବାରରେ ନିଦ ହଜିଯାଇଛି।
ପତ୍ନୀ ଶ୍ରୀମତୀ ଅମ୍ବିକା ପ୍ରଧାନ
ଭାଇ-ବିଜୟ, ପୁଷ୍ପରାଜ, ସଂଜୟ, ପୃଥୀରାଜ, ପ୍ରଜ୍ଞାରାଜ
ଭଉଣୀ- ସତ୍ୟଭାମା, ହେମବତୀ
୰ ଦେବରାଜ ପ୍ରଧାନ, ଟ୍ରଷ୍ଟି, ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟଙ୍କ ବିୟୋଗରେ ଆମର ଗଭୀର ଶ୍ରଦ୍ଧାଞ୍ଜଳି
ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଡ଼ଃ. ପ୍ରଫେସର ବୃନ୍ଦଦେବ ମିଶ୍ର
ଧ-୨୫୧୭

**ଏକାଦଶାହ ଉପଲକ୍ଷେ**



**୰ସୌଭାଗ୍ୟ କୁମାର ପଟ୍ଟନାୟକ**
କୁସୁନ୍ଦା,ବାଙ୍କୀ,କଟକ
ଆବିର୍ଭାବ–୧୨।୮।୧୯୭୨
ତିରୋଧାନ–୪।୨।୨୦୨୪
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:– ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୨୫୧୬

# ଅଷ୍ଟ୍ରେଲିଆ ୫-୦ରେ ବିଜୟୀ

**ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍**

ଭୁବନେଶ୍ୱର, ୧୩।୨
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍‌ରେ ଅଷ୍ଟ୍ରେଲିଆ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ସ୍ପେନ୍‌କୁ ୪-୩ ଗୋଲରେ ହରାଇଥିବା ଅଷ୍ଟ୍ରେଲିଆ ମଙ୍ଗଳବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକତରଫା ମ୍ୟାଚରେ ଆୟର୍ଲାଣ୍ଡକୁ ୫-୦ରେ ପରାସ୍ତ କରିଛି। ପ୍ରଥମ କ୍ୱାର୍ଟରରେ ଆୟର୍ଲାଣ୍ଡ କିଟିଛା ଟକ୍କର ଦେବାରେ ସକ୍ଷମ ହୋଇଥିଲା। ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଆଭିମୁଖ୍ୟ ଅବଲମ୍ବନ କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ମାତ୍ର ପରବର୍ତ୍ତୀ ୩ଟି କ୍ୱାର୍ଟରରେ ଅଷ୍ଟ୍ରେଲିଆ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୧୭ତମ ମିନିଟରେ ଟମ୍ କ୍ରେଗ୍ ଏକ ଫିଲ୍ଡ ଗୋଲ ଦେଇ ସ୍କୋରିଂ ଖାତା ଖୋଲିଥିବାବେଳେ ୨୨ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ ଗୋଲ ସ୍କୋର କରି ଏହାକୁ ୨-୦ରେ ପରିଣତ କରିଥିଲେ ଜେରେମି ହେୱାର୍ଡ। ୨୫ତମ ମିନିଟରେ କି ୱିଲଟ ଏକ ଫିଲ୍ଡ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଅଷ୍ଟ୍ରେଲିଆ ଅଗ୍ରଣୀ ବ୍ୟବଧାନ ୩-୦ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ୪୩ତମ ମିନିଟରେ ନାଥନ ଇଫ୍ରମ୍ସ ଏକ ଫିଲ୍ଡ ଗୋଲ ଦେଇ ଦଳର ବିଜୟକୁ ନିଶ୍ଚିତ କରି ଦେଇଥିଲେ। ଅନ୍ତିମ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚ ଶେଷ ହେବାକୁ ଆଉ ୩ ମିନିଟ ଥିବାବେଳେ (୫୭ତମ ମିନିଟ) କି ୱିଲଟ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରିଥିଲେ। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୯ତମ ମିନିଟରେ ଅଷ୍ଟ୍ରେଲିଆର ଡାନିଏଲ ବାଲେ ଗ୍ରୀନ୍ କାର୍ଡ ପାଇଥିଲେ। ମ୍ୟାଚରେ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ପେନାଲ୍ଟି କର୍ଣ୍ଣର ପାଇ ଏହାକୁ ଗୋଲରେ ପରିଣତ କରିଥିଲା। ଅନ୍ୟପକ୍ଷରେ ଆୟର୍ଲାଣ୍ଡ ୩ଟି ପେନାଲ୍ଟି କର୍ଣ୍ଣର ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲା। ୨ ମ୍ୟାଚରୁ ୬ ପଏଣ୍ଟ ପାଇ ଅଷ୍ଟ୍ରେଲିଆ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି।



କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଅଷ୍ଟ୍ରେଲିଆ-ଆୟର୍ଲାଣ୍ଡ ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚ। (ଫଟୋ: ବିକାଶ ନାୟକ)।



ପୁରୁଷ ହକି ପ୍ରୋ ଲିଗ୍‌ରେ ମଙ୍ଗଳବାର ସ୍ପେନ୍ ବିପକ୍ଷରେ ଗୋଲ ସ୍କୋର ପରେ ଉଲ୍ଲସିତ ନେଦରଲାଣ୍ଡ୍ସ ଖେଳାଳି।

## ଜାନସେନଙ୍କ ଡବଲରେ ନେଦରଲାଣ୍ଡ୍ସ ବିଜୟୀ

ଭୁବନେଶ୍ୱର, ୧୩।୨
(ତପନ ସ୍ୱାଇଁ)

ଜିପ୍ ଜାନସେନଙ୍କ ଡବଲ ଗୋଲ ବଳରେ ନେଦରଲାଣ୍ଡ୍ସ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚରେ ସ୍ପେନ୍‌କୁ ୩-୦ ଗୋଲରେ ପରାସ୍ତ କରିଛି। ଜାନସେନ ମ୍ୟାଚର ୧୫ ଓ ୫୧ତମ ମିନିଟରେ ପେନାଲ୍ଟି କର୍ଣ୍ଣରରୁ ୨ଟି ଗୋଲ ଦେଇଥିଲେ। ୨୬ତମ ମିନିଟରେ ଅନ୍ୟତମ ଗୋଲଟି ସ୍କୋର କରିଥିଲେ ଡୁକୋ ଟେଲଗେନକାମ୍ପ। ଫଳରେ ପୂର୍ବ ମ୍ୟାଚରେ ଭାରତଠାରୁ ଶୁଟ୍‌ଆଉଟରେ ହାରିଥିବା ନେଦରଲାଣ୍ଡ୍ସ ଏହି ବିଜୟ ଫଳରେ ସଫଳ ପ୍ରତ୍ୟାବର୍ତ୍ତନ କରିଛି। ମ୍ୟାଚଟି ଏକପାଖିଆ ହୋଇ ଯାଇଥିଲା। ଘଟଣାବହୁଳ ରହିଥିବା ମ୍ୟାଚରେ ନେଦରଲାଣ୍ଡ୍ସର ଡିମୋଲ ଜୋପ୍, କୁନ୍ ଜୋରିଟ ଓ ଜିପ୍ ଜାନସେନ ଗ୍ରୀନ୍ କାର୍ଡ ପାଇଥିଲେ। ସେହିପରି ସ୍ପେନ୍‌ର ଜୋସ ବାଷ୍ଟେରା ଗ୍ରୀନ୍ ଓ ଗେରାର୍ଡ କ୍ଲାପ୍ସଙ୍କୁ ୟେଲୋ କାର୍ଡ ମିଳିଥିଲା। ୭ ମ୍ୟାଚରୁ ୪ର୍ଥ ବିଜୟ ସହ ୧୫ ପଏଣ୍ଟ ପାଇ ନେଦରଲାଣ୍ଡ୍ସ ଟେବୁଲର ଶୀର୍ଷରେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ଅନ୍ୟପକ୍ଷରେ ସ୍ପେନ୍ ୩ ମ୍ୟାଚରୁ ତୃତୀୟ ପରାଜୟ ବରଣ କରିଛି।

## ସିକେ ନାଇଡୁ ଟ୍ରଫି: ଅନିଲଙ୍କ ଶତକରେ ଓଡ଼ିଶା ଆଗୁଆ



ଅନିଲ ପରିଡ଼ା

ଭୁବନେଶ୍ୱର, ୧୩।୨
(ସରୋଜ ଜେନା)

୨୩ ବର୍ଷରୁ କମ୍ କର୍ନେଲ ସିକେ ନାଇଡୁ ଟ୍ରଫିରେ ଆସାମ ବିପକ୍ଷରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିଛି ଓଡ଼ିଶା। ଆସାମ ପ୍ରଥମ ଇନିଂସରେ ୨୨୩ ରନ୍‌ରେ ସୀମିତ ରହିଥିବା ବେଳେ ଅଧିନାୟକ ଅନୀଲ ପରିଡା (୧୩୬ ରନ)ଙ୍କ ଶତକ ବଳରେ ଓଡ଼ିଶା ୩୭୩ ରନ୍ ସ୍କୋର କରିଥିଲା। ଜବାବରେ ତୃତୀୟ ଦିନର ଷ୍ଟମ୍ପସ୍ ସୁଦ୍ଧା ଆସାମ ୭ ଉଇକେଟରେ ୧୫୦ ରନ୍ ସ୍କୋର କରିଛି। ଅନୀଲ ପରିଡା ଚମତ୍କାର ବ୍ୟାଟିଂ କରି ନିଜ ଇନିଂସ ମଧ୍ୟରେ ୧୨ଟି ଚୌକା ମାରିଥିଲେ।

## ରଚନା କୁମାରୀ ୧୨ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୧୩।୨ (ପି.ଟି.):** ଭାରତୀୟ ହାମର ଥ୍ରୋୟର ରଚନା କୁମାରୀଙ୍କୁ ମଙ୍ଗଳବାର ୧୨ ବର୍ଷ ବାସନ୍ଦ କରିଛି ଆଥଲେଟିକ୍ସ ଇଣ୍ଟେଗ୍ରିଟି ୟୁନିଟ୍। ଏକାଧିକ ଥର ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରତିଯୋଗିତା ବାହାରେ ରଚନାଙ୍କ ନମୂନା ନିଆଯାଇଥିବା ବେଳେ ଏଥିରୁ ଏକାଧିକ ଷ୍ଟେରଏଡ ସମ୍ପର୍କରେ ସୂଚନା ମିଳିଥିଲା। ରଚନା ଷ୍ଟାନୋଜୋଲୋଲ, ମେଟାଣ୍ଡିଏନୋନ୍, ଡିହାଇଡ୍ରୋକ୍ଲୋରୋମିଥାଇଲଟେଷ୍ଟୋଷ୍ଟେରୋନ୍ ନାମକ ଡ୍ରଗ୍ସ ସେବନ କରୁଥିବା ଜଣା ପଡିଥିଲା। ୨୪ ନଭେମ୍ବର ୨୦୨୩ ଠାରୁ ରଚନାଙ୍କୁ ୧୨ ବର୍ଷ ପାଇଁ ବାସନ୍ଦ କରାଯାଇଛି। ଏହା ସହ ୨୪ ସେପ୍ଟେମ୍ବର ୨୦୨୩ ପରେ ସେ ଜିତିଥିବା ସମସ୍ତ ଟୁର୍ନାମେଣ୍ଟରୁ ତାଙ୍କୁ ଅଯୋଗ୍ୟ ଘୋଷିତ କରାଯାଇଛି। ଏହା କୁମାରୀଙ୍କ କ୍ୟାରିୟରର ଦ୍ୱିତୀୟ ଡୋପିଂ ମାମଲା। ପୂର୍ବରୁ ଧରାପଡି ସେ ୨୦୧୫ରୁ ୨୦୧୯ ବାସନ୍ଦ ହୋଇଥିଲେ।

## ମ୍ୟାଚ୍ ଅଧାରେ ଟଳିପଡ଼ିଲେ ଖେଳାଳି

**ଫୁଟ୍‌ବଲ ପଡ଼ିଆରେ ବଜ୍ରପାତ**

ଜାକର୍ତ୍ତା, ୧୩।୨ (ପି.ଟି.)

ଇଣ୍ଡୋନେସିଆରେ ଏକ ଫୁଟ୍‌ବଲ ମ୍ୟାଚ୍ ଚାଲିଥିବା ସମୟରେ ଘଟିଯାଇଛି ଅଘଟଣ। ମ୍ୟାଚ୍ ଅଧାରେ ବଜ୍ରପାତ କାରଣରୁ ଜଣେ ଖେଳାଳିଙ୍କ ପ୍ରାଣହାନି ଘଟିଛି। ଏହାର ଭିଡିଓଟି ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ମଧ୍ୟ ଲାଗିଛି। ଇଣ୍ଡୋନେସିଆର ବାନ୍ଦୁଙ୍ଗସ୍ଥିତ ସିଲିୱାଙ୍ଗି ଷ୍ଟାଡିୟମରେ ଏକ ମ୍ୟାଚ୍ ଖେଳା ଯାଉଥିଲା। ମ୍ୟାଚ୍‌ର ୩୫ ତମ ମିନିଟରେ ଏହି ଘଟଣା ଘଟିଥିଲା। ଖେଳାଳି ଜଣଙ୍କ ପଡିଆ ମଧ୍ୟରେ ଥିବାବେଳେ ଅଚାନକ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ସେ ସେଠାରେ ପଡି ଯାଇଥିବା ବେଳେ ତାଙ୍କୁ ଦଳୀୟ ଖେଳାଳିମାନେ ଡାକ୍ତରଖାନା ନେଇଥିଲେ। ସେଠାରେ ପହଞ୍ଚିବା ବେଳକୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଧାରଣତଃ ଏଭଳି ବଜ୍ରପାତ ଖାଲି ସ୍ଥାନରେ ହୋଇଥାଏ। ତେବେ ଷ୍ଟାଡିୟମ ପରି ଲୋକାରଣ୍ୟ ସ୍ଥାନରେ ବଜ୍ରପାତକୁ ନେଇ ପାଣିପାଗ ବିଶେଷଜ୍ଞ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।



ପଡ଼ିଆରେ ବଜ୍ରପାତ ସମୟର ଦୃଶ୍ୟ।

## ଭାରତୀୟ କୁସ୍ତି ମହାସଂଘ ଉପରୁ ନିଲମ୍ବନ ହଟିଲା

**ନୂଆଦିଲ୍ଲୀ, ୧୩।୨ (ପି.ଟି.):** ୟୁନାଇଟେଡ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁ ଡବ୍ଲ୍ୟୁ) ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ଉପରୁ ନିଲମ୍ବନ ଆଦେଶକୁ ହଟାଇ ଦେଇଛି। ତେବେ ଜାତୀୟ ମହାସଂଘକୁ କେତେକ ବିଷୟ ଉପରେ ଲିଖିତ ଗ୍ୟାରେଣ୍ଟି ଚାହିଁଛି। ବିଦାୟୀ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିବା ୩ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକଙ୍କ ପ୍ରତି କୌଣସି ବାଛବିଚାର ନ କରିବା ଲାଗି ଜାତୀୟ ମହାସଂଘଠାରୁ ଗ୍ୟାରେଣ୍ଟି ଚାହିଁଛି।

## ରାଜ୍ୟ ଜୁ-ଜିତ୍ସୁ ଦଳର ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୩।୨
(ବିଜୟ ରଣା)

ଚଳିତ ମାସ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଡେରାଡୁନ୍‌ଠାରେ ଜାତୀୟ ଜୁ ଜିତ୍ସୁ ପ୍ରତିଯୋଗିତା ହେବ। ଏଥିରେ ଭାଗନେବା ପାଇଁ ୨୯ଜଣିଆ ଓଡ଼ିଶା ଦଳ ମନୋନୀତ କରାଯାଇଛି। ଏହି ଖେଳାଳିମାନଙ୍କୁ ନେଇ ରାଜ୍ୟ ଜୁ-ଜିତ୍ସୁ ସଂଘ ତରଫରୁ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ମୁଖ୍ୟ କୋଚ୍ ଅଶ୍ୱିନ ହୁନ୍ ଓ ସହକାରୀ କୋଚ୍ ସନ୍ ଲୟାଲ ଏହାର ପରିଚାଳନା କରୁଛନ୍ତି। ଗତ ଜାତୀୟ ଜୁ-ଜିତ୍ସୁରେ ଓଡ଼ିଶା ୪ ସ୍ୱର୍ଣ୍ଣ ସମେତ ମୋଟ ୮ ପଦକ ହାସଲ କରିଥିଲା। ଏଥର ଯେପରି ଅଧିକ ପଦକ ହାସଲ କରାଯାଇପାରିବ ତାହାକୁ ଲକ୍ଷ୍ୟ ରଖି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଛି। ଏସୀୟ ଜୁ-ଜିତ୍ସୁ ଏବଂ ଏସିଆନ ଗେମ୍ସ ଖେଳାଳି ଅନୁପମା ମଧ୍ୟ ଏହି ଶିବିରରେ ଯୋଗ ଦେଇଛନ୍ତି।




ଜୁ-ଜିତ୍ସୁ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

## ପରଲୋକରେ ବୟୋଜ୍ୟେଷ୍ଠ ଭାରତୀୟ କ୍ରିକେଟର



ଦତ୍ତାଜୀ ରାଓ ଗାଏକ୍ୱାଡ

ନୂଆଦିଲ୍ଲୀ, ୧୩।୨ (ପି.ଟି.)

ଭାରତୀୟ କ୍ରିକେଟର ସବୁଠାରୁ ବୟସ୍କ ଖେଳାଳି ଦତ୍ତାଜୀ ରାଓ ଗାଏକ୍ୱାଡଙ୍କ ମଙ୍ଗଳବାର ପରଲୋକ ଘଟିଛି। ଅନ୍ୟତମ କିମ୍ବଦନ୍ତୀ ଖେଳାଳି ବିଜୟ ହଜାରେଙ୍କ ସହ କଭର ଡ୍ରାଇଭ୍ ମ୍ୟାଚ୍ କରୁଥିବା ଦତ୍ତାଜୀ ଭାରତ ପାଇଁ ୧୧ ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ମଙ୍ଗଳବାର ୯୫ ବର୍ଷ ବୟସରେ ବରୋଦାସ୍ଥିତ ବାସଭବନରେ ଦତ୍ତାଜୀଙ୍କ ପରଲୋକ ହୋଇଛି। ଦତ୍ତାଜୀଙ୍କ ପୁଅ ଅଂଶୁମାନ ଗାଏକ୍ୱାଡ ୭୦ ଦଶକରେ ଭାରତ ପାଇଁ ୪୦ ଟେଷ୍ଟ ମ୍ୟାଚ୍ ଓ ୧୫ ଦିନିକିଆ ମ୍ୟାଚ ଖେଳିଛନ୍ତି। ୫୦ ଦଶକରେ ବମ୍ବେର ଘରୋଇ ଦଳଗୁଡିକ ପାଇଁ ସେ ଥିଲେ ଅତ୍ୟନ୍ତ ବିପଜ୍ଜନକ ଖେଳାଳି। ବରୋଦା ଦଳରେ ଦତ୍ତାଜୀ ଓ ବିଜୟ ହଜାରେଙ୍କ ଉପସ୍ଥିତି ଦଳକୁ ଅତ୍ୟନ୍ତ ଶକ୍ତିଶାଳୀ କରିଥିଲା। ତେବେ ବିଜୟ ହଜାରେଙ୍କ ଉପସ୍ଥିତି କାରଣରୁ ଦତ୍ତାଜୀଙ୍କୁ ଉପଯୁକ୍ତ ସମ୍ମାନ ମିଳି ନ ଥିଲା। ୧୯୫୨ରୁ ୧୯୬୧ ମଧ୍ୟରେ ସେ ଭାରତ ପାଇଁ ୧୧ଟି ଟେଷ୍ଟ ଖେଳିଥିଲେ। ଟେଷ୍ଟରେ ତାଙ୍କର ଆଭରେଜ ୨୦ ରହିଥିଲା। ଇଂଲଣ୍ଡ ବିପକ୍ଷରେ କ୍ୟାରିୟର ଆରମ୍ଭ କରିଥିବା ବେଳେ ପାକିସ୍ତାନ ବିପକ୍ଷରେ ଖେଳିଥିଲେ ଅନ୍ତିମ ମ୍ୟାଚ୍। ଘରୋଇ କ୍ରିକେଟରେ ଜଣେ ଚମତ୍କାର ପ୍ରତିଭା ରହିଥିବା ଦତ୍ତାଜୀଙ୍କ ଅନ୍ତର୍ଜାତୀୟ କ୍ୟାରିୟର କିନ୍ତୁ ଠିକ୍ ଟ୍ରାକରେ ଆଗେଇ ପାରି ନ ଥିଲା। ଘରୋଇ କ୍ରିକେଟରେ ୧୪ ଶତକ ଓ ୪୭.୫୬ର ଆଭରେଜ ସହ ସେ ୩୧୩୯ ରନ୍ କରିଥିଲେ। ୧୯୫୯-୬୦ ସିଜନରେ ମହାରାଷ୍ଟ୍ର ବିପକ୍ଷରେ କ୍ୟାରିୟର ଶ୍ରେଷ୍ଠ ୨୪୯ ରନ୍ ସ୍କୋର କରିଥିଲେ।

ତେବେ ଭାରତୀୟ ଦଳରେ ଦତ୍ତାଜୀଙ୍କ ଚୟନକୁ ନେଇ ସେ ସମୟରେ ଅନେକ ବିବାଦ ଉଠିଥିଲା। ଭାରତୀୟ ଦଳର ମ୍ୟାନେଜର ଫତେସିଂହ ଗାଏକ୍ୱାଡଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ପାଇଁ ତାଙ୍କୁ ଭାରତୀୟ ଦଳରେ ଚୟନ କରାଯାଇଥିବା ନେଇ ଅଭିଯୋଗ ହୋଇଥାଏ। ତେବେ ଇଂଲଣ୍ଡ ସିରିଜ୍‌ରେ ତାଙ୍କ ବ୍ୟାଟିଂକୁ ଚମତ୍କାର ଭାବେ ବର୍ଣ୍ଣନା କରିଥିଲେ କ୍ରିଷ୍ଟୋଫର ମାର୍ଟିନ୍ ଜେଙ୍କିନ୍ସ। ଖାସ୍ କରି ସେ ଦତ୍ତାଜୀଙ୍କ କଭର ଡ୍ରାଇଭକୁ ପ୍ରଶଂସା କରିଥିଲେ।

## କିଟ୍ ଓଭରଅଲ୍ ଚାମ୍ପିୟନ, ଉତ୍କଳ ରନରଅପ୍

**ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା**

ଭୁବନେଶ୍ୱର, ୧୩।୨ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପଡ଼ିଆରେ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଭଲିବଲ, ଖୋ ଖୋ, ବାସ୍କେଟବଲ, କବାଡ଼ି, ହକି, କ୍ରିକେଟ, ଫୁଟବଲ ଆଦି ଆଉଟ୍‌ଡୋର ଗେମ୍ ଏବଂ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ, ଚେସ୍, କ୍ୟାରମ ଏବଂ ୱାର୍ଲ୍ଡ ଗେମ୍ସ ଆଦି ଇନ୍‌ଡୋର ଗେମ୍ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ମୋଟ ୩୭ଟି (ସରକାରୀ ଏବଂ ଘରୋଇ) ବିଶ୍ୱବିଦ୍ୟାଳୟ ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ ୮ଟି କ୍ରୀଡ଼ାରେ ଚାମ୍ପିୟନ ଓ ୫ଟିରେ ରନରଅପ୍ ହୋଇଛି। ଫଳରେ ଏହି ବିଶ୍ୱବିଦ୍ୟାଳୟ ଓଭରଅଲ୍ ଚାମ୍ପିୟନ ହୋଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ୭ଟି ଲେଖାଏ ଇଭେଣ୍ଟରେ ଚାମ୍ପିୟନ ଓ ରନରଅପ୍ ହେବାର ସୌଭାଗ୍ୟ ପାଇଛି।

### ବିଭିନ୍ନ ଇଭେଣ୍ଟରେ ଚାମ୍ପିୟନ ଓ ରନରଅପ୍ ହୋଇଥିବା ଖେଳାଳି/ଦଳ

**ଚେସ୍ (ପୁରୁଷ):** ୧-ଫକୀର ମାଝି (କିଟ୍), ୨-ତୁଷାରକାନ୍ତ ସାହୁ (ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ)। **ମହିଳା:** ପ୍ରତ୍ୟୁଷା ପ୍ରିୟଦର୍ଶିନୀ (କିଟ୍), ଦୀପ୍ତିମୟୀ ସାହୁ (ଉତ୍କଳ)।
**ବ୍ୟାଡ୍‌ମିଣ୍ଟନ (ପୁରୁଷ ସିଙ୍ଗଲ୍ସ):** ଦେବଦତ୍ତ ବନୁଆ(ମା' ମାଣିକେଶ୍ୱରୀ), ଅରଭ ଦାସ (କିଟ୍)।
**ପୁରୁଷ ଡବଲ୍ସ:** ସରୋଜ ଭୋଇ-ରାମ ଶଙ୍କର ମଲିକ (ସମ୍ବଲପୁର), ଅନୁଭବ ସାହୁ-ଧବଳେଶ୍ୱର ମେହେର(ରେଭେନ୍ସା)। ମହିଳା ସିଙ୍ଗଲ୍ସ: ଶ୍ରୁତି ସ୍ୱାଇଁ(କିଟ୍), ମନଶା ମିଶ୍ର (ଉତ୍କଳ)। ମହିଳା ଡବଲ୍ସ: ଅନୁଜା ଦାସ ମହାପାତ୍ର-ହର୍ଷିତ ରାଉତ (କିଟ୍), ଲୋପାମୁଦ୍ରା ଦଳେଇ-ରେଜିଆ ସୁଲତାନ (ଉତ୍କଳ)।
**ଟେବୁଲ ଟେନିସ(ପୁରୁଷ ସିଙ୍ଗଲ୍ସ):** ସହିଲ ସୁମନ ଭୂୟାଁ (ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ), ଅଙ୍କୁର ବିଶ୍ୱାଳ(ସିଭି ରମଣ ବିଶ୍ୱବିଦ୍ୟାଳୟ)। **ମହିଳା ସିଙ୍ଗଲ୍ସ:** ସୁଶ୍ରୀ ପଟ୍ଟନାୟକ (ଉତ୍କଳ), ସ୍ୱୀକୃତି ଭଗତ (ରମାଦେବୀ ବିଶ୍ୱବିଦ୍ୟାଳୟ)।
**କ୍ୟାରମ(ପୁରୁଷ):** ସୌମ୍ୟ ରଞ୍ଜନ ତ୍ରିପାଠୀ(ମା' ମାଣିକେଶ୍ୱରୀ), ଅମିୟ ପ୍ରସାଦ ବାରିକ(ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର)। **ମହିଳା:** ଲୋପିତା ମହାନନ୍ଦ(ମା' ମାଣିକେଶ୍ୱରୀ), ଶୁଭଲକ୍ଷ୍ମୀ ସାହୁ (ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ)।
**ୱାର୍ଡ ଗେମ୍ (ପୁରୁଷ):** ଅରବିନ ରଥ (ରେଭେନ୍ସା), ଶାଶ୍ୱତ ଶେଖର ବରାଳ (ମଧୁସୂଦନ ଲ' ବିଶ୍ୱବିଦ୍ୟାଳୟ)। **ମହିଳା:** ଇତିଶ୍ରୀ ସାହୁ (ରେଭେନ୍ସା), ସୁପ୍ରିୟା ମଲିକ (ଡ୍ରିମ୍ସ)।
**ଖୋ ଖୋ (ପୁରୁଷ):** ୧-କିଟ୍, ୨-ରେଭେନ୍ସା।
**ମହିଳା:** ୧-ଉତ୍କଳ, ୨-ଧରଣୀଧର।
**ଭଲିବଲ (ପୁରୁଷ):** ୧-କିଟ୍, ୨-ଉତ୍କଳ। **ମହିଳା:** ୧-କିଟ୍, ୨-ଉତ୍କଳ।
**ହକି (ପୁରୁଷ):** ୧-ଉତ୍କଳ, ୨-ସମ୍ବଲପୁର ବିଶ୍ୱବିଦ୍ୟାଳୟ। **ମହିଳା:** ୧-ସମ୍ବଲପୁର, ୨-କିଟ୍।
**ବାସ୍କେଟବଲ (ପୁରୁଷ):** ୧-ଉତ୍କଳ, ୨-କିଟ୍।
**ମହିଳା:** ୧-ଉତ୍କଳ, ୨-କିଟ୍।
**କ୍ରିକେଟ (ପୁରୁଷ):** ୧-ଉତ୍କଳ, ୨-ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର। **ମହିଳା:** ୧-କିଟ୍, ୨-ଉତ୍କଳ।
**କବାଡ଼ି(ପୁରୁଷ):** ୧-ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ, ୨-ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
**ମହିଳା:** ବ୍ରହ୍ମପୁର, ୨-କିଟ୍।
**ଫୁଟ୍‌ବଲ(ପୁରୁଷ):** ୧-ସମ୍ବଲପୁର, ୨-ଉତ୍କଳ।
**ମହିଳା:** ୧-ଉତ୍କଳ, ୨-ସମ୍ବଲପୁର।



ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରି ହକିରେ ଚାମ୍ପିୟନ ହୋଇଥିବା ଟିମ୍ ନିଶ୍ୱାସ।




ମହିଳା ଓ ପୁରୁଷ ବିଭାଗରେ ଚାମ୍ପିୟନ କିଟ୍ ବିଶ୍ୱବିଦ୍ୟାଳୟ ଭଲିବଲ ଦଳ।





# 'ମଧୁର ବିନୟ ବଚନ, କହି ତୋଷିବ ପ୍ରାଣୀମନ'

■ ଯଶସ୍ୱିନୀ ପଟ୍ଟନାୟକ

ଆଜି ସରସ୍ୱତୀ ପୂଜା। ପିଲାମାନେ ମୁଁ ଜାଣିଛି ଏହି ପୂଜାକୁ ତୁମେମାନେ ଆଗ୍ରହ, ଭକ୍ତି ସହକାରେ ପାଳନ କରିଥାଅ, ମୁଁ ମଧ୍ୟ ତୁମପରି ବିଦ୍ୟାଳୟରେ ପଢୁଥିବାବେଳେ ଅନେକ ଖୁସି ଆଗ୍ରହର ସହ ପାଳନ କରୁଥିଲି। ସରସ୍ୱତୀ ପୂଜା ଆସିବ....ମାନେ ଢେର ଦିନ ପୂର୍ବରୁ ଆମେ ସବୁ ବଡ଼ ଖୁସିର ସହ ଅପେକ୍ଷା କରି ରହୁଥିଲୁ। ବିଦ୍ୟାଳୟ ଯିବୁ, ମା'ଙ୍କୁ ଆରାଧନା କରିବୁ, ଘରେ ନୂଆ ଡ୍ରେସ ହୋଇଥିବ, ବାରି ଓ ପଡ଼ିଶାଘରୁ ବଡ଼ି ଭୋରୁ ଫୁଲ ସବୁ ସଂଗ୍ରହ କରିଥିବୁ ଆଉ ଘର ତିଆରି ରାଶିଲଡୁ ବାରିର ଶ୍ରୀଫଳ ମାନେ ନଡ଼ିଆ ଏହି ସବୁ ଧରି ପାଠପଢ଼ା ବହି, ଖଡ଼ି ଆଉ ଝରାକଲମ ସହ ବିଦ୍ୟାଳୟମୁହାଁ ହୋଇଥାଉ। ମା'ସରସ୍ୱତୀଙ୍କ ଅନ୍ୟ ନାମ ବାଗ୍‌ଦେବୀ। ଧ୍ୱନି, ଶବ୍ଦ ବା ବାକ୍ୟ କହିବାର ମହାନ୍ ଶକ୍ତିଟି ଆମ ପାଖରେ ଯାହା ରହିଛି ତା'ର ନିୟନ୍ତା ହେଉଛନ୍ତି ଏହି ଶୁକ୍ଳବର୍ଣ୍ଣ ବସ୍ତ୍ର ପରିହିତା, ବୀଣାପୁସ୍ତକ ଧାରିଣୀ ମା'ସରସ୍ୱତୀ।

ମାଘ ଶୁକ୍ଳ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ଦିନ ମାତା ସରସ୍ୱତୀଙ୍କ ପୂଜା କରାଯାଇଥାଏ। ଜ୍ଞାନ ଏବଂ ବାଣୀର ଦେବୀ ମାତା ସରସ୍ୱତୀ ଏହି ଦିନ ପ୍ରକଟ ହୋଇଥିବା ବେଦ ଓ ପୁରାଣରେ ବର୍ଣ୍ଣିତ। ସେଥିପାଇଁ ଏହି ଦିନକୁ ସରସ୍ୱତୀ ଜନ୍ମୋତ୍ସବ ଭାବେ ପାଳନ କରାଯାଇଥାଏ। ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ସୃଷ୍ଟି ନିର୍ମାଣ ପରେ ଦେଖିଲେ ଯେ ତାଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ସୃଷ୍ଟି ମୃତପ୍ରାୟ ଶାନ୍ତ ରହିଛି। ସୃଷ୍ଟିରେ କୌଣସି ସ୍ୱର କିମ୍ବା ବାଣୀ ନାହିଁ। ଉଦାସ ସୃଷ୍ଟିକୁ ଦେଖି ବ୍ରହ୍ମଦେବ ନିରାଶ ଏବଂ ଦୁଃଖୀ ହୋଇପଡ଼ିଲେ। ବ୍ରହ୍ମାଦେବ ପାଳନକର୍ତ୍ତା ଭଗବାନ ବିଷ୍ଣୁଙ୍କ ନିକଟକୁ ଗଲେ ଏବଂ ନିଜ ଉଦାସୀନ ସୃଷ୍ଟି ବିଷୟରେ କହିଲେ। ବ୍ରହ୍ମଦେବଙ୍କ କଥା ଶୁଣିବା ପରେ ଭଗବାନ ବିଷ୍ଣୁ ତାଙ୍କୁ ମାତା ସରସ୍ୱତୀଙ୍କ ଆହ୍ୱାନ କରିବାକୁ କହିଲେ। କେବଳ ମାତା ସରସ୍ୱତୀ ହିଁ ଏହି ସମସ୍ୟାର ସମାଧାନ କରିପାରିବେ ବୋଲି ଭଗବାନ ବିଷ୍ଣୁ କହିଲେ। ଭଗବାନ ବିଷ୍ଣୁଙ୍କ କଥନ ଅନୁଯାୟୀ ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଆହ୍ୱାନ କଲେ। ଦେବୀ ହାତରେ ବୀଣା ନେଇ ପ୍ରକଟ ହେଲେ। ବୀଣାରେ ସୃଷ୍ଟିର ସ୍ୱର ଭରିବା ଲାଗି ବ୍ରହ୍ମଦେବ ଦେବୀ ସରସ୍ୱତୀଙ୍କୁ ଅନୁରୋଧ କଲେ। ଦେବୀ ସରସ୍ୱତୀ ବୀଣାର ତାରକୁ ଛୁଇଁବା କ୍ଷଣି ସେଥିରୁ 'ସା' ଶବ୍ଦ ଉତ୍ପନ୍ନ ହେଲା। ଏଥିରୁ ସଂଗୀତର ପ୍ରଥମ ସ୍ୱର ଜନ୍ମ ନେଲା। ସା' ସ୍ୱରର କମ୍ପନ ସହିତ ବ୍ରହ୍ମାଙ୍କ ମୂକ ସୃଷ୍ଟିରେ ଧ୍ୱନି ସଂଚରିତ ହେଲା। ବାୟୁ, ସାଗର, ପଶୁପକ୍ଷୀ ଏବଂ ଅନ୍ୟ ଜୀବଙ୍କୁ ବାଣୀ ମିଳିଗଲା। ନଦୀରେ କୁଳୁ କୁଳୁ ସ୍ୱର ଭରିଗଲା। ଏହା ଦେଖି ବ୍ରହ୍ମଦେବ ଅତ୍ୟନ୍ତ ପ୍ରସନ୍ନ ହେଲେ। ସେ ସରସ୍ୱତୀଙ୍କୁ ବାଣୀର ଦେବୀ ନାମରେ ସମ୍ବୋଧିତ କରିବା ସହ ବାଗେଶ୍ୱରୀ ନାମ ଦେଲେ। ହାତରେ ବୀଣା ଥିବା କାରଣରୁ ସେ ବୀଣାପାଣି ନାମରେ ଖ୍ୟାତ ହେଲେ।

ମା'ସରସ୍ୱତୀ ହେଉଛନ୍ତି ବିଦ୍ୟା, ବୁଦ୍ଧି, ଜ୍ଞାନ ଓ ବାଣୀର ଅଧିଷ୍ଠାତ୍ରୀ ଦେବୀ। ଭଗବତୀ ସରସ୍ୱତୀ ସଦ୍‌ଗୁଣସମ୍ପନ୍ନ। ପୁରାଣ ଅନୁସାରେ, ବ୍ରହ୍ମାସ୍ୱରୂପା, କାମଧେନୁ ତଥା ସମସ୍ତ ଦେବଙ୍କର ପ୍ରତିନିଧିତ୍ୱ କରିଥାନ୍ତି ବାଗ୍‌ଦେବୀ। ସେ ହେଉଛନ୍ତି ବିଦ୍ୟା, ବୁଦ୍ଧି ଓ ସରସ୍ୱତୀ। ମାଘମାସ ଶୁକ୍ଳପକ୍ଷ ବସନ୍ତ ପଞ୍ଚମୀ ତିଥିରେ ମା'ସରସ୍ୱତୀଙ୍କ ଅବତରଣ ହୋଇଥିଲା। ଏହି ତିଥିକୁ ବାଗୀଶ୍ୱରୀ ଜୟନ୍ତୀ ବା ଶ୍ରୀପଞ୍ଚମୀ ବୋଲି ମଧ୍ୟ କୁହାଯାଏ। ଏହି ଦିନ ବିଶେଷ ପୂଜାର୍ଚ୍ଚନା ତଥା ବ୍ରତୋତ୍ସବ ଦ୍ୱାରା ମା'ସରସ୍ୱତୀଙ୍କ ସାନ୍ନିଧ୍ୟ ଲାଭ କରିହୁଏ। ତେବେ ଏହି ପୂଜା କରିବାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶୁକ୍ଳ ଚତୁର୍ଥୀରୁ ବାଗୁପାସକ ସଂଯମ ଓ ନିୟମର ପାଳନ କରିବା ଉଚିତ। ଏହାପରେ ମାଘ ଶୁକ୍ଳ ପଞ୍ଚମୀର ପ୍ରାତଃକାଳରେ ବାଗ୍‌ଦେବୀଙ୍କୁ ଆହ୍ୱାନ କରାଯାଏ। ସରସ୍ୱତୀ ଦେବୀଙ୍କ ଏହି ବାର୍ଷିକ ପୂଜାରେ ଛୋଟ ପିଲାଙ୍କ ଅକ୍ଷର ଆରମ୍ଭ ଓ ବିଦ୍ୟାରମ୍ଭ କରାଯାଏ। ସେ ଆମ କଣ୍ଠଦେଶରେ ବିରାଜମାନ କରି ଆମକୁ ବାଣୀ ବା ବାକ୍ୟ କହିବାର ଶକ୍ତି ପ୍ରଦାନ କରିଥାନ୍ତି। ଏଣୁ ମା'ଙ୍କର ଆରାଧନା କଲାବେଳେ ତୁମପରି ପିଲାମାନେ ଗାଇ ଉଠ ସରସ୍ୱତୀ ମା'କଣ୍ଠରେ ଥା, ବିଦ୍ୟା ନ ଆସିଲେ କହି ଦେଉଥା। ସବୁ ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ପ୍ରାଣୀ ମନୁଷ୍ୟ ହିଁ କଥା କହିବାର କ୍ଷମତା ହାସଲ କରିଛି। ଯଦିଓ କିଛି ଜୀବଜନ୍ତୁ ଅଛନ୍ତି କଥା କହିବା ଭଳି ଧ୍ୱନି ସୃଷ୍ଟି କରିପାରନ୍ତି, ତେବେ ମଣିଷ ପରି କେହି ଏଥିରେ ଧୁରନ୍ଧର ହୋଇପାରନ୍ତି ନାହିଁ। ସୁତରାଂ ବାଗ୍‌ଦେବୀଙ୍କର ତାଙ୍କ ସେହି ଶ୍ରେଷ୍ଠ ସନ୍ତାନ ପ୍ରତି ଅସୀମ କରୁଣା ରହିଛି କହିଲେ ଭୁଲ୍ ହେବନାହିଁ। ତେବେ ଏହି କରୁଣାର ଉପଯୋଗ ଆମେ କିପରି ଭାବେ କରୁଛେ? ଆଜିକାର ସମୟରେ ଏହା ଚିନ୍ତା କରିବା ନିହାତି ଜରୁରୀ। ପଦିଏ ମଧୁର କଥା ଅନ୍ୟର କ୍ଳେଶ ହରଣ କରିଦେଉଥିବାବେଳେ ସେହି ପଦିଏ କଥା ଅନ୍ୟ ମନକୁ ବିଷାଦମୟ ତଥା ବିଷାକ୍ତମୟ କରିପାରେ। ଏହି କଥାରୁ ହିଁ ସୃଷ୍ଟି ହେଉଛି ଯାବତୀୟ କଳିତକରାଳ। ଏଣୁ ସନ୍ଥମାନେ କହିଯାଇଛନ୍ତି ବିନୟ ମଧୁର ବଚନ, କହି ତୋଷିବ ପ୍ରାଣୀମନ। ତେବେ ମଧୁର କଥା ସତ୍ୟ ଉପରେ ଆଧାରିତ ହୋଇଥିଲେ ତାହା ପ୍ରଭାବଶାଳୀ ହୋଇଥାଏ।

**-ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ**































# ୭ ଗିରଫ, ୬୪,୪୫, ୪୦୦ ଟଙ୍କା ଜବତ

**ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭ୍ୟାନ୍‌ରୁ ଡକାୟତି ମାମଲା**

■ ଛୁରି, ପିସ୍ତଲ ଦେଖାଇ ନେଇଯାଇଥିଲେ ୧ କୋଟି ୬୭ ଲକ୍ଷ ଟଙ୍କା

■ ତଦନ୍ତ ଜାରି, ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ଖୋଜୁଛି ପୋଲିସ

**କଟକ,୧୩।୨(କାର୍ତ୍ତିକ ସାହୁ)**

ଟିଗିରିଆଠାରେ ଘଟିଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭ୍ୟାନ୍‌ରୁ ଡକାୟତି ମାମଲାରେ କଟକ ଗ୍ରାମାଞ୍ଚଳ ପୋଲିସ ୭ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟିଗିରିଆ ଥାନା ପଙ୍କଳ ଗ୍ରାମର କଲିମ ଖାନ୍ ଓରଫ ଜଗୁ ଓରଫ ଶୁକୁଟା (୨୯), ରୋହନ୍ ଖାନ ଓରଫ ଡକ୍ଟର ଓରଫ ବାୟା (୨୮), ସାହିଦ୍ ଖାନ୍ (୨୦), ଆଜିମୁଦ୍ଦିନ ଖାନ ଓରଫ ସୁରଜ ଓରଫ ଡନ୍, ପଣସପଡ଼ିଆର ସେକ୍ ସଲିଲ ଓରଫ ଅମଣ (୨୩), ମହମ୍ମଦ ନସରୁଲ୍ଲା ଓରଫ ପୁପୁନ୍ (୩୩) ଏବଂ ନୂଆପାଟଣା ଗହମରସାହିର ଦୀପୁରଞ୍ଜନ ସେଠୀ ଓରଫ ଛୋଟା (୩୦)। ଏମାନଙ୍କଠାରୁ ନଗଦ ୬୪,୪୫,୪୦୦ ଟଙ୍କା, ୬ଟି ମୋବାଇଲ୍ ଫୋନ୍, ୩ଟି ଛୁରି ଏବଂ ଗୋଟିଏ ଖେଳଣା ପିସ୍ତଲ ଜବତ କରାଯାଇଛି ବୋଲି କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ କଟକ ଗ୍ରାମାଞ୍ଚଳ ଏସ୍‌ପି ମିହିର କୁମାର ପଣ୍ଡା ସୂଚନା ଦେଉଛନ୍ତି।

ସୂଚନା ଅନୁସାରେ, ୨୦୨୩ ନଭେମ୍ବର ୧୦ରେ ସିକ୍ୟୋର ଭାଲ୍ୟୁ କେସ୍ ମ୍ୟାନେଜମେଣ୍ଟ କମ୍ପାନୀର କର୍ମଚାରୀମାନେ ନଗଦ ୧ କୋଟି ୬୭ ଲକ୍ଷ ଟଙ୍କା ଏକ ଭ୍ୟାନ୍ (ନଂ. ଓଡି-୦୨-ଏକ୍ସ-୬୭୪୬)ରେ ନେଇ ଟିଗିରିଆରୁ କଟକ ଆସୁଥିଲେ। ଏ ସମସ୍ତ ଟଙ୍କା ଟିଗିରିଆ ଅଞ୍ଚଳର ବିଭିନ୍ନ ଷ୍ଟେଟବ୍ୟାଙ୍କ ଏଟିଏମ୍‌କୁ ଅଣାଯାଉଥିଲା। କର୍ମଚାରୀମାନେ ଟଙ୍କା ନେଇ ଆସୁଥିବା ବେଳେ ନୂଆ ସଡ଼କ-କଳାରଗଡ଼ା ରୋଡ୍‌ର ପୁରୁଣା ରାଇସ୍ ମିଲ୍ ନିକଟରେ ଅପରାହ୍ନ ପ୍ରାୟ ୨ଟାରେ ଏକ ଡକାୟତ ଦଳ ଭ୍ୟାନ୍‌କୁ ଅଟକାଇଥିଲେ। ସେମାନେ କର୍ମଚାରୀମାନଙ୍କୁ ପିସ୍ତଲ ଓ ଛୁରି ଦେଖାଇ ଭୟଭୀତ କରି ସବୁ ଟଙ୍କା ଲୁଟିନେଇଥିଲେ। ତତ୍ପରେ ସେମାନେ ଘଟଣାସ୍ଥଳରୁ ଏକ ସ୍କର୍ପିଓ ଏବଂ ୨ଟି ମୋଟରସାଇକେଲରେ ଖସି ପଳାଇଥିଲେ। ଏନେଇ ଅଭିଯୋଗ ପରେ ଟିଗିରିଆ ଥାନାରେ ଏକ କେସ୍ (ନଂ. ୨୨୬/୨୦୨୩) ରୁଜୁ ହୋଇଥିଲା। ଡିଏସ୍‌ପି ଅଶ୍ୱିନୀ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ମାମଲାର ତଦନ୍ତ କରାଯାଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି କଟକ ଗ୍ରାମାଞ୍ଚଳ ଏସ୍‌ପି ନିଜେ ତଦନ୍ତକୁ ତଦାରଖ କରିଥିଲେ। ଏଥିସହ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ କ୍ରମାଗତ ଭାବେ ମାମଲାର ତଦନ୍ତକୁ ତଦାରଖ କରୁଥିଲେ। ଏହି ତଦନ୍ତ ଏବେ ବି ଚାଲୁ ରହିଛି। ଏହି ଲୁଟ୍ ଘଟଣାରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରିସରଭୁକ୍ତ ରହିଛି। ଆଗାମୀ ଦିନରେ ଅଭିଯୁକ୍ତମାନଙ୍କ ଗିରଫଦାରି ଆହୁରି ବଢ଼ିବ ବୋଲି ଏସ୍‌ପି ପଣ୍ଡା ସୂଚନା ଦେଇଛନ୍ତି।




# ଶ୍ୱଶୁରଙ୍କୁ ମୁଖାଗ୍ନି ଦେଲେ ବୋହୂ

**ପାରଳାଖେମୁଣ୍ଡି(ଗିରିଧାରୀ ପରିଛା):** ଜୀବନର ଶେଷ ସମୟରେ ସବୁ ମା' ବାପାଙ୍କର ଇଚ୍ଛାଥାଏ ପୁଅ ତାଙ୍କ ମୁହଁରେ ଟିକେ ପାଣି ଦେବ। ତାଙ୍କର ଶେଷକୃତ୍ୟ କରିବ। ହେଲେ ବାପାଙ୍କ ଏହି ଶେଷଇଚ୍ଛା ପୂରଣ କରିବାକୁ ପୁଅ ରୋକଠୋକ ମନା କରିଦେବା ପରେ ବୋହୂ ଏହି ଦାୟିତ୍ୱକୁ ପୂରଣ କରି ସମାଜରେ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ଏଭଳି ଘଟଣା ଗଜପତି ଜିଲା କାଶୀନଗର ବିଜ୍ଞାପିତ ଅଞ୍ଚଳରେ ଦେଖିବାକୁ ମିଳିଛି। କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୨ନମ୍ବର ୱାର୍ଡର ଆଖାଡ଼ାପନ୍ଦରା ସାହିର ଜଣାଶୁଣା ବ୍ୟବସାୟୀ ନିରଞ୍ଜନ ବେହେରାଙ୍କ ସୋମବାର ମୃତ୍ୟୁ ଘଟିଥିଲା। ତାଙ୍କର ତିନି ଝିଅ ଓ ଜଣେ ପୁଅ। ଝିଅମାନେ ବାହା ହୋଇ ଶାଶୁଘରକୁ ଚାଲିଯାଇଛନ୍ତି। ପୁଅ ବାହା ହୋଇଥିଲେ ମଧ୍ୟ ପରିବାର ଛାଡ଼ି ହାଇଦ୍ରାବାଦରେ ରହୁଛନ୍ତି। ନିରଞ୍ଜନଙ୍କ ମୃତ୍ୟୁ ପରେ ପୁଅଙ୍କୁ ଏହି ଖବର ଦିଆଯାଇଥିଲା। ବାପାଙ୍କ ଶେଷକୃତ୍ୟ କରିବାକୁ ତାଙ୍କୁ ଡକାଯାଇଥିଲା। ହେଲେ ସେ ଆସିବାକୁ ରୋକଠୋକ ମନା କରିଦେଇଥିଲେ। ଏଭଳି ଦୁଃସମୟରେ ବୋହୂ ଜୟନ୍ତୀ ଶ୍ୱଶୁରଙ୍କ ଶେଷକୃତ୍ୟ କରିବାକୁ ବାହାରି ଆସିଥିଲେ। ଶ୍ମଶାନ ଯାଇ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇ ଶ୍ୱଶୁରଙ୍କୁ ମୁଖାଗ୍ନି ଦେଇଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRE
REQUIRED ACCOUNTANT FOR MEDICINE FIRM
Eligibility: B.Com. having experience of at least 5 years with Tally & Statutory - ESI, TDS, PF and GST.
Location: Tangibanta, Bhubaneswar
Contact No.:
9777169160, 7978388286

REQUIRED
Sales Staff for a Tiles Showroom +2 / Graduate
Contact: 8340420307
EURO MARBLE & TILES

APPOINTMENT
Required Manager-cum-Receptionsit, Male/ Female for Herbal health Spa, At: Bhubaneswar, Odisha. Accommodation & Food available.
Contact: 9937367710

ଆବଶ୍ୟକ
ଏକ କମ୍ପାନୀରେ କାମ କରିବା ପାଇଁ ସିକ୍ୟୁରିଟି ଗାର୍ଡ ଆବଶ୍ୟକ। **ବୟସ:** ୨୦-୪୦ ବର୍ଷ, **ଯୋଗ୍ୟତା:** ଦଶମ, **ଦରମା:** ୧୨,୦୦୦/- ପ୍ରତିମାସ, ରହିବା ଖାଇବା ମାଗଣା।
**ସ୍ଥାନ:** ବିଜୟୱାଡା, ଆନ୍ଧ୍ରପ୍ରଦେଶ।
ମୋବାଇଲ ନଂ. 8801497437

WANTED
Urgently required Experienced Marketing Personnel for
SATYANJANA PROPERTIES PVT. LTD.
(A Real Estate Company), NH/200, IRC Village, Nayapalli, Bhubaneswar. **Salary:** Rs.10,000/- (Fixed) per month.
Contact: 9658322441

ankura hospital for women & children | 9M by ankura hospital
Best healthcare brand for Women & Children is now recruiting for its upcoming **Bhubaneswar** center
Pediatrics & Gynecology (DMO & Registrars)
Nursing, HR, Pharmacy, Operations, Quality, OT Tech, PRE, Front office, Billing, Marketing, IT, Lab Tech, MOD, Accounts & Internal Audit, Tele Caller
Kindly Mail Your CV / Resume
job@ankurahospital.com
9121053131
Location:
Near Sisubhavan Bus Stop, Bapuji Nagar, Bhubaneswar, Odisha 751009
Telangana | Andhra Pradesh | Maharastra | Odisha

WANTED
ଧରିତ୍ରୀ DHARITRI Oriya daily is looking for
Layout Designers
- Minimum 3 years+ experience in print media.
- Proficiency in InDesign, Photoshop, CorelDRAW is a must.
Apply within 7 days to :
recruitment@dharitri.com
Attractive salary commensurate with experience

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-IV)/321 Dated, the 06th Feb, 2024
Advertisement
Applications are invited from Indian Nationals for engagement of 01 (one) **Sr. Manager (Information, Communication & Trade Facilitation)** and **Manager (Information, Communication & Trade Facilitation)** on contractual basis in Paradip Port Authority.
For further details, visit our website https://paradipport.gov.in/Carret.aspx.
PPA/PR/84/2023-2024 dtd. 07.02.2024
Sd/- Sr. Asst. Secretary Paradip Port Authority

Parul® University
Vadodara, Gujarat
NAAC GRADE A++
CSE | IT | BCA | MCA
Applications are invited for the posts of Lecturer, Assistant/ Associate Professor & Professor in above disciplines
Eligibility: • B.Tech/ BE (CSE/IT) • M Tech/ ME (CSE/IT) • MCA or M.Sc.(CS/IT) • Ph.D
Graduation with First Class Merit
Salary: • For B.Tech (Fresher) - CTC 3.0 – 4.0 Lac/ Annum • For M.Tech (Fresher) - CTC 4.8 – 6.0 Lac/ Annum
Outstation Candidates Shall Be Paid 10-15k Per Month Additional Salary As Relocation Allowance. *No Bar For Experienced & Deserving Candidates
Qualification & experience as per AICTE norms. Interested candidates can also apply through www.paruluniversity.ac.in/careers. Registrar

See Career Appointment on every Wednesday & Saturday







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


DSPL - 651
ODISHA
INDIA'S BEST KEPT SECRET.
ଆମ ଓଡ଼ିଶା
ନବୀନ ଓଡ଼ିଶା
#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା
ନୂଆ-ଓ ରାଜ୍ୟସ୍ତରୀୟ
କବାଡ଼ି ପ୍ରତିଯୋଗିତା
୩୦ଟି ଅଂଶଗ୍ରହଣକାରୀ ଦଳ
(ପୁରୁଷ ଓ ମହିଳା ବର୍ଗରେ)
ଜେଏନ୍ ଇନଡୋର ଷ୍ଟାଡିୟମ, କଟକ
୧୪ ରୁ ୧୮ ଫେବୃଆରୀ ୨୦୨୪
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
OIPR-29001/13/0231/2324


Hero
NEW super Splendor XTEC
125cc
ଆମର
ଟାଇମ୍
ସୁପର୍ ଅଟେ
ସୁପର୍ ପାୱାର। ସୁପର୍ ମାଇଲେଜ୍।
ଏବେ XTEC ଟେକ୍ନୋଲୋଜିର ସହିତ।
ରେଞ୍ଜ ର ଆରମ୍ଭ
ଏକ୍ସ-ଶୋରୁମ ମୂଲ୍ୟ*
₹83848
HIPL# ସହିତ
LED ହେଡଲ୍ୟାମ୍ପ
ସମ୍ପୂର୍ଣ୍ଣ ଡିଜିଟାଲ୍ ମିଟର
ରିଅଲ୍ ଟାଇମ୍ ମାଇଲେଜ୍
ଇଣ୍ଡିକେଟର ସହିତ
ବ୍ଲୁଟୁଥ୍ କଲ୍ ଏବଂ
SMS ଅଲର୍ଟ ସହିତ
USB ମୋବାଇଲ୍
ଚାର୍ଜର
ସୁପର୍
ମାଇଲେଜ୍
68 km/l^
କମ ଡାଉନ୍ ପେମେଣ୍ଟ
₹8999**
ଡିସ୍କ ବ୍ରେକ୍‌ରେ ମଧ୍ୟ ଉପଲବ୍ଧ
Exchange Powered By
Wheels of Trust^^
ସର୍ବୋତ୍ତମ ରିସେଲ୍ ମୂଲ୍ୟ
ପାଇଁ ସ୍କାନ୍ କରନ୍ତୁ
INDIA'S FIRST 5 YEAR WARRANTY*
*Conditions apply
WORLD'S NO.1 22 YEARS IN A ROW$
MOTORCYCLE & SCOOTER COMPANY
i3S
i3S Technology
Idle-Stop-Start
System
CALL TOLL-FREE
1800 266 0018
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^^Based on offers from empaneled dealers on Wheels of Trust platform. $Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22) ^Mileage as per third party testing under standard conditions. #HIPL stands for High Intensity Position Lamp. **Finance offer is at the sole discretion of the Financier, subject to its respective T&Cs. Available at select dealerships.*Ex showroom price of Super Splendor Drum in Bhubaneswar.
SCAN TO KNOW MORE
ASK FOR XTEC
Authorized Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, , Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736, Authorized HeroSure Dealers: Bhubaneshwar: Arundhati Motobikes ,Ph- 7682841658, Rourkela: Dua Motors, Ph- 6372753989.
WT.5683.2024ODI